# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଜୁନ୍ ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, June 16/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 201 | ମୂଲ୍ୟ₹୭/-



DSPL-120

ଓଡ଼ିଶା ଶାସନ

ବର୍ଷ ଏକ ଉପଲବ୍ଧି ଅନେକ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
## ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

ନୂତନ ଭାବେ ମନୋନୀତ ୫ଟି ବିଭାଗର
୯୬୪ ଜଣ ପ୍ରାର୍ଥୀଙ୍କୁ

## ନିଯୁକ୍ତିପତ୍ର ପ୍ରଦାନ

| | | |
|---|---|---|
| ୫୬୩ ପୂର୍ତ୍ତ ବିଭାଗ | ୬୨ ଜଳ ସମ୍ପଦ ବିଭାଗ | ୧୧୭ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ |
| ୨୦୪ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ | ୧୮ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | |

୧୬ ଜୁନ୍ ୨୦୨୫ । କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି., ଭୁବନେଶ୍ୱର

ପୂର୍ତ୍ତ ବିଭାଗ । ଜଳ ସମ୍ପଦ ବିଭାଗ । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

OIPR-32001/13/0008/2526

DSPL-122



# ବର୍ଷ ଏକ ଉପଲବ୍ଧି ଅନେକ



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କଥା ଦେଇ କଥା ରଖିଲେ ଲୋକଙ୍କ ସରକାର
ଆମ ସ୍ୱାଭିମାନ, ଆମ ଅସ୍ମିତା

## ଶ୍ରୀ ମନ୍ଦିର, ପୁରୀ

- ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଓ ସଂରକ୍ଷଣ ନିମନ୍ତେ **୫୦୦ କୋଟି** ଟଙ୍କାର କର୍ପସ ପାଣ୍ଠି
- ଲକ୍ଷ ଲକ୍ଷ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଉନ୍ମୁକ୍ତ ହୋଇଛି **ଶ୍ରୀ ମନ୍ଦିରର ଚାରିଦ୍ୱାର**
- ଅଗଣିତ ଶ୍ରଦ୍ଧାଳୁଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଖୋଲାଯାଇଛି **ଶ୍ରୀ ମନ୍ଦିରର ରତ୍ନ ଭଣ୍ଡାର**

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି






- ଓଡ଼ିଆ ଅସ୍ମିତା ପାଇଁ **୨୦୦ କୋଟି** ଟଙ୍କାର କର୍ପସ ପାଣ୍ଠି
- ୧ ରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ **"ଓଡ଼ିଆ ପକ୍ଷ"** ପାଳିତ
- ଜୀବିତ ପଦ୍ମ ବିଜେତାଙ୍କ ପାଇଁ ମାସିକ **୩୦,୦୦୦ ଟଙ୍କା**ର ସମ୍ମାନ ରାଶି ପ୍ରଦାନ
- ବରପୁତ୍ରମାନଙ୍କ ସମ୍ମାନାର୍ଥେ ସେମାନଙ୍କ **ଜନ୍ମସ୍ଥାନରେ ଜୟନ୍ତୀ ପାଳନ, ସ୍ମୃତିରକ୍ଷା** ପାଇଁ ବିଶେଷ ଯୋଜନା
- ଭକ୍ତକବି ମଧୁସୂଦନ ରାଓଙ୍କ **'ବର୍ଣ୍ଣବୋଧ'** ର ଅବିକଳ ଶୋଭନ ସଂସ୍କରଣ ପ୍ରକାଶିତ

## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

- ଶ୍ରୀ ଜଗନ୍ନାଥଙ୍କୁ **ବାସୁଙ୍ଗା ପାଟ** ଯୋଗାଣ ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଓ ସେରିଫେଡ଼ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ
- ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ **ବୟନ ଶିଳ୍ପ ପାର୍କ** ପ୍ରତିଷ୍ଠାକୁ ମଞ୍ଜୁରୀ
- ବୟନ ଶିଳ୍ପର ବିକାଶ ପାଇଁ **ଭୁବନେଶ୍ୱର ପଟିଆ ଠାରେ** ପୋଷାକ ଇନକ୍ୟୁବେସନ୍ କେନ୍ଦ୍ର ଉଦ୍‌ଘାଟିତ
- ହସ୍ତଶିଳ୍ପୀମାନଙ୍କର ସାମଗ୍ରିକ ବିକାଶ ପାଇଁ **ସୃଜନିକା ହସ୍ତଶିଳ୍ପ ପୁଞ୍ଜ** (କ୍ରାଫ୍ଟ କ୍ଲଷ୍ଟର)ର ସ୍ଥାପନା ସହ ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ବିଶେଷ ପଦକ୍ଷେପ



## ପର୍ଯ୍ୟଟନ

- ହୀରାକୁଦ ଓ ସାତକୋଶିଆର ବିକାଶ ପାଇଁ SACSI ଅଧୀନରେ **୧୦୦ କୋଟି** ଟଙ୍କା ଲେଖାଏଁ ପ୍ରଦାନ
- **'ଉତ୍କର୍ଷ ଓଡ଼ିଶା'** ମାଧ୍ୟମରେ ୮୧୫୪ କୋଟି ଟଙ୍କାର ପୁଞ୍ଜିନିବେଶ ସମ୍ପର୍କିତ ବୁଝାମଣା ପତ୍ର ସ୍ୱାକ୍ଷରିତ
- ପୂର୍ବ ଭାରତରେ ଓଡ଼ିଶାକୁ ଏକ **ଦୁଃସାହସିକ ପର୍ଯ୍ୟଟନ** ହବ୍ ଭାବେ ପ୍ରତିଷ୍ଠା ଲକ୍ଷ୍ୟ
- ବିକଶିତ ଓଡ଼ିଶା - **୨୦୩୬ର ଲକ୍ଷ୍ୟ** ଅନୁଯାୟୀ ୧୫ ଟି ଶ୍ରେଷ୍ଠ ପରିବେଶ ତଥା ସାଂସ୍କୃତିକ ପର୍ଯ୍ୟଟନ କେନ୍ଦ୍ରର ବିକାଶ



OIPR-03029/13/0065/2526

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର**



**ମହାଦେବଙ୍କ ଭୂମିକାରେ ଅକ୍ଷୟ**

ମଲ୍ଟିଷ୍ଟାରର୍ ମୁଭି 'କନ୍ନାପା'ର ଟ୍ରେଲର ରବିବାର ରିଲିଜ୍ ହୋଇଛି। ଏଥିରେ ଅଭିନେତା ଅକ୍ଷୟ କୁମାର ଭଗବାନ ଶିବଙ୍କ ଭୂମିକାରେ ନଜରକୁ ଆସିଛନ୍ତି।

୦୨

୧୨

**ମାରିଆ ସେମିଫାଇନାଲରେ**

କୁଇନ୍ସ କ୍ଲବ ଟେନିସ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଜର୍ମାନୀର ୩୭ ବର୍ଷୀୟା କ୍ୱାଲିଫାୟର ତାତ୍‌ଜାନା ମାରିଆ।



# ହେଲିକପ୍ଟର ଦୁର୍ଘଟଣାରେ ୭ ମୃତ

## ଚାରଧାମ ଯାତ୍ରା ବିପଜ୍ଜନକ

ସୁଉଚ୍ଚ ଗିରିଶୃଙ୍ଗ, ଅଙ୍କାବଙ୍କା ସଂକୀର୍ଣ୍ଣ ପଥ, ନିମ୍ନ ଦୃଶ୍ୟମାନତା, ପାଣିପାଗରେ ହଠାତ୍ ପରିବର୍ତ୍ତନ ସାଙ୍ଗକୁ ଭୂସ୍ଖଳନ ଓ ହିମସ୍ଖଳନ ଚାରଧାମ ଯାତ୍ରାକୁ ଅତ୍ୟନ୍ତ ବିପଜ୍ଜନକ କରିଦେଇଛି। ଗଙ୍ଗୋତ୍ରୀ, ଯମୁନୋତ୍ରୀ, ବଦ୍ରିନାଥ ଓ କେଦାରନାଥକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ବାରମ୍ବାର ଭୂସ୍ଖଳନ ହେଉଥିବାରୁ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଅନେକ ସମୟରେ ଅମ୍ଳଜାନର ପରିମାଣ ହ୍ରାସ ଯୋଗୁ ବୟସ୍କ ତୀର୍ଥଯାତ୍ରୀ ହୃଦ୍‌ଘାତର ଶିକାର ହୋଇ ପ୍ରାଣ ହରାଉଛନ୍ତି। ରବିବାର ଭୋର ସମୟରେ କେଦାରନାଥରୁ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଘରୋଇ ହେଲିକପ୍ଟର ଗୌରୀକୁଣ୍ଡ ଜଙ୍ଗଲ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପାଇଲଟଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ଏପ୍ରିଲ ୩୦ରେ ଚାରଧାମ ଯାତ୍ରା ଆରମ୍ଭ ହେବା ପରଠୁ ଏହା ହେଉଛି ପଞ୍ଚମ ହେଲିକପ୍ଟର ଦୁର୍ଘଟଣା, ଯେଉଁଥିରେ ମୋଟ ୧୩ ଜଣଙ୍କ ମୃତ୍ୟୁ ଘଟିଲାଣି। ସଦ୍ୟ ଦୁର୍ଘଟଣା ପାଇଁ ଅଧିକାରୀମାନେ ସ୍ୱଳ୍ପ ଦେଖାଯିବା ଓ ଖରାପ ପାଗକୁ ଦାୟୀ କରିବା ସହ ସାମୟିକ ଭାବେ ହେଲିକପ୍ଟର ଚଳାଚଳକୁ ବନ୍ଦ କରିଦେଇଛନ୍ତି। ତେବେ ଚଳିତ ତୀର୍ଥଯାତ୍ରା ଋତୁରେ ହେଲିକପ୍ଟର ଅପରେଟର୍ସଙ୍କ ପାଇଁ ଉପଯୁକ୍ତ ସୁରକ୍ଷା ପ୍ରୋଟୋକଲ ଜାରି କରାଯାଇ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟିବା ସହ ଯାତ୍ରୀଙ୍କ ନିରାପତ୍ତାକୁ ନେଇ ପ୍ରଶ୍ନ ଉଠିଛି।



ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରର ଭଗ୍ନାବଶେଷ ନିକଟରେ ଏନ୍‌ଡିଆର୍‌ଏଫ୍ ଟିମ୍।

**ରୁଦ୍ରପ୍ରୟାଗ,୧୫।୬(ପି.ଟି./ଏଜେନ୍ସି)**

ଉତ୍ତରାଖଣ୍ଡର କେଦାରନାଥ ଧାମରୁ ତୀର୍ଥଯାତ୍ରୀମାନଙ୍କୁ ନେଇ ଫେରୁଥିବା ଏକ ଘରୋଇ ହେଲିକପ୍ଟର ରବିବାର ଭୋର ସମୟରେ ଗୌରୀକୁଣ୍ଡ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟ୍‌ଙ୍କ ସମେତ ସେଥିରେ ଥିବା ସମସ୍ତ ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୨୩ ମାସର ଶିଶୁ ରହିଛନ୍ତି। ତୀର୍ଥଯାତ୍ରୀମାନେ ମହାରାଷ୍ଟ୍ର, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ଉତ୍ତରପ୍ରଦେଶର । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦୁର୍ଘଟଣାର ତଦନ୍ତ ଦାୟିତ୍ୱ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି)କୁ ଦେଇଥିବାବେଳେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଧ୍ୟ ଏକ ଉଚ୍ଚସ୍ତରୀୟ ☞ପୃଷ୍ଠା-୨

# ଯାଜପୁର ଡାଇରିଆ: ଆଉ ୩ ଜୀବନ ଗଲା

**ଯାଜପୁର,୧୫।୬ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାରେ ଡାଇରିଆ ସଂକ୍ରମଣ କମିଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ଡାଇରିଆରେ ପୁଣି ୩ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେମାନେ ହେଲେ ଦଶରଥପୁର ବ୍ଲକ କମାଲପୁର ଗ୍ରାମର ଜଟାଧାରୀ ସାହୁ(୭୫), ଯାଜପୁର ପୌରାଞ୍ଚଳର ମଦନମୋହନ ସାହୁ(୬୨) ଓ ଖଇରାବାଦ ଗ୍ରାମର ଜୟନ୍ତୀ ସାହୁ(୫୦)। ଏହାକୁ ମିଶାଇ ଜିଲାରେ ମୃତ୍ୟୁସଂଖ୍ୟା ୧୬ରେ ପହଞ୍ଚିଛି। ଜୟନ୍ତୀ ଡାଇରିଆରେ ଆକ୍ରାନ୍ତ ହୋଇ ୪ ଦିନ ତଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ସେ ଶନିବାର ଘରକୁ ଫେରିଥିଲେ। ପୁଣି ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହେବାରୁ ଡାକ୍ତରଖାନାକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଜଟାଧାରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସମୟରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିପରି ମଦନମୋହନ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ସମୟରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୂର୍ବରୁ ମଦନମୋହନ ମଲ୍ଲିକ, ଦିଲୀପ ମଲ୍ଲିକ, ତୋଳାରାମ ଶର୍ମା, ଅଞ୍ଜନା ଜେନା, ଜାନକୀ ମଲ୍ଲିକ, ସନାତନ ପାତ୍ର, ସୁଦର୍ଶନ ପାତ୍ର, ବସନ୍ତ ପାତ୍ର, ଘନଶ୍ୟାମ ପୃଷ୍ଟି, ସନାତନ ପାଇକରାୟ, ପବିତ୍ରା ଦାସ, ସେବତୀ ଘଡେଇ ଓ ଗେଜ୍ଲେଇ ପାତ୍ରଙ୍କ ଡାଇରିଆରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସରକାରୀ ଭାବେ ମୃତ୍ୟୁସଂଖ୍ୟା ୫ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କେତେଜଣ ଡାଇରିଆ ଆକ୍ରାନ୍ତଙ୍କ ଝାଡ଼ା ନମୁନାରେ ହଇଜା (କଲେରା) ଜୀବଣୁ ଚିହ୍ନଟ ହୋଇଛି।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ରବିବାର ଯାଜପୁର ଜିଲା ଗସ୍ତରେ ଆସି ବଡ଼ଚଣା, ☞ପୃଷ୍ଠା-୨

## ■ ୧୬ରେ ପହଞ୍ଚିଲା ମୃତକଙ୍କ ସଂଖ୍ୟା

### ସରକାର ସଜାଗ ଅଛନ୍ତି: ମୁଖ୍ୟମନ୍ତ୍ରୀ

**ହାଇଆଲର୍ଟ ମୋଡ୍‌ରେ ରହିବ ସବୁ ସ୍ୱାସ୍ଥ୍ୟକେନ୍ଦ୍ର**

**ଭୁବନେଶ୍ୱର,୧୫।୬**
**(ରବିନାରାୟଣ ଜେନା)**

ଯାଜପୁର ଏବଂ କେନ୍ଦୁଝର ଜିଲାର କେତେକ ଅଞ୍ଚଳରେ ଝାଡ଼ାବାନ୍ତି ଘଟଣାକୁ ସରକାର ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏସଂକ୍ରାନ୍ତରେ ତୁରନ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ପଡ଼ୋଶୀ ଜିଲାକୁ ଯେପରି ଏହି ରୋଗ ନ ବ୍ୟାପିବ ସେଥିପାଇଁ ସେମାନଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଉଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ଜିଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ହାଇଆଲର୍ଟ ମୋଡ୍‌ରେ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଯାଜପୁର ଜିଲାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ଇରାନର ପରମାଣୁ ଶକ୍ତି**





*T&C Apply. Exchange value will be decided by dealer and Honda motorcycle and scooter india will not be responsible for exchange related discripancies.

**Honda Exclusive Authorized Dealerships:** **ATTABIRA:** T.S. Honda - 8917463794, 9438771477; **BARGARH:** Aashirbad Honda - 8249122018, 7873234466; **BELPAHAR:** Bharat Honda - 8018157547, 7008108512; **BHAWANIPATNA:** Mahesh Honda - 8456818116, 06670-235633; **BOLANGIR:** Amarnath Honda - 8895255855, 7606972969; **BRAJRAJNAGAR:** Jaiswal Honda - 9777477884, 7608000199; **JHARSUGUDA:** Gajraj Honda - 9337645411, 8763800881; **JUNAGARH:** Jaga Janani Honda - 9583794900; **KHARIAR ROAD (NUAPADA):** Gandhi Honda - 8649011111, 9668333232; **KUCHINDA:** Deendayal Honda - 7894277470; **RAJGANGPUR:** Naisha Honda - 7008614081, 9776270015; **RAJKHARIAR:** Shree Shyamji Honda- 7008115621, 9437427080; **RENGALI:** BP Honda - 9776633397; **ROURKELA:** Koshala Honda - 9861188888, 9337749281; Harsheel Honda – 8658045660, 9337408180; **SAMBALPUR:** Jas Honda - 9178120526, 9238364199; **BAMRA:** Janki Honda-9937589069 **SONEPUR:** Meher Honda - 09937771704,08328968411; **SUNDARGARH:** Maa Samaleswari Honda – 8984873500, 9938198641; **TITLAGARH:** Tanishta Honda - 09437037314; **KANTABANJI:** Ajay Honda - 8260211111, 7645833333; **DHARAMGARH:** Bharat Honda - 7008606855; **KESINGA:** Jagadamba Honda - 7978581295; **JAIPATNA:** Anupama Honda - 9090969197; **LAIKERA:** Krishna Automobiles - 9692494445; **BOUDH:** Shree Shyam Enterprises - 9937877888; **KUTRA:** Dalaniya Honda - 9937060901, 9040904055; **BONAIGARH:** Bhama Honda - 8280470204, 7978607198; **JALDA:** Vibrant Honda - 9437555007; **BAGDEHI:** Krishna Honda - 9937279421; **DEOGARH:** Mittal Motors - 9668608895; **BINKA:** Ganapati Honda -7809574878, 8658405005; **DUNGRIPALLI:** Swastik Kishan Honda - 6370226769; **SUBDEGA:** D.N. Honda- 8018508555,6371725163

**For Bulk/Institutional enquiries, please write us at: institutionalsales@honda2wheelersindia.com**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସୃଜନୀ ଶତରୂପାର ରଜ ଆସର, ପୁସ୍ତକ ଉନ୍ମୋଚନ ଓ ଆଲୋଚନା ଚକ୍ର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ଦିବ୍ୟଦିଗନ୍ତର ରଜ ମହୋତ୍ସବ, ସ୍ଥାନ: ରାଜଧାନୀ କଳା ସଂସଦ, ୟୁନିଟ୍-୩, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ବୀର ବଜରଙ୍ଗବାଲୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମେଳକ, ତଳତାପଣ୍ଡା, ବସ୍ତା, ସମୟ: ଦିବସବ୍ୟାପୀ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳାର ପଞ୍ଚମ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସୁନ୍ଦରପୁର ରଜ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସୁନ୍ଦରପୁର ହାଇସ୍କୁଲ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଭେଡ଼ା ରଜ ମହୋତ୍ସବ, ସ୍ଥାନ: ବାଲିମେଦ ମେଳଣ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ : ପୂର୍ବାହ୍ନ୧୦ ଟା।
- ରଜ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: କପାଳୀକ୍ଷେତ୍ର ନିମାପଡ଼ା, ବନ୍ତ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ
- ଗୋପବନ୍ଧୁ ନଗର ପ୍ରେସ କ୍ଲବ୍ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସର, ଚତୁରୀ, ପୁରୁଣା ବାରିପଦା, ସମୟ: ସକାଳ ୮ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର,କରଞ୍ଜିଆ, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର
- ବିକାଶ ମେଳା, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ୟୁସିପି କଲେଜ ଖେଳପଡିଆ, ସମୟ: ଅପରାହ୍ନ ୨ଟା୩୦।

## ଗଞ୍ଜାମ
- ବିଶ୍ୱ ସମୁଦ୍ର କଇଁଛ ଦିବସ, ସ୍ଥାନ: ଗଞ୍ଜାମ କଣ୍ଟିଆଗଡ, ସମୟ: ସକାଳ ୯ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ମାର୍ଶାଘାଇ, ସମୟ: ସକାଳ ୭ଟା।
- ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ବରୁଣେଶ୍ୱର ମନ୍ଦିର ପରିସର, କେରଡାଗଡ଼, ରାଜନଗର, ସମୟ: ସକାଳ ୭ଟା।
- ମଧୁବାବା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ମୁର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଠାକୁରହାଟ, ଡେରାବିଶ, ସମୟ: ସକାଳ ୯ଟା
- ବାଗଦେବୀ କଳା ମନ୍ଦିର ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଦକ୍ଷିଣକାଳୀ ମନ୍ଦିର, ଭରତପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ରଜ ମହୋତ୍ସବ, ସ୍ଥାନ: ବଗଡା, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୩ଟା।
- ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ମାଉସୀ ମା' ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ମା' ସାହାଡା ସୁନ୍ଦରୀ ମନ୍ଦିର, ମେଣ୍ଡପୁର, ଆଳି, ସମୟ: ଅପରାହ୍ନ ୫ଟା।
- ମା' ବୁଢ଼ୀ ମଙ୍ଗଳା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଗଳିଦାଣ୍ଡ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ମା' ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ନାଟକ ପ୍ରଦର୍ଶନ, ସ୍ଥାନ: ଏଣ୍ଡୁଲାପୁର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ମା' ମଙ୍ଗଳା ଷ୍ଟାର୍ କ୍ଲବ ପକ୍ଷରୁ ରଜମହୋତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାର ୩ୟ ଦିବସ, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ କଦମପାଳ ହାଇସ୍କୁଲ ପାଖ ଦୋଳି ପଡ଼ିଆ, ସମୟ: ସକାଳ ୮ଟା।
- ଗୁରୁଚରଣ ସ୍ମାରକୀ ଆଞ୍ଚଳିକ ରଜ ମହୋତ୍ସବର ୩ୟ ଦିବସ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର କଦମପାଳ ସ୍ମୃତିପୀଠ ପଡ଼ିଆ, ସମୟ: ସକାଳ ୯ଟା।
- ଚନ୍ଦନ ଜୁଏଲେରି ପକ୍ଷରୁ ରଜ ମହୋତ୍ସବ ଅବସରରେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ବ୍ୟାସନଗର ସଂସ୍କୃତି ଭବନ, ସମୟ : ଅପରାହ୍ନ୩ଟା।
- ରଜ ମହୋତ୍ସବ, ସ୍ଥାନ : ରଗଡି କାମୁଡ଼େଇ ପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ରଜ ମହୋତ୍ସବ କମିଟି ଓ ନୟାଗଡ଼ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ରଜ ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ସହର ରାଜବଗିଚା, ସମୟ:ପୂର୍ବାହ୍ନ ୯ଟା।
- ରଜ ମହୋତ୍ସବର ତୃତୀୟ ଦିବସ, ସ୍ଥାନ:ଖଣ୍ଡପଡ଼ା ଉମାଦେବୀ ପୀଠ, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବର ଅନ୍ତିମ ଦିବସ, ସ୍ଥାନ:ନୟାଗଡ଼ ବ୍ଲକ୍ ଇଟାମାଟି ତନ୍ତିସାହି, ସମୟ: ଅପରାହ୍ନ ସାଢ଼େ ୩ଟା।

## ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍‌ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ରଜ ମଉଜ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାନ୍ଥ ନିବାସ, ସମୟ : ଅପରାହ୍ନ ୫ଟା୩୦।
- ଜିଲାସ୍ତରୀୟ ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଧନକଉଡା ଖେଳ ପଡିଆ, ସମୟ : ସନ୍ଧ୍ୟା ୫ଟା ୩୦।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆଖି ଚାପ ପରୀକ୍ଷା ଶିବିର, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୩, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ଆଶ୍ରମରେ ରାମପ୍ରସାଦଙ୍କ ଜୟନ୍ତୀ ପାଳନ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା। ବିକାଶ ବାହନ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ମାଲଗୋଦାମ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ଶିକ୍ଷାନୀତିକୁ ନେଇ ଆଲୋଚନା ସଭା, ସ୍ଥାନ: ପଦ୍ମାବତୀ ପ୍ରେକ୍ଷାଳୟ, ଜେଲ୍ ରୋଡ୍, ସମୟ: ସନ୍ଧ୍ୟା ୫ଟା ୩୦।
- ରୋଟାରୀ କ୍ଲବ ଅଫ୍ ଅର୍ବାନ ପକ୍ଷରୁ ରଜ ଉତ୍ସବ, ସ୍ଥାନ: ରାଉରକେଲା କ୍ଲବ, ସେକ୍ଟର--୧୯, ସମୟ: ସନ୍ଧ୍ୟା ୬ଟା ୩୦।
- ପରିଚୟ ଆୟୋଜିତ ରଜ ମହୋତ୍ସବ-୨୦୧୫ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।
- ରଜପର୍ବ ପାଳନ ସମାରୋହ, ସ୍ଥାନ: ଜଗଦା ବାବା ଲୋକନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ସକାଳ ୭ଟା।
- ମିଳିତ ଜନ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ଅମ୍ବାଭୋନା, ସମୟ: ସକାଳ ୭ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା ସମାରୋହ, ସ୍ଥାନ: ଭବାନୀପାଟଣା ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ,ସମୟ: ପୂର୍ବାହ୍ନ ୧୦ଟା।
- ଅଣଗେଜେଟେଡ୍ ବନ କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଫରେଷ୍ଟ ରେଞ୍ଜ ଅଫିସ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ସୁରଭି ସତ୍‌ସଙ୍ଗ ଓ ଗୋବିଜ୍ଞାନ କର୍ମଶାଳା, ସ୍ଥାନ: ଶିବ ମନ୍ଦିର ବଘାରପାଲି, ହରଭଙ୍ଗା ବ୍ଲକ, ସମୟ: ସକାଳ ୯ଟା।
- ବିକାଶ ମେଳାର ପଞ୍ଚମ ଦିବସ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: କଣ୍ଟାମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ ଚଢ଼େଇମରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ଜିଲାସ୍ତରୀୟ ବିକାଶ ମେଳା ଚତୁର୍ଥ ଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପ୍ରଧାନପାଟ ରୋଡ, ବଡ଼ବଗିଚା, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କମିରା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା୩୦।
- ଜିଲାସ୍ତରୀୟ ବିକାଶ ମେଳାର ପଞ୍ଚମ ଦିବସ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।

## ନୂଆପଡ଼ା
- ଜିଲାସ୍ତରୀୟ କବାଡ଼ି ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ପୋଲିସ ପଡ଼ିଆ, ସମୟ: ସକାଳ ୮ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଖଡିଆଳ ବ୍ଲକ ବରଗାଁ ପଞ୍ଚାୟତ କାଶିପଲା ଗାଁ, ସମୟ: ସକାଳ ୮ଟା।
- ବିଭିନ୍ନ ପ୍ରକାର ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାର ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହରୀ ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ସନ୍ଧ୍ୟା ୬ଟା।
- ବିକାଶ ମେଳା ପଞ୍ଚମ ଦିବସ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା।

# ମହାଦେବଙ୍କ ଭୂମିକାରେ ଅକ୍ଷୟ

**'କନ୍ନାପା' ଟ୍ରେଲର ଆଉଟ୍**

ହାଇଦ୍ରାବାଦ

ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ସାଉଥ୍ ସିନେମା ତଥା ମଲ୍ଟିଷ୍ଟାରର୍ ମୁଭି 'କନ୍ନାପା' ଆସନ୍ତା ଜୁନ ୨୭ରେ ରିଲିଜ୍ ହେବାକୁ ଯାଉଛି। ରବିବାର ଏହାର ଟ୍ରେଲରକୁ ଜାରି କରାଯାଇଛି। ଏହି ଟ୍ରେଲରରେ ଅଭିନେତା ପ୍ରଭାସ୍, ମୋହନଲାଲ, ବିଷ୍ଣୁ ମଞ୍ଚୁ, ଅକ୍ଷୟ କୁମାରଙ୍କ ସହ ଅଭିନେତ୍ରୀ କାଜଲ ଅଗ୍ରୱାଲଙ୍କୁ ଦେଖିବାକୁ ମିଳିଛି। ଟ୍ରେଲର ଦେଖିବା ପରେ ଫିଲ୍ମକୁ ନେଇ ସିନେ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି।

୨ ମିନିଟ୍ ୫୪ ସେକେଣ୍ଡର ଏହି ଟ୍ରେଲରରେ 'କନ୍ନାପା' ନାମକ ଜଣେ ନାସ୍ତିକ ବ୍ୟକ୍ତିଙ୍କ ଭୂମିକାରେ ସାଉଥ୍ ଷ୍ଟାର୍ ବିଷ୍ଣୁ ମଞ୍ଚୁଙ୍କୁ ଦେଖିବାକୁ ମିଳିଛି। କିପରି କନ୍ନାପା ଜଣେ ନାସ୍ତିକରୁ ଭଗବାନ ଶିବଙ୍କ ବଡ଼ ଭକ୍ତରେ ପରିଣତ ହେଉଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ। ଅକ୍ଷୟ ଏହି ଟ୍ରେଲରରେ ଭଗବାନ ଶିବଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ସେହିପରି କାଜଲଙ୍କୁ ଦେବୀ ପାର୍ବତୀଙ୍କ ଭୂମିକାରେ ଦେଖିବାକୁ ମିଳିଛି। ପ୍ରଭାସଙ୍କୁ ଭଗବାନ ମହାଦେବଙ୍କ ବଡ଼ ଭକ୍ତ ରୁଦ୍ରଙ୍କ ଭୂମିକାରେ ଦେଖିବାକୁ ମିଳିଛି, ଯିଏ କନ୍ନାପାଙ୍କୁ ଶିବ ଭକ୍ତ ହେବା ପାଇଁ ମାର୍ଗ ଦର୍ଶନ ଦେଇଛନ୍ତି। ମୁକେଶ କୁମାର ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ତେଲୁଗୁ, ତାମିଲ, କନ୍ନଡ଼, ମାଲୟାଲମ ଏବଂ ହିନ୍ଦୀ ଭାଷାରେ ରିଲିଜ୍ ହେବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାକେଇ ନାକରେ ଗୁଣା**
**ପାକେଇ ଖାଉଛି ଚଣା**
**କୁମ୍ଭାର ଉହାରେ ଚାନ୍ଦୁଆ ଟଣା**
**ଏ ସବୁ ବିଡ଼ମ୍ବନା।**

ଯାହାର ନାକ ଅସୁନ୍ଦର, ତା' ପାଇଁ ନାକଗୁଣା ସେତେ ଗୁରୁତ୍ୱ ରଖି ନ ଥାଏ। ଚଣା ଭଳି ଟାଣ ଜିନିଷ ଖାଇବା ପାଇଁ ମଜଭୁତ ଦାନ୍ତର ଆବଶ୍ୟକତା ପଡ଼ିଥାଏ। ବିନା ଦାନ୍ତରେ ଚଣା ଖାଇବା କଷ୍ଟକର ହୋଇଯାଇଥାଏ। କୁମ୍ଭାର, ଯାହାର ମାଟି କାଦୁଅରେ କାମ ତା' ଦୁଆରେ ଚାନ୍ଦୁଆ ଟଣାଯିବା ମୂଲ୍ୟହୀନ ହୋଇଥାଏ। ଏସବୁ ଅକାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନେଥେଇ ଫୁଲୀର କାନରେ କାପ**
**କାନ କରୁଥିଲା କାଆପ କାପ।**

ମହିଳାମାନେ ସାଧାରଣତଃ ଗହଣାପ୍ରିୟ ହୋଇଥାନ୍ତି। ଅଳଙ୍କାର ପିନ୍ଧି ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଅନୁଭବ କରିଥାନ୍ତି। କାନରେ ସାମାନ୍ୟ ଅଳଙ୍କାର ପିନ୍ଧି ଅନ୍ୟ ଆଗରେ ଛଇଛଟକି ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ହେଲିକପ୍ଟର ଦୁର୍ଘଟଣାରେ ...

ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏପ୍ରିଲ ୩୦ରୁ ଚାରଧାମ ଯାତ୍ରା ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ଏହା ୫ମ ହେଲିକପ୍ଟର ଦୁର୍ଘଟଣା। ଏହି ଦୁର୍ଘଟଣାରେ ମୋଟ ୧୩ ଜଣଙ୍କ ଜୀବନ ଗଲାଣି।

୩ ଦିନ ପୂର୍ବରୁ ଅହମଦାବାଦରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ସମେତ ୨୭୪ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ରବିବାର ଭୋର ୫ଟା ୨୦ ମିନିଟ୍ ସମୟରେ ଖରାପ ପାଗ ଏବଂ ସ୍ୱଳ୍ପ ଦୃଶ୍ୟମାନତା ଯୋଗୁ ଘରୋଇ କମ୍ପାନୀ ଆର୍ଯ୍ୟନ ଆଭିଏଶନ୍‌ର ବେଲ୍‌୪୦୭ ହେଲିକପ୍ଟର ଗୌରୀକୁଣ୍ଡ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯାଇଥିଲା। ଏହି ଦୁର୍ଘଟଣା ପରେ ୨ ଦିନ ପାଇଁ ହେଲିକପ୍ଟର ସେବା ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ମଧ୍ୟରେ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟି ସଦସ୍ୟ ବିକ୍ରମ ସିଂ ରାୱତ ରହିଛନ୍ତି। ହେଲିକପ୍ଟରର ପାଇଲଟ୍ ରାଜବୀର ସିଂ ଚୌହାନ (୩୯) ଭାରତୀୟ ବାୟୁସେନାରେ ୧୫ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଥିବାରୁ ତାଙ୍କର ବିମାନ ଉଡ଼ାଣରେ ପର୍ଯ୍ୟାପ୍ତ ଅଭିଜ୍ଞତା ରହିଥିଲା। ସେ ଗତବର୍ଷ ଅକ୍ଟୋବରରୁ ଆର୍ଯ୍ୟନ ଆଭିଏଶନ ପ୍ରା.ଲିଃରେ ପାଇଲଟ୍ ଭାବେ କାର୍ଯ୍ୟ କରୁଥିଲେ। ମୃତ ଯାତ୍ରୀଙ୍କ ମଧ୍ୟରେ ମହାରାଷ୍ଟ୍ର ଯାଭାତମାଲ୍‌ର ଜୟସ୍ୱାଲ ପରିବାରର ୩ ଜଣ ରହିଛନ୍ତି। ସେମାନେ ହେଲେ ରାଜକୁମାର ସୁରେଶ ଜୟସ୍ୱାଲ, ଶ୍ରଦ୍ଧା ଜୟସ୍ୱାଲ ଓ ସେମାନଙ୍କର ୨୩ ମାସର ଝିଅ କାଶୀ ରାଜକୁମାର ଜୟସ୍ୱାଲ। ସେମାନଙ୍କ ପୁଅ ଜେଜେବାପାଙ୍କ ସହ ଥିବାରୁ ବଞ୍ଚିଯାଇଛନ୍ତି। ଅନ୍ୟ ମୃତକ ହେଲେ ଉତ୍ତରପ୍ରଦେଶର ବିନୋଦ ଦେବୀ(୬୬) ଏବଂ ତ୍ରିଷ୍ଟି ସିଂ(୧୯)।

ସ୍ଥାନୀୟ ଲୋକେ ଗୋରୁଙ୍କ ପାଇଁ ଘାସ କାଟିବାକୁ ଜଙ୍ଗଲକୁ ଯାଇଥିବାବେଳେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଦେଖି ପ୍ରଶାସନକୁ ଜଣାଇଥିଲେ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) କର୍ମଚାରୀମାନେ ସକାଳ ୭ଟା ସୁଦ୍ଧା ଘଟଣାସ୍ଥଳରେ ପହଞ୍ଚି ପାହାଡ଼ ଚଢ଼ିବା ପରେ ସକାଳ ୮ଟା ୫୫ରେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ସମସ୍ତ ମୃତଦେହକୁ ଠାବ କରାଯାଇଥିବାବେଳେ ଡିଏନ୍‌ଏ ପରୀକ୍ଷା ପରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଜି ରାଜୀବ ସ୍ୱରୂପ କହିଛନ୍ତି। ହେଲିକପ୍ଟର ଦୁର୍ଘଟଣା ପରେ ମୁଖ୍ୟମନ୍ତ୍ରୀ ଧାମି ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏଥିରେ ଯାତ୍ରୀଙ୍କ ସୁରକ୍ଷା ପ୍ରୋଟୋକଲ ଓ ପ୍ରଭାବଶାଳୀ ପ୍ରଶମନ ସମନ୍ୱୟର ସମୀକ୍ଷା କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ଏକ ବୈଷୟିକ କମିଟି ଗଠନ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟି ରାଜ୍ୟରେ ହେଲିକପ୍ଟର ଚଳାଚଳ ପାଇଁ ସୁରକ୍ଷା ଓ ଟେକ୍ନିକାଲ ପ୍ରୋଟୋକଲର ବିସ୍ତୃତ ସମୀକ୍ଷା କରିବ। ହେଲିକପ୍ଟରର ବୈଷୟିକ ସ୍ଥିତି ସମ୍ପୂର୍ଣ୍ଣ ଯାଞ୍ଚ ହେବା ସହ ଉଡ଼ାଣ ପୂର୍ବରୁ ପାଣିପାଗ ସମ୍ପର୍କିତ ଠିକ୍ ତଥ୍ୟ ଦିଆଯିବ। ଏଥିସହ ସୁରକ୍ଷା, ସ୍ୱଚ୍ଛତା ଓ ନିୟାମକ ଅଭିଯୋଗ ସେବାକୁ ସୁନିଶ୍ଚିତ କରିବା ପାଇଁ ଏକ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ଚିଠା ପ୍ରସ୍ତୁତ କରିବ।

### ଯାଜପୁର ଡାଇରିଆ...

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ସହ ଆଲୋଚନା କରିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହାପରେ ସେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସେଠାରୁ ଆନନ୍ଦପୁର ଯାଇଥିଲେ। ତାଙ୍କ ସହିତ ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ ଓ ଅନ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଉପସ୍ଥିତ ରହିଥିଲେ। ଏହାବାଦ ଏକ ୧୪ ଜଣିଆ କେନ୍ଦ୍ରୀୟ ଦଳ ଯାଜପୁରରେ ପହଞ୍ଚି ହଇଜା ସ୍ଥିତିର ସମୀକ୍ଷା କରିଛନ୍ତି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜିଲାରେ ୨୫୮ ଜଣ ରୋଗୀ ଚିକିତ୍ସାଧୀନ ଥିବା ଜଣାପଡିଛି। ଅନ୍ୟପକ୍ଷେ ଯାଜପୁର ସିଡିଏମଓ ବିଜୟ କୁମାର ମିଶ୍ର କହିଛନ୍ତି, ରବିବାର ହୋଇଥିବା ମୃତ୍ୟୁ ଡାଇରିଆ ପାଇଁ ନୁହେଁ। ଅନ୍ୟ କାରଣରୁ ସେମାନଙ୍କ ମୃତ୍ୟୁ ହୋଇଛି। ବ୍ରହ୍ମପୁର ଓ କଟକ ମେଡିକାଲରୁ ସ୍ୱତନ୍ତ୍ର ଟିମ ପହଞ୍ଚି ରବିବାର ୧୭ଟି ନମୁନା ସଂଗ୍ରହ କରି ହଇଜା ପରୀକ୍ଷା ପାଇଁ ପଠାଯାଇଛି। ଯାଜପୁର ଜିଲାର ବରୀ ବ୍ଲକ୍‌ରେ ଫାଷ୍ଟଫୁଡ୍ ଦୋକାନ, ହୋଟେଲ ଓ ଢାବା ଆଦି ୨ ସପ୍ତାହ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

### ସରକାର ସଜାଗ ...

ସମସ୍ତ ପାନୀୟ ଜଳ ଉତ୍ସକୁ ଯଥାଶୀଘ୍ର ବିଶୋଧନ କରିବା, ଅନ୍ୟାଦେଶ ପର୍ଯ୍ୟନ୍ତ ରାସ୍ତାକଡ଼ ଖାଦ୍ୟ ଉପରେ କଟକଣା, ଖାଦ୍ୟ ସୁରକ୍ଷା ଯାଞ୍ଚକୁ କଡ଼ାକଡ଼ି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଝାଡ଼ାବାନ୍ତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ଯଥେଷ୍ଟ ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ, ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଛି। ରୋଗ ଆରମ୍ଭ ସମୟରୁ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଟକ ବଡ଼ ମେଡିକାଲରୁ ଡାକ୍ତରୀ ଦଳ ଯାଇ ରୋଗୀମାନଙ୍କ ଚିକିତ୍ସା କରିବା ସହ ସ୍ଥିତି ଉପରେ ନଜର ରଖିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ବିଭିନ୍ନ ଜିଲାର ଡାକ୍ତର ଓ ଅନ୍ୟ ଅଧିକାରୀମାନଙ୍କ ସହ ନିୟମିତ ଆଲୋଚନା କରି ସ୍ଥିତି ଉପରେ ନଜର ରଖୁଛନ୍ତି ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟ ସରକାରଙ୍କୁ ଝାଡ଼ାବାନ୍ତି ନିୟନ୍ତ୍ରଣରେ ସହାୟତା କରିବା ପାଇଁ କେନ୍ଦ୍ର ସରକାରଙ୍କ ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦର ଟିମ୍ ମଧ୍ୟ ଓଡ଼ିଶା ଆସିଥିଲେ। ସରକାର ଏଥିପ୍ରତି ସଜାଗ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ବନ୍ଧୁଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ନୂତନ ଉତ୍ସାହର ସହ କର୍ମକ୍ଷେତ୍ରରେ ଅଗ୍ରସର ହେବେ। ଧନାଧିପ ରାଶିସ୍ଥ ହେତୁ ଦିନ ଭିତରେ ଯାହାକୁ ଯାହା କହିଲେ କଥା ରହିବ ଓ ଆର୍ଥିକ ସଙ୍କଟ ଦୂର ହେବ। ଶିଳ୍ପ, ବ୍ୟବସାୟ, ପରିବହନ ଶୁକ୍ର ପ୍ରଭାବରେ ସନ୍ତୋଷଜନକ ରହିବ। ଆନୁଷ୍ଠାନିକ କାମରେ ସାମାନ୍ୟ ସମସ୍ୟା ଦେଖାଦେବ।

**ବୃଷ** — ବଳବାନ୍ ରାଶ୍ୟାଧିପ ସହକର୍ମୀଙ୍କ ସହ ସୁବିଧାଜନକ ସ୍ଥିତିରେ କାର୍ଯ୍ୟ ସମ୍ପନ୍ନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବା ସହ ସମ୍ପର୍କୀୟଙ୍କୁ ନିଜ କାମରେ ବିନିଯୋଗ କରାଇବେ। ପୁଅ, ବୋହୂଙ୍କ ମଧ୍ୟରେ ମାନସିକ ଅସ୍ଥିରତା ଦୂରୀଭୂତ ପାଇଁ ପ୍ରଯତ୍ନ କରିପାରନ୍ତି। ଅନ୍ୟମନସ୍କ ହେତୁକ ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡିପାରେ ।

**ମିଥୁନ** — ରାଶିରେ ତିନୋଟି ଗ୍ରହ ଅବସ୍ଥାନ କରି କାର୍ଯ୍ୟସିଦ୍ଧି ସାଙ୍ଗକୁ ବିବାଦରେ ବିଜୟୀ କରାଇବେ। ରାଜନୈତିକ ଗ୍ରହ ରବି ଓ ରାହୁଙ୍କ ପ୍ରଭାବରେ ସରକାରୀକଳ, ରାଜନୈତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଆଲୋଚନା ଏବଂ ବନ୍ଧୁଙ୍କୁ ଆପଣେଇବାରେ ସମର୍ଥ ହେବେ। ପରୋକ୍ଷ ଶତ୍ରୁତା ହେତୁ ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**କର୍କଟ** — ଆଜିର ପ୍ରତ୍ୟୁଷ ଯାତ୍ରା, କର୍ମାରମ୍ଭ, ଅର୍ଥ ସମ୍ପର୍କ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ପ୍ରୀତିପ୍ରଦ ହେବ। ଯେତେ ଚେଷ୍ଟା କଲେ ମଧ୍ୟ ଅନ୍ୟକୁ ଦେଇଥିବା ଜିନିଷଟି ଫେରି ପାଇବା କଷ୍ଟକର ହେବ। ବୟସ୍କଙ୍କ ବାରଣକୁ ଅବମାନନା କରି ଆତ୍ମୀୟଙ୍କ ରୋଷର ଶିକାର ହେବେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନ କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେଇପାରିବେ।

**ସିଂହ** — ଗ୍ରହଙ୍କ ସାମ୍ୟତା କାରଣରୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଚର୍ଯ୍ୟା ମନ୍ଦ ହେବନି। ମଘା ନକ୍ଷତ୍ର ବିଭିନ୍ନ ଟେନ୍ସନ ହେତୁ କର୍ମକ୍ଷେତ୍ରରେ ବ୍ୟସ୍ତତା ବଢ଼ିଯିବ। କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ପ୍ରିୟଜନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଅର୍ଥ ସମ୍ପର୍କିତ ଅନୁଚିନ୍ତା, ପିଲାମାନଙ୍କ ସମସ୍ୟା, ନିଜର ଭଗ୍ନ ସ୍ୱାସ୍ଥ୍ୟ ମନକୁ ସାମାନ୍ୟ ଚହଲାଇ ଦେଇପାରେ।

**କନ୍ୟା** — ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ଭଲ ରହିବ। ପଡ଼ୋଶୀଙ୍କୁ ପ୍ରଲୋଭିତ କରି ନିଜ କାମରେ ଲଗାଇବାରେ ସମର୍ଥ ହେବେ। ଜମିଜମା କାରବାର, ଯାନ୍ତ୍ରିକ ଜିନିଷର ମରାମତି, ନିର୍ମାଣାଧୀନ କାମ ପୂର୍ବପରି ଚାଲୁରହିବ। ଭୁଲ୍ ବଶତଃ ଘରେ ଟଙ୍କା ଛାଡିଦେଇ ବାଟରେ ହଇରାଣ ହେବାକୁ ପଡିପାରେ।

**ତୁଳା** — ଧନାଧିପ କର୍ମଭାବରେ ଥିବାରୁ ଆର୍ଥିକ ମାନଦଣ୍ଡ ମଜଭୁତ ରହିବା ସାଙ୍ଗକୁ କର୍ମକ୍ଷେତ୍ର ମନ୍ଦ ହେବନି। ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ ବିରକ୍ତ ହୁଅନ୍ତୁ ନାହିଁ। ପରିସ୍ଥିତି ମଧ୍ୟରେ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟ ବାଧକତାରେ କେତେକ କାମ କରିବାକୁ ପଡ଼ିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବିଛା** — ମଙ୍ଗଳଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନିମ୍ନାଭିମୁଖୀ ହେବ। କିନ୍ତୁ ଉନ୍ନତ ଚିନ୍ତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ଆଦର ଗୌରବରେ ଆନନ୍ଦ ଅନୁଭବ କରିପାରନ୍ତି। ନିକଟ ଅତୀତରେ ରାଗ ପଡିଥିବା ବନ୍ଧୁ କ୍ରମଶଃ ମିଳାମିଶା ପାଇଁ ଇଚ୍ଛା ପ୍ରକାଶ କରିପାରନ୍ତି। ବିଭିନ୍ନ ଆଶା ଓ ଆଶଙ୍କା ବିଜଡିତ ମନ ହେତୁ ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ।

**ଧନୁ** — ଦୈହିକ ଓ ମାନସିକ ସୁସ୍ଥତା ନ ରହିଲେ ମଧ୍ୟ ବନ୍ଧୁବର୍ଗ ତଥା ଆତ୍ମୀୟଙ୍କ ସହୃଦୟତାରୁ ଖୁସି ରହିବେ। ମୁଖଭାବସ୍ଥ ଚନ୍ଦ୍ର ପ୍ରଭାବରେ ମନ ଅନୁଯାୟୀ କାମ ସମ୍ପନ୍ନ ହୋଇଯିବ। ପାରିବାରିକ ସମସ୍ୟା ପଛକୁ ପକାଇ ଗୁରୁତ୍ୱପୂର୍ଣ୍ଣ କାମକୁ ପ୍ରାଧାନ୍ୟ ଦେବେ। ପ୍ରଶାସନ, ରାଜନୀତି, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** — ସାମଗ୍ରିକ ଦୃଷ୍ଟିକୋଣରୁ ଗ୍ରହସ୍ଥିତି ଉନ୍ନତ ରହିବା ହେତୁ ଆଶା ପୂରଣ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗିରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ନିଜର କଳା, କୌଶଳର ପ୍ରୟୋଗକରି ପରିସ୍ଥିତିକୁ ଦେଖି କାମ କରିବା ଫଳରେ ଉପକୃତ ହେବେ। ଦୀର୍ଘ ଦିନ ହେଲା ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହୋଇପାରନ୍ତି ।

**କୁମ୍ଭ** — ଶୁକ୍ର ଭାଗ୍ୟସ୍ଥାନକୁ ଦେଖୁଥିବା ଯୋଗୁ ସ୍ଥଗିତ କାମକୁ ଆଜି ପୂରା ଦମ୍ଭରେ କରିବାପାଇଁ ନିଷ୍ପତ୍ତି ନେବେ। କାର୍ଯ୍ୟ ଦକ୍ଷତା ହେତୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ।

**ମୀନ** — ଚତୁର୍ଥସ୍ଥ ଗ୍ରହଯୋଗ କାରଣରୁ କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ ପାଇବେ। ପାରିବାରିକ ସ୍ତରରେ ଯାହା କିଛି ସାଧାରଣ ସମସ୍ୟା ରହିଛି ସେଥିରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ପରିବହନ ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ ହେବେ। ଆଜିର ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ କାମକୁ ତ୍ୱରାନ୍ୱିତ କରାଇବ।

ଆଜି ଜୁନ୍ ୧୬ ତାରିଖ, ଶେଷ ରଜ, ଭୂଦହନ, ଆଷାଢ଼ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ସୋମବାର। ରାଶି ନକ୍ଷତ୍ର-ଧନିଷ୍ଠା/ମକର। ଦିବା ଘ.୦୧.୦୯ ଗତେ କୁମ୍ଭ ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ.୦୮.୪୨ ଗତେ ଘ.୧୦.୨୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬.୫୦ ଗତେ ଘ.୦୮.୨୯ ମଧ୍ୟେ ରାହୁକାଳ ।

**ବିଦ୍ୟୁତ୍ ବିଭ୍ରାଟ ପ୍ରସଙ୍ଗ**

# ଉପମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୬ (ରବିନାରାୟଣ ଜେନା)

ଟିପିସିଓଡିଏଲ୍ ପକ୍ଷରୁ ନିମ୍ନମାନର ବିଦ୍ୟୁତ୍ ସରବରାହ ସହିତ ମନଇଚ୍ଛା ଟେଣ୍ଡର ଓ ସରକାରଙ୍କ ବିନା ଅନୁମତିରେ ବିଦ୍ୟୁତ୍ କିଣିବା ଭଳି ବେଆଇନ କାର୍ଯ୍ୟକଳାପ ଅଭିଯୋଗକୁ ନେଇ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେସୁର ପୂର୍ବତନ ଅଧ୍ୟକ୍ଷ ତଥା ଓଡ଼ିଶା ବିଦ୍ୟୁତ୍ ନିୟମାକ ଆୟୋଗର ପୂର୍ବତନ ସଭ୍ୟ ବି.ସି. ଜେନାଙ୍କ ଅଭିଯୋଗକୁ ଆଧାର କରି ଉପମୁଖ୍ୟମନ୍ତ୍ରୀ ସିଂଦେଓ ଶକ୍ତି ବିଭାଗ ପ୍ରମୁଖ ସଚିବଙ୍କୁ ଦେଇଥିବା ବ୍ୟକ୍ତିଗତ ନୋଟ୍‌ସିରେ ଦର୍ଶାଇଛନ୍ତି, ଟିପିସିଓଡିଏଲ୍‌ର ବିଭିନ୍ନ କାର୍ଯ୍ୟଶୈଳୀକୁ ନେଇ ସଙ୍ଗିନ ଅଭିଯୋଗ ଆସିଛି। ଏହାକୁ ଅନୁସନ୍ଧାନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାରଙ୍କୁ ତୁରନ୍ତ ଅବଗତ କରାଅ।

ଅଭିଯୋଗ ଅନୁଯାୟୀ, ରାଜ୍ୟରେ ବିନା କାରଣରେ ବିଦ୍ୟୁତ୍ ମନଇଚ୍ଛା କାଟ୍ କରାଯାଉଛି। ଯଦି ଏସମ୍ପର୍କରେ ଫ୍ୟୁଜ୍ କଲ ସେଣ୍ଟରକୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଉଛି ତେବେ ଉଦ୍ଦେଶ୍ୟମୂଳକ ଭାବେ ଟେଲିଫୋନକୁ ବ୍ୟସ୍ତ କରି ଦିଆଯାଉଛି। ସେକ୍ସନ ମୁଖ୍ୟ ମଧ୍ୟ ଫୋନ୍ କଲ୍‌କୁ ଠିକଣା ଭାବେ ଗ୍ରହଣ କରୁନାହାନ୍ତି। କଲ୍ ସେଣ୍ଟର ଯଦି ଅଭିଯୋଗ ଗ୍ରହଣ କରୁଛି, ପରବର୍ତ୍ତୀ ସମୟରେ ସେ ମାସ ମାସ ଧରି ଅଭିଯୋଗରେ ରହି ଯାଉଛି। ବିଦ୍ୟୁତ୍ ନୂତନ ସଂଯୋଗ ଭଳି ବିଭିନ୍ନ ଆବେଦନ ମାସ ମାସ ଧରି ପଡ଼ି ରହୁଛି, କେହି ଶୁଣିବାକୁ ନାହାନ୍ତି। ଫଳରେ ଉପଭୋକ୍ତାମାନେ ନିରାଶ ହେଉଛନ୍ତି। ଅସ୍ଥାୟୀ ଭାବେ ବିଦ୍ୟୁତ୍ ସଂଯୋଗ କରିବା କିମ୍ବା ନୂତନ ସଂଯୋଗ ନେବା ସେକ୍ସନ ଅଧିକାରୀଙ୍କ ଇଚ୍ଛା ଉପରେ ନିର୍ଭର କରୁଛି। ବୋର୍ଡର ବିନା ଅନୁମୋଦନରେ ବହୁ ମୁଖ୍ୟ ତଥା ଆଲଙ୍କାରିକ ପଦ(ସିଇଓ, ସିଓଓ, ସିଏଫ୍‌ଓ) ସୃଷ୍ଟି କରାଯାଇଛି। ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ କରାଯାଉନାହିଁ। ପରାମର୍ଶଦାତାମାନେ ଏଠାରେ ନିୟମିତ ପଦ ମାଡ଼ି ବସିଛନ୍ତି। ଅନେକ ସମୟରେ ମଣ୍ଡଳ ମୁଖ୍ୟ ତଥା ଏସ୍‌ଡିଓମାନେ ବିଭିନ୍ନ ସମସ୍ୟାର ସମାଧାନ ବେଳେ ମନଇଚ୍ଛା ପଦକ୍ଷେପ ଗ୍ରହଣ କରୁଛନ୍ତି। ଏମିତି କି ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ମଧ୍ୟ ଅନୁମୋଦନ ନେଉ ନାହାନ୍ତି।

ସେହିପରି ଯେଉଁ ବିଦ୍ୟୁତ୍ ଉପକରଣ ତଥା ଯନ୍ତ୍ରପାତି ଷ୍ଟୋର ରୁମ୍‌ରେ ରହିଛି ତାହା ବ୍ୟବହୃତ ଭଳି ଜଣାପଡୁଛି। ଉପକରଣ କିଣିବାବେଳେ ଟେଣ୍ଡର ନୀତି ଅନୁସରଣ କରାଯାଉନାହିଁ। ରିହାବିଲିଟେଡ୍ ଆସିଷ୍ଟାଣ୍ଟ ଆବେଦନଗୁଡ଼ିକ ପ୍ରତି ଯେଭଳି ଗୁରୁତ୍ୱ ଦିଆଯିବା କଥା ତାହା ମଧ୍ୟ ହେଉନାହିଁ। ଜେନା ତାଙ୍କ ଅଭିଯୋଗରେ ସବୁଠାରୁ ବଡ଼କଥା ଦର୍ଶାଇ କହିଛନ୍ତି, ସରକାରୀ ସଂସ୍ଥା ଗ୍ରୀଡ୍‌କୋର ଅଜ୍ଞାତରେ ବିଦ୍ୟୁତ୍ କିଣାଯାଉଛି ଏବଂ ବଣ୍ଟନ କରାଯାଉଛି। ଏହାଦ୍ୱାରା ପାୱାର ପରଚେଜ୍ ଏଗ୍ରୀମେଣ୍ଟ(ପିପିଏ)ର ଉଲ୍ଲଂଘନ ହେଉଛି। ଏସବୁ ଅଭିଯୋଗକୁ ଗୁରୁତ୍ୱ ଦେଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜେନା ଉପମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ତଦନ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## କୋଏଲ ନଦୀରେ ବୁଡ଼ିଗଲେ ଯୁବକ

**ସେଲ୍ଫି ନେବାବେଳେ ଅଘଟଣ**

ରାଉରକେଲା,୧୫।୬ (ସଙ୍ଗୀତା ଜେନା)

ବିଶ୍ରା ଥାନା ଅନ୍ତର୍ଗତ କୋଏଲ ନଦୀର ତେତରକେଲା ଘାଟରେ ରବିବାର ସେଲ୍ଫି ନେବାବେଳେ ପାଣିରେ ବୁଡ଼ିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ ଲୁଙ୍ଗେଇ ବସ୍ତିର ଆକାଶ କୁମାର ଗୁପ୍ତା(୨୨)। ପୋଲିସ ମୃତଦେହ ଜବତ କରି ବିଶ୍ରା ଗୋଷ୍ଠୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ବିଶ୍ରା ଥାନାରେ ଏକ ମାମଲା (ନଂ.୧୯/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ ଆକାଶ ୨/୩ ଜଣ ସାଙ୍ଗଙ୍କ ସହ କୋଏଲନଦୀକୁ ଯାଇଥିଲେ। ଗାଧୋଇବା ପୂର୍ବରୁ ସେଲ୍ଫି ନେବା ବେଳେ ଅସାବଧାନତା ଯୋଗୁ ଆକାଶ ଗଭୀର ପାଣିରେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏବଂ ବିଶ୍ରା ଅଗ୍ନିଶମ ବାହିନୀ ଖୋଜାଖୋଜି କରି ଆକାଶଙ୍କୁ ଅପରାହ୍ନ ୧ଟାରେ ଉଦ୍ଧାର କରିଥିଲା। ସୂଚନାଯୋଗ୍ୟ, ଗତ ମେ ମାସରେ ଛେଣ୍ଡ ଥାନା ଅନ୍ତର୍ଗତ ପ୍ରଧାନପାଲୀ ରେଲବାଇ ବ୍ରିଜ୍ ଉପରେ ସେଲ୍ଫି ନେବା ବେଳେ କୋଏଲ ନଦୀରେ ପଡ଼ି ଜଣେ ଆଇଟିଆଇ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଗତ ୨/୩ ମାସ ମଧ୍ୟରେ ରାଉରକେଲା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନଦୀରେ ବୁଡ଼ି ୧୧ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଲେଣି।




## ଆଇପିଏସ୍ ଅଫିସର ରେଖା ଓ ସଞ୍ଜୀବଙ୍କୁ କେନ୍ଦ୍ରର ଏଡିଜି ପାହ୍ୟା

ଭୁବନେଶ୍ୱର,୧୫।୬ (ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ଓଡ଼ିଶାର ଦୁଇ ବରିଷ୍ଠ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଫିସରଙ୍କୁ କେନ୍ଦ୍ରରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜି) ପାହ୍ୟା ପ୍ରଦାନ କରାଯାଇଛି। ଏସଂକ୍ରାନ୍ତରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁଯାୟୀ, କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ଏମ୍‌ପ୍ୟାନେଲ୍‌ମେଣ୍ଟରେ ୩୮ଜଣ ଆଇପିଏସ୍ ଅଫିସରଙ୍କୁ ଏଡିଜି ପାହ୍ୟା ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଓଡ଼ିଶା କ୍ୟାଡରର ୧୯୯୭ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଫିସର ରେଖା ଲୋହାନୀ ଏବଂ ସଞ୍ଜୀବ କୁମାର ରହିଛନ୍ତି। ତେବେ ଭାରତ ସରକାରଙ୍କ ବଦଳି ନିୟମ ଅନୁଯାୟୀ, ଯଦି ସମ୍ପୃକ୍ତ ଅଧିକାରୀ ଚାହିଁବେ କିମ୍ବା ରାଜ୍ୟ ତଥା କେନ୍ଦ୍ର ସରକାର ଚାହିଁବେ ତେବେ ସେମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ଯିବାକୁ ପଡ଼ିବ।

# ୨୦ରେ ଖୋଲିବ ସ୍କୁଲ

- ୧୯ରୁ ଯୋଗଦେବେ ଶିକ୍ଷକ, କର୍ମଚାରୀ
- ଗ୍ରୀଷ୍ମ ଛୁଟି ବୃଦ୍ଧି ହେବାନେଇ ଗୁଜବ

ଭୁବନେଶ୍ୱର,୧୫।୬(ସୁଚିସ୍ମିତା ସାହୁ)

ସରି ଆସୁଛି ଖରାଛୁଟି। ୫୮ଦିନ ପରେ ଆସନ୍ତା ୨୦ ତାରିଖରେ ସ୍କୁଲ ଖୋଲିବାକୁ ଯାଉଛି। ପୂର୍ବଭଳି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ। ଶିକ୍ଷୟିତ୍ରୀ ଶିକ୍ଷକ ସକାଳ ୯ଟା ୩୦ ସୁଦ୍ଧା ସ୍କୁଲରେ ପହଞ୍ଚିବେ ଏବଂ ଅପରାହ୍ନ ସାଢ଼େ ୪ଟା ଯାଏ କ୍ୟାମ୍ପସରେ ଉପସ୍ଥିତ ରହିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାବେଳେ ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅତ୍ୟଧିକ ଖରା ଓ ଗରମ ଯୋଗୁ ରାଜ୍ୟ ସରକାର ଏପ୍ରିଲ ୨୨ରୁ ବିଦ୍ୟାଳୟଗୁଡ଼ିକ ପାଇଁ ଖରାଛୁଟି ଘୋଷଣା କରିଥିଲେ। ୨୩ ତାରିଖରୁ ସ୍କୁଲ ବନ୍ଦ ରହିଥିଲା। ତେବେ ସ୍କୁଲ ଖୋଲିବା ପରେ ପିଲାଙ୍କ ପାଠପଢ଼ା ଯେପରି ସ୍ୱାଭାବିକ ହେବ ଓ ୨୦୨୫-୨୬ ଶିକ୍ଷାବର୍ଷ ଠିକ୍ ଭାବେ ପରିଚାଳିତ ହୋଇପାରିବ ସେନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକଙ୍କ ଉପରେ ଅଧିକ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ଶିକ୍ଷୟିତ୍ରୀଶିକ୍ଷକ, ଅଫିସ କର୍ମଚାରୀ, ସଫେଇ କର୍ମଚାରୀ, ରୋଷେୟା ଜୁନ୍ ୧୯ରୁ ବିଦ୍ୟାଳୟରେ ଯୋଗଦେବାକୁ ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଚିଠି କରାଯାଇଛି। ସେମାନେ ବିଦ୍ୟାଳୟରେ ଯୋଗଦେଇ କ୍ଲାସରୁମ୍ ଏବଂ ବିଦ୍ୟାଳୟ ପରିସର ସଫା କରିବେ। ବର୍ଷା ଯୋଗୁ କ୍ୟାମ୍ପସ ପରିସରରେ ଉଠିଥିବା ଗଛଲତା ସଫା କରିବା, ପାଣି ଟାଙ୍କି ସଫା କରିବା, ପିଲାଙ୍କ ବସିବା ବେଞ୍ଚ୍ ଓ ଚେୟାରକୁ ଠିକ୍ ଭାବେ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ସେହିପରି ପରିସ୍ରାଗାର, ଇ-ଲାଇବ୍ରେରୀ, ରୋଷେଇ ଘରଗୁଡ଼ିକୁ ମଧ୍ୟ ସଫା କରିବା ସହିତ ମଧ୍ୟାହ୍ନଭୋଜନ ପାଇଁ ଥିବା ସାମଗ୍ରୀ ସବୁକୁ ଯାଞ୍ଚ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଖରାଛୁଟି ବୃଦ୍ଧି କରାଯିବ ବୋଲି ଏବେ ବିଭିନ୍ନ ସୋସିଆଲ ମିଡିଆରେ ପୋଷ୍ଟ ଓ ଭିଡିଓ ଭାଇରାଲ ହେଉଛି। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଦ୍ୱନ୍ଦ୍ୱରେ ପଡିଛନ୍ତି। ବିଭିନ୍ନ ସୋସିଆଲ ମିଡିଆ ପୋଷ୍ଟରେ ହଇଜା, କୋଭିଡ୍ ଓ ଗୁଲୁଗୁଲି ଆଦି ଭିନ୍ନ ଭିନ୍ନ କାରଣ ଦର୍ଶାଯାଉଛି। ତେବେ ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାବେଳେ ଏହା ଏକ ଗୁଜବ ବୋଲି କୁହାଯାଉଛି।

## ବିସ୍ଫୋରକ ଲୁଟ୍ ମାମଲାରେ ଗିରଫ



ପୋଲିସ ମୁଖ୍ୟାଳୟରେ ପଶ୍ଚିମାଞ୍ଚଳ ଡିଆଇଜି ସୂଚନା ପ୍ରଦାନ କରୁଛନ୍ତି।

**ମାଓବାଦୀଙ୍କୁ ତଥ୍ୟ ଦେଉଥିଲେ ଜର୍ଜ**

ରାଉରକେଲା,୧୫।୬ (ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ କେ. ବଲାଙ୍ଗ ଥାନା ଅଧୀନ ବାଙ୍କୋ ଖଣିକୁ ଯାଉଥିବା ବିସ୍ଫୋରକ ଗାଡ଼ି ଅଟକାଇ ୨ଶହ ପ୍ୟାକେଟ ବିସ୍ଫୋରକ ଲୁଟ୍ ମାମଲାରେ ପୋଲିସ ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଙ୍କୋ ଗ୍ରାମର ଜର୍ଜ ମୁଣ୍ଡା(୪୩)। ଏ ନେଇ ରବିବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛି।

ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇ କହିଥିଲେ, ଗତ ମାସ ୨୭ ତାରିଖରେ ବିସ୍ଫୋରକ ଲୁଟ୍ ମାମଲାରେ ଏସ୍‌ଆଇଟି ଗଠନ କରାଯାଇଥିଲା। ବିଭିନ୍ନ ଦିଗରୁ ଅନୁସନ୍ଧାନ କରିବା ପରେ ଏହି ଘଟଣାରେ ସମ୍ପୃକ୍ତ ଷଡ଼ଯନ୍ତ୍ରକାରୀ ଜର୍ଜଙ୍କୁ ଧରି ପଚରାଉଚୁରା କରାଯାଇଥିଲା। ଜର୍ଜ ପଥର ଖଣିକୁ ବିରୋଧ କରିଆସୁଥିଲେ ଏବଂ ମାଓବାଦୀଙ୍କ ସହ ସମ୍ପର୍କ ରଖିଥିଲେ। ସେ ଖଣି ସମ୍ପର୍କରେ ବିଭିନ୍ନ ତଥ୍ୟ ମାଓବାଦୀଙ୍କୁ ପ୍ରଦାନ କରୁଥିଲେ। ଏଥିପାଇଁ ଏକାଧିକ ଥର ସେ ମାଓବାଦୀମାନଙ୍କ ସହ ବୈଠକ କରିଥିଲେ। ଘଟଣାଦିନ ୧୦ରୁ ୧୫ ଜଣ ସଶସ୍ତ୍ର ମାଓବାଦୀ ଇତମା ଗୋଦାମରୁ ବାଙ୍କୋ ପଥର ଖଣିକୁ ଯାଉଥିବା ଗାଡ଼ିକୁ ଅଟକାଇ ବିସ୍ଫୋରକ ଲୁଟ୍ କରିଥିଲେ। ଗାଡ଼ି ଚାଳକଙ୍କୁ ସୁରକ୍ଷିତ ଭାବେ ଛାଡିଦେବା ପରେ ସେମାନେ ଜଙ୍ଗଲକୁ ପଳାଇଥିଲେ। ଲୁଟ୍ ବିସ୍ଫୋରକ ମଧ୍ୟରୁ ଓଡ଼ିଶା- ଝାଡ଼ଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ୩୮୧୧.୩୦ କେଜି ଜବତ ହୋଇସାରିଛି। ଏହି ଘଟଣାରେ ଅଧିକ ସମ୍ପୃକ୍ତି ନେଇ ତଦନ୍ତ ଜାରି ରହିଥିବାରୁ ଗୋପନୀୟତା ଅବଲମ୍ବନ କରିବାକୁ ପଡୁଛି ବୋଲି ଡିଆଇଜି ରାୟ କହିଥିଲେ। ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ମାଝୀ, ବଣେଇ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାମୀଙ୍କ ଗୋଇଠା ମାଡ଼ରେ ଗର୍ଭବତୀ ସ୍ତ୍ରୀଙ୍କ ମୃତ୍ୟୁ

ତିହିଡ଼ି, ୨୫।୬(ସଞ୍ଜିତ ବଳ)

ସମସ୍ତେ ଆନନ୍ଦ ଉଲ୍ଲାସର ସହ ରଜ ପାଳନ କରୁଥିବାବେଳେ ଭଦ୍ରକ ଜିଲା ତିହିଡି ଥାନା ଅଧୀନ ତାଳପଦା ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀଙ୍କ ଗୋଇଠା ମାଡ଼ରେ ଗର୍ଭବତୀ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ମୋନାଲିସା ଜେନା(୨୬)। ତିହିଡି ପୋଲିସ ଏକ ମାମଲା (ନଂ.୨୧୧/୨୫) ରୁଜୁକରି ଅଭିଯୁକ୍ତ ସ୍ୱାମୀ ଶଙ୍କର୍ଷଣ ଜେନାଙ୍କୁ ରବିବାର ଅଟକ ରଖିଛି। ମୋନାଲିସାଙ୍କ ବାପା ତାଳପଦା ଗ୍ରାମର ପଞ୍ଚାନନ ଜେନା ଯୌତୁକ ପାଇଁ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଏତଲା ଦେଇଛନ୍ତି।



ମୋନାଲିସା ଜେନା

ପଞ୍ଚାନନ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଳପଦା ଗ୍ରାମର ଟେରା ଜେନାଙ୍କ ପୁଅ ଶଙ୍କର୍ଷଣ ୫ବର୍ଷ ପୂର୍ବେ ତାଙ୍କ ଝିଅ ମୋନାଲିସାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ଅଧିକ ଯୌତୁକ ଦାବି କରି ମୋନାଲିସାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ମୋନାଲିସା ସେଠାରୁ କୌଶଳକ୍ରମେ ଖସି ବାପଘରକୁ ଚାଲିଯାଇଥିଲେ। ପରେ ତାଙ୍କ ବାପା ବୁଝାଶୁଝା କରି ଝିଅକୁ ଶାଶୁଘରେ ଛାଡ଼ିଥିଲେ। ଶନିବାର ପହିଲି ରଜ ଉପଲକ୍ଷେ ପଞ୍ଚାନନ ଝିଅ ଘରକୁ ମିଠା ଓ ଅନ୍ୟ ସାମଗ୍ରୀ ନେଇ ଯାଇଥିଲେ। ରାତିରେ ଶଙ୍କର୍ଷଣ ଓ ଅନ୍ୟମାନେ ମୋନାଲିସାଙ୍କ ଗୋଡ଼ହାତ ବାନ୍ଧି ନିସ୍ତୁକ ମାଡ଼ ମାରିଥିବା ସେ ଜାଣିବାକୁ ପାଇଥିଲେ। ଏପରିକି ତାଙ୍କ ଗର୍ଭ ନଷ୍ଟ କରିବା ଉଦ୍ଦେଶ୍ୟରେ ପେଟକୁ ଗୋଇଠା ମାରିଥିଲେ। ଏଥିରେ ମୋନାଲିସା ଗୁରୁତର ହେବା ପରେ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ମୋନାଲିସାଙ୍କୁ ଭ ଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିକାଶ ମେଳା ଷ୍ଟଲ ପାଣିରେ ଭାସିଲା

**ବିକାଶ ମେଳାରେ ଅସୁବିଧା ଭୋଗିଲେ ବ୍ୟବସାୟୀ, ମହିଳା**

ସୋନପୁର,୧୫।୬(ମୃତ୍ୟୁଞ୍ଜୟ ଶତପଥୀ)

ମୋହନ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣପୁର ସହର ରୟାଲ ପଡିଆଠାରେ ଗତ ୧୨ ତାରିଖଠାରୁ ଆରମ୍ଭ ହୋଇଛି ଜିଲାସ୍ତରୀୟ ବିକାଶ ମେଳା। ଜନତାଙ୍କ ସହ ଯୋଡି ହେବା, ସରକାରଙ୍କ ବିଭିନ୍ନ ଯୋଜନା ଓ ଉପଲବ୍ଧୀ ବିଷୟରେ ଆଲୋଚନା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ତେବେ ରବିବାର ସନ୍ଧ୍ୟାରେ ସାମାନ୍ୟ ବର୍ଷାରେ ଜିଲା ପ୍ରଶାସନ ପକ୍ଷରୁ ମେଳା ପରିସରରେ ନିର୍ମାଣ ହୋଇଥିବା ଷ୍ଟଲଗୁଡିକ ଭାଙ୍ଗିଯାଇଛି। ଉପରୁ ବର୍ଷା ପାଣି ଗଳିବା ସହିତ ତଳେ ୧ଫୁଟର ପାଣି ପ୍ରବାହିତ ହୋଇଥିଲା। ଏଥିଯୋଗୁଁ ବ୍ୟବସାୟୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠିମାନେ ଅସୁବିଧାର ସମ୍ମୁଖିନ ହୋଇଥିଲେ। ସେମାନଙ୍କ ଖାଦ୍ୟ ସମଗ୍ରୀ ଓ ଅନ୍ୟ ଜିନିଷ ପତ୍ର ନଷ୍ଟ ହୋଇଯାଇଥିଲା। କେତେକ ବାଉଁଶ ସମ୍ପୂର୍ଣ୍ଣ ଓପାଡି ହୋଇଯାଇଛି। ମେଳାରେ ଓରମାସ ପକ୍ଷରୁ ୩୭ଟି ଓ ସୁଭଦ୍ରା ଶକ୍ତି ପକ୍ଷରୁ ୨୫ଟି ଷ୍ଟଲ ଖୋଲାଯାଇଛି। ଏଠାରେ ସରକାରଙ୍କ ଉପଲବ୍ଧୀଗୁଡିକୁ ପ୍ରଦର୍ଶିତ କରାଯିବା ସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ହସ୍ତତନ୍ତ, ହସ୍ତଶିଳ୍ପ ତଥା ସ୍ଥାନୀୟ ଉତ୍ପାଦ ସମ୍ପର୍କିତ ପ୍ରଦର୍ଶନୀ ଏବଂ ପାରମ୍ପରିକ ଖାଦ୍ୟ ଷ୍ଟଲ ରହିଥିଲା। ସରକାରଙ୍କ ପର୍ଯ୍ୟାପ୍ତ ଅନୁଦାନ ସତ୍ତ୍ୱେ ଅଧିକାରୀଙ୍କ ଉପଯୁକ୍ତ ତଦାରଖ ଅଭାବରୁ ଷ୍ଟଲଗୁଡିକ ଭଲଭାବେ ନିର୍ମାଣ ହୋଇ ନ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ତେବେ ରାଜ୍ୟସ୍ତରରୁ ନିର୍ମାଣ ହୋଇଥିବା ମୁଖ୍ୟ ସଭା ମଞ୍ଚ ସୁରକ୍ଷିତ ରହିଥିବାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥାରୀତି ଆୟୋଜିତ ହୋଇଥିଲା।

# ରାଜପଥରେ ଓଲଟିଲା ଯାତ୍ରୀବାହୀ ବସ୍




ଦୁର୍ଘଟଣାଗ୍ରସ୍ତ ବସ୍।

**୭ ଗୁରୁତର, ୧୫ ଆହତ**

ଖୋର୍ଦ୍ଧା,୧୫।୬ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ପିତାପଲ୍ଲୀ ଛକ ନିକଟରେ ରବିବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଜାତୀୟ ରାଜପଥର ବାମପାର୍ଶ୍ୱ ଗାର୍ଡୱାଲ୍‌ରେ ପିଟିହୋଇ ଓଲଟି ପଡ଼ିଛି। ଫଳରେ ବସ୍‌ରେ ଥିବା ୨୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଗୁରୁତରଙ୍କ ମଧ୍ୟରୁ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଯାଇଛି। ଆହତମାନେ ଗଞ୍ଜାମ ଜିଲାର ବୋଲି ଜଣାପଡିଛି।

ସୂଚନା ମୁତାବକ, ନୀଳକଣ୍ଠ ନାମକ ଏକ ବସ୍(ଓଡି୦୭ ଏଟି ୦୬୪୩) ଅପରାହ୍ନ ୧ଟାରେ ଭୁବନେଶ୍ୱରରୁ ପ୍ରାୟ ୫୦ ଯାତ୍ରୀଙ୍କୁ ନେଇ ଗଞ୍ଜାମ ଜିଲା ପୋଲସରା ଅଭିମୁଖେ ଯାଉଥିଲା। ପିତାପଲ୍ଲୀ ଛକ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ରାଜପଥର ବାମପାର୍ଶ୍ୱ ଗାର୍ଡୱାଲ୍‌ରେ ବସ୍ ପିଟିହୋଇ ରାଜପଥରେ ଓଲଟି ପଡ଼ିଥିଲା। ବସ୍‌ରେ ଥିବା ଯାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଖବରଦେଇଥିଲେ। ଦୁର୍ଘଟଣା ଯୋଗୁ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଶିଳ୍ପାଞ୍ଚଳ ଭାରପ୍ରାପ୍ତ ଥାନା ଅଧିକାରୀ ଏସ୍‌ଆଇ ବାସୁଦେବ ଜୟସିଂ, ଏସ୍‌ଆଇ ସୁନିତା ବେହେରାଙ୍କ ସମେତ ପୋଲିସ ଟିମ୍, ଖୋର୍ଦ୍ଧା ଅଗ୍ନିଶମ ଏଏଫ୍‌ଓ ମୀନକେତନ ବେହେରାଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ୍ ଏବଂ ଖୋର୍ଦ୍ଧା ପୌରାଞ୍ଚଳ ୧ନମ୍ବର ୱାର୍ଡର କାଉନସିଲର ଜିତେନ୍ଦ୍ର ବେହେରା ଓ ତାଙ୍କ ସାଥି, ସହକାରୀ ମୋଟରଯାନ ନିରୀକ୍ଷକ ଧର୍ମେନ୍ଦ୍ର ଦେହୁରି ପ୍ରମୁଖ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବସ୍‌ରୁ ବାହାର କରିଥିଲେ। ପରେ ଆହତମାନଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ପଠାଇଥିଲେ। ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଓଲଟି ପଡ଼ିଥିବା ବସ୍‌କୁ କ୍ରେନ୍ ସହାୟତାରେ ଉଠାଯାଇଥିଲା। ଏଥିସହ ପୋଲିସ ଉକ୍ତ ବସ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।



# ଇରାନର ପରମାଣୁ ଶକ୍ତି

ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ସରି ନ ଥିବା ବେଳେ ମଧ୍ୟପ୍ରାଚ୍ୟରେ ଆଉ ଏକ ଯୁଦ୍ଧ ଆରମ୍ଭ ହୋଇଯାଇଛି। ସଦ୍ୟ ଯୁଦ୍ଧରେ ଇସ୍ରାଏଲ ଗୋଟିଏ ପକ୍ଷରେ ଥିବା ବେଳେ ଆରପଟେ ଇରାନ। ଏଭଳି ଯୁଦ୍ଧ ଦେଖି ବିଶ୍ୱବାସୀ ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ। କାରଣ କିଛି ଦିନ ହେଲା ଆଶଙ୍କା କରାଯାଉଥିଲା ଯେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ କରିବା ଲାଗି ପାଗ ଭିଡୁଥିଲା। ଏବର ଯୁଦ୍ଧକୁ ନେଇ ଇସ୍ରାଏଲ ସଫେଇ ଦେଇ କହିଛି ଯେ, ତେହେରାନ ସଦ୍ୟ ପରମାଣୁ ଅସ୍ତ୍ରଶସ୍ତ୍ର ବିକଶିତ କରିବା ଇସ୍ରାଏଲ ଲେଶ ଭାବେ ରହିବାଟା ପ୍ରଶ୍ନବାଚୀକୁ ଚାଲିଯାଇଥିବାରୁ ଏଭଳି ପଦକ୍ଷେପ ନେବାକୁ ପଡ଼ିଛି। କିନ୍ତୁ ଭିତିରିଆ ଦେଖିଲେ ଏହି ଯୁଦ୍ଧ ପଛରେ ଆମେରିକାର ପ୍ରଚ୍ଛନ୍ନ ହାତ ଥାଇପାରେ। ଇରାନ ପରମାଣୁ କାର୍ଯ୍ୟକ୍ରମ ଜୋରଦାର ଚଳାଇଥିବାରୁ ତାହାକୁ ପ୍ରତିରୋଧ କରିବା ଲାଗି ଆମେରିକା ବାରମ୍ବାର ସତର୍କ କରାଇଆସୁଥିଲା। ଏପରି କି ଚଳିତ ବର୍ଷ ପ୍ରାରମ୍ଭରୁ ଇରାନର ପରମାଣୁ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ଆମେରିକା ଓ ଇରାନ ୫ ପର୍ଯ୍ୟାୟ ଆଲୋଚନା କରିସାରିଛନ୍ତି। ୧୫ ଜୁନରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ହେବାର ଥିଲା। ଇସ୍ରାଏଲ ଆକ୍ରମଣ ପରେ ଇରାନ ଏହି ଆଲୋଚନାକୁ ବାତିଲ କରିଦେଇଛି। ଏହି ସମୟରେ ଇସ୍ରାଏଲ ଗୋଇନ୍ଦା ସଂସ୍ଥା ମୋସାଦ ଖବର ପାଇଲା ଯେ ଇରାନ ତା'ର ପରମାଣୁ କାର୍ଯ୍ୟକ୍ରମକୁ ଦ୍ରୁତ ବେଗରେ କାର୍ଯ୍ୟ କରାଉଥିବାରୁ ନିକଟ ଭବିଷ୍ୟତରେ ଅଭାବନୀୟ କ୍ଷତି ଉପୁଜିପାରେ। ଏଥିସହିତ ଚାଇନା ତା'ର ଏନ୍‌ରିଚ୍ଡ ୟୁରାନିୟମର ଏକ ବଡ଼ ଅଂଶ ଇରାନକୁ ନିକଟରେ ପଠାଇ କରିଛି ତେଣୁ ସମ୍ଭାବ୍ୟ ବିପଦ ଆଶଙ୍କା କରି ଇସ୍ରାଏଲ ଆଗୁଆ 'ଅପରେଶନ ରାଇଜିଂ ଲାୟନ' ନାମରେ ସାମରିକ ଅଭିଯାନ ଆରମ୍ଭ କରିଦେଲା। ଇରାନ ଛାଡ଼ିବାର ଲେଶ ନୁହେଁ। ଏହା 'ଟ୍ରୁ ପ୍ରୋମିଜ୍' ନାମରେ ଅପରେଶନ କରି ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଗତ ୩ ଦିନ ମଧ୍ୟରେ ଉଭୟ ପଟରେ ଧନଜୀବନ ହାନି ଘଟିଛି। ଇସ୍ରାଏଲ ୧୫ ଜୁନରେ ସରକାରୀ ଭାବେ ସୂଚନା ଦେଇ କହିଛି ଯେ ତା'ର ୧୩ଜଣଙ୍କ ପ୍ରାଣହାନି ଘଟିଛି। ଅନ୍ୟପକ୍ଷରେ ଇରାନ ପକ୍ଷରୁ ସଦ୍ୟତମ ସଂଖ୍ୟା ପ୍ରକାଶ କରାଯାଇ ନ ଥିଲେ ମଧ୍ୟ ଜାତିସଂଘରେ ଥିବା ଏହାର ରାଷ୍ଟ୍ରଦୂତ କହିଛନ୍ତି, ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ଼ରେ ଏହାର ୭୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୨୦ ଜଣ ଆହତ ହୋଇଛନ୍ତି। ୧୫ ଜୁନରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବିରାଟ ଆକାର ଧାରଣ କଲାଣି।

୭ ଅକ୍ଟୋବର ୨୦୨୩ରେ ହମାସ ସହ ଯୁଦ୍ଧ ଆରମ୍ଭ ହେବା ବେଳୁ ଇସ୍ରାଏଲ ବିପକ୍ଷରେ ଲେବାନନ ସମର୍ଥିତ ହେଜ୍‌ବୁଲ୍ଲା ଓ ଇରାନ ଯୁଦ୍ଧଂ ଦେହି ଡାକରା ଦେଇ ଆସୁଥିଲେ। ଏପରି କି ସିରିଆର ତତ୍କାଳୀନ ଅସାଦ୍ ସରକାର ଇସ୍ରାଏଲକୁ ଘୋର ବିରୋଧ କରିଥିଲା। ସମୟ କ୍ରମେ ଇସ୍ରାଏଲ କୌଶଳ କରି ହେଜ୍‌ବୁଲ୍ଲାକୁ ଦମନ କରିଥିବା ବେଳେ ରୁଷିଆ ସମର୍ଥିତ ଅସାଦ ସରକାରକୁ ଗାଦିଚ୍ୟୁତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା। ଏବେ ଆମେରିକା-ଇରାନ ମଧ୍ୟରେ ଚାଲିଥିବା ପରମାଣୁ ସମ୍ବନ୍ଧୀୟ ଆଲୋଚନାରେ ବିଫଳ ହେଉଥିବା ଦେଖି ଇସ୍ରାଏଲ ଯୁଦ୍ଧ ସ୍ଥିତି ସୃଷ୍ଟି କରିଦେଇଛି। ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଇରାନ ଓ ଇସ୍ରାଏଲ ଯୁଦ୍ଧରେ ତାଙ୍କ ଦେଶର ହାତ ନାହିଁ। କିନ୍ତୁ ଇସ୍ରାଏଲ ଭାବେ ଯଦି ତାଙ୍କ ଦେଶର ସମ୍ପତ୍ତି କିମ୍ବା ଲୋକଙ୍କୁ ଇରାନ କ୍ଷତି ପହଞ୍ଚାଏ, ତାହା ହେଲେ ଆମେରିକୀୟ ସଶସ୍ତ୍ର ସେନାର ସମ୍ପୂର୍ଣ୍ଣ ଶକ୍ତି ତେହେରାନ ବିପକ୍ଷରେ ଏଭଳି ବ୍ୟବହାର କରାଯିବ ଯେ, ଯାହା ସେ କେବେ ଦେଖି ନ ଥିବ। ଏବେ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆରେ କହିଛନ୍ତି, ଯୁଦ୍ଧରତ ଉଭୟ ଦେଶ ଶାନ୍ତି ଆଲୋଚନାକୁ ଶୀଘ୍ର ଆସିବା ଦରକାର।

ଏଭଳି ପ୍ରଚ୍ଛଦପଟରେ ଦେଖିଲେ ଇରାନର ପରମାଣୁ କାର୍ଯ୍ୟକ୍ରମ ବିଷୟରେ ଅତ୍ୟଧିକ ଚର୍ଚ୍ଚା ହେଉଛି। ଗତ ସପ୍ତାହରେ ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ଏକ ରିପୋର୍ଟ ପ୍ରକାଶ କରିଥିଲା, ଯେଉଁଥିରେ ଇରାନ ବହୁ ପରିମାଣରେ ୟୁରାନିୟମ ମହଜୁଦ କରିବାରେ ଲାଗିଛି। ଏଥିରେ କୁହାଯାଇଛି ଯେ, ଇରାନ ୪୦୦ କିଲୋଗ୍ରାମ୍ ୟୁରାନିୟମ ମହଜୁଦ କଲାଣି ଓ ସେଥିରୁ ୬୦ ପ୍ରତିଶତ ଶୁଦ୍ଧ ଥିବା ଜଣାପଡ଼ିଛି। ଆଗକୁ ୯୦ ପ୍ରତିଶତ ଶୁଦ୍ଧ ୟୁରାନିୟମ ରଖିବାରେ ଇରାନ ପହଞ୍ଚିଗଲେ ତାହା ୯ରୁ ୧୦ଟି ପରମାଣୁ ବୋମା ତିଆରି କରିବାରେ ସକ୍ଷମ ହୋଇପାରେ। ଗତ ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଇରାନ ଅଣୁ-ଅପ୍ରସାର ଚୁକ୍ତି (ଏନ୍‌ପିଟି) ଉଲ୍ଲଂଘନ କରିଥିବା ନେଇ ନିକଟରେ ଆଇଏଇଏ ଘୋଷଣା କରିଥିଲା। ସମ୍ଭବତଃ ଏହିସବୁ ବିଷୟକୁ ଏକତ୍ର କରି ଆମେରିକା ସହାୟତାରେ ଇସ୍ରାଏଲ ବଡ଼ ପଦକ୍ଷେପ ସ୍ୱରୂପ ଇରାନ ଉପରେ ଆକ୍ରମଣ କରିଥାଇପାରେ। ତେବେ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲ୍ଲୀ ଖୋମିନି କହିଛନ୍ତି, ଏଭଳି ଉତ୍ତେଜନା ସ୍ଥିତି ଲାଗି ରହିଲେ ଇରାନ ତା'ର ଆଣବିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଏନ୍‌ପିଟିକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିବ। ଏହା ହେଲେ ମଧ୍ୟପ୍ରାଚ୍ୟ ଆହୁରି ଅଶାନ୍ତ ହେବାର ସଙ୍କେତ ମିଳିଲାଣି। ଆଉ ଏକ ଦିଗକୁ ଦେଖିଲେ ଇରାନକୁ ସମର୍ଥନ କରୁଥିବା ରୁଷିଆ ଏବେ ଇସ୍ରାଏଲକୁ ଯୁଦ୍ଧ ପାଇଁ ନିନ୍ଦା କରିଛି। ୧୪ ଜୁନ୍‌ରେ ଟ୍ରମ୍ପଙ୍କ ୭୯ତମ ଜନ୍ମଦିନ ଥିବାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଟ୍ରମ୍ପଙ୍କୁ ପୁଟିନ୍ କହିଥିଲେ ଇସ୍ରାଏଲ-ଇରାନ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲକୁ ଆମେରିକା କହୁ। ଅନ୍ୟପକ୍ଷରେ ଆପଣ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରନ୍ତୁ ବୋଲି ପୁଟିନ୍‌ଙ୍କୁ ଟ୍ରମ୍ପ୍ କହିଥିବା ବିଷୟ ଗଣମାଧ୍ୟମରୁ ଶୁଣିବାକୁ ମିଳିଛି। ଏଥିରୁ ବୁଝିବାରେ ଅସୁବିଧା ନାହିଁ ଯେ ଆଗକୁ ଯୁଦ୍ଧ ବିରାଟ ଆକାର ଧାରଣ କଲେ ପୁରୁଣା ଦିନର ଦୁଇ ମହାଶକ୍ତି ପରସ୍ପର ବିରୋଧରେ ପରୋକ୍ଷ ଯୁଦ୍ଧରେ ଅଂଶୀଦାର ହେବାକୁ ଏବେ ମଧ୍ୟ ହାଇଁପାଇଁ ରହିଛନ୍ତି।

ଏଭଳି ସ୍ଥଳେ ଭୂ-ରାଜନୈତିକ ସ୍ଥିତିକୁ ଦେଖିଲେ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ବଢ଼ିଯିବା ଥୟ। ଇତିମଧ୍ୟରେ ଅଶୋଧିତ ତେଲ ଦର ମଧ୍ୟ ବୃଦ୍ଧି ପାଇବା ଆରମ୍ଭ କଲାଣି। ଏହି ପରିପ୍ରେକ୍ଷୀରେ ଦେଖିଲେ ଇସ୍ରାଏଲ-ଇରାନ ଯୁଦ୍ଧ ଭାରତ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇବ। କାରଣ ଇରାନର ଚବାହାର ବନ୍ଦର ଦେଇ ଆଫଗାନିସ୍ତାନକୁ ଭାରତର ବାଣିଜ୍ୟ ପଥ ରହିଛି। ଆଜିର ସ୍ଥିତିରେ ଭାରତର କୂଟନୀତି ଏକ ବିରାଟ ଦ୍ୱନ୍ଦ୍ୱରେ ପଡ଼ିଛି। ପୂର୍ବରୁ ଘରୋଇ କମ୍ପାନୀକୁ ତୈଳ ଯୋଗାଇ ସାହାଯ୍ୟ କରିବାର ଆଭିମୁଖ୍ୟ ନେଇ ରୁଷିଆ ସାଙ୍ଗରେ ଅତ୍ୟଧିକ ଖୋଲାଖୋଲି ବନ୍ଧୁତ୍ୱ ଭାରତକୁ ଅସୁବିଧାରେ ପକାଇ ସାରିଛି। ପାକିସ୍ତାନ ସହିତ ୪ଦିନିଆ ଖଣ୍ଡା ବୁଲାଇବା ଅବସରରେ କୌଣସି ଦେଶ ଭାରତକୁ ସମର୍ଥନ ଜଣାଇ ନ ଥିଲେ। ରୁଷିଆ ମଧ୍ୟ ନୀରବ ରହିଥିଲା। ପୂର୍ବ ବିଫଳତାକୁ ଆଖିରେ ରଖି ଆଗାମୀ ଦିନଗୁଡ଼ିକରେ ଭାରତୀୟ କୂଟନୀତି ଅତ୍ୟନ୍ତ ସତର୍କ ହେବା ଆବଶ୍ୟକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 7 | | | | | |
| | 5 | 8 | | | 3 | | | |
| | | | | 4 | 2 | 3 | | 9 |
| | | | 3 | 1 | | | 8 | |
| | 7 | | | | | | | 1 |
| | | | 5 | 8 | 4 | | 7 | |
| | | | | | | | 9 | 6 |
| | | | 9 | 3 | 5 | | 1 | |
| | 1 | | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 9 | 2 | 3 | 5 | 1 | 7 |
| 9 | 1 | 5 | 7 | 4 | 8 | 2 | 6 | 3 |
| 7 | 3 | 2 | 1 | 6 | 5 | 9 | 8 | 4 |
| 4 | 2 | 8 | 3 | 5 | 7 | 1 | 9 | 6 |
| 3 | 5 | 1 | 2 | 9 | 6 | 7 | 4 | 8 |
| 6 | 7 | 9 | 8 | 1 | 4 | 3 | 5 | 2 |
| 1 | 4 | 6 | 5 | 3 | 2 | 8 | 7 | 9 |
| 2 | 9 | 7 | 6 | 8 | 1 | 4 | 3 | 5 |
| 5 | 8 | 3 | 4 | 7 | 9 | 6 | 2 | 1 |

ଗତକାଲିର ଉତ୍ତର

# ମଣିଷକୁ ଚିହ୍ନିବେ କେମିତି : ଗୀତାରୁ ଶିକ୍ଷା



ନିରଞ୍ଜନ ସାହୁ

କଥାରେ ଅଛି, ଯାହା ନାହିଁ ଭାରତେ ତାହା ନାହିଁ ଭାରତେ-ଅର୍ଥାତ୍ ଏମିତି କିଛି କଥା ନାହିଁ ଯାହା ମହାଭାରତରେ ନାହିଁ। ଯେହେତୁ ଶ୍ରୀମଦ୍ ଭଗବଦ୍ ଗୀତା ହେଉଛି ମହାଭାରତର ଏକ ସଂକ୍ଷିପ୍ତ ସଂସ୍କରଣ, ସେଇ ଦୃଷ୍ଟିରୁ ମଣିଷର ଏପରି କିଛି ଆବଶ୍ୟକ ବସ୍ତୁ ନାହିଁ କହିଲେ ଚଳେ, ଯାହା ଗୀତାରେ ନାହିଁ।

ଦୁନିଆରେ ସବୁଠୁଁ କାଠିକର ପାଠ ହେଲା ମଣିଷକୁ ଚିହ୍ନିବା। ମଣିଷକୁ ଠିକ୍ ଭାବରେ ଚିହ୍ନି ନ ପାରିଲେ ସବୁ କାମ ବିଗିଡ଼ିଯାଏ- ଚିହ୍ନିବା ଅର୍ଥ ଖାଲି ବାହାରର ଭେକକୁ ଦେଖିବା ନୁହେଁ, ଅଭିନୟପ୍ରବଣ ମଣିଷ ନିଜକୁ ଏମିତି ପେସ୍ କରିପାରେ ଯେ ତାକୁ ଠିକଣା ଭାବରେ ବୁଝିବା କଷ୍ଟ। ଅଥଚ ଠିକ୍ ଲୋକ ପାଖରେ ପହଞ୍ଚି ନ ପାରିଲେ, ଠକ୍ ପାଖରେ ଅଜାଣତରେ ପହଞ୍ଚିଥାଉ ଆମେ; ଆଉ ଫଳ ହୁଏ ବିଫଳତା। ଷୋଡ଼ଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଲୋକମାନଙ୍କୁ ସେମାନଙ୍କ ଗୁଣଭେଦରେ ୨ ଭାଗରେ ବିଭକ୍ତ କରିଛନ୍ତି- କିଛି ଲୋକ ଅଛନ୍ତି, ଯେଉଁମାନେ ଦୈବୀଗୁଣସମ୍ପନ୍ନ ବା ଯାହାଙ୍କୁ ଆମେ କହିପାରିବା ସଦ୍‌ଗୁଣ ବିଶିଷ୍ଟ। ଆଉ ଯେଉଁମାନେ ରହିଲେ ସେମାନେ ହେଲେ ଅସୁର ଗୁଣ ସମ୍ପନ୍ନ, ଯେଉଁମାନେ ଅସଦ୍ ଗୁଣରେ ପରିପୂର୍ଣ୍ଣ। ଭଲ ଲୋକମାନେ ଯେଉଁ କାମରେ ଆଗ୍ରହ ଦେଖାନ୍ତି ସେଠାରୁ ଦୂରେଇ ରହନ୍ତି ତାଙ୍କର ପ୍ରତିପକ୍ଷମାନେ। ଏପରି ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣଙ୍କ ଭାଷାରେ ଓ କଣ୍ଠରେ କୁହାଯାଇଛି – ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ଯସ୍ୟାଂ ଜାଗ୍ରତି ଭୂତାନି, ସା ନିଶା ପଶ୍ୟ ତୋ ମୁନେଃ।

ଅର୍ଥାତ୍ ବିବେକୀ ପ୍ରାଣୀ ଓ ଅବିବେକୀ ପ୍ରାଣୀ ସମାନ ପରିସ୍ଥିତିକୁ ଭିନ୍ନ ଭାବରେ ଦେଖିଥାନ୍ତି। ଅବିବେକୀ ପ୍ରାଣୀମାନେ ଯେତେବେଳେ ଜାଗ୍ରତ ରହନ୍ତି ସେଇ ସମୟକୁ ବିବେକୀମାନେ ରାତ୍ରି ଭଳି ଦେଖନ୍ତି ଏବଂ ଅନୁରୂପ ଭାବରେ ବିବେକୀମାନଙ୍କର ଦିନ (ଜାଗ୍ରତ ରହିବାର ବେଳ) ହିଁ ଅବିବେକୀମାନଙ୍କ ପାଇଁ ରାତ୍ରି ପରି ବିଳାସମୟ ଏବଂ ଶୟନର ସମୟ। ଅବିବେକୀ ପ୍ରାଣୀମାନେ ଯେ ଖାଲି ତମେ ଆମେ ପରି ସାଧାରଣ ଲୋକଙ୍କୁ ଖରାପ ବ୍ୟବହାର କରନ୍ତି ତା' ନୁହେଁ, ନବମ ଅଧ୍ୟାୟରେ ଶ୍ରୀକୃଷ୍ଣ କହିଛନ୍ତି, ସେମାନେ ତାଙ୍କୁ ବି ସେଇଭଳି ଅବମୂଲ୍ୟାୟନ କରନ୍ତି ଏବଂ ଅବଜ୍ଞାସୂଚକ ବ୍ୟବହାର କରନ୍ତି। ଅର୍ଥାତ୍ ଅନ୍ୟକୁ ହୀନଦୃଷ୍ଟିରେ ଦେଖିବା, ଅନ୍ୟର ଅମର୍ଯ୍ୟାଦା କରିବା ଯେଉଁମାନଙ୍କର ଅସ୍ଥିମଜ୍ଜାଗତ ସେଇ ଲୋକମାନେ ପ୍ରକୃତରେ ଅମଣିଷ, ସେମାନଙ୍କଠାରେ ଆସୁରିକ ପ୍ରକୃତି ପ୍ରତିଫଳିତ ହୋଇଥାଏ। ସଦ୍‌ମଣିଷର ବହୁଗୁଣ ବଖାଣିଛନ୍ତି ଭଗବାନ ଶ୍ରୀକୃଷ୍ଣ; ମଣିଷର ଗୁଣଗୁଡ଼ିକ ତାଙ୍କର ଲକ୍ଷଣରୁ ହିଁ ଜଣାଯାଏ। ତାଙ୍କର କାମ ଭିତରୁ ବାରି ହୋଇପଡ଼େ ସେଇ ଲକ୍ଷଣ ସବୁ।




ଦୈବୀସମ୍ପନ୍ନ ବ୍ୟକ୍ତିମାନେ ଭୟଯୁକ୍ତ ହୋଇ ନ ଥାନ୍ତି, ମାତ୍ର ସେମାନେ ଅଯଥା ଦମ୍ଭ ଦେଖାନ୍ତି ନାହିଁ। ଜ୍ଞାନ ଓ ଯୋଗରେ ସେମାନଙ୍କର ନିଷ୍ଠା ଥାଏ। ସେମାନେ ସ୍ୱଅର୍ଜିତ ଧନରୁ କିଛି ସତ୍‌ପାତ୍ରରେ ଦାନକରନ୍ତି, ଇନ୍ଦ୍ରିୟମାନଙ୍କୁ ସଂଯମ କରନ୍ତି, ଆଧ୍ୟାତ୍ମିକ ପୁସ୍ତକ ଅଧ୍ୟୟନରେ ବ୍ରତୀ ରହନ୍ତି। ସବୁବେଳେ ସତ୍ ଚିନ୍ତାରେ ନିମଗ୍ନ ରହିବା ସହ ସରଳତା ସବୁବେଳେ ସେମାନଙ୍କଠାରେ ବାରି ହୋଇପଡ଼େ।

ସଦ୍‌ଗୁଣ ବିଶିଷ୍ଟ ମଣିଷମାନେ ହିଂସାରେ ବିଶ୍ୱାସ କରନ୍ତି ନାହିଁ। ସେମାନେ ସତ୍ୟର ଆଶ୍ରୟରେ ଥାଆନ୍ତି ଏବଂ କ୍ରୋଧଠାରୁ ନିଜକୁ ବିରତ ରଖନ୍ତି, ସେମାନେ କାହାରି ନିନ୍ଦା କରନ୍ତି ନାହିଁ ମାତ୍ର ସମସ୍ତଙ୍କ ପ୍ରତି ସହାନୁଭୂତି ପ୍ରକାଶ କରନ୍ତି। ସେମାନଙ୍କର ସ୍ୱଭାବରେ କୋମଳତା ଫୁଟିଉଠେ, ସେମାନେ ମନ୍ଦ କାମରେ ନିଜକୁ ନିୟୋଜିତ କରନ୍ତି ନାହିଁ। ସେମାନଙ୍କଠାରେ ଧୈର୍ଯ୍ୟ ଓ କ୍ଷମା ପରି ସଦ୍‌ଗୁଣଗୁଡ଼ିକର ବିକାଶ ଘଟିଥାଏ।

ଆସୁରିକ ଚରିତ୍ର ଓ ସ୍ୱଭାବସମ୍ପନ୍ନ ବ୍ୟକ୍ତିମାନଙ୍କର ସବିଶେଷ ବର୍ଣ୍ଣନା ମଧ୍ୟ ଷୋଡ଼ଶ ଅଧ୍ୟାୟରେ ରହିଛି। ସେମାନେ ନିଜର ବଡ଼ପଣିଆ ଦେଖେଇବାରେ ବ୍ୟଗ୍ର – ଟିକିଏ ଟିକିଏ କଥାରେ କ୍ରୋଧିତ ହୁଅନ୍ତି। ନିଷ୍ଠୁରତା ସେମାନଙ୍କ ପ୍ରତିଟି କର୍ମରୁ ବାରିହୋଇପଡ଼େ, ସେମାନେ ଆସୁରିକ ଭାବଯୁକ୍ତ ବୋଲି ଜାଣିବା ଭାରି ସହଜ। ଆସୁରିକ ପ୍ରକୃତିର ଲୋକମାନେ ଅଧର୍ମ କାମରେ ସବୁବେଳେ ବୁଡ଼ି ରହିଥାନ୍ତି ଏବଂ ତାଙ୍କ ଇଚ୍ଛା ଅନୁସାରେ ସଂସାରକୁ ପ୍ରତିପାଦନ କରିବାକୁ ଚେଷ୍ଟା କରନ୍ତି ତଥା ସବୁରି ମୂଳରେ କାମନା ଓ ବାସନା ବୋଲି ଘୋଷଣା କରନ୍ତି। ଏହି ଦୁଷ୍ଟଲୋକମାନେ ସବୁବେଳେ ଭଲଲୋକଙ୍କର ଶତ୍ରୁ ଭାବାପନ୍ନ ହୋଇଥାନ୍ତି ଏବଂ ଶାସ୍ତ୍ରରେ ଯେଉଁ ସତ୍‌କର୍ମର କଥା ସବୁ କୁହାଯାଇଛି ତାକୁ ଯତ୍ ପରୋନାସ୍ତି ବିରୋଧ କରନ୍ତି; ସେମାନଙ୍କ ମତରେ ଦୁନିଆ ହେଉଛି ଉପଭୋଗର ଏକମାତ୍ର ମାଧ୍ୟମ। ଏଥିପାଇଁ ସର୍ବଦା ବ୍ୟସ୍ତ ରହି ନିଜକୁ ନ୍ୟସ୍ତ କରିଥାନ୍ତି ସେମାନେ। ନିଜର ଧନ କିପରି ବୃଦ୍ଧିହେବ ସେଥିରେ ସେମାନେ ସବୁ ଶ୍ରମ ଓ ସମୟ ବିନିଯୋଗ କରନ୍ତି ଏବଂ ନିଜକୁ ସବୁଠାରୁ ସୁଖୀ ବଳବାନ ଏବଂ ନିଜ ଇଚ୍ଛାରେ ସବୁ ସମ୍ଭବ ବୋଲି ପ୍ରତିପାଦିତ କରିବାକୁ ଚାହାନ୍ତି। ନୀତିନିୟମ ବିବର୍ଜିତ ଏଇ ପାଷାଣ୍ଡମାନେ କାମନା ବାସନାରେ ପରିଚାଳିତ ହୋଇ ସବୁବେଳେ ନିଜର ଅହଂକାରକୁ ବଢ଼ାଇ ଚାଲନ୍ତି। ଏମାନଙ୍କୁ ଭଗବାନ ନରାଧମ ଆଖ୍ୟା ଦେଇ ପରଜନ୍ମରେ ଏମାନେ ବ୍ୟାଘ୍ର ବା ସର୍ପଜାତୀୟ ନିଚ୍ଚ ଯୋନିରେ ଜନ୍ମ ପାଆନ୍ତି ବୋଲି ପ୍ରକାଶ କରିଛନ୍ତି।

ଷଡ଼ରିପୁ ବୋଲି ଯାହାକୁ କୁହାଯାଏ ସେଗୁଡ଼ିକ ହେଲା କାମ, ଲୋଭ, କ୍ରୋଧ, ମୋହ, ମଦ ଏବଂ ମାତ୍ସର୍ଯ୍ୟ। ଏହାକୁ ସଂକ୍ଷିପ୍ତକରି ତିନୋଟି ମୁଖ୍ୟ ରିପୁ ଭାବରେ କହିଛନ୍ତି ଭଗବାନ ଯାହାକି ହେଉଛି ନରକର ଦ୍ୱାର। ତାହା ହେଲା କାମ, କ୍ରୋଧ ଏବଂ ଲୋଭ। ଏହି ଶତ୍ରୁମାନଙ୍କ ଦ୍ୱାରା ପରିଚାଳିତ ମଣିଷ ଅଧଃପତିତ ହେବାକୁ ବାଧ୍ୟ। ସପ୍ତଦଶ ଅଧ୍ୟାୟରେ ମଣିଷର ପ୍ରକୃତି ଉପରେ ଯେଉଁ ବର୍ଣ୍ଣନା କରାଯାଇଛି ତାହା ୩ପ୍ରକାର – ଯଥା ସତ୍ତ୍ୱ, ରଜ, ତମ। ଏହି ଭେଦରେ ମଣିଷମାନଙ୍କୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଭାବରେ ବିଭକ୍ତ କରାଯାଏ। ପରୀକ୍ଷାରେ ଯେଉଁ ଫାଷ୍ଟ, ସେକେଣ୍ଡ ଓ ଥାର୍ଡ ଡିଭିଜନ ପରି ସଫଳତାର ତିନିସ୍ତର ଅଛି, ଯଦି ସତ୍ତ୍ୱ ରଜ ତମକୁ ତା'ର ସମତୁଲ ବୋଲି ଆପଣ ଆପେ ଆପେ ଭାବି ନିଅନ୍ତି ତା'ହେଲେ ଆପଣ ଏକ ପାଖାପାଖି ଆକଳନ କରୁଛନ୍ତି। ସାତ୍ତ୍ୱିକ ଲୋକେ ଦୈବୀ ଗୁଣ ସମ୍ପନ୍ନ ଏହା ସତ, ରାଜସିକ ଲୋକଙ୍କର କିଛି ଗୁଣ ଦେଶାଚାର ଦୃଷ୍ଟିରୁ ଗ୍ରହଣୀୟ ହୋଇପାରେ ମାତ୍ର ସେମାନେ ଫଳାକାଂକ୍ଷୀ, ସେମାନେ ଉଦ୍ଦେଶ୍ୟମୂଳକ ଭାବରେ ଯଜ୍ଞର ବିଧାନ କରନ୍ତି। ରାଜସିକ ବ୍ୟକ୍ତି ତପସ୍ୟା ବି କରିପାରନ୍ତି ମାତ୍ର ସେମାନଙ୍କର ଲକ୍ଷ୍ୟ ଥାଏ ପ୍ରଶଂସାପ୍ରାପ୍ତି ବା ପ୍ରତିଷ୍ଠା ଅର୍ଜନ। ନିଜକୁ ଗୌରବ ମଣ୍ଡିତ କରିବା ପାଇଁ ସେମାନେ ଦାନ କରନ୍ତି ମାତ୍ର ଉଦ୍ଦେଶ୍ୟ ପ୍ରଣୋଦିତ ସେହି ଦାନ ଉତ୍କୃଷ୍ଟ ଦାନ ପର୍ଯ୍ୟାୟଭୁକ୍ତ ନୁହେଁ, ଅର୍ଥାତ୍ କିଞ୍ଚିତ ରୂପେ ମଣିଷମାନଙ୍କର ପ୍ରକୃତି ଓ ଲକ୍ଷଣକୁ ଲକ୍ଷ୍ୟକରି ଏହି ଅଧ୍ୟାୟରେ ଉତ୍ତମ, ମଧ୍ୟମ ଓ ଅଧମକୁ ସାତ୍ତ୍ୱିକ, ରାଜସିକ ଏବଂ ତାମସିକ ଚରିତ୍ରର ବ୍ୟକ୍ତି ଭାବରେ ଅଭିହିତ କରାଯାଇଛି।

ଏହି ଲକ୍ଷଣଗୁଡ଼ିକର ସମ୍ୟକ୍ ଅନୁଧ୍ୟାନ ଓ ଅଧ୍ୟୟନରୁ କିଏ ଲୋକ କେଉଁ ପରି ଆମେ ଜାଣିପାରିବା- ସତ୍ ଲୋକଙ୍କର ବନ୍ଧୁତା ଓ ସାନ୍ନିଧ୍ୟ ପାଇଲେ ଜୀବନ ଧନ୍ୟ ହୁଏ, ସେମାନେ ଆପଣଙ୍କର ଭଲ ମନ୍ଦ ଉଭୟରେ ସାଥୀ ହୋଇଥାନ୍ତି। ମାତ୍ର ଆସୁରିକ ଚରିତ୍ରର ବ୍ୟକ୍ତିମାନେ ଆପଣଙ୍କଠାରେ କିଛି ଲାଭ ହେବାର ନାହିଁ ଠଉରେଇଲା ମାତ୍ରେ ଆପଣଙ୍କ ଠାରୁ ଦୂରେଇ ଯାଆନ୍ତି, ଯିଏ ଦୁଷ୍ଟ ବ୍ୟକ୍ତିଙ୍କ ସହ ମିତ୍ରତା କରନ୍ତି ତାଙ୍କର ନିଧନ ଅବଶ୍ୟମ୍ଭାବୀ। ଅତଏବ ସଂସାରୀମାନଙ୍କ ପାଇଁ ଗୀତାର ଏଇ ଶିକ୍ଷା ଅତ୍ୟନ୍ତ ଉପଯୋଗୀ ଏବଂ ଜୀବନର ମାର୍ଗ ଉନ୍ମୁକ୍ତ କଲା ପରି।

**ଭାରତୀୟ ପ୍ରଶାସନିକ ସେବାର
ପୂର୍ବତନ ଅଧିକାରୀ
ମୋ: ୯୪୩୮୪୮୨୯୧୧**

# ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଲୋଡ଼ା



ସୁଧାଂଶୁ ରଞ୍ଜନ ଦାସ

ସାରା ଜଗତର ପାଳନକର୍ତ୍ତା ପ୍ରଭୁ ଜଗନ୍ନାଥ ଓଡ଼ିଶାରେ କୋଉ ଆଦିମ କାଳରୁ ପୂଜା ପାଇଆସୁଛନ୍ତି। ବାର ଶହ ଶତାବ୍ଦୀରେ ନିର୍ମିତ ଜଗନ୍ନାଥ ମନ୍ଦିରର କାରୁକାର୍ଯ୍ୟ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରିବେଶ ଭାରତ ଓ ଭାରତ ବାହାରେ ଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଥାଏ। ଆଜି ପ୍ରତ୍ୟେକ ଭାରତୀୟ ଜଗନ୍ନାଥଙ୍କୁ ଜୀବନରେ ଥରେ ଦର୍ଶନ କରିବା ପାଇଁ ଅଭିଳାଷ ରଖିଥା'ନ୍ତି। ଜଗନ୍ନାଥ ସଂସ୍କୃତି ଓଡ଼ିଆ ଜାତିର ଆଧ୍ୟାତ୍ମିକ ବିକାଶ, ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ, ନୌବାଣିଜ୍ୟ, ଓଡ଼ିଶାର ସାଂସ୍କୃତିକ ଓ ଆର୍ଥିକ ବିକାଶ ପାଇଁ ଯୁଗ ଯୁଗ ଧରି ପ୍ରେରଣା ଦେଇ ଆସିଛି। ଓଡ଼ିଶୀ ଚିତ୍ର ଓ ନୃତ୍ୟ ଜଗନ୍ନାଥଙ୍କର ଅତି ପ୍ରିୟ ବସ୍ତୁ ମଧ୍ୟରେ ଗଣାଯାଏ। ଆଜି ଓଡ଼ିଶୀ ନୃତ୍ୟ ପରମ୍ପରା, ଗୋଟିପୁଅ ନୃତ୍ୟ ଓ ଓଡ଼ିଶୀ ଚିତ୍ରକଳା ପୁରୀରୁ ପ୍ରାୟ ଲୋପ ପାଇବାକୁ ବସିଲାଣି। ଓଡ଼ିଶାର ଚିତ୍ର ଶିଳ୍ପୀମାନେ ପୁରୀ ମନ୍ଦିରରେ ଥିବା ବିଭିନ୍ନ ଦେବଦେବୀଙ୍କ ମନ୍ଦିରରେ ହୋଇଥିବା ଉଚ୍ଚକୋଟୀର ଓଡ଼ିଶୀ ଚିତ୍ରକୁ ନିରୀକ୍ଷଣ କରି ଏହାକୁ ବିଭିନ୍ନ ଗ୍ରେଡ୍ ମାଧ୍ୟମରେ ପୁନଃ ପ୍ରସ୍ତୁତ କରିଥାନ୍ତି। ଆଜି ଏହି ବିଶ୍ୱପ୍ରସିଦ୍ଧ ଓଡ଼ିଶୀ ଚିତ୍ରକୁ ମନ୍ଦିର କାନ୍ଥରେ ଆଉ ଦେଖିବାକୁ ମିଳୁନାହିଁ। ଏହି ଚିତ୍ରଗୁଡ଼ିକୁ ଅଭିଜ୍ଞ ଚିତ୍ରଶିଳ୍ପୀଙ୍କ ଦ୍ୱାରା ପ୍ରାକୃତିକ ରଙ୍ଗର ବ୍ୟବହାର କରି ମରାମତି କରାଯାଇପାରିଥାନ୍ତା। ଆଜି ଅନେକ କୋଟି ଟଙ୍କା ଖର୍ଚ୍ଚ କଲେ ମଧ୍ୟ ପୂର୍ବରୁ ହୋଇଥିବା ଏହି ଓଡ଼ିଶୀଚିତ୍ରକୁ ତିଆରି କରିବା କଷ୍ଟକର।

ମନ୍ଦିର ପାଦଦେଶରେ ହୋଇଥିବା ଅତି ସୂକ୍ଷ୍ମ ପୌରାଣିକ, ସାମାଜିକ, ସାମରିକ, ପାରିବାରିକ ଓ ସାଂସ୍କୃତିକ ବିଷୟବସ୍ତୁଗୁଡ଼ିକ ଦୁଇ ଇଞ୍ଚରୁ ଛ' ଇଞ୍ଚ ଉଚ୍ଚତା ଭିତରେ ଅତି ନିଖୁଣ ଭାବରେ ପଥର କାନ୍ଥରେ ଖୋଦେଇ କରାଯାଇଛି। ଅଦ୍ଭୁତ ଓ ଅନନ୍ୟ ଏହି ଉତ୍କଳୀୟ ଶିଳ୍ପୀ ପରମ୍ପରା। ମନ୍ଦିର ପାଦଦେଶରେ ହୋଇଥିବା ଅତି ଛୋଟ ଛୋଟ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତିଗୁଡ଼ିକର ଆକାର ମନ୍ଦିରର ଉପରକୁ ଉପରକୁ ଆକାରରେ ବଡ଼ ହେଉଥିବାର ଦେଖିବାକୁ ମିଳୁଛି। ଦେବ, ଦେବୀ, ମନୁଷ୍ୟ, ସାମାଜିକ, ସାଂସ୍କୃତିକ, ସମର ଅଭିଯାନ, ରାଜକାର୍ଯ୍ୟ, ପୂଜା ପଦ୍ଧତି, ରୀତି, ନୀତି, ପୁଷ୍ପ, ଲତା, ଗଛ, ପଶୁ, ପକ୍ଷୀ, ବିଭିନ୍ନ ପ୍ରକାରର ବସ୍ତ୍ର, ଅଳଙ୍କାର ଓ ଉପାସନା ପଦ୍ଧତି ଇତ୍ୟାଦି ସତେ ଯେପରି ଜୀବିତ ଅଛନ୍ତି। ପୁରୀ ଜଗନ୍ନାଥ ମନ୍ଦିର କେବଳ ଜଗନ୍ନାଥ କିମ୍ବା କଲ୍କି ଅବତାରଙ୍କ ଆବାସ ସ୍ଥଳୀ ନୁହେଁ। ଏହା ପ୍ରାଚୀନ ଉତ୍କଳୀୟମାନଙ୍କର ଉନ୍ନତ ସାମାଜିକ, ସାଂସ୍କୃତିକ, ସାମରିକ, ଅର୍ଥନୈତିକ ଓ ପାରିବାରିକ ଜୀବନର ଏକ ପ୍ରତିବିମ୍ବ। ଦୁଃଖର କଥା, ଏହି ବିଶ୍ୱପ୍ରସିଦ୍ଧ କାରୁକାର୍ଯ୍ୟ ଆଉ ସୁରକ୍ଷିତ ଲାଗୁନାହିଁ। ଅନେକ ଜାଗାରେ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର କାନ୍ଥଗୁଡିକ ସିମେଣ୍ଟ ପଲସ୍ତରା ହେଲା ଭଳି ଦେଖାଯାଉଛି। ମହାଲକ୍ଷ୍ମୀ ମନ୍ଦିର କାନ୍ଥରେ ଲଗାଯାଇଥିବା କେତୋଟି ନିମ୍ନମାନର ନୂତନ ମୂର୍ତ୍ତି ମନ୍ଦିରର ଶୋଭାକୁ ନଷ୍ଟ କରିଦେଲା ଭଳି ଲାଗେ। ଓଡ଼ିଶା ସରକାର ତୁରନ୍ତ ଅଭିଜ୍ଞ ପ୍ରତ୍ନତତ୍ତ୍ୱବିତ୍ ଓ ଗବେଷକଙ୍କ ଦ୍ୱାରା ଏହାର ସମ୍ପୂର୍ଣ୍ଣ ଯାଞ୍ଚ କରିବା ଦରକାର। କୌଣସି ବିଶେଷ କାରଣରୁ



ମନ୍ଦିର ବାହାରକୁ ସ୍ଥାନାନ୍ତରିତ ହୋଇଥିବା ମୂର୍ତ୍ତି କିମ୍ବା କାରୁକାର୍ଯ୍ୟପୂର୍ଣ୍ଣ ପ୍ୟାନେଲଗୁଡ଼ିକ ତୁରନ୍ତ ପୁନଃ ସ୍ଥାପନ କରାଯିବା ଦରକାର। ପୁରୀ ଜଗନ୍ନାଥ ମନ୍ଦିରର ପ୍ରକୃତ ରକ୍ଷକ ହେଲେ ଜଗନ୍ନାଥଙ୍କ ସେବକମାନେ। ଆଜି ମଧ୍ୟ ଜଗନ୍ନାଥ ମନ୍ଦିରରେ ଅନେକ ବରିଷ୍ଠ, ନିଷ୍ଠାପର ଓ ସଚ୍ଚୋଟ ସେବକ ଶ୍ରୀମନ୍ଦିରର ପ୍ରତିଷ୍ଠା ଓ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିଛନ୍ତି। ଯୁବପିଢ଼ି ଏହି ବରିଷ୍ଠ ଓ ନିଷ୍ଠାପର ସେବକମାନଙ୍କ ମାର୍ଗ ଦର୍ଶନରେ ପରିଚାଳିତ ହେଲେ ପୁରୀର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ପରିବେଶରେ ଅନେକ ସୁଧାର ହେବ। ଏହା ପୁରୀର ସ୍ଥାୟୀ ବାସିନ୍ଦାଙ୍କ ପାଇଁ ଅନେକ ରୋଜଗାର ସୃଷ୍ଟି କରିବ। ସ୍ଥାୟୀ ବାସିନ୍ଦାମାନେ ପୁରୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାରେ ଓ ଜଗନ୍ନାଥଙ୍କ ସୁରକ୍ଷା ପାଇଁ ଯୁଗ ଯୁଗ ଧରି ଅନେକ ବଳିଦାନ ଦେଇଆସିଛନ୍ତି। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ପୁରୀରେ ଥିବା ଜାଗା ଘର, ଓଡ଼ିଶୀ ଚିତ୍ର ଓ ନୃତ୍ୟ ପରମ୍ପରା, ପଥର କାମ, ଖଡ଼ିପଥର କାମ ଓ ସୋଲ କାମ ପରମ୍ପରା ଇତ୍ୟାଦି ସକ୍ରିୟ ହେବା ଦରକାର।

ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର ପରି ଜଗନ୍ନାଥ ମନ୍ଦିରରେ ଭି.ଆଇ.ପି. ସଂସ୍କୃତି ନ ଥିଲା। ଏହି ବିଶେଷ ଭି.ଆଇ.ପି. ସୁବିଧାର ଫାଇଦା ଅନେକ ଅଣ-ଭି.ଆଇ.ପି. ମଧ୍ୟ ଉଠାଉଛନ୍ତି। ସରକାର ଓ ମନ୍ଦିର କର୍ତ୍ତୃପକ୍ଷ ଏହି ସୁବିଧାକୁ ତୁରନ୍ତ ରଦ୍ଦ କରିଦେବା ଉଚିତ। କାରଣ ଏହି ଭି.ଆଇ.ପି. ସୁବିଧା ଯୁଗ ଯୁଗରୁ ଗଢ଼ି ଆସୁଥିବା ଜଗନ୍ନାଥ ସଂସ୍କୃତିର ସମାନତା, ଭାବ ଓ ଭକ୍ତି ପରିବେଶକୁ ନଷ୍ଟ କରିଦେଲା ଭଳି ଲାଗେ। ପ୍ରକୃତ ଭକ୍ତି ଥିଲେ ଭି.ଆଇ.ପି. ଭକ୍ତ ପ୍ରାତଃ କାଳ କିମ୍ବା ରାତି ୯ଟା ପରେ ଜଗନ୍ନାଥଙ୍କୁ ଦର୍ଶନ କରିପାରିବେ। ତୀର୍ଥକ୍ଷେତ୍ର ପୁରୀକୁ ବ୍ୟବସାୟୀକରଣ କରା ନ ଯାଇ ଏହି ସହରର ଆର୍ଥିକ ଗତିବିଧିକୁ ସୁରକ୍ଷିତ ରଖାଯାଇପାରିବ। କାରଣ ଅତ୍ୟଧିକ ବ୍ୟବସାୟୀକରଣ ଅନେକ ସୂକ୍ଷ୍ମ ଆର୍ଥିକ ଗତିବିଧିକୁ ନଷ୍ଟ କରିଦେଇଥାଏ। ଏହା ଲୋଭରେ ପଡ଼ି ସୁନାଅଣ୍ଡା ଦେଉଥିବା କୁକୁଡ଼ାକୁ ମାରିଦେଲା ପରି ହୋଇଥାଏ।

ପୁରୀରେ ତିଆରି ହେଉଥିବା ବିଭିନ୍ନ କିସମ ମିଠାଗୁଡ଼ିକର ଗୁଣବତ୍ତା, ସହରର ସ୍ୱଚ୍ଛତା, ଆଧ୍ୟାତ୍ମିକ ପରିବେଶ, ହସ୍ତଶିଳ୍ପ ପରମ୍ପରା ଓ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ସ୍ଥାନୀୟ ଲୋକଙ୍କ ପାଇଁ ଅନେକ ରୋଜଗାର ସୃଷ୍ଟି କରିବ। କେତେଜଣ ଏଜେଣ୍ଟ ଯାତ୍ରୀମାନଙ୍କୁ ମନ୍ଦିର ଭିତରେ ପ୍ରବେଶ କରାଉଥିବାର ଦେଖିବାକୁ ମିଳୁଛି। ମନ୍ଦିର ଦ୍ୱାରଗୁଡ଼ିକରେ ଉତ୍ତମ ପୋଲିସ କର୍ମଚାରୀ ମୁତୟନ କରାଗଲେ ଏହି ପ୍ରକ୍ରିୟା ବନ୍ଦ ହୋଇପାରିବ। ମନ୍ଦିର ପ୍ରଶାସନ ପୁରୀର ସ୍ଥାନୀୟ ଲୋକଙ୍କୁ ପ୍ରବେଶ ପାସ ବିତରଣ କଲେ ସେମାନେ ଏକ ନିର୍ଦ୍ଦିଷ୍ଟ ସମୟରେ ଉତ୍ତର, ଦକ୍ଷିଣ କିମ୍ବା ପଶ୍ଚିମ ଦ୍ୱାର ବାଟେ ଯାଇ ଜଗନ୍ନାଥ ଦର୍ଶନ କରିପାରିବେ। ପର୍ବପର୍ବାଣି ଦିନଗୁଡ଼ିକରେ ମନ୍ଦିରରେ ଧାଡ଼ି ଦର୍ଶନର ବ୍ୟବସ୍ଥା କରାଯାଇ ପାରିବ। ମନ୍ଦିର ଭିତରେ ଓ ବାହାରେ ଯେପରି କୌଣସି ଶ୍ରଦ୍ଧାଳୁ ଦୁର୍ବ୍ୟବହାରର ଶିକାର ନ ହୁଅନ୍ତି, ସେଥିପାଇଁ ପ୍ରଶାସନ କଡ଼ା ନଜର ରଖିବା ଉଚିତ। ପ୍ରଭୁ ଜଗନ୍ନାଥ ଓ ଶ୍ରୀମନ୍ଦିରର ପ୍ରତିଷ୍ଠା ଓଡ଼ିଶା ତଥା ଓଡ଼ିଶା ବାହାରେ ଯେପରି ଅକ୍ଷୁଣ୍ଣ ରହେ, ସେଥିପାଇଁ ସମସ୍ତ ପଦକ୍ଷେପ ନେବା ଉଚିତ। ଜଗନ୍ନାଥଙ୍କ ବରିଷ୍ଠ ସେବକମାନେ, ମନ୍ଦିର ପ୍ରଶାସନ, ପୁରୀର ସ୍ଥାୟୀ ବାସିନ୍ଦା, ବୁଦ୍ଧିଜୀବୀ, ସରକାର, ସାହି ମୁରବି ଓ ଧାର୍ମିକ ସଂସ୍ଥାମାନେ ଏକଜୁଟ ହୋଇ ଜଗନ୍ନାଥ ସଂସ୍କୃତିର ସୁରକ୍ଷା କରିବା ନିହାତି ଦରକାର। କାରଣ ଏହି ସଂସ୍କୃତିର ଅବକ୍ଷୟ ହେଲେ ଏହା କେବଳ ପୁରୀ ନୁହେଁ, ସାରା ଓଡ଼ିଶାକୁ ପ୍ରାଣଶୂନ୍ୟ କରିଦେବ।

**ମୋ:୭୭୦୨୩୮୩୮୦**

## ଏଇ ଭାରତରେ

ଝିଅମାନଙ୍କୁ ରାସ୍ତାରେ ବୁଲେଟ୍ ଚଲାଇବାର ପ୍ରାୟତଃ କେହି ଦେଖି ନ ଥିବେ। ହେଲେ ମଧ୍ୟପ୍ରଦେଶର ଜବଲପୁରରେ ଏମିତି କିଛି ଦେଖିବା ନୂଆ କଥା ନୁହେଁ। ଝିଅମାନେ ବି ଏଠି ବୁଲେଟ୍ ଓ ବାଇକ୍ ଚଢ଼ି ଯିବାଆସିବାର ଅଭ୍ୟାସ ଚଳାଇଛନ୍ତି। ତେବେ ଯୁବତୀମାନଙ୍କୁ ଏହି ତାଲିମ ଦେଉଛନ୍ତି ସହରର ଦୁଇ ଯୁବତୀ ଶ୍ୱେତା ଦୁବେ ଓ ନୁପୂର ପଟେଲ। ଏହି ଦୁଇଜଣ ହେଉଛନ୍ତି ଦୁଇ ଘନିଷ୍ଠ ବାନ୍ଧବୀ। ଉଭୟ ମାଗଣାରେ ସହରର ସମସ୍ତ ମହିଳାଙ୍କୁ ବାଇକ୍ ଚଲାଇବା ତାଲିମ ଦେଉଛନ୍ତି। ସେମାନଙ୍କର ଏଭଳି କରିବା ପଛରେ ଏକମାତ୍ର ଉଦ୍ଦେଶ୍ୟ ହେଉଛି ମହିଳାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଓ ସେମାନଙ୍କୁ ସଶକ୍ତ କରିବା। କାରଣ ମହିଳାମାନେ ପ୍ରାୟତଃ ସ୍କୁଟି ଭଳି ଗିୟର ନ ଥିବା ଗାଡ଼ି ଚଲାଇଥାନ୍ତି। ଏଥିପାଇଁ ସେମାନେ କାର୍ ଶିଖିବା ସମୟରେ ଅଧିକ ଭୟଭୀତ ହୋଇଥାନ୍ତି। ସେମାନଙ୍କର ଏହି ଅସୁବିଧା ଦୂର କରି ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଉଭୟ ଏଭଳି ଏକ କାମ ହାତକୁ ନେଇଛନ୍ତି। ପ୍ରଥମେ ସୋସିଆଲ ମିଡିଆରେ ଏନେଇ ସୂଚନା ଦେଇଥିଲେ। ତା'ପରେ ବହୁସଂଖ୍ୟାରେ ମହିଳା ବାଇକ୍ ଶିଖିବା ପାଇଁ ଆଗ୍ରହ ଦେଖାଇଥିଲେ। ଏବେ ସମସ୍ତଙ୍କୁ ମାଗଣାରେ ସେମାନେ ଏହି ତାଲିମ ଦେଉଛନ୍ତି। ଝିଅମାନେ ବି ପୁଅମାନଙ୍କ ଭଳି ସବୁ କରିବା ପାଇଁ ସକ୍ଷମ। ଏହି ନାରା ଦେଇ ସେମାନେ ସବୁ ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି କାମ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଜୁନ୍ ୧୯୭୬

- ମହାରାଷ୍ଟ୍ରର ବିଧାନ ପରିଷଦ ପାଇଁ ସ୍ୱାୟତ୍ତ ସଂସ୍ଥା ସମୂହର ନିର୍ବାଚନ ମଣ୍ଡଳୀରୁ ହୋଇଥିବା ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ।
- ଭାରତରେ ୩୨ ଲକ୍ଷ କୁଷ୍ଠରୋଗୀ ଥିବା ନେଇ ଜେନେଭାଠାରେ ଅନୁଷ୍ଠିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ନିୟନ୍ତ୍ରଣ ମନ୍ତ୍ରୀ କରଣ ସିଂ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ହେ ପୁରାଣ ପୁଣ୍ୟ ପାନ୍ଥ, ଦୀର୍ଘ ଯେଉଁ
ପଥ ଅତିକ୍ରମି
ଉଭା ହେଲ ଜୀବନର ଏକ ପ୍ରାନ୍ତେ
ଶ୍ରାନ୍ତ ପଦେ ଭ୍ରମି ?
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବାଂଲାଦେଶ ସହ ସମ୍ପର୍କ ଛିନ୍ନ ହେଉ

ମହାଶୟ,

ଭାରତ-ପାକିସ୍ତାନ ମଧ୍ୟରେ ଉପୁଜିଥିବା ଉତ୍ତେଜନା ପରିପ୍ରେକ୍ଷୀରେ ବାଂଲାଦେଶର ପରୋକ୍ଷ ଶତ୍ରୁତା ଦେଖାଦେଇଛି, ଯାହା ପାକିସ୍ତାନକୁ ଅଧିକ ସହାୟତା କରିବ। ଏଥିପାଇଁ ଦେଶରୁ ବେଆଇନ ଭାବେ ପ୍ରବେଶ କରିଥିବା ବାଂଲାଦେଶୀ ନାଗରିକଙ୍କୁ ରଖା ନ ଯାଉ। ବାରମ୍ବାର ପାକିସ୍ତାନର ବର୍ବରକାଣ୍ଡ ସୀମା ଉଲ୍ଲଂଘନ କରୁଛି। ଏପରିକି ନିର୍ଦ୍ଦୋଷ ତୀର୍ଥଯାତ୍ରୀଙ୍କୁ ନିର୍ମମ ହତ୍ୟା ଅତ୍ୟନ୍ତ ହୃଦୟବିଦାରକ। ତା'ଛଡ଼ା ଯୁଦ୍ଧବିରତି ପରେ ବି ଭାରତ ଉପରେ ଆକ୍ରମଣ କରିବାକୁ ପଛାଉନାହିଁ।

**-ରମେଶଚନ୍ଦ୍ର ବେହେରା, ଆୟଓପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବଜ୍ରପାତରେ ମହିଳା ମୃତ

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ଗ୍ରାମରେ ରବିବାର ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଗ୍ରାମର ଦିଲୀପ ନାଏକଙ୍କ ସ୍ତ୍ରୀ ଶୈଳେନ୍ଦ୍ରୀ(୫୪)। ସେ ହରିଚନ୍ଦନପୁର ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ଡେଭଲପମେଣ୍ଟ ସର୍ଭିସ (ଆଇସିଡିଏସ୍) ଅଫିସରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଶୈଳେନ୍ଦ୍ରୀ ରବିବାର ଅପରାହ୍ନରେ ଘର ବାରିକୁ କୌଣସି କାମରେ ଯାଇଥିଲେ। ସେ ସମୟରେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ପରିବାର ଲୋକେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦୁର୍ଘଟଣାରେ ହେମାନନ୍ଦଙ୍କ ସ୍ତ୍ରୀ, ଝିଅ, ନାତୁଣୀ ଗୁରୁତର

ବଇଣ୍ଡା,୧୫।୬(ପରିକ୍ଷିତ ସାହୁ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ହଣ୍ଡପା ଥାନା ହଣ୍ଡପା ବଜାର୍ ନିକଟରେ ରବିବାର ଏକ ଇନୋଭା କାର୍ ପଛରେ ଏକ କାର୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ କାର୍‌ରେ ବସିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସ୍ତ୍ରୀ ଉର୍ମିଳା ବିଶ୍ୱାଳ (୭୮), ତାଙ୍କ ଝିଅ ଅମିତା ବିଶ୍ୱାଳ (୩୮) ଏବଂ ନାତୁଣୀ ଅନବିକା ଧାମେ(୧୧)ଙ୍କ ସହ ଗାଡି ଚାଳକ ସଞ୍ଜୟ ବେଉରା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ହଣ୍ଡପା ଆଇଆଇସି ନମିତା ନାୟକ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଘଟଣାରୁ ଜଣାପଡିଛି, ସମ୍ବଲପୁରରୁ ଭୁବନେଶ୍ୱର ଅଭିମୁଖେ ପୂର୍ବତନ ବିଧାୟକ ଅମର ଶତପଥୀ ଓ ପ୍ରଭାତ ତ୍ରିପାଠୀ ଏକ ଇନୋଭା ନମ୍ବର (ଓଡି ୦୫ବିଜେଡ-୪୦୪୦) ଯୋଗେ ଯାଉଥିବା ବେଳେ ପଛରେ ଏକ କାର୍ ନମ୍ବର (ଓଡି ୨୩ଏନ୍- ୫୨୨୫) ଯୋଗେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରିବାର ଲୋକେ ଭୁବନେଶ୍ୱର ଯାଉଥିଲେ। ହେଲେ ହଣ୍ଡପା ବଜାର ନିକଟରେ ଭାରସାମ୍ୟ ହରାଇ କାର୍‌ଟି ପଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୨ ପୂର୍ବତନ ବିଧାୟକଙ୍କ କୌଣସି କ୍ଷତି ହୋଇ ନ ଥିବା ହଣ୍ଡପା ପୋଲିସ ସୂଚନା ଦେଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।


ଦୁର୍ଘଟଣାଗ୍ରସ୍ତ ୨ କାର୍।

# ଆଜିଠୁ ମୌସୁମୀ ସକ୍ରିୟ ହେବ, ୨୦ ଯାଏ ବର୍ଷିବ

ଭୁବନେଶ୍ୱର,୧୫।୬ (ଅନୁରାଧା ମହାରଣା)

ଚଳିତବର୍ଷ ରାଜ୍ୟକୁ ପ୍ରାୟ ୧୫ଦିନ ଆଗୁଆ ପ୍ରବେଶ କରିଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗତ ୧୭ଦିନ ଧରି ନିଷ୍କ୍ରିୟ ହୋଇପଡ଼ିଥିଲା। ସୋମବାର ସନ୍ଧ୍ୟା ସୁଦ୍ଧା ମୌସୁମୀ ପୁଣି ସକ୍ରିୟ ହେବ ବୋଲି ଆକଳନ କରାଯାଇଛି। ତେବେ ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ଥିବାରୁ ଏହା ପ୍ରଭାବରେ ରାଜ୍ୟର ଆହୁରି କିଛି ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି। ଫଳରେ ୫ଦିନ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଝଟ୍‌କା ପବନ ସହ ପ୍ରବଳ ବର୍ଷା ହେବାକୁ ଥିବାରୁ କିଛି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ଗଜପତି, ରାୟଗଡ଼ା, କୋରାପୁଟ, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନବରଙ୍ଗପୁର, ମୟୂରଭଞ୍ଜ ଓ ଜଗତ୍‌ସିଂହପୁର ରହିଛି। ବଜ୍ରପାତ ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ନୟାଗଡ଼, କେନ୍ଦୁଝର ଓ ମାଲକାନଗିରି ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ବେଳକୁ ରାଜ୍ୟରେ ବର୍ଷା ବିସ୍ତୃତି ବଢ଼ିବା ସମ୍ଭାବନା ରହିଛି। ଏଥିପାଇଁ ପୃଥକ ଜିଲାକୁ ଅରେଞ୍ଜ ୱାର୍ନିଂ ଓ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୦ ତାରିଖ ଯାଏ ରାଜ୍ୟରେ ବର୍ଷା ଜାରି ରହିବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ପରିକ୍ରମା

ଡୁଙ୍ଗୁରିପାଲି,୧୫।୬(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସହରାଞ୍ଚଳରେ ରବିବାର ବୁଲିଲା ବିଶ୍ୱ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ। ଜିଲା ଶ୍ରମ କାର୍ଯ୍ୟାଳୟ, ଜିଲା ପ୍ରଶାସନ ଏବଂ ଶ୍ରମ ଆଯୁକ୍ତଙ୍କ ଆନୁକୂଲ୍ୟରେ ଏହି ରଥ ୨୬ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକ ସଦର ମହକୁମା ପରିକ୍ରମା କରିବ। ଏହି ସମୟରେ ବିଭିନ୍ନ ସ୍ଥାନରେ ଶିଶୁମାନଙ୍କୁ ଶ୍ରମିକଭାବେ ନିୟୋଜିତ କରାଯାଇଥିଲେ ସେମାନଙ୍କୁ ଉଦ୍ଧାର କରିବା ବ୍ୟବସ୍ଥା ରହିଛି। ଶିଶୁ ଶ୍ରମିକ ନିରାକରଣ ନେଇ ପଦଯାତ୍ରା ମାଧ୍ୟମରେ ସଚେତନତା କରାଯିବ। ଜିଲା ସ୍ତରୀୟ ବିଭିନ୍ନ ବିଭାଗକୁ ନେଇ ଶିଶୁ ଶ୍ରମିକ ନିରାକରଣ ସଚେତନତା ପାଇଁ ଏକ ବୈଠକ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି ବୋଲି ଜିଲା ପ୍ରଭାଗୀୟ ଶ୍ରମ ଆଯୁକ୍ତ ତଥା ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଡୁଲେଶର ଖା ଖା କହିଛନ୍ତି। ଗତ ୧୨ ତାରିଖ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଅବସରରେ ଜିଲାରେ ଏହି ରଥକୁ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଓ ଜିଲାପାଳ ଅନ୍ୟ ଦାସ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।

# ବିଦ୍ୟୁତ୍‌ଘାତରେ ରାଜମିସ୍ତ୍ରୀଙ୍କ ମୃତ୍ୟୁ

ବୀରମହାରାଜପୁର, ୧୫।୬(ଯୁଗଳ କିଶୋର ମିଶ୍ର)

### ୨ପୁଅ ଦାଦନ ଖଟି ଯାଇଥିବାରୁ ହୋଇନାହିଁ ଶବ ସତ୍କାର

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହିଲୁଙ୍ଗ ପଞ୍ଚାୟତ ଲାତୁରପେଟ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କିରୀଟ କୁମ୍ଭାର(୫୫)। ଶନିବାର ରାତିରେ ଘର ଅଗଣାରେ ଏକ ଟେବୁଲ ପଙ୍ଖା ଲଗାଇ ସେ ଶୋଇଥିଲେ। ରାତି ପ୍ରାୟ ୧ଟା ବେଳେ ପାଣି ପିଇବାକୁ ସେ ଉଠିଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ କରି ବୀରମହାରାଜପୁର ଡାକ୍ତରଖାନା ସବ ସଂରକ୍ଷଣ ଗୃହରେ ରଖାଯାଇଛି। ଏ ନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୫) ରୁଜୁ ହୋଇଛି। କିରୀଟ ଅଞ୍ଚଳରେ ଜଣେ ରାଜମିସ୍ତ୍ରୀ ଭାବରେ ବେଶ ପରିଚିତ ଥିଲେ। ତାଙ୍କର ଦୁଇ ପୁଅ କାମପାଳ ଓ ରିସପାଳ ଦାଦନ ଖଟିବାକୁ ତାମିଲନାଡ଼ୁ ଯାଇଛନ୍ତି। ସୋମବାର ସେମାନେ ଏଠାରେ ପହଞ୍ଚିଲା ପରେ ଅନ୍ତିମ ସତ୍କାର ହେବ ବୋଲି ଜଣାପଡିଛି।

# ସୁବର୍ଣ୍ଣପୁର ପୋଲିସ ବିଭାଗରେ ଅଦଳବଦଳ

ସୋନପୁର,୧୫।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପୋଲିସ ବିଭାଗରେ ବଡ଼ ଧରଣର ଅଦଳବଦଳ ହୋଇଛି। ଏସ୍‌ପି ନାରାୟଣ ନାୟକ ପୋଲିସ ଏସ୍ଆଇ, ଏଏସ୍ଆଇ, ହାବିଲଦାର ଓ କନଷ୍ଟେବଲ ସ୍ତରରେ ବଦଳି କରିଛନ୍ତି। ଆଇନଶୃଙ୍ଖଳା ଓ ପ୍ରାଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୪୦ ଜଣ ଏସଆଇ, ଏଏସ୍ଆଇ ଏବଂ ଶତାଧିକ ହାବିଲଦାର, କନଷ୍ଟେବଲଙ୍କ ବଦଳି ହୋଇଛି। ଅଧିକାରୀମାନେ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ଥିବାରୁ ସେମାନଙ୍କୁ ବଦଳି କରଯାଇଛି।
















**ଫଳକ ଭଙ୍ଗାକୁ ନେଇ ଥାନାରେ ଅଭିଯୋଗ**

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ଦେଓଗାଁ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତର କୁମୁରିଆଠାରେ ଏକ ଫଳକକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ଦେଓଗାଁ ବ୍ଲକ କଂଗ୍ରେସ କମିଟି ତରଫରୁ ଫଳକ ଭାଙ୍ଗି ଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାୟିତ୍ୱରେ ଥିବା ଥାନାଧିକାରୀ ଦିପକ ଡୁମଡୁମଙ୍କୁ ଦାବିପତ୍ର ଦିଆଯାଇଛି । ଅଭିଯୁକ୍ତଙ୍କୁ ୭ ଦିନ ଭିତରେ ଚିହ୍ନଟ କରି ଗିରଫ ନ କଲେ ଆନ୍ଦୋଳନ କରିବୁ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି ।

# କୃଷି ବିଶ୍ୱବିଦ୍ୟାଳୟ, ଜଳସେଚନ ସୁବିଧା କର

■୧୭ରେ ବଲାଙ୍ଗୀର ଆସିବେ ମୁଖ୍ୟମନ୍ତ୍ରୀ

■ବଲାଙ୍ଗୀର ଉନ୍ନୟନ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ

ବଲାଙ୍ଗୀର,୧୫।୬(ବୀରେନ୍ଦ୍ର କୁମାର ଝାଙ୍କର)

ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ବଲାଙ୍ଗୀର ଉନ୍ନୟନ ପରିଷଦ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ରବିବାର ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ପରିଷଦ ସଭାପତି ଲକ୍ଷ୍ମଣ କୁମାର ମେହେର, ସମ୍ପାଦକ ଯତି ପଧାନ ଓ କୋଷାଧ୍ୟକ୍ଷ ଗୁଣସାଗର ମାଝି ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ପରିଷଦ ପକ୍ଷରୁ ଜିଲାର କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଧ୍ୟାନ ଦେବାକୁ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ଦାବି ଉପରେ ସୂଚନା ଦିଆଯାଇଥିଲା। ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଓ ଦେଓଗାଁ ଚିନିକଲ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଥିଲା। ଏହାସହିତ ଜିଲାରେ ଜଳସେଚନ ବୃଦ୍ଧି ପାଇଁ ବିଭିନ୍ନ ନଦୀରେ ଜଳପ୍ରକଳ୍ପ ତିଆରି କରିବାକୁ ଦାବି କରାଯାଇଥିଲା। ଜିଲାର ଲୋୟର ସୁକତେଲ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରି ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇବା, ପ୍ରସ୍ତାବିତ ଅପରଲାନ୍ଥ ଜଳସେଚନ ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ କରିବା, ଜିଲାର ଭୂତଳ ଜଳ ପ୍ରକଳ୍ପ ଛତାମଖନା ଆଇଏସଏସ, ରାହୁଲ ନଦୀରେ ଗୁଡ଼ଭେଲା ଠାରେ ପ୍ରକଳ୍ପ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦାବି କରାଯାଇଛି। ଏହାସହିତ ତେଲନଦୀରେ ପ୍ରସ୍ତାବିତ କୁକେଡମାଲ ଆଇଏସଏସ, ଉନ୍ଦେର ନଦୀର କୁରସୁଡ ଆଇଏସଏସ, ପଥର୍ଲା ଆଇଏସଏସ, ଲାନ୍ଥନଦୀରେ ତୁଷ୍ଟାପାଲି ଆଇଏସଏସ ପାଇଁ ଟେଣ୍ଡର ହୋଇଥିଲା। କିନ୍ତୁ ସରକାର ବଦଳିଲା ପରେ ପ୍ରଶାସନିକ ତ୍ରୁଟି ଦର୍ଶାଇ ସେହି ଟେଣ୍ଡରଗୁଡ଼ିକୁ ବାତିଲ କରି ଦିଆଯାଇଛି। ଦେଓଗାଁର ସୋନଗଡ ନଦୀର ସିକୁଆଁ ଠାରେ ଓ ଅଙ୍ଗନଦୀର ଆଗଲପୁର ବ୍ଲକର କୁଟାସିଂହା ଠାରେ ପ୍ରସ୍ତାବିତ ଆଇଏସଏସକୁ ଶୀଘ୍ର ଆରମ୍ଭ କରାଇବାକୁ ଦାବି କରିଥିଲେ। ଉପରୋକ୍ତ ଜଳ ପ୍ରକଳ୍ପ ନିର୍ମାଣ ହେଲେ ଜିଲାର ଚାଷୀମାନେ ଉପକୃତ ହେବେ। ଆଗଲପୁର ବ୍ଲକର ଗାଇଖାଇ ପ୍ରକଳ୍ପ, ଖପ୍ରାଖୋଲର ଅପର ସୁକତେଲ ପ୍ରକଳ୍ପ ଓ ଟିଟିଲାଗଡର ମାଥନପଲା ପ୍ରକଳ୍ପର ଉନ୍ନତିକରଣ କରାଯାଇ ଜଳଧାରଣ କ୍ଷମତା ବଢାଇବାକୁ ଦାବି କରିଥିଲେ। ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ, ଜିଲାରେ ଟେକ୍ସଟାଇଲ ମିଲ ସ୍ଥାପନ, ଦାଦନ ସମସ୍ୟାର ସ୍ଥାୟୀ ସମାଧାନ, ଜଳ ଜୀବନ ମିଶନ ଯୋଜନାରେ ଚାଲିଥିବା ପ୍ରକଳ୍ପକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ଯୋଗାଇବା ଉପରେ ଦାବି କରିଥିଲେ। ଜିଲାର ପର୍ଯ୍ୟଟନସ୍ଥଳୀ ହରିଶଙ୍କର, ରାଣୀପୁର-ଝରିଆଲ, ଭୀମଡୁଙ୍ଗୁରୀ, ଚାନ୍ଦଲି, କୁମୁଡା ଓ ଗାଇଖାଇର ଉନ୍ନତିକରଣ କରିବାକୁ ଦାବି କରିଥିଲେ। ଉପରୋକ୍ତ ଦାବିଗୁଡିକ ପୂରଣ ଦିଗରେ ପଦକ୍ଷେପ ନେବାକୁ ପରିଷଦ ପକ୍ଷରୁ ମେହେର ଅନୁରୋଧ କରିଛନ୍ତି। ଦାବିପୂରଣ ନ ହେଲେ ଆଗାମୀ ଦିନରେ ଚାଷୀ, ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେ କହିଥିଲେ।



ଖବରଦାତା ସମ୍ମିଳନୀରେ ଲକ୍ଷ୍ମଣ କୁମାର ମେହେର ସୂଚନା ଦେଉଛନ୍ତି।

# ସାଲେପାଲିରେ ରଜ ପର୍ବ ପାଳିତ


ରଜ ପର୍ବ ପାଳନ ଅବସରରେ ଛାତ୍ରୀ ଓ ଅନ୍ୟମାନେ ।

ଦେଓଗାଁ,୧୫।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନଠାରେ ରଜ ଉତ୍ସବ ପାଳିତ ହୋଇଛି। ଅନୁଷ୍ଠାନର ସଂପାଦକ ଭୁବନେଶ୍ୱର ସାମଲ ରଜ ପର୍ବ ଉଦ୍ଦେଶ୍ୟରେ ଛାତ୍ରୀଙ୍କୁ ଅବଗତ କରିଥିଲେ। ପରେ ସଙ୍ଗୀତ ଶିକ୍ଷକ ଶିବ ପ୍ରସାଦ ସାହୁଙ୍କ ସଂଯୋଜନାରେ ଛାତ୍ରୀମାନଙ୍କ ଦ୍ୱାରା ରଜ ମଉଜ ଉପରେ ବିଭିନ୍ନ ପ୍ରକାରର ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆନନ୍ଦ ଷଡଙ୍ଗୀ, ଗତିକୃଷ୍ଣ ସାହୁ, ନିବେଦିତା ସାମଲ, ବୈଶାଖୁ ଭୋଇ, ଠାକୁର ଭୋଇ, ସାନନ୍ଦ ଭୋଇ, ରକି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବଗଡା, ସାରସବାହାଲ, ସିଙ୍ଗାମୁଣ୍ଡା, ମୁରସିଂହଠାରେ ରଜ ଉତ୍ସବ ପାଳିତ ହୋଇଯାଇଛି।

# ଆଦିବାସୀ ଭବନ ଉଦ୍‌ଘାଟିତ

ଟିଟିଲାଗଡ଼,୧୫।୬(ଶରତ ମିଶ୍ର)

ରବିବାର ଟିଟିଲାଗଡ଼ ବ୍ଲକ ଖୋଲାଣଠାରେ ଆଦିବାସୀ ଭବନ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଏହାକୁ ଉଦ୍‌ଘାଟନ କରିଥିଲେ । ବିଶି ପ୍ରଥମ ଥର ଖୋଲାଣ ଗସ୍ତ କରିଥିବା ବେଳେ ବରିଷ୍ଠ ବିଜେଡ଼ି ନେତା ତଥା ଖୋଲାଣ ସରପଞ୍ଚ ନରେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ଖୋଲାଣ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ସେଠାରେ ବାପୁଜୀ ଯୁବକ ସଂଘ ସଭାପତି ଆଇନଜୀବୀ ରୁପେଶ ରାଜୁ, ସମ୍ପାଦକ ବଟକୃଷ୍ଣ ଗୌଡ଼, ଉପସଭାପତି କ୍ଷମାନିଧି ଭୂୟାଁ, ଯୁଗ୍ମ ସମ୍ପାଦକ ସନ୍ୟାସୀ ନାଏକ, କୋଷାଧ୍ୟକ୍ଷ ମନୋଜ ଗୌଡ଼, ରୋହନ ଗୌଡ଼, ମନୋଜ ଗୌଡ଼, ପ୍ରଶାନ୍ତ ରାଉତ, ହିମାନ ଜେନା, ବିକାଶ ଜେନା, ଦୁଆରୁ ରଣା, ରତ୍ନାକର ଘିଭେଲା, ତ୍ରିଲୋଚନ ନାଗ, ଜନ୍ମେଜୟ ରଣା, ଜିତୁ ପାଣିଗ୍ରାହୀ, ଗଦାଧର ଜେନା ପ୍ରମୁଖଙ୍କ ଉପସ୍ଥିତିରେ ବିଶିଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପରେ ରାଜ୍ୟସଭା ସଦସ୍ୟ ବିଶି ଆଦିବାସୀଙ୍କ ପାରମ୍ପରିକ ଢକାବାଦ୍ୟ, ଅସ୍ତ୍ରଶସ୍ତ୍ର ଶୋଭାଯାତ୍ରାରେ ନୂତନ ଆଦିବାସୀ କମ୍ୟୁନିଟି ହଲରେ ପହଞ୍ଚି ଏହାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ହେମେନ୍ଦ୍ର ହାଁସଦା, ଜିଲା ସଂଗଠକ ଥବିର ପୂଝାରୀ, ବ୍ଲକ ସଂଘ ସଭାପତି ପଦ୍ମନ ପ୍ରଧାନୀ, ଦେବସିଂ ମାଝୀଙ୍କ ସମେତ ଆଦିବାସୀ ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ ।

## ଯୁବକଙ୍କୁ ହତ୍ୟା: ୨ ଗିରଫ

ଖପ୍ରାଖୋଲ,୧୫।୬(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ଅନ୍ତର୍ଗତ ଦେଦର୍ହ ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ଜଣକ ହେଲେ ଦେଦର୍ହ ଗାଁର ଅଜୟ ପଧାନ ଓରଫ ଅଜୁ(୨୩) । ଏହି ଘଟଣାରେ ପୋଲିସ ରବିବାର ଦେଦର୍ହ ଗାଁର ଧର୍ମୁ ମାଝୀ(୩୫) ଓ କରାଡୁ ମାଝି (୪୦)ଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ଦେଦର୍ହ ଗାଁ ଶିବମନ୍ଦିର ନିକଟ ବଡ଼ ବନ୍ଧ ପାଖରେ କୌଣସି କଥାକୁ ନେଇ ଅଜୁ ଓ ଅଭିଯୁକ୍ତଙ୍କ ମଧ୍ୟରେ ବଚସା ହୋଇ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା । ଅଭିଯୁକ୍ତମାନେ ଅଜୁଙ୍କୁ ଗୋଡାଇ ଗୋଡାଇ ପିଟିବା ସହ ଶେଷରେ ତଣ୍ଟି ଚିପି ଫେରାର ହୋଇ ଯାଇଥିଲେ । ଖବରପାଇ ପରିବାର ଲୋକେ ତାଙ୍କୁ ବନ୍ଧ ନିକଟରୁ ଉଦ୍ଧାର କରି ପାଟଣାଗଡ ଡାକ୍ତରଖାନା ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ମୃତକଙ୍କ କାକା ଭିକାରୀ ପଧାନ ତାଙ୍କ ପୁତୁରାକୁ ଗାଁର ଦୁଇ ଜଣ ଯୁବକ ତଣ୍ଟି ଚିପି ମାରିଦେଇଥିବା ନେଇ ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ ୧୩୧/୨୫) ରୁଜୁ କରି ଘଟଣାର ତଦନ୍ତ କରୁଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି। ମୋବାଇଲ ଚୋରି ନା କୌଣସି ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଛି ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।



ଦେଓଗାଁ ଚିନିକଲ ସଂଘର୍ଷ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ ।

# ତେଜିଲା ଚିନିକଲ କାର୍ଯ୍ୟକ୍ଷମ ଦାବି

ବଲାଙ୍ଗୀର,୧୫।୬(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୧୭ ତାରିଖରେ ବଲାଙ୍ଗୀର ଠାରେ ହେବାକୁ ଥିବା କୃଷକ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ରବିବାର ସ୍ଥାନୀୟ ଯାଦବ ଭବନଠାରେ ଦେଓଗାଁ ଚିନିକଲ ସଂଘର୍ଷ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି। ପ୍ରମୁଖ ଦାବି ଭାବେ ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ପଡିଥିବା ଦେଓଗାଁ ଚିନିକଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି। ସମିତି ସଦସ୍ୟମାନେ କହିଥିଲେ, ସରକାରୀ ଇଚ୍ଛାଶକ୍ତି ଅଭାବ ଯୋଗୁ ବଲାଙ୍ଗୀରର ଦେଓଗାଁ ଚିନିକଲ ବନ୍ଦ ଅବସ୍ଥାରେ ରହିଛି। ଦୀର୍ଘ ବର୍ଷ ଧରି ଚିନିକଲ ବନ୍ଦ ହୋଇଯିବାରୁ ଜିଲାରେ ଆଖୁଚାଷ ବହୁମାତ୍ରାରେ କମିଯାଇଛି। ଏହି ଚିନିକଲ ପୁନଃ କାର୍ଯ୍ୟକ୍ଷମ ହେଲେ ଜିଲାର ଚାଷୀମାନେ ପୁଣି ଥରେ ଆଖୁଚାଷ କରି ଲାଭବାନ ହୋଇପାରିବେ। ସମିତି ସଦସ୍ୟମାନେ କହିଥିଲେ, ଚିନିକଲ କାର୍ଯ୍ୟକ୍ଷମ କରିବାକୁ ସମିତି ପକ୍ଷରୁ ରାଜ୍ୟ ସରକାର, ଜିଲା ପ୍ରଶାସନକୁ ବାରମ୍ବାର ଦାବିପତ୍ର ଦିଆଯାଇଛି। ଅନେକ ସମୟରେ ଧାରଣା, ବିକ୍ଷୋଭ ଓ ଆନ୍ଦୋଳନ କରାଯାଇଛି। ଏହା କାର୍ଯ୍ୟକ୍ଷମ ହେଲେ ଜିଲାର ୨୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଓ ଲୋକ ଉପକୃତ ହେବେ। ନିଯୁକ୍ତି ବଢ଼ିବ। ଦାଦନ ଶ୍ରମିକ ସମସ୍ୟା କମିବ। ଏଣୁ ସରକାର ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନିଅନ୍ତୁ। ୧୭ ତାରିଖ ସମାବେଶରେ ମୁଖ୍ୟମନ୍ତ୍ରୀ ଚିନିକଲ ପୁନଃ କାର୍ଯ୍ୟକ୍ଷମ ସଂକ୍ରାନ୍ତରେ ଘୋଷଣା କରିବାକୁ ସେମାନେ ଦାବି କରିଛନ୍ତି। ଏବେ ଜିଲାରୁ ଜଣେ ଉପମୁଖ୍ୟମନ୍ତ୍ରୀ, ଜଣେ ସ୍ୱାସ୍ଥ୍ୟମନ୍ତ୍ରୀ ରହିଥିବାରୁ ସେମାନେ ଦେଓଗାଁ ଚିନିକଲ ଚାଲିବା ଦିଗରେ ଉଦ୍ୟମ କରିବେ ବୋଲି ଜିଲାବାସୀ ଆଶା ରଖିଥିବା ସମିତି ଆବାହକ ଆଶିଷ ପାଣ୍ଡେ, ସନ୍ଦୀପ ବାଗ, ଡ. ବିପିନ କୁଶଲିଆ, ରାଜେଶ ବଗର୍ତ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସତ୍ୟ ବନ୍‌ଛୋର, ସୂଚନା ଅଧିକାର କର୍ମୀ ନୀଳମଣି ଯୋଶୀ ଓ ଧନଞ୍ଜୟ କରଣ କହିଥିଲେ। ଚିନିକଲ ପୁନଃ କାର୍ଯ୍ୟକ୍ଷମ ଦାବି ପୂରଣ କରିବାରେ ସରକାର ଅବହେଳା କଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସେମାନେ ବାଧ୍ୟହେବ ବୋଲି କହିଥିଲେ। ଏହି ଅବସରରେ ଦେଓଗାଁ ଚିନିକଲ କର୍ମଚାରୀ ସଂଘର ପୂର୍ବତନ କର୍ମଚାରୀମାନେ ମଧ୍ୟ ଯୋଗଦାନ କରିଥିଲେ।

# ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଲକ୍ଷ୍ୟ ହେଉ

**ବିଶ୍ୱ ରକ୍ତଦାନ ଦିବସ ପାଳିତ**

କଣ୍ଟାବାଞ୍ଜି,୧୫।୬(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କନଫରେନ୍ସ ହଲରେ ବିଶ୍ୱ ରକ୍ତଦାନ ଦିବସ ଶନିବାର ଦିନ ପାଳିତ ହୋଇଯାଇଛି। ସ୍ଥାନୀୟ ବ୍ଲଡ ମ୍ୟାନେଜମେଣ୍ଟ କମିଟି ଦ୍ୱାରା ଏହା ଆୟୋଜନ କରାଯାଇଥିଲା । ଏହି ଦିବସ ପାଳନ ଅବସରରେ ଅତିଥିମାନଙ୍କ ଦ୍ୱାରା ପ୍ରଥମେ ଜେ.କେ.ଷ୍ଟେନୋଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇ ପରେ ସଭା ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡା. ରାକେଶ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି, ଏନ.ଏ.ସି. ନଗରପାଳ ବରିୟାମ ସିଂ ସାଲୁଜା, ପୋଲିସ ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ମାରୱାଡି ଯୁବା ମଞ୍ଚ ଶାଖା ସଭାପତି ନିଖିଲ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ରକ୍ତଦାନର ଉପକାରିତା ସମ୍ପର୍କରେ ନିଜର ମତ ରଖିଥିଲେ। ରକ୍ତଦାନ ହିଁ ମହାଦାନ। ଏଣୁ ରକ୍ତଦାନ କରି ନିଜେ ନିରୋଗୀ ହେବା ସହ ଅନ୍ୟର ଜୀବନ ବଞ୍ଚାଇବା ଲକ୍ଷ୍ୟ ହେଉ ବୋଲି କହିଥିଲେ । କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତ ଭଣ୍ଡାର ଦ୍ୱାରା ପଡୋଶୀ ନୂଆପଡା, କଳାହାଣ୍ଡି ଜିଲା ସହିତ ପାଟଣାଗଡ, ବେଲପଡା, ଖପ୍ରାଖୋଲ, ଲାଠୋର ଅଞ୍ଚଳର ରୋଗୀ ଉପକୃତ ହେଉଥିବା ମୁଖ୍ୟଅତିଥି ବାଗ କହିଥିଲେ । ଏହି ରକ୍ତ ଭଣ୍ଡାରରେ ରକ୍ତର ଅଭାବ ନ ରହିବା ପାଇଁ ପ୍ରତ୍ୟେକ ସପ୍ତାହ ଅନ୍ତରରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରକ୍ତଦାନ ଶିବିର ଆୟୋଜନ କରି ଆସୁଛି। ଏଣୁ ରକ୍ତଦାନ ଶିବିର ଆୟୋଜନ କରୁଥିବା ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କୁ ବିଶ୍ୱ ରକ୍ତଦାନ ଦିବସ ପାଳନ ଅବସରରେ ଅତିଥିମାନେ ମାନପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ମାରୱାଡି ଯୁବା ମଞ୍ଚ ଶାଖା ତରଫରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା।

## ବନ କର୍ମଚାରୀଙ୍କ କଳା ବ୍ୟାଜ୍ ପରିଧାନ

କଣ୍ଟାବାଞ୍ଜି,୧୫।୬(ଗୁରୁଦୟାଲ ହଂସ): ଓଡିଶା ଅଣଗେଜେଟେଡ ବନସେବା ସଂଘର ଆହ୍ୱାନକ୍ରମେ ସାରା ରାଜ୍ୟରେ ବନ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିବା ସହ ଆନ୍ଦୋଳନ ଚଳାଇଛନ୍ତି । ଏହି ପରିପ୍ରେକ୍ଷୀରେ ରବିବାର ଦିନ କଣ୍ଟାବାଞ୍ଜି ବନାଞ୍ଚଳ ଅଧୀନ ବନ କର୍ମଚାରୀମାନେ କଳା ବ୍ୟାଜ୍ ପରିଧାନ କରି ଏଥିରେ ସାମିଲ ହୋଇଛନ୍ତି । ଯଦି ୨୧ ତାରିଖ ଭିତରେ ୩ ଦଫା ଦାବି ପୂରଣ ନ ହୁଏ ତେବେ ରାଜ୍ୟରେ ବନ କର୍ମଚାରୀ ସମୂହ ଛୁଟି ନେଇ ନିଜ ନିଜ ସର୍କଲ ଅଫିସ ସମ୍ମୁଖରେ ୟୁନିଫର୍ମ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବେ ବୋଲି ଓଡିଶା ଅଣଗେଜେଟେଡ ବନସେବା ସଂଘ ତରଫରୁ ଚେତାବନୀ ଦିଆଯାଇଛି । ବଲାଙ୍ଗୀର ଜିଲା ଟେରିଟୋରିଆଲ ଅଣଗେଜେଟେଡ ବନସେବା ସଂଘ ସହ ସମ୍ପାଦକ ପ୍ରଦିପ ମାଝିଙ୍କ ନେତୃତ୍ୱରେ ବନପାଳ ନାପ ହରପାଲ, ସୁନିଲ ଛତ୍ରିଆ, ଗୋବର୍ଦ୍ଧନ ପଟେଲ,ସୁଶିଲ ପୁଟା, ବନରକ୍ଷୀ ପରମାନନ୍ଦ ମାଝି, ଏସ. ହେର୍ଣ୍ଣା, ସବ୍‌ନମ୍ ଫିରଦୋଶ ଓ ଜାହ୍ନବୀ ବେହେରା କଣ୍ଟାବାଞ୍ଜି ରେଞ୍ଜ ଅଫିସ ସମ୍ମୁଖରେ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି।

# ବିଧାୟକଙ୍କୁ ଦାବିପତ୍ର ପ୍ରଦାନ

**ଦ୍ୱିତୀୟ ଶ୍ମଶାନ ଘାଟ ନିର୍ମାଣ ଦାବି**

କଣ୍ଟାବାଞ୍ଜି,୧୫।୬(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରାଞ୍ଚଳରେ ଦ୍ୱିତୀୟ ଶଶ୍ମାନ ଘାଟ କରିବା ପାଇଁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହରର ୧୩, ୧୪, ୧୫ , ୧୬ ଓ ୧ ନମ୍ବର ୱାର୍ଡର ବାସିନ୍ଦା ବିଧାୟକଙ୍କୁ ତାଙ୍କ ଖୁଟୁଲୁମୁଣ୍ଡାସ୍ଥିତ ବାସଭବନରେ ଭେଟି ଏହି ଦାବିପତ୍ର ଦେଇଥିଲେ। ପ୍ରକାଶ ଯେ, ସହରର ଏକମାତ୍ର ଶଶ୍ମାନ ଘାଟ ଗୋରୁବଜାର ନିକଟରେ ରହିଛି। ଏହି ଶଶ୍ମାନ ଘାଟ ଉପରେ ସହରର ୧୧ରୁ ଊର୍ଦ୍ଧ୍ୱ ୱାର୍ଡର ଜନସାଧାରଣ ନିର୍ଭର କରନ୍ତି। କିନ୍ତୁ ଉପରୋକ୍ତ ୫ଟି ୱାର୍ଡ ଯଥା ଆଶ୍ରମପଡା, ସିଙ୍ଗାଲପଡା, ରେଲୱେ କଲୋନୀ, ଧୋବାପଡା, କୋଏଲାପଡା, ରେଲୱେ ଷ୍ଟେଶନପଡା, ତାଲିପଡା, ଝାଙ୍କରପଡା, ଆମ୍ବପଡା, ବିବେକାନନ୍ଦ ନଗର, ଦ୍ୱାରିକା ନଗର ଅଞ୍ଚଳର ଲୋକେ ସିମେଣ୍ଟ ଫ୍ୟାକ୍ଟ୍ରି ନିକଟରେ ଥିବା ଶଶ୍ମାନ ଘାଟରେ ଶବଦାହ କରୁଥିଲେ । ତେବେ ସେଠାରେ କେତେକ ସରକାରୀ କାର୍ଯ୍ୟାଳୟ ଏବଂ ନୂତନ ଓଏସଆରଟିସି ବସଷ୍ଟାଣ୍ଡ ନିର୍ମାଣ ହେବା ଦ୍ୱାରା ଏହିସବୁ ଅଞ୍ଚଳର ଜନସାଧାରଣ ସିମେଣ୍ଟ ଫ୍ୟାକ୍ଟ୍ରି ନିକଟରେ ଥିବା ଶ୍ମଶାନରେ ଶବଦାହ କରିପାରୁ ନାହାନ୍ତି । ଫଳରେ ଲୋକଙ୍କୁ ବଙ୍ଗୋମୁଣ୍ଡା ରାସ୍ତାରେ ଥିବା ୩ ରୁ ୪ କି.ମି. ଦୂର ଶଶ୍ମାନ ଘାଟକୁ ଶବଦାହ ପାଇଁ ଯିବାକୁ ପଡୁଛି। ଏଣୁ ସିମେଣ୍ଟ ଫ୍ୟାକ୍ଟ୍ରି ପଛପଟେ ଏକ ନୂତନ ଶବଦାହ କେନ୍ଦ୍ର ନିର୍ମାଣ ପାଇଁ ଏହି ଦାବିପତ୍ର ଦିଆଯାଇଛି। ନିକଟରେ କିଶୋର ପୁରୋହିତ, ସ୍ମରଣ କୁମାର ମହାନ୍ତି, ଗୁରୁଦୟାଲ ହଂସ ଓ କାଉନସିଲର ବିକାଶ ତରିଆଙ୍କ ନେତୃତ୍ୱରେ ଶତାଧିକ ୱାର୍ଡବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଛି। ବିଧାୟକ ବାଗ ଯଥାଶୀଘ୍ର ନୂତନ ଶବଦାହ ଘାଟ ପାଇଁ ଆବଶ୍ୟକ ଜମି ପ୍ରଦାନ ନିମନ୍ତେ କଣ୍ଟାବାଞ୍ଜି ତହସିଲଦାରଙ୍କୁ ଅନୁରୋଧ କରିଥିବା ଜଣାଯାଇଛି।


କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କଳାବ୍ୟାଜ୍ ପିନ୍ଧି ବନ କର୍ମଚାରୀଙ୍କ ପ୍ରତିବାଦ

ଲୋଇସିଂହା,୧୫।୬(ସୁଶାନ୍ତ ବାରିକ)

ରବିବାର ଓଡିଶା ଅଣଗେଜେଟେଡ୍ ବନ ସେବା ସଂଘର ଆହ୍ୱାନକ୍ରମେ ୩ ଦଫା ଦାବି ନେଇ ବଲାଙ୍ଗୀର ବନଖଣ୍ଡ ଅନ୍ତର୍ଗତ ଲୋଇସିଂହା ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ସଭ୍ୟ ତଥା ସ୍ଥାନୀୟ କାର୍ଯ୍ୟରତ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି । ଏହି ଆନ୍ଦୋଳନ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ସମୟରେ କର୍ମଚାରୀମାନେ ଅଭିଯୁକ୍ତମାନଙ୍କୁ ଗିରଫ କରିବେ ନାହିଁ । କୌଣସି କେସ କରିବେ ନାହିଁ। କିନ୍ତୁ କାର୍ଯ୍ୟ କରିବେ ବୋଲି ସୂଚନା ଦିଆଯାଇଛି ।

ଗତ ମାସ ୨୫ ତାରିଖରେ ଅନୁଗୋଳଠାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକ ନିଷ୍ପତ୍ତି ଅନୁଯାୟୀ ସଂଘ ଏହି ଆନ୍ଦୋଳନକୁ ଓହ୍ଲାଇଛି । ଦୀର୍ଘ ୧୫ ବର୍ଷ ହେଲା କାର୍ଯ୍ୟଶୈଳୀରେ ଉନ୍ନତି ଆଣିବା ପାଇଁ ସଂଘ ପକ୍ଷରୁ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ମଧ କୌଣସି ସୁଫଳ ମିଳିନାହିଁ । ସୁରକ୍ଷା, ବିଭାଗୀୟ ତ୍ରୁଟି ପାଇଁ କ୍ଷେତ୍ରକର୍ମଚାରୀ ମୃତ୍ୟୁ ମୁଖରେ ପଡୁଥିବାରୁ ବୈଠକରେ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାଛଡା ମେ ୨୪ରେ ଢେଙ୍କାନାଳ ଡିଭିଜନ ହିନ୍ଦୋଳ ରେଞ୍ଜର ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ହତ୍ୟା କରାଯିବ ଘଟଣା ନେଇ ସଂଘ ଉଦବେଗ ପ୍ରକାଶ କରିବା ସହ ଦୃଢ ନିନ୍ଦା କରାଯାଇଥିଲା । ପୋଲିସ ପକ୍ଷରୁ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଓ ଫାଷ୍ଟଟ୍ରାକ୍ କୋର୍ଟରେ ଏହାର ବିଚାର କରାଯାଇ ମୃତକଙ୍କ ପରିବାରକୁ ୧ କୋଟି ସହାୟତା ତଥା ଫରେଷ୍ଟ କମିଶନ ଗଠନ କରିବାକୁ ସଂଘ ଦାବି କରିଛି । କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି, ଭୌଗଳିକ ଅଞ୍ଚଳ ଓ ଜଙ୍ଗଲ ଘନତା ଅନୁସାରେ ରେଞ୍ଜ, ସେକ୍ସନ ଓ ବିଟକୁ ପୁର୍ନଗଠନ, ସ୍ୱେଶାଲ ଷ୍ଟ୍ରାଇକିଂ ଫୋର୍ସ(ଏସ୍‌ଏସଏଫ) ଆଦି ଦାବିରେ ଆନ୍ଦୋଳନ କରାଯାଉଛି । ସଂଘର ଜିଲା ସଭାପତି ତଥା ସ୍ଥାନୀୟ ଫରେଷ୍ଟର ବାବୁଲା ଦାଶଙ୍କ ନେତୃତ୍ୱରେ ଚୌଧୁରୀ ଦଳପତି, ବସନ୍ତ ମହାକୁର, ରାଜକୁମାର ଭୋଇ, ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ପଦ୍ମା ମୁଣ୍ଡା , ବିଜୟ ଲକ୍ଷ୍ମୀ ନାଏକ ପ୍ରମୁଖ ଅନ୍ଦୋଳନରେ ସାମିଲ ହୋଇଛନ୍ତି । ସେହିପରି ଜିଲାର ୧୧ଟି ରେଞ୍ଜରେ ଏଭଳି ଆନ୍ଦୋଳନ ଜାରି ରହିଛି । ଏହି ଆନ୍ଦୋଳନରେ ଜିଲାର ଗାର୍ଡ, ଫରେଷ୍ଟର ଓ ଡେପୁଟି ରେଞ୍ଜରଙ୍କୁ ମିଶାଇ ୨୫୦ କର୍ମଚାରୀ ସାମିଲ ହୋଇଥିବା ଜଣାଯାଇଛି । ଦାବି ପୂରଣ ନ ହେଲେ ଆସନ୍ତା ୨୨ ତାରିଖରୁ ସମୂହିକ ଛୁଟିରେ ଯିବେ ବୋଲି ଜିଲା ସଭାପତି ବାବୁଲା ଦାଶ ସୂଚନା ଦେଇଛନ୍ତି ।


ଲୋଇସିଂହା ରେଞ୍ଜ ଆଗରେ ବନ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନରେ ସାମିଲ ହୋଇଛନ୍ତି ।

## ବଜ୍ରପାତରେ ଜଣେ ମୃତ, ୨ ଆହତ

ପାଇକମାଳ,୧୫।୬(ବଡ ଶତପଥୀ)

ପାଇକମାଳ ବ୍ଲକ ଛିନ୍ଦେଇକେଲା ପଞ୍ଚାୟତ ବାରପଲିଆରେ ରବିବାର ବଜ୍ରପାତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବଳଦେବ ମାଝୀ(୪୩)। ଗୁରୁତରମାନେ ହେଲେ ଧନସିଂ ଛତ୍ରିଆ (୩୦) ଓ ବୈକୁଣ୍ଠ ଛତ୍ରିଆ (୩୦)। ବଳଦେବ, ଧନସିଂ ଓ ବୈକୁଣ୍ଠ ଏକ ଟ୍ରାକ୍ଟରରେ କ୍ଷେତକୁ ଯାଇଥିଲେ। ସେଠାରେ ଗଦା ହୋଇଥିବା ଇଟା ଗୋଟାଇ ଗାଡ଼ିରେ ଲୋଡ କରୁଥିବା ବେଳେ ହଠାତ୍ ଘଡ଼ଘଡ଼ି ସହ ବର୍ଷା ପବନ ହୋଇଥିଲା। ତେଣୁ ସମସ୍ତ ନିକଟସ୍ଥ ବରଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ତିନି ଜଣ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ନୂଆପଡ଼ା ଜିଲା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ବଳଦେବଙ୍କୁ ମୃତ ଘୋଷଣା କରିଥିଲେ।

## କଳାବ୍ୟାଜ ପିନ୍ଧିଲେ ବନ କର୍ମଚାରୀ

ବରଗଡ଼, ୧୫।୬(ପ୍ରେମାନନ୍ଦ ଖମାରୀ)

ବରଗଡ ଜିଲାରେ କାର୍ଯ୍ୟରତ ବନ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ରବିବାରରୁ କଳାବ୍ୟାଜ ପରିଧାନ କରିଛନ୍ତି। ଏହି ଦାବି ନେଇ ଆସନ୍ତା ୨୧ତାରିଖ କଳାବ୍ୟାଜ ପରିଧାନ କରିବେ। ଯଦି ୨୧ ତାରିଖ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ କରା ନଯାଏ, ତେବେ ଆସନ୍ତା ୨୨ତାରିଖରୁ ସମ୍ପୂର୍ଣ୍ଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଭଟଲିରେ ଡେପୁଟି ରେଞ୍ଜର ପ୍ରଶାନ୍ତ କୁମାର ଓରାମ, ବନପାଳ ରାଜେନ୍ଦ୍ର କୁମାର ସିଂ, ବନପାଳ ଚକାନନ ବରିହା, ବନପାଳ ଲେକୃ ପାଣ୍ଡେ, ବନପାଳ ବିଷ୍ଣୁଚରଣ ବିଶ୍ୱାଳ, ବନପାଳ ପର୍ଶୁରାମ ବେହେରା, ବନପାଳ ବିକାଶ କୁମାର ଭୋଇଙ୍କ ସମେତ ସମସ୍ତ ବନରକ୍ଷୀମାନେ ପ୍ରମୁଖ ଏହି ପ୍ରତିବାଦରେ ସାମିଲ ଥିଲେ।

# ନିଟ୍ ପରୀକ୍ଷାରେ ବାଜି ମାରିଲେ କ୍ରିଷ୍ଣା ବିକାଶ ଗ୍ରୁପ୍ ଛାତ୍ରୀଛାତ୍ର



କ୍ରିଷ୍ଣା ବିକାଶ ଗ୍ରୁପର କର୍ମକର୍ତ୍ତା ଏବଂ ସଫଳ ଛାତ୍ରୀଛାତ୍ର ଖୁସି ମନାଉଛନ୍ତି।

### ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖିଲେ ୨୩

ବରଗଡ଼,୧୫।୬(ପ୍ରେମାନନ୍ଦ ଖମାରୀ)

ସଦ୍ୟ ପ୍ରକାଶିତ ଏନ୍‌ଟିଏ ନିଟ (ୟୁଜି-ମେଡିକାଲ)- ୨୦୨୫ ପରୀକ୍ଷାରେ କ୍ରିଷ୍ଣା ବିକାଶ, ବରଗଡ଼ ମୋଟ ୧୫୦ ଛାତ୍ରୀଛାତ୍ର ସଫଳ ହୋଇ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ୨୩ଜଣ ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ୪୩ଜଣ ଛାତ୍ରୀଛାତ୍ର ଦେଶ ଓ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜରେ ସିଟ ପାଇବା ଆଶାୟୀ ବୋଲି କ୍ରିଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ପ୍ରକାଶ କରିଛନ୍ତି। ବିକାଶ ଆବାସିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ କୁମାର ସାହୁ (ସରଣ୍ଡାପାଲି, ବରପାଲି, ବରଗଡ଼ ନିବାସୀ ସମୀର କୁମାର ସାହୁ ଓ ଶ୍ରୀମତୀ ତପସ୍ୱିନୀ ସାହୁଙ୍କ ସୁପୁତ୍ର) ୫୮୨ ମାର୍କ ସହ ସର୍ବଭାରତୀୟ ଓବିସି ବର୍ଗରେ (୧୧୭୮ ର୍ୟାଙ୍କ), ବିକାଶ ସୁପର-୪୦ ବ୍ୟାଚ୍ର ରୀତିକା ଅଗ୍ରୱାଲ ୫୭୮ ମାର୍କ ସହିତ (୧୯୭୨ ର୍ୟାଙ୍କ) ଏବଂ କାନ୍ତିପୁଡି ରୁପାରଞ୍ଜିତା ୫୭୫ ମାର୍କ (୨୨୪୨ ର୍ୟାଙ୍କ) ସହ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ବୋଲି ବିକାଶ ଆବାସିକ ବିଦ୍ୟାଳୟ ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି ପ୍ରକାଶ କରିଛନ୍ତି। ଅନ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପିୟୁଷ ସାହୁ ୫୭୩, ପିୟୁଷ ମିଶ୍ର ୫୬୭, ରୋନକ ସାହୁ ୫୬୫, ମୁକେଶ ପୁରୋହିତ ୫୬୨, ରାକେଶ ଚନ୍ଦ୍ର ପ୍ରଧାନ ୫୬୧, ଶୁଭମ ପଣ୍ଡା ୫୫୨, ହର୍ଷିତ ୫୪୬, ଦିପଲ ୫୩୫, ଅମରନାଥ ୫୩୪, ନମିତା ୫୩୪, ଅଶୁତୋଷ ୫୨୪, ଆର୍ଯ୍ୟନ ୫୨୨, ଅପର୍ଣ୍ଣା ୫୧୮, ରଜତ ୫୧୮, ନମ୍ରତା ୫୧୨, ମଧୁସୁଦନ ୫୧୧, ନିର୍ଲିପ୍ତା ୫୦୯, ଜତିନ୍ଦ୍ର ୫୦୧, ନବନୀତ ବିଶ୍ୱାଳ ୫୦୦ ମାର୍କ ସହ ସର୍ବଭାରତୀୟ ଏସ୍‌ଟି ବର୍ଗରେ ୨୯୨ ର୍ୟାଙ୍କ ରଖିଛନ୍ତି।

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ +୨ ଦ୍ୱିତୀୟ ବର୍ଷ ଛାତ୍ରୀ ଲିସା ପ୍ରଧାନ ୫୨୧ ମାର୍କ ରଖିଥିବାବେଳେ ୨୦୨୩-୨୪ ବ୍ୟାଚର ବିପ୍ରାଂଶୁ ୫୬୦, ଆୟୁଷ୍ମାନ୍ତ ୫୪୦, ସୁଧିର ୫୩୯, ରିଶିକେଷ ୫୩୫, ବରୁଣ ୪୪୩ ମାର୍କ ରଖିଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ୧୩ଜଣ ୯୯ ପ୍ରତିଶତରୁ ଉର୍ଦ୍ଧ୍ୱ, ୨୧ଜଣ ୯୮ ପ୍ରତିଶତରୁ ଉର୍ଦ୍ଧ୍ୱ, ୨୭ଜଣ ୯୭ ପ୍ରତିଶତରୁ ଉର୍ଦ୍ଧ୍ୱ, ୩୪ଜଣ ୯୬ ପ୍ରତିଶତରୁ ଉର୍ଦ୍ଧ୍ୱ, ୪୦ଜଣ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ସମସ୍ତ ସଫଳ ଛାତ୍ରୀଛାତ୍ର ଅନୁଷ୍ଠାନ ପାଇଁ ଗୌରବ ଆଣିଥିବାରୁ କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୁରଲୀ କ୍ରିଷ୍ଣା ଖୁସି ବ୍ୟକ୍ତ କରିବା ସହିତ ଶିକ୍ଷାବର୍ଷ ୨୦୨୪-୨୫ର ସମସ୍ତ ପରୀକ୍ଷାର ଫଳାଫଳ ଉପରେ ବିଶେଷ ବିବରଣୀ ଦେଇ କହିଛନ୍ତି, ଚଳିତ ବର୍ଷ ପ୍ରକାଶିତ ଆଇଆଇଟି-ଜେଇଇ(ମେନ) ସେସନ-୨ ପ୍ରବେଶିକା ପରୀକ୍ଷାରେ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ ଛାତ୍ର ପ୍ରତ୍ୟୁଷ କୁମାର ସାହୁ ୯୯.୩୯ ପ୍ରତିଶତ ରଖିଥିବାବେଳ ୪ଜଣ ଛାତ୍ରୀଛାତ୍ର ୯୮ ପ୍ରତିଶତରୁ ଉର୍ଦ୍ଧ୍ୱରେ, ୧୪ ଜଣ ଛାତ୍ରୀଛାତ୍ର ୯୭ ପ୍ରତିଶତରୁ ଉର୍ଦ୍ଧ୍ୱରେ, ୨୧ ଜଣ ଛାତ୍ରୀଛାତ୍ର ୯୫ ପ୍ରତିଶତରୁ ଉର୍ଦ୍ଧ୍ୱରେ ଏବଂ ୮୭ଜଣ ଛାତ୍ରୀଛାତ୍ର ଆଇଆଇଟି-ଜେଇଇ(ମେନ) ସେସନ-୨ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଇ.ଆଇ.ଟି. ଜେଇଇ ପ୍ରବେଶିକା ପରୀକ୍ଷାରେ ୪ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ହେମନିଲ ଭୁଏ ସର୍ବଭାରତୀୟ ୩୬୬ (ଏସ୍‌ଟି) ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସିବିଏସ୍‌ସି ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୨୦୦ରୁ ଅଧିକ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଯୁକ୍ତଦୁଇ ବିଜ୍ଞାନ ଓ ବାଣିଜ୍ୟରେ ୧୯ ଜଣ ୯୦ ପ୍ରତିଶତ ଓ ୭୭ ଜଣ ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖିଥିବା ସେ ପ୍ରକାଶ କରିଛନ୍ତି।

ଏହି ଅବସରରେ ରବିବାର କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ବରାହଗୁଡ଼ସ୍ଥିତ ଅଡିଟୋରିୟମଠାରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉପସ୍ଥିତିରେ ସମସ୍ତ ସଫଳ ଛାତ୍ରୀଛାତ୍ର ଏବଂ ସେମାନଙ୍କର ଅଭିଭାବକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଫଳତା ଯୋଗୁ କ୍ରିଷ୍ଣା ବିକାଶ କ୍ୟାମ୍ପସରେ ଏକ ଉତ୍ସବମୁଖର ପରିବେଶ ଦେଖାଦେଇଥିଲା। ଚଳିତ ବର୍ଷର ଫଳାଫଳକୁ ନେଇ କ୍ରିଷ୍ଣା ବିକାଶ ଗ୍ରୁପର ଟ୍ରଷ୍ଟି ଦାଶରୀ ରାମ ତୁଳସୀ, ନିର୍ଦ୍ଦେଶକ ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ ଅଧ୍ୟକ୍ଷ ନାରାୟଣ ରଥ, କ୍ରିଷ୍ଣା ବିକାଶର ଏଚ୍.ଆର୍. ହେଡ ଅଶ୍ୱିନୀ ନାୟକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କୃତୀ ଛାତ୍ରୀଛାତ୍ରମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ।

## ଗୋଡ଼ଭଗା ଦୁର୍ଗାପୂଜା ପାଇଁ ରାବଣ ବରଣ ସମ୍ପନ୍ନ



ଗୋଡ଼ଭଗା ଶାରଦୀୟ ଦୁର୍ଗାପୂଜା ପାଇଁ ରାବଣ ବରଣ କରାଯାଉଛି ।

ଗୋଡ଼ଭଗା,୧୫।୬(ସୁରେଶ ଦାଶ)

ଅତାବିରା ବ୍ଲକ ଗୋଡ଼ଭଗା ଦୁର୍ଗା ମଣ୍ଡପଠାରେ ଚଳିତବର୍ଷ ଦୁର୍ଗାପୂଜା ପାଇଁ ଶୁକ୍ରବାର ସନ୍ଧ୍ୟା ୭ଟାରେ କମିଟି ବୈଠକ ହେବା ସହ ରାମଲୀଳା ପାଇଁ ରାବଣ ବରଣ କରାଯାଇଥିଲା। ୨୦୨୪ରେ ରାବଣ ଭୂମିକାରେ ଅଭିନୟ କରିଥିବା ଶ୍ରୀମାନ ସଦାନନ ସାହୁଙ୍କୁ ଏଥର ମଧ୍ୟ ରାବଣ ଭୂମିକାରେ ଅଭିନୟ କରିବା ପାଇଁ ଚୟନ କରାଯିବା ସହ କମିଟି ପକ୍ଷରୁ ବରନ କରାଯାଇଥିଲା। ତା'ପରେ ପରେ କମିଟିର ଏକ ବୈଠକ ବସିଥିଲା। ସରକାରଙ୍କ ପକ୍ଷରୁ ରାଜ୍ୟ ରାଜପଥ କଡ଼ ଓ କେନାଲ ହିଡ଼କୁ ଭଙ୍ଗାଯିବା ପାଇଁ ନୋଟିସ ହୋଇଥିବାରୁ ବର୍ତ୍ତମାନ ଦୁର୍ଗା ମଣ୍ଡପଟି କେନାଲ ହିଡ଼ରେ ଥିବାରୁ ଏଥର ପୂଜା ମଣ୍ଡପକୁ ସ୍ଥାନାନ୍ତର କରି କେନାଲ କଲୋନିର ସାମ୍ନାରେ କରାଯିବା ପାଇଁ ବୈଠକରେ ପ୍ରସ୍ତାବ ନିଆଗଲା। ବୈଠକରେ ସଭାପତି ରାମକୃଷ୍ଣ ଅଗ୍ରୱାଲ, ସମ୍ପାଦକ ଦେବବ୍ରତ ରଥ, ଉପସଭାପତି ସତିଶ ଦାଶ, ବରିଷ୍ଠ ସଦସ୍ୟ କୁଳମଣି ପ୍ରଧାନ, ମଧୁସୂଦନ ଶର୍ମା, ବୁଲୁ ଅଗ୍ରୱାଲ, ଡ. ଚିତ୍ତରଞ୍ଜନ ଜେନା, ଅନିରୁଦ୍ଧ ଖମାରୀ, ମୋହନ ମହାକୁର, ମକରଧ୍ୱଜ, ଅଶ୍ୱିନୀ ପ୍ରଧାନ, ପି. ଶ୍ରୀହରି, ପ୍ରେମରାଜ ପ୍ରଧାନ, ପ୍ରଦୀପ ପ୍ରଧାନ, ଶିବାନନ୍ଦ ବହିଦାର, ପ୍ରଦୀପ କର୍ଣ୍ଣ, ଦିବାକର ପ୍ରଧାନ, ବିଜୟ ପ୍ରଧାନ, ସଚିନ ମେହେର ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଶିବିରରେ ୨୫୦ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଶିବିରରେ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବରଗଡ଼,୧୫।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ କୁର୍ଲା ଗ୍ରାମରେ ରବିବାର ପରିବର୍ତ୍ତନ ଟ୍ରଷ୍ଟ ତରଫରୁ ମାଗଣା ଶିଶୁ ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ବନ୍ଦା ପଞ୍ଚାୟତର ସରପଞ୍ଚ କିରଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଶିବିରରେ ଶିଶୁରୋଗ ବିଶେଷଜ୍ଞ ଡା. ଅମିତ କୁମାର ଭୋଇ ଯୋଗ ଦେଇ କୁର୍ଲା ତଥା ଆଖପାଖ ଅଞ୍ଚଳର ୨୫୦ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିଶୁମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟ ସମୀର ପଧାନ, ରୋଶନ ପ୍ରଧାନ, ସୁରଜ ସାହୁ, ଆନନ୍ଦ ପ୍ରଧାନ, ଅଭିଲାଷ ପଧାନ, ଭୂପତି ପଧାନ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ସଂସ୍କାର ସ୍କୁଲରେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବରଗଡ଼, ୧୫।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲରେ ଆବାସିକ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାଗପୁରରୁ ଜେସିଆଇ ରାଷ୍ଟ୍ରୀୟ ପ୍ରଶିକ୍ଷକ ମୁକେଶ ଅସର ଓ ରାୟପୁରରୁ ଜେସିଆଇ ଅନୁପ ମୁନ୍ଦ୍ରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ୟ ନିର୍ଦ୍ଧାରଣ ଓ ଲକ୍ଷ୍ୟ ପ୍ରାପ୍ତି ପରି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତି ଓ ସମସ୍ତ ଶିକ୍ଷକମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଡାଇରେକ୍ଟର ସିଦ୍ଧାର୍ଥ ସାଓ୍ୱଡ଼ିୟା କହିଥିଲେ, ଠିକ୍ ମାର୍ଗଦର୍ଶନ ମିଳିଲେ ପ୍ରତ୍ୟେକ ଶିଶୁ ଚାମ୍ପିୟନ ହୋଇପାରିବେ। ପ୍ରିନ୍ସିପାଲ କରନ ସାହୁ କହିଥିଲେ, ବର୍ତ୍ତମାନର ସମୟ ଆଧୁନିକତାରେ ପାରମ୍ପରିକ ଉତ୍ସ ସହିତ ନୂଆ ପରିବର୍ତ୍ତନକୁ ମଧ୍ୟ ଗ୍ରହଣ କରିବା ଉଚିତ ଏବଂ ଏଭଳି ଅବସରଗୁଡ଼ିକୁ ସଦୁପଯୋଗ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଡାଇରେକ୍ଟର ଅଜିତ୍ ପଟ୍ଟନାୟକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷକମାନେ ପରିସ୍ଥିତିରେ ସମ୍ମୁଖୀନ ହେବାର ସାହସ ଓ ଦକ୍ଷତା ପ୍ରାପ୍ତ କରିପାରିବେ ବୋଲି କହିଥିଲେ। ଚେୟାରମ୍ୟାନ ସାଓ୍ୱଡିୟା କହିଥିଲେ, ଯେପରି ଗଛ ଏକ ବିଶାଳ ରୂପ ନେବା ପାଇଁ ସମୟ ସହିତ ଅନୁଭବ ସଂଗ୍ରହ କରେ, ସେପରି ଭାବେ ଶିକ୍ଷକମାନେ ମଧ୍ୟ ପ୍ରଶିକ୍ଷଣ ଦ୍ୱାରା ନୂଆ ଅନୁଭବ ଗ୍ରହଣ କରନ୍ତି, ଯାହା ବିଦ୍ୟାର୍ଥୀ ଓ ସେମାନଙ୍କର ଜୀବନ ପାଇଁ ବହୁତ ଲାଭଦାୟକ ହୁଏ। ଶିକ୍ଷୟିତ୍ରୀ ଅନ୍ୱେଷା ବିଶାଲ ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ପ୍ରି-ପ୍ରାଇମେରୀ ଶିକ୍ଷକମାନଙ୍କର ଭୂମିକା ମଧ୍ୟ ପ୍ରଶଂସନୀୟ ଥିଲା। ସଂସ୍କାର ସ୍କୁଲର ୮୦ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଏହି କାର୍ଯ୍ୟକ୍ରରେ ଭାଗ ନେଇଥିଲେ।



ସଂସ୍କାର ସ୍କୁଲରେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି।

## ବରପାଲିରେ ସେବା ସପ୍ତାହ ଉଦ୍‌ଯାପିତ





ଉପସ୍ଥିତ ବିଜେପୁର ବିଧାୟକ ସନତ ଗଡ଼ତିଆ ଓ ଅନ୍ୟମାନେ।

ବରପାଲି,୧୫।୬(ଚିତ୍ତରଞ୍ଜନ ସାହୁ)

ବରପାଲି ମାରୱାଡ଼ି ଯୁବା ମଞ୍ଚ ଓ ପ୍ରେରଣା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ବରପାଲିରେ ସେବା ସପ୍ତାହ ରବିବାର ଉଦ୍‌ଯାପିତ ହୋଇଛି। ଅଗ୍ରସେନ ଭବନଠାରେ ଏହି ସେବା ସପ୍ତାହ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ବିଜେପୁର ବିଧାୟକ ସନତ ଗଡ଼ତିଆ ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱ ରକ୍ତଦାତା ଦିବସରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିସହ ଏକ ମୁଠି ଅନ୍ନଦାନ କାର୍ଯ୍ୟକ୍ରମରେ ପ୍ରତ୍ୟେକଙ୍କ ଘରୁ ମୁଠାଏ ଚାଉଳ ସଂଗ୍ରହ କରି ଗରିବ ଖଟିଖିଆମାନଙ୍କ ମଧ୍ୟରେ ବଣ୍ଟନ କରାଯିବା ସହ କାର୍ଯ୍ୟକ୍ରମକୁ ମଧ୍ୟ ଅତିଥିମାନେ ପରିଦର୍ଶନ କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସୁନୀତା ମୁଣ୍ଡ, ଅଶୋକ ପଣ୍ଡା, ଚିତ୍ତରଞ୍ଜନ ସାହୁ, ପ୍ରଦ୍ୟୁମ୍ନ ତ୍ରିପାଠୀ, ଘରଯୁଗି ଗଡ଼ତିଆ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବରପାଲି ଶାଖାର ଅଧ୍ୟକ୍ଷ ପ୍ରଦୀପ ଅଗ୍ରୱାଲ, ଉପାଧ୍ୟକ୍ଷ ଉମେଶ ଅଗ୍ରୱାଲ, ସମ୍ପାଦକ ଅଖିଳ ଅଗ୍ରୱାଲ, କୋଷାଧ୍ୟକ୍ଷ ଦୀପକ ଜୈନ, ରମେଶ ଜଲାନ ରକ୍ତ ଦାନ ସଂଯୋଜକ, ଅନ୍ୟପକ୍ଷରେ ପ୍ରେରଣା ବରପାଲି ଶାଖା ଅଧ୍ୟକ୍ଷ ମୁସ୍କାନ ଅଗ୍ରୱାଲ, ସମ୍ପାଦିକା ବର୍ଷା ଅଗ୍ରୱାଲ, ରକ୍ତଦାନ ସଂଯୋଜିକା ଶୀତଳ ଅଗ୍ରୱାଲଙ୍କ ସମେତ ରାଜେଶ ଜୈନ, ଶଙ୍କର ଅଗ୍ରୱାଲ, ବିଷ୍ଣୁ ଶର୍ମା, କମଳ ଅଗ୍ରୱାଲ, ଆନନ୍ଦ ଅଗ୍ରୱାଲ, ପୱନ ଅଗ୍ରୱାଲ, ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ସକ୍ରିୟ ସହଯୋଗ କରୁଛନ୍ତି।

## ମଣ୍ଡିରୁ ଉଠୁନି ଧାନ, ମାଡ଼ିଆସିଲା ବର୍ଷା

ବରଗଡ଼,୧୫।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ରବିବାର ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ମାସେ ବିତିଛି। ମାତ୍ର ଏପର୍ଯ୍ୟନ୍ତ ଧାନବିକ୍ରି ସମସ୍ୟା ଲାଗି ରହିଛି। ବିକ୍ରି ପାଇଁ ଚାଷୀମାନେ ମଣ୍ଡିକୁ ଧାନ ଆଣୁଛନ୍ତି, ମାତ୍ର ଦୀର୍ଘଦିନ ଧରି ତାହା ବିକ୍ରି ହୋଇ ନ ପାରି ମଣ୍ଡିର ଖୋଲା ଆକାଶ ତଳେ ପଡି ରହୁଛି। ସେହିପରି ଏବେ ମଧ୍ୟ ଅନେକ ଚାଷୀଙ୍କ ଖଳାରେ ଅମଳ ଧାନ ବିକ୍ରି ଅପେକ୍ଷାରେ ରହିଛି। ବିଭିନ୍ନ ମଣ୍ଡିରେ ପର୍ଯ୍ୟାପ୍ତ ଧାନ ସୁରକ୍ଷିତ ରଖିବା ବ୍ୟବସ୍ଥା ନାହିଁ। ଫଳରେ ଚାଷୀମାନେ ମଣ୍ଡିକୁ ଧାନ ଆଣି ନ ପାରି ଖଳାରେ ଗଦା କରି ରଖିଛନ୍ତି। ଗୋଟିଏ ପଟେ ମଣ୍ଡିରେ ଧାନ ଉଠାଣରେ ବିଳମ୍ବ ଏବଂ ଅନ୍ୟପଟେ ରବିବାର ବର୍ଷା ମାଡ଼ି ଆସିବା ଚାଷୀଙ୍କ ଦୁର୍ଦ୍ଦଶାକୁ ବଢାଇ ଦେଇଛି। ଚାଷୀମାନେ ତାରପୋଲିନ ମାଧ୍ୟମରେ ଧାନ ଘୋଡ଼ାଇ ରଖିଛନ୍ତି। ତେବେ ଗତ ମେ ମାସ ଶେଷ ସପ୍ତାହରେ ହୋଇଥିବା ବର୍ଷା ପରେ ଧାନ ସଂଗ୍ରହ ପ୍ରକ୍ରିୟାରେ ପକେଟ ପ୍ରତି ୫କିଗ୍ରାରୁ ୬କିଗ୍ରା ପର୍ଯ୍ୟନ୍ତ କଟନୀଛଟନୀରେ ଚାଷୀ ରାଜି ହେଲେ ଯାଇ ଧାନ ଉଠାଯାଉଥିବା ଅଭିଯୋଗ ହୋଇଥିଲା। ରବିବାର ବର୍ଷା ପରେ କଟନୀଛଟନୀ ଆହୁରି ଜୋର୍ ଧରିବା ଆଶଙ୍କା ଦେଖାଯାଇଛି। ସେହିପରି ଆଗକୁ ପୁଣି ବର୍ଷା ମାଡି ଆସୁଥିବାରୁ ଚାଷୀଙ୍କ ଚିନ୍ତା ବଢିବାରେ ଲାଗିଛି। ଏଭଳି ସ୍ଥିତିରେ ସ୍ଥାନୀୟ ପ୍ରଶାସନିକ କଳର ଉଦାସୀନତା ଏବଂ ଜନ ପ୍ରତିନିଧିଙ୍କ ନୀରବତା ବିଡମ୍ବନାର ବିଷୟ ହୋଇ ପଡ଼ିଛି ବୋଲି ଚାଷୀନେତାମାନେ କହିଛନ୍ତି। ତେବେ ଧାନକିଣା ଏବଂ ଧନ ଉଠାଣ ପ୍ରକ୍ରିୟାକୁ ତ୍ୱରିତ କରା ନଗଲେ ଏବଂ ଚାଷୀମାନେ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହେଲେ ଆଗକୁ ବ୍ୟାପକ ଆନ୍ଦୋଳନ ହେବ ବୋଲି ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଲସ୍ତଲା ଉପ ବଜାର ପ୍ରାଙ୍ଗଣର ଭିତ୍ତିପ୍ରସ୍ତର ସ୍ଥାପନ



ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କୁ ଗ୍ରାମ ପରିକ୍ରମା କରାଯାଉଛି।

ଅତାବିରା,୧୫।୬(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଅଧୀନ ମନାପଡ଼ା ପଞ୍ଚାୟତ ଲସ୍ତଲା ଉପ ବଜାର ପ୍ରାଙ୍ଗଣର ଭିତ୍ତି ପ୍ରସ୍ତର ସ୍ଥାପନ ସହ ବିଭିନ୍ନ ବିକାଶ ପାଇଁ କାର୍ଯ୍ୟକ୍ରମ ରବିବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲସ୍ତଲା ଗ୍ରାମବାସିନ୍ଦା ତଥା ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ, ସମ୍ମାନୀତ ଅତିଥି ଭାବେ କୁଲୁଣ୍ଡା ମଣ୍ଡଳ ସଭାପତି ନିରୋଜ ବାରିକ, କାଠଡେରା ମଣ୍ଡଳ ସଭାପତି ପୁଷ୍ପକ ଗାଇଗରିଆ, ମନାପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀପକ ପ୍ରଧାନ, ଗ୍ରାମ୍ୟ କମିଟିର ସଭାପତି ଖିରେଶ୍ୱର ପ୍ରଧାନ, ହିର୍ଲିପାଲି ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ବିଦ୍ୟାଧର ପ୍ରଧାନ, ମାର୍କେଟ ଇନଚାର୍ଜ ଜୟପ୍ରକାଶ ସାହୁ, ପ୍ରଭାତ ଚନ୍ଦ୍ର ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମେହେର ପଡ଼ା କଲ୍ୟାଣ ମଣ୍ଡପ, ସୁରୟା କ୍ଲବର ଉନ୍ନତିକରଣ ଆଦି ବିଭିନ୍ନ ବିକାଶ ପାଇଁ ବିଧାୟକ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।

## ପଞ୍ଚାୟତସ୍ତରୀୟ ସମ୍ବିଧାନ ସଚେତନତା ସଭା

ପଦ୍ମପୁର,୧୫।୬(ପ୍ରଦୀପ୍ତ ଦାଶ)

ପଦ୍ମପୁର ନିକଟସ୍ଥ ଚାରପାଲି ପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ସମ୍ବିଧାନ ସଚେତନତା ସଂଗଠନ ତରଫରୁ ଏକ ସମ୍ବିଧାନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ କ୍ଷେତ୍ରୀ ଲୁହାର, ମୁଖ୍ୟ ବକ୍ତା ଦିନବନ୍ଧୁ କୁମ୍ଭାର ସମ୍ମାନିତ ଅତିଥି ଭାବେ ହରିହର ବିଭାର, ବିରଞ୍ଚି ବିଭାର, ଗୋପବନ୍ଧୁ ଶିକା, ମନମୋହନ ତାଣ୍ଡି ଯୋଗଦାନ କରି ପୁଷ୍ପମାଲ୍ୟ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ସମ୍ବିଧାନ ସଚେତନତା ସଙ୍ଗଠନ ଶିକ୍ଷା, ସାଂସ୍କୃତି, ନିଶାନିବାରଣ, ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ଅନ୍ଧ ବିଶ୍ୱାସ ଦୂର କରିବା, ସମ୍ବିଧାନ ସଚେତନତା, ସମ୍ବିଧାନ ପ୍ରଣେତା ଡ଼ଃ ବାବା ସାହେବ ଆମ୍ବେଦକରଙ୍କ ପ୍ରଚାର ପ୍ରସାର କରିବା। ଦିଗରେ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ସଭାରେ ଦାଉଦ କୁଅଁର ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଧର ତାଣ୍ଡି ଓ ସୁଶାନ୍ତ କୁଅଁର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପଡ଼ାର ବୈଜିଷ୍ଟ ବ୍ୟକ୍ତିଙ୍କୁ ମାନଙ୍କୁ ସମ୍ମାନିତ କରାଯାଇଥିଲା। କୁନି କୁନି ଛାତ୍ର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ଅତିଥିମାନେ ସମ୍ବିଧାନରେ ଥିବା ଅଧିକାର ବିଷୟରେ ଆଲୋଚନା କରିଥିଲେ। ସଭା ସରିଲା ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ସମ୍ବିଧାନ ସଚେତନତା ସଂଗଠନ ତରଫରୁ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତା ଚୟନ କରଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ପଦ୍ମଲୋଚନ ତାଣ୍ଡି, ଦୁଷ୍ମନ୍ତ କୁଅଁର ତେଜରାଜ ତାଣ୍ଡି, ଗାନ୍ଧୀ କୁମ୍ଭାର, ମନୋଜ ତାଣ୍ଡି, ଲବ ତାଣ୍ଡି, ହେମଲାଲ ତାଣ୍ଡି, ନେହେରୁ କୁମ୍ଭାର, ଶୁଭାଗ୍ୟ କୁମ୍ଭାର, ଅନ୍ତର୍ଯ୍ୟାମୀ ତାଣ୍ଡି, ଯୀବର୍ଦ୍ଧନ ବିଭାର, ସୁରଥ କୁମ୍ଭାର, ସୁରଥ କୁମ୍ଭାର,ରମା କାନ୍ତ ବାରିକ, ପ୍ରଶାନ୍ତ କୁମ୍ଭାର ମିନି କେତନ ତାଣ୍ଡି, ପପୁ ତାଣ୍ଡି ସହଯୋଗ କରିଥିଲେ।



ସମ୍ବିଧାନ ସଚେତନତା ସଭାରେ ସମ୍ମାନିତ ପ୍ରତିଭା।

## ମହିଳା ମହାବିଦ୍ୟାଳୟରେ ପଦ୍ମପୁର ପ୍ରତିଭା ସମ୍ମାନ

ପଦ୍ମପୁର, ୧୫।୬ (ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିଭା ସମ୍ମାନ-୨୦୨୫ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଦ୍ମପୁର କୃଷି ସମବାୟ ସମିତି ଅଧ୍ୟକ୍ଷ ପ୍ରୀତମ୍ ମେହେର, ସମ୍ମାନିତ ଅତିଥିଭାବେ ରାଇପୁର ଏମ୍‌ସ ହସ୍ପିଟାଲ ଶଲ୍ୟ ବିଭାଗ ଡକ୍ଟର ଆର.କେ.ରାମଚନ୍ଦାନି, ସମାଜସେବୀ ନିରୋଜ ଦୋରା, ମୁଖ୍ୟବକ୍ତାଭାବେ ଡକ୍ଟର ବାଞ୍ଛାନିଧି ପଣ୍ଡା ଯୋଗଦାନ କରିଥିଲେ। ଏହି ଅବସରରେ ଦଶମରୁ ସ୍ନାତକ ପର୍ଯ୍ୟନ୍ତ ସର୍ବୋଚ୍ଚ ନମ୍ବର ରଖିଥିବା ପଦ୍ମପୁର ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରା ଯାଇଥିଲା। ଦଶମ ଶ୍ରେଣୀରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଗଜେନ୍ଦ୍ର ମହାରଣା, ବାଳିକା ଉଚ୍ଚ ବିଦ୍ୟାଳୟର ଟିକେଶ୍ୱରୀ ସାହୁ, ଯୁକ୍ତ ୨ କଳା ବିଭାଗରେ ଅଞ୍ଚଳ ମହାବିଦ୍ୟାଳୟର ଶକ୍ତିସ୍ୱରୂପା ପଣ୍ଡା, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିଖା ସାହୁ, ବିଜ୍ଞାନ ବିଭାଗରେ ଜୀନିଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୀତା ଜାଲ, ଯୁକ୍ତ ୩ରେ ମହିଳା ସ୍ନାତକ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଛାତ୍ରୀ ଧନନେତ୍ରୀ ସାହା ଏବଂ ବିଜ୍ଞାନରେ ଉଭିଦ ବିଜ୍ଞାନ ଛାତ୍ର ନିମାଇଁ ଚରଣ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମିତି ସଂଯୋଜକ ଅଧାପକ ଦିବ୍ୟକିଶୋର ପଣ୍ଡା ପରିଚାଳନା କରିଥିବା ବେଳେ ଶିକ୍ଷକ କିଶୋର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅରୁଣ ଦାନୀ, ସନତ ମିଶ୍ର, ଅନିଲ ପୁରୋହିତ, ଦିଲୀପ ବେହେରା, ଗୋବିନ୍ଦ ପଣ୍ଡା, ନରେନ୍ଦ୍ର ପ୍ରଧାନ, ସଦାନନ୍ଦ ସେଟ, ରାଧେଶ୍ୟାମ ପାତ୍ର, ବୀରେନ୍ଦ୍ର, ସୁଶାନ୍ତ ସହଯୋଗ କରିଥିଲେ ।



ପ୍ରତିଭା ସମ୍ମାନ ସମାରୋହରେ ଅତିଥିଙ୍କ ସହ କୃତୀ ବିଦ୍ୟାର୍ଥୀମାନେ।

## ସଂକ୍ଷେପରେ

### କାର୍ ଧକ୍କାରେ ଜଣେ ମୃତ, ୨ ଆହତ

**ମୃତଦେହ ରଖି ବିଜୁ ଏକ୍ସପ୍ରେସ ୱେ ଅବରୋଧ**

କୁତ୍ରା, ୧୫।୬ (ଦେବାଶିଷ ସାହୁ)

କୁତ୍ରା ଥାନା ଅର୍ନ୍ତଗତ ରାଞ୍ଚି ରୋଡଠାରେ ରବିବାର ରାତି ୮ଟାରେ ଏକ କାର ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ କୁତ୍ରା ବ୍ଲକ ନକଟି ଗ୍ରାମର ରମେଶ ଟପ୍ପୋ(୨୮)। ସମିର ମିଞ୍ଜ (୨୪) ଓ ରାଜେଶ କୁଜୁର (୨୬) ଆହତ ହୋଇଛନ୍ତି। ରମେଶ, ରାଜେଶ ଓ ତେଲିଘନା ଗ୍ରାମର ସମିର ଏକ ବାଇକ୍ ଯୋଗେ ରାଞ୍ଚି ରୋଡ ଛକରୁ କୁତ୍ରାକୁ ଆସୁଥିବା ବେଳେ ବିପରିତ ଦିଗରୁ ଆସୁଥିବା ଏକ କାର୍ (ଓଡି୧୪ଜେଡ ୯୬୭୦) ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ଘଟିଥିଲା। ରାଜେଶ ଓ ସମିରଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ବିଭିନ୍ନ ଦାବି ନେଇ ସ୍ଥାନୀୟ ଲୋକମାନେ ମୃତଦେହକୁ ରଖି ବିଜୁ ଏକ୍ସପ୍ରେସ୍ ୱେକୁ ଅବରୋଧ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା।

### ବିଜେଡି ସଭାପତି ରାଜେଶଙ୍କ ଇସ୍ତଫା

କୁଆଁରମୁଣ୍ଡା, ୧୫।୬ (ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି ପଦରୁ ରବିବାର ରାଜେଶ ହାଁସଦା ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ରାଜେଶ ବ୍ଲକ ସଭପତି ପଦରୁ ଏହି ଇସ୍ତଫା ପତ୍ର ପ୍ରଦାନ କରିଥିବା ଏକ ପ୍ରେସ୍ ନୋଟ ଜରିଆରେ ପ୍ରକାଶ କରିଛନ୍ତି।

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

କୁଆଁରମୁଣ୍ଡା, ୧୫।୬ (ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ଥାନା ଅନ୍ତର୍ଗତ ଲାହାକୋଠୀ ନିକଟରେ ଥିବା ପଶାରି ପୋଖରୀରେ ବୁଡ଼ି ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲାହାକୋଠୀରେ ଭଡ଼ାରେ ରହୁଥିବା କୋକା ଲାଖୁଆ(୬୧)। ସକାଳେ ଲାଖୁଆ ପୋଖରୀରେ ଗାଧୋଇବା ବେଳେ ଗୋଡ଼ ଖସିଯାଇଥିଲା। ଫଳରେ ସେ ପାଣିରେ ବୁଡ଼ି ଯାଇଥିଲେ। ଅପରାହ୍ନ ସାଢ଼େ ୨ଟାରେ ବୀରମିତ୍ରପୁର ପୋଲିସ ଭାସମାନ ଅବସ୍ଥାରେ ପୋଖରୀରୁ ଲାଖୁଆଙ୍କ ମୃତଦେହ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

କୁତ୍ରା, ୧୫।୬ (ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଟୁଙ୍ଗରି ଟୋଲିଠାରେ ରବିବାର ପୋଲିସ ଏକ ଅଜଣା ମୃତଦେହ ଜବତ କରିଛି। ଅପରାହ୍ନ ୪ଟାରେ ଗ୍ରାମର କେତେଜଣ ଲୋକ ଛେଳି ଚରାଉଥିବା ବେଳେ ଅଜଣା ମୃତଦେହ ପଡିଥିବା ଦେଖିଥିଲେ। ଖବର ପାଇ ଲାଞ୍ଜିବେର୍ଣ୍ଣା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ମୃତକଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବାରୁ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରିନାହିଁ ।

# ରୋଗୀମାନଙ୍କ ସମସ୍ୟା ସମାଧାନ ନେଇ ଆଲୋଚନା



ବୈଠକରେ ଆଲୋଚନା ଚାଲିଛି।

**ସୁନ୍ଦରଗଡ଼ରେ ସ୍ୱାସ୍ଥ୍ୟସେବା ଉନ୍ନତି ନେଇ ବୈଠକ**

ସୁନ୍ଦରଗଡ, ୧୫।୬ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ, ଡାକ୍ତରଖାନା ଓ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଦୀର୍ଘ ଦିନରୁ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହି ସମସ୍ୟାର ସମାଧାନ ପାଇଁ ସରକାରୀ ଉଦାସୀନତା ନେଇ ସ୍ଥାନୀୟ ନାଗରିକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ସହରର ବହୁ ସଚେତନ ନାଗରିକ, ବୁଦ୍ଧିଜୀବୀ, ଓକିଲ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୁନ୍ଦରଗଡ଼ରେ ସ୍ୱାସ୍ଥ୍ୟସେବାର ଅବନତି, ସାଧାରଣ ରୋଗୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା ହୋଇଥିଲା।

ସୁନ୍ଦରଗଡ଼ ହେଲ୍‌ଥ ୱାରିୟର ନାମକ ଏକ ସଙ୍ଗଠନର ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ବୈଠକରେ ଜିଲା ଓକିଲ ସଂଘ, ସୁନ୍ଦରଗଡ଼ ନାଗରିକ ସମିତି, ବରିଷ୍ଠ ନାଗରିକ ସମିତି, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ, ସମର୍ପିତ ସେବା ସଂସ୍ଥାନ ସହ ସ୍ଥାନୀୟ ନାଗରିକମାନେ ଅଂଶଗ୍ରହଣ କରିଥିଲେ। ସର୍ବପ୍ରଥମେ ସ୍ଥାନୀୟ ଯୁବକ ଅଜିତ ଦାଶ ଓ ଶୁଭମ୍ ମହାପାତ୍ର ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ଡାକ୍ତରଖାନା ଓ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଆଇସିୟୁ, ଭେଣ୍ଟିଲେଟରର ଅଭାବ ତଥା ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ହୃଦ୍ ବିଭାଗ, ସ୍ନାୟୁ ବିଭାଗ ଓ ଟ୍ରମା କେୟାର କେନ୍ଦ୍ର କାର୍ଯ୍ୟକ୍ଷମ କରିବା ନେଇ ଅଭିଯୋଗ କରିଥିଲେ। ଏହାର ପ୍ରତ୍ୟୁତ୍ତର ବିଷୟରେ ବୈଠକରେ ସମସ୍ତଙ୍କୁ ଅବଗତ କରାଇଥିଲେ। ସରକାରୀ ମେଡିକାଲ କଲେଜରେ ଅତି ଉନ୍ନତ ମାନର ଯନ୍ତ୍ରାଂଶ ମହଜୁଦ ଥିବା ସତ୍ତ୍ୱେ ବହୁଦିନରୁ ହସ୍ତାନ୍ତର ପ୍ରକ୍ରିୟା ପୂରଣ ନ ହେବା ଓ ପ୍ରଶିକ୍ଷଣପ୍ରାପ୍ତ କର୍ମଚାରୀ ଅଭାବରୁ ତାହା ଚାଲୁ ନ ହେବାରୁ ସ୍ଥାନୀୟ ଜଣସାଧାରଣ ଉନ୍ନତ ପରିକ୍ଷଣଗୁଡ଼ିକରୁ ବଞ୍ଚିତ ହେଉଥିବା ନେଇ ଦେବାଶିଷ ଦାଶ ଅଭିଯୋଗ କରିଥିଲେ। ସମର୍ପିତ ସେବା ସଂସ୍ଥାର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡା ପୂର୍ବରୁ ସୁନ୍ଦରଗଡ଼ ନାଗରିକ ସମିତିର ସଦସ୍ୟବୃନ୍ଦ ପୂର୍ବତନ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ସମୟରେ ସୁନ୍ଦରଗଡ଼ର ସ୍ୱାସ୍ଥ୍ୟ ସମସ୍ୟା ନେଇ ଆଲୋଚନା କରିଥିବା କଥା କହିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ସରକାରୀ ମେଡିକାଲ କଲେଜରେ ସମସ୍ତ ଅନୁମୋଦିତ ୨୦ଟି ବିଭାଗ କାର୍ଯ୍ୟକ୍ଷମ ହୋଇ ପାରିନଥିବା ଅତ୍ୟନ୍ତ ପରିତାପର ବିଷୟ ବୋଲି କହିଥିଲେ। ସୁନ୍ଦରଗଡ଼ ନାଗରିକ ସମିତି ସଦସ୍ୟ ବରିଷ୍ଠ ଆଇନଜୀବୀ ଅଶୋକ ଦାଶ ଓ ହେଲ୍‌ଥ ୱାରିୟର ସଦସ୍ୟ ସୁକାନ୍ତ ମହାପାତ୍ର ପୂର୍ବର ଏମ୍‌ସ ଆନ୍ଦୋଳନ ବିଷୟରେ ଆଲୋକପାତ କରିଥିଲେ। ସୁନ୍ଦରଗଡ଼ ଓକିଲ ସଂଘ ସଭାପତି ଧର୍ମେଶ ପଟେଲ ଓକିଲ ସଂଘ ସୁନ୍ଦରଗଡ଼ର ସ୍ୱାସ୍ଥ୍ୟସେବାକୁ ସୁଧାରିବା ପାଇଁ ସବୁବେଳେ ଚେଷ୍ଟିତ ରହିବ ବୋଲି କହିଥିଲେ। ସମସ୍ତ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଧାରିବା ଦିଗରେ ଜିଲାପାଳଙ୍କୁ ଶୀଘ୍ର ଏକ ଦାବିପତ୍ର ଦେବା ପାଇଁ ବୈଠକରେ ସ୍ଥିରୀକୃତ ହୋଇଥିଲା। ଏହି ବୈଠକରେ ଅରୁଣ କୁମାର ପୃଷେଠ୍, ପ୍ରଦୀପ ଯୋଶୀ, ଅଜିତ ପ୍ରସାଦ, ସୌମେନ ବାରିକ, ପଞ୍ଚା ବାର୍ଲା, ସତ୍ୟନାରାୟଣ ସାହୁ, ପ୍ରଣବ କୁମାର ସିଂହ, ପ୍ରୀତିଶ ମିଶ୍ର, ପ୍ରଶାନ୍ତ ସିଂହ, ସଞ୍ଜୟ ପଟ୍ଟନାୟକ, ପ୍ରଦୀପ କୁମାର ପଟେଲ, ଦୀନବନ୍ଧୁ ଭିତରିଆ, ଆନନ୍ଦ ଅଗ୍ରୱାଲ, ବିଶ୍ୱଜିତ ପଟ୍ଟନାୟକ, ସୁମିତ କୁମାର ଦାସ, ଦିନେଶ ପଟେଲ, ପପୁ ପ୍ରସାଦ ସିଂହ, ଅଲତମା ଅଲି, ବିଭୁଦେନ୍ଦ୍ର ଠାକୁର ଓ ପପୁ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧୁକ ମୁନରେ ଟଙ୍କା ସହ ଅଳଙ୍କାର ଲୁଟ୍



ପୋଲିସ ତଦନ୍ତ ଚଳାଇଛି।

**ଘରେ ପଶି ପରିବାର ଲୋକଙ୍କୁ ବାନ୍ଧି ପିଟିଲେ**

ସୁନ୍ଦରଗଡ଼, ୧୫।୬ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କନ୍ଦାବାହାଲ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ପ୍ରଦୀପ ପଟେଲଙ୍କ ଘରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ପରିବାର ଲୋକଙ୍କୁ ବାନ୍ଧି ମାରପିଟ କରିବା ସହିତ ନଗଦ ଦେଢ଼ ଲକ୍ଷ ଟଙ୍କା ଓ ୧୨ରୁ ୧୫ ଭରି ଓଜନର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏ ନେଇ ଘର ମାଲିକ ପ୍ରଦୀପ ସୁନ୍ଦରଗଡ଼ ସଦର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୨୧/୨୫ରେ ଏକ ଡକାୟତି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପଟେଲଙ୍କ ଏତଲାନୁସାରେ, ଶନିବାର ରାତି ପ୍ରାୟ ସାଢ଼େ ୧ଟାରେ ତାଙ୍କ ଘର ଛାତ ଉପର ଦେଇ ୮ରୁ ୧୦ଜଣ ଦୁର୍ବୃତ୍ତ ଘର ଭିତରେ ପଶିଥିଲେ। ପ୍ରଥମେ ଉପରମହଲାରେ ରହୁଥିବା ଦୁଇଟି ଭଡ଼ାଟିଆ ପରିବାର ଲୋକଙ୍କୁ ୪ଜଣ ଦୁର୍ବୃତ୍ତ ପିଟାପିଟି କରି ଏକ ରଶିରେ ବାନ୍ଧି ଦେଇଥିଲେ। ପରେ ଟଙ୍କା ଓ ସୁନାଗହଣା ଲୁଟିଥିଲେ। ଅନ୍ୟ ଦୁର୍ବୃତ୍ତମାନେ ତଳ ମହଲାରେ ରହୁଥିବା ଘର ମାଲିକଙ୍କ ପୁଅ ଶୋଇଥିବା କୋଠରିରେ ପହଞ୍ଚି ତାଙ୍କୁ ଉଠାଇ ବନ୍ଧୁକ ଦେଖାଇ ମାର୍‌ପିଟ କରିଥିଲେ। ପରେ ଘର ମାଲିକ ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ନଗଦ ଟଙ୍କା ଓ ଅଳଙ୍କାର ଲୁଟି ନେବା ସହିତ ସେମାନଙ୍କୁ ବାନ୍ଧି ଦେଇଥିଲେ। ଲୁଟ୍ ପରେ ଦୁର୍ବୃତ୍ତମାନେ ପରିବାର ଲୋକଙ୍କ ମୋବାଇଲ ଫୋନ ଭାଙ୍ଗି ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ଯିବା ପରେ ପଟେଲଙ୍କ ପରିବାର ଲୋକେ ପାଟି କରିବାରୁ ପାଖ ଘରେ ରହୁଥିବା ତାଙ୍କର ଭାଇ ପହଞ୍ଚି ସମସ୍ତଙ୍କୁ ଖୋଲିଥିଲେ। ଖବର ପାଇ ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ଓ ପୋଲିସ ରବିବାର ଭୋରରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସର ସ୍ୱତନ୍ତ୍ର ଟିମ ଗଠନ ହୋଇଥିବା ନେଇ ସଦର ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ବିକାଶ ବାହନ ରଥକୁ ସ୍ୱାଗତ



ବିକାଶ ବାହନ ରଥକୁ ସ୍ୱାଗତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନ।

କୁଆଁରମୁଣ୍ଡା, ୧୫।୬ (ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଖୁଖୁଣ୍ଡୁବାହାଲ ପଞ୍ଚାୟତରେ ରବିବାର ବିକାଶ ବାହନ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ରଥ ପଞ୍ଚାୟତରେ ପହଞ୍ଚି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲା। ଏହି ଅବସରରେ ଖୁଖୁଣ୍ଡୁବାହାଲ ପଞ୍ଚାୟତର ୫ଜଣଙ୍କୁ ଗୃହ, ୧୦ଜଣଙ୍କୁ ଜବ୍‌କାର୍ଡ, ୫ ଜଣଙ୍କୁ ଖାଦ୍ୟ ସୁରକ୍ଷା କାର୍ଡ ଓ ୫ ଜଣଙ୍କୁ ଜଙ୍ଗଲ ଜମିପଟ୍ଟା ଆଦି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ କୁଆଁରମୁଣ୍ଡା ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ଅତିରିକ୍ତ ତହସିଲଦାର, ପାନପୋଷ ବିଶ୍ୱଜିତ ପ୍ରଧାନ ପ୍ରମୁଖଙ୍କ ସହ ସରପଞ୍ଚ ଯାସିନ୍ତା ନାଗ, ସମିତି ସଭ୍ୟ ରୋହିତ ତିର୍କୀ, ଭାଜପା ମଣ୍ଡଳ ସଭାପତି ଲକ୍ଷ୍ମୀ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜଙ୍ଗଲ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଚାରା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପିଇଓ ସନ୍ଧ୍ୟାରାଣୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଡିଇଓ ଶମ୍ଭୁନାଥ ସିଂ ଓ ଯୋଗାଣ ସହାୟକ ତପସ୍ୱିନୀ ବେକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ହାଟରୁ ଫେରିବାବେଳେ ବୃଦ୍ଧା ମୃତ

ଲହୁଣୀପଡ଼ା, ୧୫।୬ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଖୁଣ୍ଟଗାଁ ପଞ୍ଚାୟତ ଅଧୀନ ନୂଆଡିହି ଗ୍ରାମର ଜଣେ ବୃଦ୍ଧା ରାସ୍ତାରେ ପଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ହେଲେ ରସୁଣୀ ନାଏକ(୬୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ନୂଆଡିହି ଗ୍ରାମର ଗଙ୍ଗାଧର ନାଏକ ସ୍ତ୍ରୀ ରସୁଣୀଙ୍କ ସହ ଖୁଣ୍ଟଗାଁ ଶନିବାର ସାପ୍ତାହିକ ହାଟରୁ ଘରକୁ ଫେରିଥିଲେ। ଗଙ୍ଗାଧର ପ୍ରଥମେ ଘରକୁ ଫେରିଥିବାବେଳେ ରାତି ପର୍ଯ୍ୟନ୍ତ ରସୁଣୀ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ନୂଆଡିହି ଗ୍ରାମ ରାସ୍ତାରେ ମୃତ ଅବସ୍ଥାରେ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଏ ନେଇ ଲହୁଣୀପଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବିଧାୟକଙ୍କୁ ଦାବିପତ୍ର ପ୍ରଦାନ



କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଦ୍ୱିତୀୟ ଶ୍ମଶାନ ଘାଟ ନିର୍ମାଣ ଦାବି**

କଣ୍ଟାବାଞ୍ଜି, ୧୫।୬ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରାଞ୍ଚଳରେ ଦ୍ୱିତୀୟ ଶଶ୍ମାନ ଘାଟ କରିବା ପାଇଁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହରର ୧୩, ୧୪, ୧୫ , ୧୬ ଓ ୧ ନମ୍ବର ୱାର୍ଡର ବାସିନ୍ଦା ବିଧାୟକଙ୍କୁ ତାଙ୍କ ଖୁଟୁଲୁମୁଣ୍ଡାସ୍ଥିତ ବାସଭବନରେ ଭେଟି ଏହି ଦାବିପତ୍ର ଦେଇଥିଲେ। ପ୍ରକାଶ ଯେ, ସହରର ଏକମାତ୍ର ଶଶ୍ମାନ ଘାଟ ଗୋରୁବଜାର ନିକଟରେ ରହିଛି। ଏହି ଶଶ୍ମାନ ଘାଟ ଉପରେ ସହରର ୧୧ରୁ ଉର୍ଦ୍ଧ୍ୱ ୱାର୍ଡର ଜନସାଧାରଣ ନିର୍ଭର କରନ୍ତି। କିନ୍ତୁ ଉପରୋକ୍ତ ୫ଟି ୱାର୍ଡ ଯଥା ଆଶ୍ରମପଡା, ସିଙ୍ଗାଲପଡା, ରେଲୱେ କଲୋନୀ, ଧୋବାପଡା, କୋଏଲାପଡା, ରେଲୱେ ଷ୍ଟେଶନପଡା, ତାଲିପଡା, ଝାଙ୍କରପଡା, ଆମ୍ବପଡା, ବିବେକାନନ୍ଦ ନଗର, ଦ୍ୱାରିକା ନଗର ଅଞ୍ଚଳର ଲୋକେ ସିମେଣ୍ଟ ଫ୍ୟାକ୍ଟ୍ରି ନିକଟରେ ଥିବା ଶଶ୍ମାନ ଘାଟରେ ଶବଦାହ କରୁଥିଲେ। ତେବେ ସେଠାରେ କେତେକ ସରକାରୀ କାର୍ଯ୍ୟାଳୟ ଏବଂ ନୂତନ ଓଏସଆରଟିସି ବସଷ୍ଟାଣ୍ଡ ନିର୍ମାଣ ହେବା ଦ୍ୱାରା ଏହିସବୁ ଅଞ୍ଚଳର ଜନସାଧାରଣ ସିମେଣ୍ଟ ଫ୍ୟାକ୍ଟ୍ରି ନିକଟରେ ଥିବା ଶ୍ମଶାନରେ ଶବଦାହ କରିପାରୁ ନାହାନ୍ତି। ଫଳରେ ଲୋକଙ୍କୁ ବଙ୍ଗୋମୁଣ୍ଡା ରାସ୍ତାରେ ଥିବା ୩ ରୁ ୪ କି.ମି. ଦୂର ଶଶ୍ମାନ ଘାଟକୁ ଶବଦାହ ପାଇଁ ଯିବାକୁ ପଡୁଛି। ଏଣୁ ସିମେଣ୍ଟ ଫ୍ୟାକ୍ଟ୍ରି ପଛପଟେ ଏକ ନୂତନ ଶବଦାହ କେନ୍ଦ୍ର ନିର୍ମାଣ ପାଇଁ ଏହି ଦାବିପତ୍ର ଦିଆଯାଇଛି। ନିକଟରେ କିଶୋର ପୁରୋହିତ, ସ୍ମରଣ କୁମାର ମହାନ୍ତି, ଗୁରୁଦୟାଲ ହଂସ ଓ କାଉନସିଲର ବିକାଶ ତରିଆଙ୍କ ନେତୃତ୍ୱରେ ଶତାଧିକ ୱାର୍ଡବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଛି । ବିଧାୟକ ବାଗ ଯଥାଶୀଘ୍ର ନୂତନ ଶବଦାହ ଘାଟ ପାଇଁ ଆବଶ୍ୟକ ଜମି ପ୍ରଦାନ ନିମନ୍ତେ କଣ୍ଟାବାଞ୍ଜି ତହସିଲଦାରଙ୍କୁ ଅନୁରୋଧ କରିଥିବା ଜଣାଯାଇଛି।

# ଦେଓଗାଁ ଚିନିକଳ କାର୍ଯ୍ୟକ୍ଷମ ଦାବି

ବଲାଙ୍ଗୀର, ୧୫।୬ (ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୧୭ ତାରିଖରେ ବଲାଙ୍ଗୀର ଠାରେ ହେବାକୁ ଥିବା କୃଷକ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ରବିବାର ସ୍ଥାନୀୟ ଯାଦବ ଭବନଠାରେ ଦେଓଗାଁ ଚିନିକଳ ସଂଘର୍ଷ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରାଯାଇଛି। ପ୍ରମୁଖ ଦାବି ଭାବେ ଦୀର୍ଘ ୧୨ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ପଡିଥିବା ଦେଓଗାଁ ଚିନିକଳକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି। ସମିତି ସଦସ୍ୟମାନେ କହିଥିଲେ, ସରକାରୀ ଇଚ୍ଛାଶକ୍ତି ଅଭାବ ଯୋଗୁ ବଲାଙ୍ଗୀରର ଦେଓଗାଁ ଚିନିକଳ ବନ୍ଦ ଅବସ୍ଥାରେ ରହିଛି। ଦୀର୍ଘ ବର୍ଷ ଧରି ଚିନିକଳ ବନ୍ଦ ହୋଇଯିବାରୁ ଜିଲାରେ ଆଖୁଚାଷ ବହୁମାତ୍ରାରେ କମିଯାଇଛି। ଏହି ଚିନିକଳ ପୁନଃ କାର୍ଯ୍ୟକ୍ଷମ ହେଲେ ଜିଲାର ଚାଷୀମାନେ ପୁଣି ଥରେ ଆଖୁଚାଷ କରି ଲାଭବାନ ହୋଇପାରିବେ। ସମିତି ସଦସ୍ୟମାନେ କହିଥିଲେ, ଚିନିକଳ କାର୍ଯ୍ୟକ୍ଷମ କରିବାକୁ ସମିତି ପକ୍ଷରୁ ରାଜ୍ୟ ସରକାର, ଜିଲା ପ୍ରଶାସନକୁ ବାରମ୍ବାର ଦାବିପତ୍ର ଦିଆଯାଇଛି। ଅନେକ ସମୟରେ ଧାରଣା, ବିକ୍ଷୋଭ ଓ ଆନ୍ଦୋଳନ କରାଯାଇଛି। ଏହା କାର୍ଯ୍ୟକ୍ଷମ ହେଲେ ଜିଲାର ୨୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଓ ଲୋକ ଉପକୃତ ହେବେ। ନିଯୁକ୍ତି ବଢ଼ିବ। ଦାଦନ ଶ୍ରମିକ ସମସ୍ୟା କମିବ। ଏଣୁ ସରକାର ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଦିଗରେ ପଦକ୍ଷେପ ନିଅନ୍ତୁ। ୧୭ ତାରିଖ ସମାବେଶରେ ମୁଖ୍ୟମନ୍ତ୍ରୀ ଚିନିକଳ ପୁନଃ କାର୍ଯ୍ୟକ୍ଷମ ସଂକ୍ରାନ୍ତରେ ଘୋଷଣା କରିବାକୁ ସେମାନେ ଦାବି କରିଛନ୍ତି। ଏବେ ଜିଲାରୁ ଜଣେ ଉପମୁଖ୍ୟମନ୍ତ୍ରୀ, ଜଣେ ସ୍ୱାସ୍ଥ୍ୟମନ୍ତ୍ରୀ ରହିଥିବାରୁ ସେମାନେ ଦେଓଗାଁ ଚିନିକଳ ଚାଲିବା ଦିଗରେ ଉଦ୍ୟମ କରିବେ ବୋଲି ଜିଲାବାସୀ ଆଶା ରଖିଥିବା ସମିତି ଆବାହକ ଆଶିଷ ପାଣ୍ଡେ, ସନ୍ଦୀପ ବାଗ, ଡ. ବିପିନ କୁଶଲିଆ, ରାଜେଶ ବଗର୍ତ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସତ୍ୟ ବନ୍‌ଛୋର, ସୂଚନା ଅଧିକାର କର୍ମୀ ନୀଳମଣି ଯୋଶୀ ଓ ଧନଞ୍ଜୟ କରଣ କହିଥିଲେ। ଚିନିକଳ ପୁନଃ କାର୍ଯ୍ୟକ୍ଷମ ଦାବି ପୂରଣ କରିବାରେ ସରକାର ଅବହେଳା କଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସେମାନେ ବାଧହେବ ବୋଲି କହିଥିଲେ। ଏହି ଅବସରରେ ଦେଓଗାଁ ଚିନିକଳ କର୍ମଚାରୀ ସଂଘର ପୂର୍ବତନ କର୍ମଚାରୀମାନେ ମଧ୍ୟ ଯୋଗଦାନ କରିଥିଲେ।

# ପୂର୍ବତନ ବିଧାୟକଙ୍କୁ ଭେଟିଲେ ସ୍ଥାନୀୟ ଦୋକାନୀ

ବନ୍ଧମୁଣ୍ଡା, ୧୫।୬ (ସୁବ୍ରତ ଦେ)

ବନ୍ଧମୁଣ୍ଡାରେ ଏନ୍‌ଏଚ୍ ବିଭାଗ ଦ୍ୱାରା ଏନ୍‌ଏଚ୍ ନିର୍ମାଣ ପାଇଁ ବନ୍ଧମୁଣ୍ଡା ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣ ପ୍ରସଙ୍ଗରେ ଶନିବାର ସ୍ଥାନୀୟ ଦୋକାନୀ ଏବଂ ଲୋକମାନେ ରାଉରକେଲାର ପୂର୍ବତନ ବିଧାୟକ ଦିଲୀପ ରାୟଙ୍କୁ ଭେଟିଛନ୍ତି।



ପୂର୍ବତନ ବିଧାୟକଙ୍କୁ ଭେଟିବାକୁ ଆସିଥିବା ସ୍ଥାନୀୟ ଅଞ୍ଚଳବାସୀ।

**ବନ୍ଧମୁଣ୍ଡା ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ ପ୍ରସଙ୍ଗ**

ବନ୍ଧମୁଣ୍ଡା ମୁଖ୍ୟ ରାସ୍ତାକୁ ୧୫ ମିଟର ପରିବର୍ତ୍ତେ ୧୨ ମିଟର ଚୌଡ଼ା କରାଯାଉ, ରାସ୍ତା କଡ଼ରେ ନିର୍ମାଣ ହେଉଥିବା ୧.୫ ମିଟର ଡ୍ରେନ୍‌କୁ ଏକ ମିଟର ପର୍ଯ୍ୟନ୍ତ ପ୍ରଶସ୍ତ କରାଯାଉ, ଡ୍ରେନ୍ ଉପର ଅଂଶକୁ ପାଦଚଲା ରାସ୍ତା କରାଯିବା ଉଚିତ ବୋଲି ଦୋକାନୀମାନେ ନିବେଦନ କରିଛନ୍ତି। ଦୋକାନୀମାନଙ୍କ ଦାବିକୁ ଦୃଷ୍ଟିରେ ରଖି ପୂର୍ବତନ ବିଧାୟକ ରାୟ ଦିଲ୍ଲୀ ଯାଇ ଏହି ପ୍ରସଙ୍ଗରେ ସମ୍ପୃକ୍ତ ବିଭାଗର ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ କଥା ହେବେ ଏବଂ ସମସ୍ୟାର ସମାଧାନ କରିବେ ବୋଲି ରାୟ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ପ୍ରମିଳା ସୁନା, ଏମ୍.କେ. ସୁନା, ଲଖନ ଲୋହାର, ମାଣିକ ଚୌଧୁରୀ, ହରି ଦୋରା, ସୁନୀଲ ସିଂହ, ପ୍ରହଲ୍ଲାଦ ତନ୍ତୀ, ବିଦ୍ୟା ବିଶ୍ୱକର୍ମା, ମହମ୍ମଦ ଅରମାନ, ରଞ୍ଜନ ସିଂହ, ବିଦ୍ୟାଧର ତନ୍ତୀଙ୍କ ସମେତ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ରାସ୍ତା ପ୍ରଶସ୍ତୀକରଣ ଯୋଗୁ ବନ୍ଧମୁଣ୍ଡାର ଅନେକ ଦୋକାନ ଏବଂ ଘର ଭାଙ୍ଗିଯିବଣ୍ଟ୍, ଯାହା ଫଳରେ ଅଞ୍ଚଳରେ ବେକାରି ବୃଦ୍ଧି ପାଇବ।

# ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟ, ପ୍ରଗତି କ୍ଲବ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବନ୍ଧମୁଣ୍ଡା, ୧୫।୬ (ସୁବ୍ରତ ଦେ)

ବନ୍ଧମୁଣ୍ଡାର ଡୁମେରତାର ପ୍ରଗତି ଖେଳପଡ଼ିଆଠାରେ ପ୍ରଗତି କ୍ଲବ ଦ୍ୱାରା ଆୟୋଜିତ ୧୫ ବର୍ଷରୁ କମ୍ ବାଳକ ଫୁଟବଲ ଲିଗ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ପ୍ରଗତି କ୍ଲବ ଏବଂ ଜାରାଟୋଲି ମଧ୍ୟରେ ଖେଳାଯାଇଥିଲା, ଯେଉଁଥିରେ ପ୍ରଗତି କ୍ଲବ ଟ୍ରାଇ ବ୍ରେକରରେ ଚାମ୍ପିୟନ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଏବଂ କପଟାମୁଣ୍ଡା ସରପଞ୍ଚ ମୋତିଲାଲ ଲାକ୍ରା ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମୋତିଲାଲ ଲାକ୍ରା ସମସ୍ତ ଖେଳାଳିଙ୍କୁ ନିଶାରୁ ଦୂରେଇ ରହିବା ଏବଂ ଖେଳ ପାଇଁ ଭଲ ଅଭ୍ୟାସ ଜାରି ରଖିବା ପାଇଁ କହିଥିଲେ। ଖେଳର ଆୟୋଜନରେ ସିଦ୍ଧେଶ୍ୱର ବୋଦ୍ରା, ଥୋମାସ୍ ଭେଙ୍ଗରା, ଶିବା ସିଂ, ରାମୁଦାସ ତନ୍ତୀ, କରଣ ସିଂ ଗୁରୁଙ୍ଗ, ନରସିଂହପୁର ବୋଦ୍ରା, ପ୍ରକାଶ ମିଞ୍ଜ, ଶେଖର ମହାକୁଲ, କାର୍ତ୍ତିକ ମାହାତୋ, ସାଇଙ୍ଗନ ପୂର୍ତ୍ତି, ସୋହାନଲ ମାହାତୋ, ରମେଶ ଓରାମ, ପାଓଲ ଜାଡେ, ଅନିଲ ତି, ରୋନି ଖାଲ୍‌କୋ, ସନ୍ଦୀପ ବାରୁଆ, ସୌରଭ ଟିଗ୍ଗା ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଦୋକାନ ଜଳିଗଲା

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ତିଲେଇବଣି ବ୍ଲକ ଦୁଧିଆନାଳି ପଞ୍ଚାୟତ ଖଜୁରିଦର୍ହ ଗ୍ରାମରେ ରବିବାର ଚନ୍ଦ୍ରମଣି ସାହୁଙ୍କ ଦୋକାନରେ ନିଆଁ ଲାଗି ଜଳିଯାଇଛି। ଏହି ଦୋକାନରେ ଗ୍ରୋସରି, ବିଭିନ୍ନ ସାମଗ୍ରୀ ସହିତ ବହୁ ପରିମାଣର ପେଟ୍ରୋଲ ଏବଂ ଏକ ଗ୍ୟାସ୍ ସିଲିଣ୍ଡର ରହିଥିଲା। କୌଣସି କାରଣରୁ ଦୋକାନରେ ନିଆଁ ଲାଗିଯାଇଥିଲା। ସେଠାରେ ପେଟ୍ରୋଲ ଥିବାରୁ ହଠାତ୍ ନିଆଁ ବ୍ୟାପି ଯାଇଥିଲା। ଏପରି କି ଦୋକାନ ଭିତରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟିଯାଇଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ଅଗ୍ନିକାଣ୍ଡରେ ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ପ୍ରବଳ ବର୍ଷାରେ ଧୋଇଗଲା ରାସ୍ତା



**ନାକଟିଦେଉଳ,୧୫।୬(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଯାମୁଯୋରୀ ପଞ୍ଚାୟତର ଅଙ୍ଗାବିରା ଅଞ୍ଚଳରେ ରବିବାର ଅପରାହ୍ନରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଅଙ୍ଗାବିରା ଚଡ଼ଚଡ଼ି ରାସ୍ତାର ଝିଅବୁରୀ ନାଳ ଉପରେ ଥିବା ପୋଲ ନିକଟ ରାସ୍ତାର ଗୋଟିଏ ପାଖ ଧୋଇ ହୋଇ ଧସି ଯାଇଛି। ଏଥିଯୋଗୁ ସମ୍ପୃକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅପରାହ୍ନ ୩ଟାରେ ମୂଷଳ ଧାରରେ ବର୍ଷା ହୋଇଥିଲା। ଗ୍ରାମ ଆଖପାଖ ନାଳଗୁଡିକ ବର୍ଷା ପାଣିରେ ହଠାତ ଫୁଲି ଉଠିଥିଲା। ଅଙ୍ଗାବିରା-ଚଡ଼ଚଡ଼ି ରାସ୍ତାରେ ଥିବା ଝିଅବୁରି ପୋଲ ନିକଟରେ ପାହାଡ଼ରୁ ବର୍ଷା ପାଣି ଆସି ରାସ୍ତା ଉପରେ ଦୁଇ ଫୁଟର ବର୍ଷା ପାଣି ପ୍ରବାହିତ ହୋଇଥିଲା। ଝିଅବୁରୀ ନାଳ ନିକଟରେ ରାସ୍ତାର ଗୋଟିଏ ପାର୍ଶ୍ୱରୁ ମାଟି ଧସି ଧୋଇ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ଶୀଘ୍ର ଏହାର ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବିସ୍ଥାପିତଙ୍କୁ ଥଇଥାନ ପାଇଁ ଦାବି

**ବ୍ରଜରାଜନଗର,୧୫।୬(ବିଜୟ ବରାଡ଼)**

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ରାମଗଡ଼ ଅଞ୍ଚଳରେ ରହୁଥିବା ହୀରାକୁଦ ବୁଡି ଅଞ୍ଚଳର ବିସ୍ଥାପିତ ଅରୁଣ ବଡପଣ୍ଡା ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ଥଇଥାନ ପାଇଁ ସେ ବାରମ୍ବାର ବିଭିନ୍ନ ଦପ୍ତରକୁ ଯାଇ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରୁନାହିଁ। ପୂର୍ବ ସରକାର ସମୟରେ ସମସ୍ୟା ସମାଧାନ ପାଇଁ ଭରସା ଥିଲେ ମଧ୍ୟ ତାହା ହୋଇପାରିଲା ନାହିଁ। ବର୍ତ୍ତମାନର ସରକାର ବିସ୍ଥାପିତଙ୍କୁ ୧୦ ଡିସିମିଲ ଜାଗା ଯୋଗାଇଦେବେ ବୋଲି କହିଥିଲେ। ଇତିମଧ୍ୟରେ ସରକାର ୧ ବର୍ଷ ପୂର୍ତ୍ତି ପାଳନ କରଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିସ୍ଥାପିତଙ୍କୁ ଚିହ୍ନଟ କରାଯାଇପାରି ନାହିଁ। ସେ ଜଣେ ବିସ୍ଥାପିତ ହୋଇ ମଧ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଏପର୍ଯ୍ୟନ୍ତ ପିଲାଛୁଆଙ୍କୁ ଧରି ବ୍ରଜରାଜନଗର ପୌରାଞ୍ଚଳରେ ଭଡ଼ାଘରେ ଜୀବନ କାଟୁଛନ୍ତି। ସୂଚନାଯୋଗ୍ୟ, ହୀରାକୁଦ ବୁଡିରେ ବୁର୍ଲା ଥାନା ଓ ତହସିଲ ଅନ୍ତର୍ଭୁକ୍ତ ପରଟା ଗ୍ରାମର ଅରୁଣ ବଡ଼ପଣ୍ଡା ବିସ୍ଥାପିତ ହେବାପରେ ବ୍ରଜରାଜନଗର ଆସିଥିଲେ। ସେଠାରେ ରହି ନିଜ ଅଧିକାର ପାଇଁ ବହୁବାର ବୁର୍ଲା ଯାଇଛନ୍ତି। ବିସ୍ଥାପିତ ଚିହ୍ନଟ ହେବା ପରେ ଯାଇ ତୁମକୁ ସରକାର ଜାଗା ଦେବେ ବୋଲି ପ୍ରତିଶ୍ରୁତି ମିଳୁଛି। ତାଙ୍କୁ ଏବେ ୬୦ ବର୍ଷ। ସେ କେବେ ଚିହ୍ନଟ ହୋଇ ଜାଗା ପାଇବେ ଓ ଘର କରିବେ ତାହା ତାଙ୍କୁ ସ୍ୱପ୍ନ ଭଳି ଲାଗୁଛି। ରାଜସ୍ୱ ମନ୍ତ୍ରୀ ତୁରନ୍ତ ବିସ୍ଥାପିତଙ୍କୁ ଚିହ୍ନଟ କରି ଥଇଥାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ହରିହର ମନ୍ଦିର ଗର୍ଭଗୃହ, କାନ୍ଥରେ ଫାଟ

**ଝାରସୁଗୁଡ଼ା,୧୫।୬(ଆଶିଷ ରଞ୍ଜନ ଦାଶ)**





ମନ୍ଦିର ଗର୍ଭଗୃହରେ ସୃଷ୍ଟି ହୋଇଥିବା ଫାଟ।

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଲ ପଞ୍ଚାୟତ ବୃନ୍ଦାମାଲର ହରିହର ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ମରାମତି ଅଭାବରୁ ମନ୍ଦିରର ଗର୍ଭଗୃହ ଓ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ତୁରନ୍ତ ଏହାର ମରାମତିସହ ଅନ୍ୟାନ୍ୟ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

୧୯୬୦ ମସିହାରେ ରବିବ୍ରତ ସା ନାମକ ଜଣେ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ଏହି ମନ୍ଦିର ନିର୍ମାଣ ହୋଇଥିବା ସ୍ଥାନୀୟ ବୟୋଜ୍ୟେଷ୍ଠ ଲୋକମାନେ କହିଛନ୍ତି। ବିଭିନ୍ନ ପର୍ବପର୍ବାଣି ସମୟରେ ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ବଡ଼ମାଲ, ହିର୍ମା, ଶ୍ରୀପୁରା, କାଡିକେଲା, ସରବାହାଲ ଅଞ୍ଚଳର ହଜାର ହଜାର ଭକ୍ତ ଏହି ମନ୍ଦିରକୁ ଆସିଥାନ୍ତି। ହେଲେ ମନ୍ଦିର ନିର୍ମାଣ ହେବାଠାରୁ ଏପର୍ଯ୍ୟନ୍ତ ମନ୍ଦିର ଗର୍ଭଗୃହ ଓ କାନ୍ଥ ମରାମତି କରାଯାଇନାହିଁ। ମନ୍ଦିର ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସିବା ସହ କଳଙ୍କ ଲାଗିଥିବାରୁ ଲୁହାରଡ଼ଗୁଡିକ ଖଣ୍ଡ ଖଣ୍ଡ ହୋଇ ତଳେ ପଡୁଛି। ଏପରି କି ବର୍ଷା ହେଲେ ମନ୍ଦିର ଛାତରୁ ପାଣି ଝରୁଛି। ଅପରପକ୍ଷରେ ମନ୍ଦିରର ସମ୍ମୁଖ ପୋଖରୀ ଦୀର୍ଘଦିନ ହେବ ସଫା କିମ୍ବା ମାଟି କାମ କରାଯାଇ ନାହିଁ। ପୋଖରୀ ଚତୁଃପାର୍ଶ୍ୱରେ ଥିବା ଆମ୍ବ ଓ ବରଗଛ ମନ୍ଦିରର ଶୋଭା ବଢାଉଥିବାବେଳେ ସେଠାରେ ଗୋଟିଏ ଲେଖାଏ ପିଣ୍ଡି ନିର୍ମାଣ କରାଗଲେ ବିଭିନ୍ନ ସ୍ଥାନରୁ ଆସୁଥିବା ଭକ୍ତମାନେ ବସାଉଠା କରିବାର ସୁଯୋଗ ପାଆନ୍ତେ। ମନ୍ଦିର ପୂଜକ ଧରଣୀଧର ମହାପାତ୍ର କହିଛନ୍ତି, ଆମର ତିନି ପିଢ଼ି ହେବ ମନ୍ଦିରରେ ଠାକୁରଙ୍କ ପୂଜା କରିଆସୁଛୁ। ହେଲେ ଆମକୁ କିଛି ପାରିଶ୍ରମିକ ମିଳୁନାହିଁ। ପୂର୍ବରୁ ମନ୍ଦିରର ୨ ଏକର ଜମି ଥିଲା, କିନ୍ତୁ ତାହା ଏକ କମ୍ପାନୀ ପରିସରକୁ ଚାଲିଗଲା ପରେ ସେହିଦିନଠାରୁ ବହୁ ଅସୁବିଧାରେ ପରିବାର ପ୍ରତିପୋଷଣ କରିବାକୁ ପଡୁଛି। ଦୀର୍ଘଦିନ ବ୍ୟବଧାନରେ ଟଙ୍କଧର ତ୍ରିପାଠୀ ବିଧାୟକ ହେବା ପରେ ସେ ୨ ଲକ୍ଷ ଟଙ୍କାର ଅନୁଦାନ ଦେଇଛନ୍ତି, ଯାହାକି ସମୁଦ୍ରକୁ ଶଙ୍ଖେ। ସେହିପରି ସ୍ଥାନୀୟ ଅଞ୍ଚଳର ଅବଧୂତ ପଧାନ, ସଭ୍ୟ ପୁଟେଲ, ଦେବାନନ୍ଦ ସେଟ କହିଛନ୍ତି, ଦେବୋତ୍ତର ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ଏହି ମନ୍ଦିରର ଉନ୍ନତୀକରଣ କଲେ ଏହା ଏକ ପର୍ଯ୍ୟଟନସ୍ଥଳରେ ପରିଣତ ହୋଇପାରନ୍ତା। ଏଥିସହ ମନ୍ଦିର ପୂଜକଙ୍କ ପାରିଶ୍ରମିକ ପାଇଁ କିଛି ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଏନେଇ ଜିଲା ସଂସ୍କୃତି ବିଭାଗ ଅଧିକାରୀ ଦାୟିତ୍ୱରେ ଥିବା ଅଜୟ ଜେନା କହିଛନ୍ତି, ଲିଖିତ ଭାବେ ଆମକୁ ଜଣାଇଲେ ଆମେ ଦେବୋତ୍ତର ଏବଂ ପ୍ରତ୍ନତତ୍ତ୍ୱ ବିଭାଗକୁ ପଠାଇ ଏହା ଉପରେ କିଛି ବ୍ୟବସ୍ଥା କରିବୁ।

# ସମ୍ବଲପୁର ଆଇବିଏସ୍ ଛାତ୍ରୀଛାତ୍ରଙ୍କ ସଫଳତା



ନୀଲମ ମେହେର



ଆଶୁତୋଷ ସାହୁ



ସୂର୍ଯ୍ୟନାରାୟଣ ପଧାନ

**ସମ୍ବଲପୁର,୧୫।୬(ଭବାନୀ ଶଙ୍କର ଭୋଇ)**

### ସର୍ବଭାରତୀୟ ନିଟ୍ ପ୍ରବେଶିକା ପରୀକ୍ଷାଫଳ ପ୍ରକାଶିତ

ସର୍ବଭାରତୀୟ ନିଟ୍-୨୦୨୫ ପ୍ରବେଶିକା ପରୀକ୍ଷା ଶନିବାର ପ୍ରକାଶିତ ହୋଇଛି। ଏଥିରେ ସମ୍ବଲପୁରସ୍ଥିତ ଆଇବିଏସ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସଫଳତା ହାସଲ କରି ଡାକ୍ତରୀ ପାଠ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ନୀଲମ ମେହେର (୯୯.୬୭), ସୂର୍ଯ୍ୟ ନାରାୟଣ ପଧାନ (୯୯.୧୪), କୈବର୍ତ୍ତ ଦେହେରୀ (୯୮.୮୦), ଓମପ୍ରକାଶ ମିଶ୍ର (୯୮.୮୦), ଆଦିତ୍ୟ କୁମାର ପ୍ରସାଦ (୯୮.୬୧), ଆକାଂକ୍ଷ୍ୟା ସାହୁ (୯୮.୦୬), ରୋଜାଲିନ ସାହୁ( ୯୮.୦୬), ଚିରଞ୍ଜିବି ନାୟକ (୯୮%), କୋଶଲ ସା (୯୭.୭୨%), ଭକ୍ତି ବିଶ୍ୱାଳ (୯୭.୧୮%) ଏବଂ ଅପର୍ଣ୍ଣା ଏକ୍କା (୮୯.୦୮%) ପ୍ରତିଶତ ମାର୍କ ରଖି ଛନ୍ତି। ସେମାନେ ଦେଶର ବିଭିନ୍ନ ମେଡିକାଲ କଲେଜରେ ପାଠ ପଢ଼ିବେ। ଏହି ସଫଳତା ପାଇଁ ରବିବାର ଆଇବିଏସ ନିର୍ଦ୍ଦେଶିକା ଶର୍ମିଷ୍ଠା ମେହେର ଏବଂ ନିର୍ଦ୍ଦେଶକ ଗୁପ୍ତେଶ୍ୱର ମେହେର କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମ୍ବଲପୁର ଫାଟକ ସ୍ଥିତ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ଶିକ୍ଷାପ୍ରତିଷ୍ଠାନ ଦ୍ୱିଶା ଏଜୁକେଶନାଲ ଲିମିଟେଡର ଏକ ୟୁନିଟ ହେଉଛି ଆଇବିଏସ । ଆଇବିଏସ ୨୦୦୮ ମସିହାରୁ ୧୬ ବର୍ଷ ଧରି ବହୁ ଛାତ୍ରୀଛାତ୍ରମାନଙ୍କ ଡାକ୍ତରୀ ଶିକ୍ଷାର ସ୍ୱପ୍ନକୁ ସାକାର କରିଆସୁଛି ବୋଲି ନିର୍ଦ୍ଦେଶକ ମେହେର ସୂଚିତ କରିଛନ୍ତି ।

# ବେଲପାହାଡ଼ରେ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ




କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

**ଝାରସୁଗୁଡ଼ା,୧୫।୬(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଗୁମାଡେରାସ୍ଥିତ ଇନ୍‌ଡୋର ମଲ୍ଟି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଶନିବାର ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲପାହାଡ଼, ବନ୍ଧବାହାଲ ଓ ବ୍ରଜରାଜନଗର ଅଞ୍ଚଳର ୪୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୩, ୧୫ ଓ ୧୯ ବର୍ଷରୁ କମ୍ ତିନୋଟି ବିଭାଗରେ ବାଳକମାନଙ୍କର ସିଙ୍ଗଲ୍ସ ପ୍ରତିଯୋଗିତା ହୋଇଥିଲା। ୧୩ ବର୍ଷରୁ କମ୍ ବିଭାଗରେ ବନ୍ଧବାହାଲର କୁନ୍ଦନ କୁମାର ପାତ୍ର, ୧୫ ବର୍ଷରୁ କମ୍ ବିଭାଗରେ ବ୍ରଜରାଜନଗରର ରାଜଦୀପ ପଣ୍ଡା ଓ ୧୯ ବର୍ଷରୁ କମ୍ ବିଭାଗରେ ବ୍ରଜରାଜନଗରର ରୋହନ ବନଛୋର ଚାମ୍ପିୟନ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶାରୀରିକ ଶିକ୍ଷା ଶିକ୍ଷକ ହମିଦ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ରାଜେଶ କୁମାର, ଆନନ୍ଦ ବାରିକ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବ୍ୟାଡ଼ମିଣ୍ଟନ କୋଚ୍ କମଲେଶ ଶର୍ମାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ମ୍ୟାଚ୍ ଅଫିସିଆଲ ଭାବରେ ମନୋଜ କୁମାର ବିନ୍ଧାଣୀ, ସ୍ମୃତି ରଞ୍ଜନ ପ୍ରଧାନ, ସଞ୍ଜୟ ମିଶ୍ର, ଆଶୁତୋଷ ମହାପାତ୍ର ପରିଚାଳନା କରିଥିଲେ। ମନୋଜ କୁମାର ବିନ୍ଧାଣୀ ଧନ୍ୟବାଦ ଦେଇଥିଲେ।

# ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ବିଧାୟକ

### ଜନଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼,୧୫।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳସ୍ଥିତ ଜିଲା ପରିଷଦ ଅଧ୍ୟକ୍ଷଙ୍କ ନିଜସ୍ୱ କାର୍ଯ୍ୟାଳୟରେ ବିଧାୟକଙ୍କ ଜନଅଭିଯୋଗ ଶୁଣାଣି ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ୨୩ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗର ଶୁଣାଣି କରିବା ସହ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି କେତେକ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଫୋନ୍ ଜରିଆରେ ଯୋଗାଯୋଗ କରି ସମସ୍ୟାର ତୁରନ୍ତ ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ବିଶେଷକରି ବାର୍ଦ୍ଧକ୍ୟ ଭତ୍ତା, ଘର, ରାସ୍ତା ମରାମତି ଓ ନୂତନ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ, ପାନୀୟଜଳ ଓ ବିଦ୍ୟୁତ୍ ସମସ୍ୟା ନେଇ ରିଆମାଳ ବ୍ଲକ ଅଧୀନ ବିଭିନ୍ନ ଗ୍ରାମର ଲୋକମାନେ ଅଭିଯୋଗ କରିଥିଲେ। ଏହି ଶିବିରରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ୍ କୁମାର ପ୍ରଧାନ ଉପସ୍ଥିତ ଥିଲେ।

# ଚଳନ୍ତା ବସ୍‌ରେ ବିପଦପୂର୍ଣ୍ଣ ‘ଷ୍ଟଣ୍ଟ୍ ଶୋ’

**ଝାରସୁଗୁଡ଼ା,୧୫।୬(ଆଶିଷ ରଞ୍ଜନ ଦାଶ)**

### ଅଚିନ୍ତାରେ ଡ୍ରାଇଭର, କଣ୍ଡକ୍ଟର




ଝାରସୁଗୁଡ଼ା ଜିଲାରେ ୪୯ ନମ୍ବର ଜାତୀୟ ରାଜପଥ ଏବଂ ବିଜୁ ଏକ୍ସପ୍ରେସ୍ ୱେ ମରଣଯନ୍ତା ପାଲଟିଛି। ପ୍ରତିଦିନ ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିଲେ ମଧ୍ୟ ଗାଡ଼ି ମାଲିକ, ହାଇୱେରେ ପାଟ୍ରୋଲିଂ କରୁଥିବା ପୋଲିସ କିମ୍ବା ଜିଲା ପରିବହନ ବିଭାଗର ତିଳେମାତ୍ର ଚିନ୍ତା ନାହିଁ। ଏନେଇ ଏକ ବିପଦପୂର୍ଣ୍ଣ ଦୃଶ୍ୟ ବ୍ରଜରାଜନଗର ପାଖ ବୁଢ଼ୀପଦର ଜାତୀୟ ରାଜପଥ-୪୯ରେ ଦେଖିବାକୁ ମିଳିଛି। ରବିବାର ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ୍‌ରେ ରାୟଗଡ଼ରୁ ବ୍ରଜରାଜନଗର ଦେଇ ଝାରସୁଗୁଡ଼ା ଯାଉଥିବା ସୁରଜିତ୍ ଆଣ୍ଡ ହରଜିତ୍ ନାମକ ବସ୍ (ନଂ.ଓଡି୨୩ଆର-୫୦୯୫)ର କ୍ୟାବିନ୍ ଉପରେ ଜଣେ ଯୁବକ ଷ୍ଟଣ୍ଟ ଶୋ’ ମାଧ୍ୟମରେ ବିଭିନ୍ନ ଷ୍ଟାଇଲରେ ନୃତ୍ୟ କରୁଥିଲେ। ଏହି ଦୃଶ୍ୟ ଦେଖି ରାସ୍ତାରେ ଯାଉଥିବା ଲୋକମାନେ ମଲା ମଲା ବୋଲି ଚିତ୍କାର କରୁଥିଲେ। ହେଲେ ବସ୍ ଡ୍ରାଇଭର କିମ୍ବା ଉକ୍ତ ଯୁବକଙ୍କ ଉପରେ ଏହାର କୌଣସି ପ୍ରଭାବ ପଡି ନ ଥିଲା। ଏହି ଦୃଶ୍ୟ ଏବେ ବ୍ରଜରାଜନଗର, ଝାରସୁଗୁଡ଼ା ଅଞ୍ଚଳରେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ବସ୍ ଉପରେ ଏଭଳି ବିପଦପୂର୍ଣ୍ଣ ଘଟଣା ଘଟୁଥିଲେ ମଧ୍ୟ ଚାଳକ ଓ କଣ୍ଡକ୍ଟର କ’ଣ ପାଇଁ ସମ୍ପୃକ୍ତ ଯୁବକଙ୍କୁ ମନା କଲେ ନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି କାର୍ଯ୍ୟ କରୁଥିବା ଯୁବକଙ୍କ ପ୍ରତି ପୋଲିସ, ପରିବହନ ବିଭାଗ ଏବଂ ଗାଡି ମାଲିକମାନେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ଜିଲା ପରିବହନ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଅଖିଳ ଭାରତୀୟ ଅଘରିଆ ସମାଜର ମଣ୍ଡଳସ୍ତରୀୟ ସଭା

**ଝାରସୁଗୁଡ଼ା,୧୫।୬(ଆଶିଷ ରଞ୍ଜନ ଦାଶ)**

ଓଡ଼ିଶା ପ୍ରଦେଶ ହ. କଟାପାଲି ମଣ୍ଡଳ ଟାଙ୍ଗରପାଲି ଗୁଡ଼ି ଅନ୍ତର୍ଗତ ସୁଲାହି ଗ୍ରାମରେ ମଣ୍ଡଳସ୍ତରୀୟ ସାଧାରଣ ସଭା ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲଇଡ଼ା ଆଞ୍ଚଳିକ ସଭାପତି ବିନୟ ଚୌଧୁରୀ, ସମ୍ପାଦକ ଯୋଗେନ୍ଦ୍ର ପାଣ୍ଡେ, କୋଷାଧ୍ୟକ୍ଷ ଦେବେନ୍ଦ୍ର ପଟେଲ, କେନ୍ଦ୍ର କମିଟିର ପୂର୍ବତନ ସଭାପତି ନରେଶ ନାଏକ, ମଣ୍ଡଳ ସମ୍ପାଦକ ରୂପାନନ୍ଦ ଚୌଧୁରୀ, ପରିବେଶବିତ୍ ପ୍ରହ୍ଲାଦ ନାଏକ ମଞ୍ଚାସୀନ ଥିଲେ। ସୁଲାହି ଗ୍ରାମର ସଞ୍ଜୟ ପଟେଲ ସ୍ୱାଗତ ଭାଷଣ ଓ ଟାଙ୍ଗରପାଲି ଗୁଡ଼ି ସଭାପତି ସୁଶୀଲ କୁମାର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଏହି ସଭାରେ ସମାଜର ସଙ୍ଗଠନ, ଅର୍ଥନୀତି, ଶିକ୍ଷା ସମେତ ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବିଚାରବିମର୍ଶ କରାଯାଇଥିଲା। ଏଥିରେ ତିଲେଇମାଲ ଗୁଡ଼ି ସଭାପତି ହେମନ୍ତ ପଟେଲ, ସମ୍ପାଦକ ଦିଲ୍ଲୀପ ନାଏକ, ପଞ୍ଚପଡ଼ା ଗୁଡ଼ି ସଭାପତି ରତ୍ନପୂର୍ଣ୍ଣ ପଟେଲ, ଟାଉନ୍ ଗୁଡ଼ି ସଭାପତି ରାଜବିହାରୀ ପାଣ୍ଡେ, ବନ୍ଧବାହାଲ ଗୁଡ଼ି ସଭାପତି ସଞ୍ଜୟ ପଟେଲ, ମଣ୍ଡଳ କୋଷାଧ୍ୟକ୍ଷ ଦିଲ୍ଲୀପ ନାଏକ, ପୂର୍ବତନ ମଣ୍ଡଳ ସଭାପତି ଗୌତମ ପାଣ୍ଡେ, ଟାଙ୍ଗରପାଲି ଗୁଡ଼ି ସମ୍ପାଦକ ରାଧେଶ୍ୟାମ ପଟେଲ, ସୁଲେହି ଗ୍ରାମ ସଭାପତି ଅଜିତ ପଟେଲ, ସମ୍ପାଦକ ସୁରେନ୍ଦ୍ର ପଟେଲ, ସୁରେଶ ପଟେଲ, ତାଲମାଳ ଗ୍ରାମର କିଶୋର ନାଏକ, ଦେବସିଂ ନାଏକ, ଆଶିଷ ନାଏକ, ସୁବ୍ରତ ନାଏକ, ଗମ୍ଭାରୀଡ଼ିହି ଗ୍ରାମର ମନୋଜ ନାଏକ, କେଶବ ନାଏକଙ୍କ ସମେତ ଶତାଧିକ ମହିଳା ଯୁବକ ଯୋଗଦେଇଥିଲେ।

# ଚୋରି ଅଳଙ୍କାର ଜବତ, ୩ କୋର୍ଟ ଚାଲାଣ

**ବ୍ରଜରାଜନଗର,୧୫।୬(ବିଜୟ ବରାଡ଼)**

ଚୋରି ଅଭିଯୋଗରେ ଓରିଏଣ୍ଟ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିହାର ଅଞ୍ଚଳର ଚନ୍ଦନ ରାୟ, ଝାରସୁଗୁଡ଼ା ଜିଲା କିର୍ମିରା ଅଞ୍ଚଳର ଶଙ୍କର ବେହେରା ଓ ଚୋରି ଜିନିଷ କିଣିଥିବା ଅଭୟପୁରର ରୁପେଶ ତନ୍ତୀ। ସୂଚନା ଅନୁଯାୟୀ, ଓରିଏଣ୍ଟ ଥାନା ଅନ୍ତର୍ଗତ ଅଭୟପୁର ବସ୍ତିର ଗୌରୀ ଦୋରା(୫୪)ଙ୍କ ଘରୁ ଗତ ଏପ୍ରିଲ ୧୦ରେ ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିଲା। ଏନେଇ ଗୌରୀ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତବେଳେ ଚନ୍ଦନ ଓ ଶଙ୍କର ଚୋରି କରିଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ଉଭୟଙ୍କୁ ଗିରଫ କରିଥିଲା। ଏହାପରେ ରୁପେଶଙ୍କୁ ଗିରଫ କରାଯିବା ସହ ତାଙ୍କଠାରୁ ୨୮ ଗ୍ରାମ୍ ୪୧୦ ମିଲିଗ୍ରାମ୍ ସୁନା ଓ ୨ କେଜି ୩୫୦ ଗ୍ରାମ ରୁପା ଜବତ କରାଯାଇଛି।

# ୯୦୦ ନାଗ୍ରା କୁଣହାଁ ସମାଜରୁ ୫୫୦ କିଷାନ ଜାତି ସମାଜକୁ ପ୍ରତ୍ୟାବର୍ତ୍ତନ

**ଝାରସୁଗୁଡ଼ା,୧୫।୬(ଆଶିଷ ରଞ୍ଜନ ଦାଶ)**




ସମାରୋହରେ ଉପସ୍ଥିତ ଜିଲାସ୍ତରୀୟ ପ୍ରତିନିଧି ଓ ଅନ୍ୟମାନେ।

୫୫୦ କିଷାନ(କୁଣହାଁ)ଜାତି ସମାଜ ଝାରସୁଗୁଡ଼ା ଜିଲା କମିଟି ଆନୁକୂଲ୍ୟରେ ଦେବାଡିହି ହାଇସ୍କୁଲ ନିକଟ ଆମ୍ବ ବଗିଚାଠାରେ ମିଶ୍ରଣ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିର୍ମିରା, ରେଙ୍ଗାଲିମାଲ, ବେହେରାମାଲ, କେଲଣ୍ଡାମାଲ, ବରହାମୁଣ୍ଡା, ସୁନାଝରିଆ, ପାଇକପଡ଼ା ଗ୍ରାମର ପ୍ରାୟ ୬୩ ପରିବାରର ଶତାଧିକ ବ୍ୟକ୍ତି ୯୦୦ ନାଗ୍ରା କୁଣହାଁ ସମାଜରୁ ବାହାରି ମୂଳ ସଙ୍ଗଠନ ୫୫୦ କିଷାନ ଜାତି ସମାଜରେ ସାମିଲ ହୋଇଛନ୍ତି। ପୂର୍ବରୁ ସେମାନେ ୯୦୦ ନାଗ୍ରା ଅଧିକୃତ ଜୟପୁର ରାଜ୍ୟ ମହାଗୁଡ଼ି, ଅଖଣ୍ଡ କୁଣହାଁ ସମାଜର ସଦସ୍ୟ ଭାବେ ରହିଥିଲେ। ଜୟପୁର ରାଜ୍ୟ ମହାଗୁଡ଼ିର ସଭାପତି ଦୀପକ କିଷାନ, ସମ୍ପାଦକ ବିଜେ ଛତ୍ରିଆ, ଉପସଭାପତି ଭାବେ ମାଣିକ କିଷାନ ଦାୟିତ୍ୱ ତୁଲାଇ ଆସୁଥିଲେ। ତେବେ ଏହି ସମୟରେ ୯୦୦ ନାଗ୍ରା ଓ ୫୫୦ କିଷାନ ସମାଜ ଉପରେ ବିବାହ, ବ୍ରତ ତଥା ସାମାଜିକ କାର୍ଯ୍ୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ଅସୁବିଧା ଦୃଷ୍ଟିରୁ ଜିଲା କମିଟି ଝାରସୁଗୁଡ଼ାରେ ମିଶିଯିବା ପାଇଁ ଦୀପକ କିଶାନ ଓ ମାଣିକ କିଶାନ ଜିଲା ସଭାପତି ତ୍ରିଲୋଚନ ପ୍ରଧାନଙ୍କୁ ଲିଖିତ ଭାବେ ଜଣାଇଥିଲେ। ଜିଲା କମିଟି ପକ୍ଷରୁ ରବିବାର ଏକ ମିଶ୍ରଣ ସମାରୋହ ଆୟୋଜନ କରାଯାଇ ଉପରୋକ୍ତ ଶତାଧିକ ବ୍ୟକ୍ତିଙ୍କୁ ମୂଳ ସଙ୍ଗଠନ ୫୫୦ କିଷାନ ସମାଜରେ ସାମିଲ କରାଯାଇଥିଲା। ଅଖଣ୍ଡ କୁଣହାଁ ସମାଜର କୌଣସି ନୀତି ନିୟମାବଳୀ ନାହିଁ। ତେଣୁ ୫୫୦ କିଷାନ ସମାଜର ୨୦୧୨ ନିୟମାବଳୀ ଉପରେ ଅନୁପ୍ରାଣିତ ହୋଇ ମୂଳ ସଙ୍ଗଠନ ସହ ସାମିଲ ହୋଇଛୁ ବୋଲି ସମସ୍ତେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ତ୍ରିଲୋଚନ ପ୍ରଧାନ, କେଏସ୍‌ପିଏମ୍ ସଭାପତି ରତ୍ନାକର ପ୍ରଧାନ, ଜିଲା ଉପସଭାପତି ଅଶୋକ ମାଝି, ସମ୍ପାଦକ ରାମତୁଲା ବୁଦୁଲା, ସହସମ୍ପାଦକ ପଦ୍ମଲୋଚନ ବୁଦୁଲା, ପିପିଲିମାଲ ମହାଗୁଡି ଉପସଭାପତି ଉତ୍ତମ ନେଗୀ, ଅର୍ଜୁନ ପ୍ରଧାନଙ୍କ ସମେତ ଜିଲା କମିଟି ସମସ୍ତ ସଭ୍ୟାସଭ୍ୟ ଓ ଅନେକ ଆଞ୍ଚଳିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବିନୋଦ ବିହାରୀ ବାଗ ସଭା ସଞ୍ଚାଳନ କରିଥିଲେ।

# ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ଦେବଗଡ଼,୧୫।୬(ଶଶାଙ୍କ ଶେଖର ଝାଙ୍କର)**



ବିକାଶ ମେଳାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

### ଜିଲାସ୍ତରୀୟ ବିକାଶ ମେଳାର ତୃତୀୟ ଦିବସ

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେବଗଡ଼ ଜିଲା ପ୍ରଧାନପାଟ ବଡ଼ ବଗିଚାଠାରେ ଜିଲାସ୍ତରୀୟ ବିକାଶ ମେଳା ଅନୁଷ୍ଠିତ ହେଉଛି। ରବିବାର ତୃତୀୟ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣିସମ୍ପଦ ଅଧିକାରୀ ଡା. ବିଜୟ କୁମାର ପାତ୍ର, ଜିଲା ମତ୍ସ୍ୟ ଅଧିକାରୀ ଭୁବନେନ୍ଦ୍ର ଆଚାର୍ଯ୍ୟ, ଜିଲା ଯୋଗାଣ ଅଧିକାରୀ କେଦାରନାଥ ନାଏକ, ଅତିରିକ୍ତ ପ୍ରାଣିସମ୍ପଦ ଅଧିକାରୀ ଡା. ଯତୀନ୍ଦ୍ର ମୋହନ ପଣ୍ଡା ଯୋଗଦେଇଥିଲେ। ବିଭିନ୍ନ ଯୋଜନାରେ ଚାଷୀମାନେ ମାଛଚାଷ, ପ୍ରାଣିପାଳନ, କୁକୁଡ଼ା ପାଳନ କରି କିପରି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉନ୍ନତମାନର ଛେଳି ଚାଷ ପାଇଁ ବାରକୋଟ ବ୍ଲକ ବଲମ ଗ୍ରାମର ସଞ୍ଜୀବ ପ୍ରଧାନ, ଘାସଚାଷରେ ବାରକୋଟ ବ୍ଲକ ସାଇଡ଼ା ଗ୍ରାମର ଚନ୍ଦନ ପ୍ରଧାନ, ଗୋପାଳନରେ ରିଆମାଳ ବ୍ଲକ ଟିଙ୍ଗବୀର ଗ୍ରାମର ଜଳିତା ପ୍ରଧାନ, ଘୁଷୁରୀ ଚାଷ ପାଇଁ ତିଲେଇବଣି ବ୍ଲକ ଗଣ୍ଡମ ଗ୍ରାମର ଦେବାନନ୍ଦ କିଶାନ, ମତ୍ସ୍ୟଚାଷ କ୍ଷେତ୍ରରେ ରିଆମାଳ ବ୍ଲକ ରେଙ୍ଗାଲିନାଳି ଗ୍ରାମର ଫକୀର ଗଡତିଆ, ତିଲେଇବଣି ବ୍ଲକ ଭୁଲକାବାହାଲ ଗ୍ରାମର ମଦନମୋହନ ବେହେରା, ବାରକୋଟ ବ୍ଲକ ଅଞ୍ଚଳର ସିରନସ ଲାକ୍ରାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କୁକୁଡ଼ା ପାଳନରେ ରିଆମାଳ ବ୍ଲକ ଗୁଣ୍ଡିଆପାଲି ଗ୍ରାମର ମା’ ସମଲେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯାଇଥିଲା। ଏଥିସହ ଅତିଥିମାନେ ୫ ଜଣଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ଓ ୧୬ ଜଣଙ୍କୁ ନୂତନ ରାଶନ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩ଟି ବ୍ଲକ ଅଞ୍ଚଳର ବହୁସଂଖ୍ୟକ ଚାଷୀ ଓ ଜନସାଧାରଣ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ସ୍ଥାନୀୟ ସାରଦା ଏକାଡେମୀ, ମାହାରୀ ଡ୍ୟାନ୍ସ ଗ୍ରୁପ, ଜାଗୃତି ଡ୍ୟାନ୍ସ ଗ୍ରୁପ ଓ ଆଦର୍ଶ ଡ୍ୟାନ୍ସ ଗ୍ରୁପ୍‌ର କୁନି କଳାକାରମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ସହକାରୀ ଜିଲାପାଳ ତାପସ କୁମାର ମହାନ୍ତ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଓର୍‌ମାସ୍‌ର ଡେପୁଟି ସିଓ ରବୀନ୍ଦ୍ର ପ୍ରଧାନ, ଜିଲା ପ୍ରକଳ୍ପ ପରିଚାଳକ ଶିଶିର କୁମାର ଷଡ଼ଙ୍ଗୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ଖାଦ୍ୟ ମେଳାରେ ନିମାପଡ଼ା ଛେନାଝିଲି, ନୟାଗଡ଼ର ଛେନାପୋଡ଼, ବାରିପଦାର ମୁଢିମାଂଶ ସମେତ ଜିଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସୁସ୍ୱାଦୁ ଖାଦ୍ୟ ବିକ୍ରି ହେଉଛି। ଏହି ବିକାଶ ମେଳାରେ ୨୫ଟି ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି।

## ସଂକ୍ଷେପରେ

### ଖବରଦାତାଙ୍କୁ ଫାଶୀ ଦେଲା ସାଉଦି ଆରବ


ତୁର୍କୀ ଅଲ୍-ଜାସେର

**ଦୁବାଇ, ୧୫।୬**

ସାଉଦି ଆରବର ଖବରଦାତା ତୁର୍କୀ ଅଲ୍-ଜାସେରଙ୍କୁ ଶନିବାର ଫାଶୀ ଦିଆଯାଇଛି। ଜାସେର୍‌ଙ୍କୁ ୨୦୧୮ରେ ଦେଶଦ୍ରୋହ ଅଭିଯୋଗରେ ଗିରଫ କରାଯାଇଥିଲା। ପରେ ସେ କୋର୍ଟଙ୍କ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଥିଲେ। ଫାଶୀଦଣ୍ଡ ବିରୋଧରେ ଜାସେରଙ୍କ ଆବେଦନକୁ ସାଉଦି ସର୍ବୋଚ୍ଚ କୋର୍ଟ ଖାରଜ କରିବା ପରେ ତାଙ୍କୁ ଫାଶୀ ଦିଆଯାଇଥିବା ନେଇ ରବିବାର ସାଉଦି ଆରବର ସରକାରୀ ଗଣମାଧ୍ୟମ ସଂସ୍ଥା ସାଉଦି ପ୍ରେସ୍ ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଜାସେରଙ୍କ ଫାଶୀଦଣ୍ଡକୁ ନ୍ୟୁୟର୍କସ୍ଥିତ 'କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟସ୍' ସଙ୍ଗଠନ ନିନ୍ଦା କରିଛି। ଜାସେର ଟ୍ୱିଟରରେ ସାଉଦି ରାଜପରିବାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ।

# ଇରାନ ପ୍ରତିରକ୍ଷା ମୁଖ୍ୟାଳୟରେ ଇସ୍ରାଏଲର ଆକ୍ରମଣ

**ଦୁବାଇ, ୧୫।୬**

ଇରାନର ଘାତକ ଆକ୍ରମଣ ପରେ ଇସ୍ରାଏଲ୍ ରବିବାର କ୍ରମାଗତ ତୃତୀୟ ଦିନ ପାଇଁ ତେହରାନ ଉପରେ ଜୋର୍‌ଦାର ଆକ୍ରମଣ କରିଛି। ଇରାନର ଶକ୍ତି ଶିଳ୍ପ ଏବଂ ତେହରାନରେ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖ୍ୟାଳୟକୁ ଟାର୍ଗେଟ କରି ଇସ୍ରାଏଲୀ ସେନା ଆକ୍ରମଣ କରିଥିବା ଜଣାପଡ଼ିଛି। ତେହରାନ୍‌ର ବିଭିନ୍ନ ସ୍ଥାନରେ ବିସ୍ଫୋରଣର ଶବ୍ଦ ଶୁଣାଯାଇଛି। ବର୍ତ୍ତମାନ ସୁଦ୍ଧା ଇସ୍ରାଏଲ୍ ଆକ୍ରମଣରେ ଇରାନର ମୋଟ ୯୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଯଦି ଇରାନର ମିଶାଇଲ୍ ଇସ୍ରାଏଲ୍‌ର ଏୟାର ଡିଫେନ୍ସକୁ ଭେଦକରି ଦେଶ ଭିତରେ କୌଣସି ବିଲ୍ଡିଂକୁ ଟାର୍ଗେଟ କରେ ତେବେ ଆହୁରି ଅଧିକ ବଳ ପ୍ରୟୋଗ କରାଯିବ ବୋଲି ଜେରୁଜେଲମ୍ ଚେତାବନୀ ଦେଇଛି। ଇସ୍ରାଏଲ୍‌ର ସାଧାରଣ ନାଗରିକଙ୍କୁ ଟାର୍ଗେଟ କଲେ ଇରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ରବିବାର ଚେତାବନୀ ଦେଇଛନ୍ତି। ତେଲ୍ ଆଭିଭ୍ ନିକଟବର୍ତ୍ତୀ ବାଟ୍ ୟାମ୍ ସହରରେ ଇରାନ ମିଶାଇଲ୍ ଆକ୍ରମଣ କରିଥିବାବେଳେ ନେତାନ୍ୟାହୁ ରବିବାର ସକାଳେ ସେଠାକୁ ଗସ୍ତ କରିଥିଲେ। ଉକ୍ତ ଆକ୍ରମଣରେ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ଦୁଇ ଦେଶ ମଧ୍ୟରେ ଆକ୍ରମଣ ଜାରି ରହିଥିବାରୁ ଆମେରିକା ସହ ଆଣବିକ ଆଲୋଚନା ବାତିଲ ହୋଇଛି।

ଇସ୍ରାଏଲ୍ 'ଅପରେଶନ ରାଇଜିଂ ଲାୟନ' ନାମରେ ଶୁକ୍ରବାର ଅଚାନକ ଇରାନର ଆଣବିକ ସ୍ଥଳ ଓ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଜୋର୍‌ଦାର ଆକ୍ରମଣ କରିବାରୁ ଏହାର ସେନାମୁଖ୍ୟଙ୍କ ସମେତ କେତେଜଣ ଶୀର୍ଷ ଜେନେରାଲ ଏବଂ ଆଣବିକ ବୈଜ୍ଞାନିକଙ୍କ ମୃତ୍ୟୁ ଘଟିଥିଲା। ଏହାର ଜବାବ ଦେବାକୁ ଯାଇ ଇରାନ ପକ୍ଷରୁ ଇସ୍ରାଏଲ୍ ଉପରେ ଶତାଧିକ ଡ୍ରୋନ୍ ଏବଂ ମିଶାଇଲ ମାଡ଼ କରାଯାଇଥିଲା। ପରେ ଇସ୍ରାଏଲ୍ ୨ଟି ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛି। ଇରାନର ବୁଶେର ପ୍ରଦେଶର ସାଉଥ୍ ପାର୍ସରେ ରହିଥିବା ବିଶ୍ୱର ସର୍ବବୃହତ୍ ଗ୍ୟାସ୍ ଫିଲ୍ଡରେ ଶନିବାର ଇସ୍ରାଏଲ୍ ଡ୍ରୋନ୍ ଆକ୍ରମଣ କରିବାରୁ ଏକ ପ୍ରୋସେସିଂ ୟୁନିଟ୍‌ରେ ନିଆଁ ଲାଗିଯାଇଛି। ଫଳରେ ସେଠାରୁ ଉତ୍ପାଦନ ଆଂଶିକ ବନ୍ଦ ରହିଛି। ଉକ୍ତ ୟୁନିଟ୍‌ରୁ ଦୈନିକ ୧୨ ନିୟୁତ ଘନମିଟର ଗ୍ୟାସ୍ ଉତ୍ପାଦନ ହୋଇଥାଏ। ଆମେରିକା ଓ ରୁଷିଆ ପରେ ଇରାନ ବିଶ୍ୱର ତୃତୀୟ ସର୍ବାଧିକ ଗ୍ୟାସ୍ ଉତ୍ପାଦନକାରୀ ହୋଇଥିବାବେଳେ ଏହା ଉତ୍ପାଦନ କରୁଥିବା ମୋଟ ଗ୍ୟାସ୍‌ର ୬୬% ସାଉଥ୍ ପାର୍ସ ଫିଲ୍ଡରୁ ମିଳିଥାଏ।

ଇସ୍ରାଏଲ୍ ଇସ୍‌ଲାମିକ ରିପବ୍ଲିକ୍ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କଲେ ଆମେ ଆକ୍ରମଣ କରିବୁ ନାହିଁ ବୋଲି ରବିବାର ଇରାନ କହିଛି। ଆମେ ଆତ୍ମରକ୍ଷା ପାଇଁ ଆକ୍ରମଣ କରୁଛୁ ବୋଲି ତେହରାନ କହିଛି। ଶନିବାର ରାତିରୁ ରବିବାର ଭୋର ପର୍ଯ୍ୟନ୍ତ ଇସ୍ରାଏଲ୍ ଉପରେ ଇରାନ ଶତାଧିକ ମିଶାଇଲ ମାଡ଼ କରିଥିଲା। ଏଥିରେ ଛୋଟ ପିଲାଙ୍କ ସମେତ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦୦ ଜଣ ଆହତ ହୋଇଥିବା ଇସ୍ରାଏଲ୍ ଜରୁରୀ ସେବା ବିଭାଗ କହିଛି। ଅନ୍ୟପକ୍ଷରେ ଇସ୍ରାଏଲ୍ କହିଛି, ଇରାନ ଅଣୁଅସ୍ତ୍ର ବିକାଶ ବନ୍ଦ କରିବା ଏବଂ ଏହାର ବାଲିଷ୍ଟିକ୍ ମିଶାଇଲ୍ ଫେରାଇନେବା ଆମେ ଚାହୁଁ। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଇରାନ ଯଦି ନୂଆ ଆଣବିକ ଚୁକ୍ତିନାମା ପାଇଁ ରାଜି ହୁଏ ତେବେ ଆଉ ଧ୍ୱଂସଲୀଳା ହେବ ନାହିଁ ବୋଲି ସେ କହିଛନ୍ତି। ଇସ୍ରାଏଲ୍‌ର ଆକ୍ରମଣରେ ଅଂଶୀଦାର ରହିଥିବା ଆମେରିକାକୁ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଅରଘଚି ଦାୟୀ କରିଛନ୍ତି।


ଇରାନର ମିଶାଇଲ୍ ମାଡ଼ରେ ଇସ୍ରାଏଲ୍‌ର ତାମ୍ରା ସହରରେ ଏକ ବିଲ୍ଡିଂ ଧ୍ୱଂସ ହୋଇଯାଇଛି।

### ଥିରୁଭାନନ୍ତପୁରମ୍‌ରେ ବ୍ରିଟିଶ୍ ଫାଇଟର ଜେଟ୍‌ର ଏମର୍ଜେନ୍ସି ଲ୍ୟାଣ୍ଡିଂ

**ଥିରୁଭାନନ୍ତପୁରମ, ୧୫।୬**

ବ୍ରିଟେନ୍‌ର ଏଫ୍-୩୫ ଫାଇଟର ଜେଟ୍ ଶନିବାର ରାତିରେ କେରଳର ଥିରୁଭାନନ୍ତପୁରମ ଅନ୍ତର୍ଜାତୀୟ ଏୟାରପୋର୍ଟରେ ଜରୁରିକାଳୀନ ଅବତରଣ କରିଛି। ଉକ୍ତ ବିମାନରେ ଇନ୍ଧନ କମ୍ ଥିବାରୁ ପାଇଲଟ ଜରୁରୀ ଅବତରଣ ପାଇଁ ଥିରୁଭାନନ୍ତପୁରମ ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କୁ ଅନୁମତି ମାଗିଥିଲେ। ଅନୁମତି ମିଳିବା ପରେ ଏହି ବ୍ରିଟିଶ୍ ଫାଇଟର ଜେଟ୍‌ର ସୁରକ୍ଷିତ ଅବତରଣ ହୋଇଥିଲା। କେନ୍ଦ୍ର ସରକାରଙ୍କ ଅନୁମତି ମିଳିବା ପରେ ହିଁ ଏହି ବିମାନରେ ଇନ୍ଧନ ଭର୍ତ୍ତି କରାଯିବ ଏବଂ ପୁଣିଥରେ ଏହା ଉଡ଼ାଣ ଭରିବ ବୋଲି ଥିରୁଭାନନ୍ତପୁରମ ଏୟାରପୋର୍ଟର ଜଣେ ଅଧିକାରୀ କହିଛନ୍ତି।

### ପେଲୋଡ୍ ସହ ପ୍ରଥମ ସଫଳ ରକେଟ ଲଞ୍ଚ ପରୀକ୍ଷଣ



**କୁଶିନଗର, ୧୫।୬**

ଉତ୍ତରପ୍ରଦେଶର କୁଶିନଗରରେ ପେଲୋଡ୍ ସହ ପ୍ରଥମ ରକେଟ ଲଞ୍ଚ ପରୀକ୍ଷଣକୁ ସଫଳତାର ସହ କରାଯାଇଛି। ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ର (ଇନ୍-ସ୍ପେସ୍) ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ସହଯୋଗରେ ଆଷ୍ଟ୍ରୋନୋମିକାଲ ସୋସାଇଟି ଅଫ୍ ଇଣ୍ଡିଆ ଦ୍ୱାରା ଶନିବାର ସନ୍ଧ୍ୟା ୫.୧୪ରେ ଏହି ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣସ୍ଥଳରେ ଉପସ୍ଥିତ ଇସ୍ରୋ ବୈଜ୍ଞାନିକ ଅଭିଷେକ ସିଂ କହିଛନ୍ତି, ଲଞ୍ଚ ପରେ ରକେଟଟି ୧.୧ କିଲୋମିଟର ଉଚ୍ଚତାରେ ପହଞ୍ଚିଥିଲା। ଏହାପରେ ଏଥିରୁ ଏକ କ୍ଷୁଦ୍ର ଉପଗ୍ରହ (ପେଲୋଡ) ବାହାରି ଆସିଥିଲା। ଯେତେବେଳେ ଏହା ୫ ମିଟର ତଳକୁ ଆସିଥିଲା, ଏହାର ପାରାଚ୍ୟୁଟ ସକ୍ରିୟ ହୋଇଯାଇଥିଲା ଏବଂ ଉପଗ୍ରହଟି ଭୂମିରେ ଲଞ୍ଚସ୍ଥଳଠାରୁ ୪୦୦ ମିଟର ଦୂରତାରେ ଅବତରଣ କରିଥିଲା।

### ସିନିୟରଙ୍କୁ ଗୁଳିକରି ହତ୍ୟାକଲେ ଯବାନ

**କୋଲକାତା, ୧୫।୬**

ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ୧୧୯ ବାଟାଲିଅନ୍‌ର ଏକ କ୍ୟାମ୍ପରେ କନ୍‌ଷ୍ଟେବଲ ଶିବମ କୁମାର ମିଶ୍ରା ନିଜ ସିନିୟର ଅଧିକାରୀ ତଥା ହେଡ୍ କନ୍‌ଷ୍ଟେବଲ ରତନ ସିଂ ଶେଖାୱାତଙ୍କୁ ନିଜ ସର୍ଭିସ୍ ରାଇଫଲରେ ଗୁଳିକରି ହତ୍ୟା କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଉଭୟ ଯବାନ ଶିବମ ଏବଂ ରତନଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ସୃଷ୍ଟି ହୋଇଥିଲା। ଫଳରେ ଶିବମ ଅତ୍ୟଧିକ ଉତ୍ତ୍ୟକ୍ତ ହୋଇ ରତନଙ୍କୁ ଗୁଳି କରିଥିଲେ। ବିଏସ୍‌ଏଫ୍ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।


ପୁଣେର ଇନ୍ଦ୍ରାଣୀ ନଦୀ ଉପରେ ଥିବା ବ୍ରିଜ୍ ଭୁଶୁଡ଼ିପଡ଼ିଛି।

### ପୁଣେରେ ବ୍ରିଜ୍ ଭୁଶୁଡ଼ି ୨ ମୃତ, ଅନେକ ନିଖୋଜ

**ପୁଣେ, ୧୫।୬**

ମହାରାଷ୍ଟ୍ରର ପୁଣେରେ ପ୍ରବଳ ବର୍ଷା ଯୋଗୁ ରବିବାର ଅପରାହ୍ନରେ ଏକ ପୁରୁଣା ବ୍ରିଜ୍ ଭୁଶୁଡ଼ିଛି। ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟ କେତେଜଣ ନିଖୋଜ ଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ କର୍ମଚାରୀ ଓ ପୋଲିସ ନିୟୋଜିତ ହୋଇଛନ୍ତି। ୬ ଜଣଙ୍କୁ ଉଦ୍ଧାର କରାଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି।

ଇନ୍ଦ୍ରାଣୀ ନଦୀ ଉପରେ ଥିବା ଏହି ଜୀର୍ଣ୍ଣଶୀର୍ଣ୍ଣ ବ୍ରିଜ୍‌ରେ ବହୁସଂଖ୍ୟାକ ଲୋକ ରୁଣ୍ଡ ହୋଇ ବଢ଼ିପାଣି ଦେଖୁଥିବାବେଳେ ଏହା ଭୁଶୁଡ଼ି ପଡ଼ିବାରୁ କେତେଜଣ ପ୍ରଖର ସୁଅରେ ଭାସିଯାଇଥିଲେ। ଏହି ଘଟଣା ପରେ ବ୍ରିଜ୍‌ରେ ଯାନ ଚଳାଚଳ ବନ୍ଦ କରିଦିଆଯାଇଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ପାଣିର ପ୍ରଖର ସ୍ରୋତ ଯୋଗୁ ବ୍ରିଜ୍ ଭୁଶୁଡ଼ି ପଡ଼ିଥିଲା। ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବାବେଳେ ଆହତଙ୍କୁ ହସ୍ପିଟାଲ ନେବା ପାଇଁ ଘଟଣାସ୍ଥଳରେ ୧୫ଟି ଆମ୍ବୁଲାନ୍ସକୁ ମହଜୁଦ ରଖାଯାଇଛି।

# ବିଶ୍ୱରେ ସ୍କୁଲ ଯାଉନାହାନ୍ତି ୨୭୨ ନିୟୁତ ପିଲା



**ନୂଆଦିଲ୍ଲୀ, ୧୫।୬(ପି.ଟି.)**

ସାରା ବିଶ୍ୱରେ ସ୍କୁଲ ଯାଉ ନ ଥିବା ପିଲାଙ୍କ ସଂଖ୍ୟା ୨୭୨ ନିୟୁତ, ଯାହା ପୂର୍ବ ଆକଳନ ତୁଳନାରେ ୨୧ ନିୟୁତ ଅଧିକ। ୟୁନେସ୍କୋର ଗ୍ଲୋବାଲ ଏଜୁକେଶନ ମନିଟରିଂ ଟିମ୍ (ଜିଇଏମ୍) ରିପୋର୍ଟରୁ ଏହା ଜଣାପଡ଼ିଛି। ଶିକ୍ଷାରୁ ବଞ୍ଚିତ ପିଲାଙ୍କ ମଧ୍ୟରୁ ୭୮ ନିୟୁତ ପ୍ରାଥମିକ ସ୍କୁଲ୍ ବୟସର ହୋଇଥିବାବେଳେ ୬୪ ନିୟୁତ ନିମ୍ନ ମାଧ୍ୟମିକ ଏବଂ ୧୩୦ ନିୟୁତ ଉଚ୍ଚ ମାଧ୍ୟମିକ ସ୍କୁଲ ଯିବା ବୟସର। ୨୦୧୫ରେ ଚତୁର୍ଥ ଥର ପାଇଁ ଶିକ୍ଷା ଉପରେ ସତତ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଧାର୍ଯ୍ୟ କରାଯାଇଥିଲା। ସେବେଠାରୁ ସ୍କୁଲ ବାହାରେ ରହିଥିବା ପିଲାଙ୍କ ସଂଖ୍ୟାରେ ୧ ପ୍ରତିଶତରୁ କମ୍ ହ୍ରାସ ପାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ସ୍ତରରେ ସର୍ବାଧିକ ୧୩୦ ନିୟୁତ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି, ଯାହାକି ସବୁ ସ୍ତରର ମୋଟ ସଂଖ୍ୟାର ୪୮%।

ଶିକ୍ଷା କ୍ଷେତ୍ରରେ ଗରିବ ଦେଶଗୁଡ଼ିକ ବହୁ ପଛରେ ପଡ଼ିଛନ୍ତି। ସବୁଠୁ ଗରିବ ଦେଶରେ ୩୬% ପିଲା ସ୍କୁଲ ଶିକ୍ଷାରୁ ବଞ୍ଚିତ ହୋଇଥିବାବେଳେ ସବୁଠୁ ଧନୀ ଦେଶରେ ଏହି ହାର ୩ ପ୍ରତିଶତ। ସାରା ବିଶ୍ୱରେ ସ୍କୁଲ୍ ବାହାରେ ଥିବା ମୋଟ ପିଲାଙ୍କ ମଧ୍ୟରୁ ତିନି-ଚତୁର୍ଥାଂଶ କେନ୍ଦ୍ରୀୟ ଓ ଦକ୍ଷିଣ ଏସୀୟ ଦେଶ (୩୪%) ଏବଂ ଆଫ୍ରିକୀୟ ଦେଶର (୩୯%)। ସାରା ବିଶ୍ୱରୁ ଦେଖିଲେ ଝିଅଙ୍କ ତୁଳନାରେ ଅଧିକ ପୁଅ ସ୍କୁଲ୍ ବାହାରେ ରହିଛନ୍ତି। ଅର୍ଥାତ ୧୩୯ ନିୟୁତ ପୁଅ ଏବଂ ୧୩୩ ନିୟୁତ ଝିଅ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ଏହି ଧାରା ୨୦୦୭ରୁ ଆରମ୍ଭ ହୋଇଥିବାବେଳେ ବଢ଼ିଚାଲିଛି।

ଜିଇଏମ୍ ଟିମ୍‌ର ସଦ୍ୟ ରିପୋର୍ଟ ଅନୁଯାୟୀ, ୨୦୨୫ ସୁଦ୍ଧା ଦେଶଗୁଡ଼ିକ ସେମାନଙ୍କ ଜାତୀୟ ଲକ୍ଷ୍ୟ ହାସଲ କରିବାକୁ ହେଲେ ୭୫ ନିୟୁତଙ୍କୁ ଏହି ଧାରାରୁ ବାହାରକୁ ଆଣିବାକୁ ହେବ। ନୂଆ ନାମଲେଖା ଏବଂ ଉପସ୍ଥାନ ତଥ୍ୟ ଅନୁଯାୟୀ, ଶିକ୍ଷାରୁ ବଞ୍ଚିତ ପିଲାଙ୍କ ସଂଖ୍ୟା ୮ ନିୟୁତ ବଢ଼ିଥିବାବେଳେ ଜାତିସଂଘର ସଂଶୋଧିତ ଜନସଂଖ୍ୟା ରିପୋର୍ଟ ଯୋଗୁ ୧୩ ନିୟୁତ ବଢ଼ିଯାଇଛି। ୨୦୨୧ରେ ଆଫଗାନିସ୍ତାନ ମାଧ୍ୟମିକ ସ୍କୁଲ ବୟସର ଝିଅମାନଙ୍କ ପାଠପଢ଼ାକୁ ବେଆଇନ ଘୋଷଣା କରିବା ପରେ ସ୍କୁଲ୍ ଶିକ୍ଷାରୁ ବାଦ୍ ପଡ଼ିଥିବା ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ବ୍ୟତୀତ ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧ ଚାଲିଥିବାରୁ ତଥ୍ୟ ସଂଗ୍ରହ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ପ୍ରଶାସନ, ସର୍ଭେ ଏବଂ ଜନଗଣନା ଆଦି ଏକାଧିକ ତଥ୍ୟ ଉତ୍ସକୁ ମଡେଲ ଭାବେ ନିଆଯାଇ ଆଞ୍ଚଳିକ ଏବଂ ବୈଶ୍ୱିକ ହାରାହାରି ସ୍କୁଲ୍ ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କ ସଂଖ୍ୟା ଆକଳନ କରାଯାଇଛି।

# ସାଇପ୍ରସ୍‌ରେ ପ୍ରଧାନମନ୍ତ୍ରୀ

**କାନାଡାରେ ଜି୭ ସମିଟ୍‌ରେ ଯୋଗଦେବେ**

**ନିକୋସିଆ, ୧୫।୬**

ତିନି ରାଷ୍ଟ୍ର ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସାଇପ୍ରସ୍‌ରେ ପହଞ୍ଚିଛନ୍ତି। ୨ ଦିନିଆ ଗସ୍ତର ପ୍ରଥମ ଭାଗରେ ସେ ସାଇପ୍ରସ୍ ଓ କ୍ରୋଏସିଆରେ ଦ୍ୱିପାକ୍ଷିକ ଆଲୋଚନାରେ ଭାଗ ନେବାକୁ ଥିବାବେଳେ କାନାଡ଼ାରେ ହେବାକୁ ଥିବା ଜି୭ ସମିଟ୍‌ରେ ଯୋଗଦେବେ। ଆତଙ୍କବାଦ ବିରୋଧରେ ଭାରତର ଅପରେଶନ ସିନ୍ଦୂର ପରେ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ବିଦେଶ ଗସ୍ତ। ରିପବ୍ଲିକ୍ ଅଫ୍ ସାଇପ୍ରସ୍‌ର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲାର୍କାନା ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ୱାଗତ କରିଥିଲେ।

୨ ଦଶନ୍ଧି ପରେ ସାଇପ୍ରସ୍‌କୁ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଗସ୍ତ। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ସେ ସାଇପ୍ରସ୍ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବେ। ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ଏୟାରପୋର୍ଟରେ ସ୍ୱତନ୍ତ୍ର ସ୍ୱାଗତ ପାଇଁ ମୋଦି ରାଷ୍ଟ୍ରପତି ନିକୋସ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଲାର୍କାନା ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ରିପବ୍ଲିକ୍ ଅଫ୍ ସାଇପ୍ରସ୍‌ର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍ ତାଙ୍କୁ ସ୍ୱାଗତ କରୁଛନ୍ତି।

# ୨,୬୭୬ କୋଟିର ଠକେଇ: ୨ ଭାଇ ଫେରାର

**ଜୟପୁର, ୧୫।୬**

ରାଜସ୍ଥାନର ସିକର ଜିଲା ନିବାସୀ ୨ ଭାଇ ସୁଭାଷ ବିଜାରାନି ଏବଂ ରଣବୀର ବିଜାରାନି ସହଯୋଗୀଙ୍କ ସହ ମିଶି ୭୦ ହଜାର ଲୋକଙ୍କଠାରୁ ୨,୬୭୬ କୋଟି ଟଙ୍କାର ଠକେଇ କରିଥିବା ମାମଲା ସାମ୍ନାକୁ ଆସିଛି। ଉଭୟେ ଭାଇ ମିଶି ନେକ୍ସା ଏଭରଗ୍ରୀନ୍ ନାମକ ଏକ କମ୍ପାନୀ ନିର୍ମାଣ କରିଥିଲେ ଏବଂ ଧୋଲେରା ସ୍ମାର୍ଟ ସିଟି ପ୍ରୋଜେକ୍ଟରେ ଅଧିକ ରିଟର୍ନ ଏବଂ ଜମିର ପ୍ରତିଶ୍ରୁତି ଦେଇ ସେମାନେ ନିବେଶକଙ୍କୁ ଠକିଥିଲେ। ବିଜାରାନି ବ୍ରଦର୍ସ ଧୋଲେରା ସହରର ଅଲଗା ଅଲଗା ପ୍ରୋଜେକ୍ଟର ଫଟୋ ଦେଖାଇ ମଧ୍ୟ ନିବେଶକଙ୍କୁ ଠକିଥିଲେ।

ଅଭିଯୁକ୍ତ ରଣବୀର ୨୦୧୪ରେ ପ୍ରଥମେ ଧୋଲେରାରେ ଜମି କିଣିଥିଲେ। ସେହିପରି ତାଙ୍କ ଭାଇ ତଥା ଅବସରପ୍ରାପ୍ତ ସୈନ୍ୟ କର୍ମଚାରୀ ସୁଭାଷ ଅବସର ନେବା ପରେ ସେଠାରେ ୩୦ ଲକ୍ଷ ଟଙ୍କାର ଜମି କିଣିଥିଲେ। ଏହାପରେ ୨ ଭାଇ ନେକ୍ସା ଏଭରଗ୍ରୀନ୍ କମ୍ପାନୀ ଗଠନ କରିଥିଲେ ଏବଂ ୨୦୨୧ରେ ଏହାକୁ ଗୁଜରାଟର ଅହମଦାବାଦରେ ପଞ୍ଜୀକୃତ କରାଇଥିଲେ। ଏହି କମ୍ପାନୀ ନିବେଶକଙ୍କ ସାମ୍ନାରେ ନିଜକୁ ସରକାରଙ୍କ ଧୋଲେରା ସ୍ମାର୍ଟ ସିଟି ପ୍ରୋଜେକ୍ଟର ଅଂଶ ଭାବେ ଦାବି କରିଥିଲା। ଧୋଲେରା ସହରରେ କମ୍ପାନୀର ୧,୩୦୦ ବିଘା ଜମି ରହିଥିବା ନେଇ ନେକ୍ସା ଏଭରଗ୍ରୀନ୍ ପକ୍ଷରୁ ନିବେଶକମାନଙ୍କୁ ପ୍ରଲୋଭିତ କରାଯାଇଥିଲା। କମ୍ପାନୀ ସହଯୋଗରେ ସରକାର ଧୋଲେରା ସହରକୁ ବିଶ୍ୱସ୍ତରୀୟ କରିବାକୁ ଯାଉଛନ୍ତି ବୋଲି ନେକ୍ସା ଏଭରଗ୍ରୀନ କହିଥିଲା। କମ୍ପାନୀ ପକ୍ଷରୁ ୭୦ ହଜାରରୁ ଅଧିକ ଲୋକଙ୍କୁ ପ୍ଲଟ୍, ଫ୍ଲାଟ୍ ଏବଂ ବିଭିନ୍ନ ନିବେଶ ଯୋଜନାରେ ପ୍ରଲୋଭିତ କରାଯାଇଥିଲା ଏବଂ ସେମାନଙ୍କୁ ବିପୁଳ ଲାଭର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ଫଳରେ ଏଭରଗ୍ରୀନ୍ କମ୍ପାନୀ ଦେଶବ୍ୟାପୀ ନିବେଶକଙ୍କଠାରୁ ୨,୬୭୬ କୋଟି ଟଙ୍କା ସଂଗ୍ରହ କରିବାରେ ସଫଳ ହୋଇଥିଲା। ଏହାପରେ ୨ ଭାଇ ରଣବୀର ଏବଂ ସୁଭାଷ ନିଜ କମ୍ପାନୀ କାର୍ଯ୍ୟାଳୟ ବନ୍ଦ କରିବା ସହ ଫେରାର୍ ହୋଇଯାଇଥିଲେ। ନିବେଶକମାନଙ୍କ ଅଭିଯୋଗ ପରେ ରାଜସ୍ଥାନର ଯୋଧପୁର ପୋଲିସ ଏହି ଠକେଇ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିବା ନେଇ ରବିବାର ସୂଚନା ଦେଇଛି।


ସୁଭାଷ ବିଜାରାନି ଏବଂ ରଣବୀର ବିଜାରାନି

## ଫୁରସତ୍

# ୪୫୦ କି.ମି.ର ସବୁଠୁ ଅସ୍ପଷ୍ଟ ବର୍ଡର

**ବ୍ରସେଲ୍ସ/ଆମଷ୍ଟରଡାମ**

ସାଧାରଣତଃ ୨ ଦେଶର ସୀମାରେ ସର୍ବଦା କଡ଼ା ପହରା, ସାମରିକ ଚେକ୍‌ପୋଷ୍ଟ ଆଦି ରହିଥାଏ ବୋଲି ଲୋକଙ୍କର ଧାରଣା ରହିଆସିଛି। ତେବେ ନେଦରଲାଣ୍ଡ୍ସ ଏବଂ ବେଲଜିୟମ ମଧ୍ୟରେ ଏପରି ଏକ ସୀମା ରହିଛି, ଯାହା ଲୋକଙ୍କ ଧାରଣାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ୪୫୦ କି.ମି. ଲମ୍ବର ଏହି ସୀମା ବିଭିନ୍ନ ରାସ୍ତା, ଗଳି, କ୍ଷେତ, ଘର, ଦୋକାନ ମଧ୍ୟ ଦେଇ ଯାଇଛି। ଏହି ସୀମାର କେବଳ ୫୯ କି.ମି. ଲମ୍ବ ନେଦରଲାଣ୍ଡର ସୀମାନ୍ତ ବାର୍ଲେ-ନାସାଉ ଏବଂ ବେଲଜିୟମର ସୀମାନ୍ତ ବାର୍ଲେ-ହେର୍ଟୋଗ୍ ସହର ମଧ୍ୟରେ ବିସ୍ତୃତ ଭାବେ ରହିଛି। ଏହି ସୀମା ଏତେ ଜଟିଳ ଏବଂ ଅସ୍ପଷ୍ଟ ଯେ, ଅନେକ ଘରର ରୋଷେଇ ଘର ଗୋଟିଏ ଦେଶରେ ହୋଇଥିବା ବେଳେ ବେଡ ରୁମ୍ ଅନ୍ୟ ଦେଶରେ ରହିଛି। ତେଣୁ ଏହି ଜଟିଳ ସୀମାକୁ ଚିହ୍ନଟ କରିବା ପାଇଁ ସୀମାର ଉଭୟ ପାର୍ଶ୍ୱରେ ନେଦରଲାଣ୍ଡ୍ସ ପାଇଁ ଏନ୍‌ଏଲ୍ ଏବଂ ବେଲଜିୟମ ପାଇଁ ବି ଚିହ୍ନ ପ୍ରସ୍ତୁତ କରାଯାଇଛି। ଏହି ଚିହ୍ନ ଦ୍ୱାରା ହିଁ ଏଠାକାର ଲୋକମାନେ କିଏ କେଉଁ ଦେଶରେ ରହିଛନ୍ତି, ତାହା ଜାଣି ପାରିଥାନ୍ତି। ୧୮୪୩ ମସିହାରେ ଏକ ଆନୁଷ୍ଠାନିକ ଚୁକ୍ତିନାମା ପରେ ଏହି ନିଆରା ସୀମାକୁ ମାନ୍ୟତା ମିଳିଥିଲା।

ଏଠାକାର 'ଡି ବିଅରଗ୍ରେନ୍ସ' କାଫେରେ, ଜଣେ ଗ୍ରାହକ ଗୋଟିଏ ଟେବୁଲରେ ବସି ବେଲଜିୟମରେ କଫି ପିଉଥିବାବେଳେ ଅନ୍ୟଜଣେ ଗ୍ରାହକ କାଫେର ଅନ୍ୟ ଏକ ଟେବୁଲରେ ବସି ନେଦରଲାଣ୍ଡ୍ସରେ ବର୍ଗରର ମଜା ନେଇପାରନ୍ତି। ଏହି ସୀମାରେ ଥିବା ସମସ୍ତ ଦୋକାନ ଏବଂ ରେଷ୍ଟୁରାଣ୍ଟଗୁଡ଼ିକୁ ଉଭୟ ଦେଶର ଭିନ୍ନ ଭିନ୍ନ ଟିକସ ବ୍ୟବସ୍ଥା ଏବଂ ନିୟମକୁ ପାଳନ କରିବାକୁ ପଡ଼ିଥାଏ। ତେବେ କୋଭିଡ୍ ମହାମାରୀ ସମୟରେ ନେଦରଲାଣ୍ଡ୍ସ ଏବଂ ବେଲଜିୟମରେ ପୃଥକ୍ ଭାବେ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା, ଯାହାଫଳରେ ଏହି ସୀମାରେ ଥିବା ବିଭିନ୍ନ ଘରେ ରହୁଥିବା ଲୋକ ଏବଂ ବିଭିନ୍ନ ଦୋକାନରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏକସଙ୍ଗେ ୨ଟି ଭିନ୍ନ ଭିନ୍ନ ନିୟମକୁ ପାଳନ କରିବାକୁ ପଡ଼ିଥିଲା।



## ସଂକ୍ଷେପରେ

### ବଜ୍ରପାତରେ ଯୁବକ ମୃତ

ନୂଆପଡ଼ା,୧୫।୬ (ମକାରୁ ବେମାଲ)

ବଜ୍ରପାତରେ ଗୁରୁତର ହୋଇଥିବା ବରଗଡ଼ ଜିଲା ପାଇକମାଳ ଥାନା ଛିନ୍ଦେକେଲା ପଞ୍ଚାୟତ ବରପାଲି ଗାଁର ଜଣେ ଯୁବକଙ୍କ ରବିବାର ନୂଆପଡ଼ା ଜିଲା ମୁଖ୍ୟଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ମୃତ ଯୁବକ ବରପାଲି ଗାଁର ବଳଦେବ ମାଝି (୪୦)। ଅପରାହ୍ନରେ ବଳଦେବ ନିଜ ଚାଷ ଜମିକୁ କାମ କରିବା ପାଇଁ ଯାଇଥିଲେ। ହଠାତ ବର୍ଷା ପବନ ହେବାରୁ ଘରକୁ ଆସି ନ ପାରି ଏକ ଗଛମୂଳରେ ରହିଥିଲେ। ହଠାତ୍ ବର୍ଷା ହୋଇ ବଜ୍ରପାତ ହେବାରୁ ସେ ଗଛମୂଳେ ଅଚେତ ହୋଇ ପଡ଼ିରହିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଯାଇ ଖୋଜାଖୋଜି କରି ଗଛମୂଳରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ହୋଇ ନାହିଁ। ଶବ ଗୃହରେ ରଖା ଯାଇଛି। ସୋମବାର ପୋଲିସ ପହଞ୍ଚି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

### ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା,୧୫।୬(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପାଷ୍ଟିକୁଡ଼ି ଛକ ଠାରେ ରବିବାର ଅପରାହ୍ନରେ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ ନାମ ତୁଳସୀ ମେହେର (୨୪) ଓ ସେ କେସିଙ୍ଗା ବ୍ଲକ ଠେମରା ଗାଁର ବୋଲି ଜଣାପଡ଼ିଛି। ଛତୁଆ ନେଇ ସେ ଏକ୍ସଏଲ ଗାଡ଼ିରେ ରାୟଗଡା ଯାଉଥିବାବେଳେ ତାଙ୍କୁ ଟ୍ରକ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

### ପ୍ରକଳ୍ପସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ

ଖଡ଼ିଆଳ,୧୫।୬(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଅଗ୍ରସେନ ଭବନ ପରିସରରେ ରଜ ମହୋତ୍ସବ ଉପଲକ୍ଷେ ପ୍ରକଳ୍ପସ୍ତରୀୟ ଅଦ୍ୱିକା- କିଶୋରୀ ସୁଭଦ୍ରା ଦିବସ ପାଳନ ରବିବାର ଅନୁଷ୍ଠିତ ହୋଇଯାଇଛି। କିଶୋରୀମାନଙ୍କ ମଧ୍ୟରେ ପ୍ରତୀକାତ୍ମକ ଗଭୀରତା ଏବଂ ଜନ ଆକର୍ଷଣ ସୃଷ୍ଟି କରିବା, ସ୍ୱର, ଆକାଂକ୍ଷା ଏବଂ ଅଧିକାରକୁ ପ୍ରଦର୍ଶନ କରିବା, ଏକ ଉତ୍ସବମୁଖୀ ସଶକ୍ତୀକରଣ ମଞ୍ଚ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କାର୍ଯ୍ୟକ୍ରମରେ ଅଧକ୍ଷତା କରୁଥିବା ଖଡ଼ିଆଳ ସିଡ଼ିପିଓ ମୀନା କୁମାରୀ ଅଗ୍ରୱାଲ ଓ ମୁଖ୍ୟ ଅତିଥି ଡିଏସଡବ୍ଲ୍ୟୁଓ ନୂଆପଡା ସଙ୍ଗୀତା ପାତ୍ର ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା କଂସୁଲେଟର ରଞ୍ଜନ କୁମାର ସାହୁ, ଜିଲା ମିଶନ କୋଅର୍ଡିନେଟର ଆଶିଷ ରଞ୍ଜନ ଖମାରୀ, ଜିଲା ଜେଣ୍ଡର ସ୍ପେସିଆଲିଷ୍ଟ ନାରଦ ଛତର ମଞ୍ଚ ଆସୀନ ଥିଲେ। କାର୍ଯ୍ୟକ୍ରମରର ପୁଚି, ମ୍ୟୁଜିକ ଚେୟାର, ରଜ କୁଇନ, ରିଲ ପ୍ରଭୃତି ବିଭିନ୍ନ ଖେଳ ହୋଇଥିଲା। ଉତ୍ତୀର୍ଣ୍ଣ କିଶୋରୀମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା ପରିଦର୍ଶିକା ସକୁନ୍ତଳା ନାଗ, ସୁପ୍ରଭା ଯୋଶୀ, ତୁଳସୀଲତା ରାଉତ, ଦୀପାଞ୍ଜଳି ମେହେର, ବୃନ୍ଦାବତୀ ସଗରିଆ,ରଶ୍ମିରାଣୀ ମେହେର, ବ୍ଲକ କୋଅର୍ଡିନେଟର ଗୋରେଖନାଥ ସିଂ, ସୁଭଦ୍ରା ହେଲ୍ପଡ଼େକ୍ସର କେ ଗୌରୀ ସ୍ୱାମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବନ କର୍ମଚାରୀଙ୍କ କଳାବ୍ୟାଜ ପିନ୍ଧି ଆନ୍ଦୋଳନ



ବନ କର୍ମଚାରୀ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ କରୁଛନ୍ତି।

## ବନ ବିଭାଗର ବ୍ୟବସ୍ଥାକୁ ପରିବର୍ତ୍ତନ ସହ ଫରେଷ୍ଟ କମିଶନ ଗଠନ କରାଯାଉ

ଭବାନୀପାଟଣା,୧୫।୬
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ୩ଟି ଡିଭିଜନର ବନ କର୍ମଚାରୀମାନେ ୩ ଦଫା ଦାବି ନେଇ ରବିବାରଠାରୁ ସ୍ଥାନୀୟ କାର୍ଯ୍ୟାଳୟ ସମ୍ମୁଖରେ ୟୁନିଫର୍ମ ଓ କଳାବ୍ୟାଜ ପରିଧାନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ସମୟରେ କୌଣସି ବନକର୍ମଚାରୀ କେସ ପ୍ରୋସିକ୍ୟୁସନ ବା ପାଟ୍ରୋଲିଂ ଭଳି କୌଣସି ବିପଦପୂର୍ଣ୍ଣ କାର୍ଯ୍ୟ କରିବେ ନାହିଁ। ସେହିପରି ଏହି ଦାବିଗୁଡିକ ୨୧ ତାରିଖ ସୁଦ୍ଧା ସମାଧାନ ନ ହେଲେ ଆସନ୍ତା ୨୨ ତାରିଖରୁ ସାମୂହିକ ଛୁଟିରେ ଯିବା ସହ ନିଜ ସର୍କଲ ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରକାଶ ଯେ, ଗତ ୯ ତାରିଖରେ ଓଡ଼ିଶା ଅଣ ଗେଜେଟେଡ ବନ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତିନି ଦଫା ଦାବିପତ୍ର କଳାହାଣ୍ଡି ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ସମୟରେ ଢେଙ୍କାନାଳ ଜିଲା ହିନ୍ଦୋଳର ବନରକ୍ଷୀ ପ୍ରହଲ୍ଲାଦ ପ୍ରଧାନଙ୍କୁ କାଠ ମାଫିଆମାନେ ନିର୍ମମ ଭାବେ ହତ୍ୟା କରିବା ଘଟଣାକୁ ନିନ୍ଦା କରିବା ସହ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ ଭୌଗୋଳିକ ଅଞ୍ଚଳ ଓ ଘଞ୍ଚ ଜଙ୍ଗଲ ଅନୁସାରେ ରେଞ୍ଜ, ସେକ୍ସନ ଓ ବିଟ ପୁନର୍ଗଠନ କରାଯିବା ସହ ମୃତ ବନ କର୍ମଚାରୀଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଥିଲା।

# ବରିଷ୍ଠ ନାଗରିକଙ୍କ ପାଇଁ ଆଇନ ସଚେତନତା କାର୍ଯ୍ୟକ୍ରମ



ଆଇନ ସଚେତନତା କାର୍ଯ୍ୟକ୍ରମ।

ଭବାନୀପାଟଣା,୧୫।୬
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ରବିବାର ଭବାନୀପାଟଣାସ୍ଥିତ ଜିଲା ଆଇନ ସେବା ପ୍ରାଧିକରଣ ପରିସରରେ ବିଶ୍ୱ ବୟସ୍କ ନିର୍ଯାତନା ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ବୟସ୍କ ବ୍ୟକ୍ତିବିଷେଶଙ୍କ ପାଇଁ ବିଭିନ୍ନ ଆଇନ ସହାୟତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା । ଏଥିରେ ଜାତୀୟ ଆଇନ ସେବା ପ୍ରାଧିକରଣ ଟୋଲ ଫ୍ରି ନମ୍ବର ୧୫୧୦୦ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସ୍ନିଗଧା ପଣ୍ଡା, ଅଧ୍ୟକ୍ଷ ବିଜୟ କୁମାର ହୋତା, କଳାହାଣ୍ଡି ବରିଷ୍ଠ ନାଗରିକ ମଞ୍ଚର ସଚିବ ଗିରିଜା ଶଙ୍କର ବେହେରା, ଫ୍ରଣ୍ଟ ଅଫିସ ରିଟେନର ଦିପ୍ତିରାଣୀ ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜାତୀୟ ଆଇନ ସେବା ପ୍ରାଧିକରଣ ଟୋଲଫ୍ରି ନମ୍ବର ବିଷୟରେ ବରିଷ୍ଠ ନାଗରିକଙ୍କୁ ଅବଗତ କରାଇବା ସହ ବିଭିନ୍ନ ଅସୁବିଧା ସମୟରେ ଏହି ନମ୍ବରର ସାହାଯ୍ୟ ନେବାପାଇଁ କହିଥିଲେ। ଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଅଂଶଗ୍ରହଣକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

# କୋଶଳି କବିତା ସଂକଳନ ଉନ୍ମୋଚିତ



କବିତା ସଂକଳନ ଉନ୍ମୋଚନ କରାଯାଉଛି।

ଖଡ଼ିଆଳ,୧୫।୬(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ଖଡିଆଳ ସ୍ୱୟଂଶାସିତ କଲେଜ ଅଡିଟୋରିୟମଠାରେ କୀ ପ୍ରଭାସିନୀ ଜୋଶୀଙ୍କ ଆଧୁନିକ କୋଶଲି କବିତା ସଂକଳନ 'ବଦଲୁ ଥିବାର ଫରଦ' ରବିବାର ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚାଟର୍ଜୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ସୋନପୁର କଲେଜର ଅସରପ୍ରାପ୍ତ ଅଧକ୍ଷ ନୟ କୁମାର ଦାସ, ମୁଖ୍ୟବକ୍ତାଭାବେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅସର ପ୍ରାପ୍ତ ଓଡ଼ିଆ ପ୍ରାଧାପକ ବିଜୟ କୁମାର ବାରିକ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ସିଦ୍ଧାର୍ଥ ଚନ୍ଦ୍ର ଜୋଶୀ, ସମୀକ୍ଷକ ହିସାବରେ ପ୍ରାଧାପକ ବ୍ରଜମୋହନ ମେହେର ଯୋଗଦେଇ କବିତା ସଙ୍କଳନକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଖଡିଆଳ ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ଲୋହିତାକ୍ଷ ଜୋଶୀ, ଡ. ସୁଶାନ୍ତ କୁମାର ବିଶି, ଡ. ତରୁଣ କୁମାର ପ୍ରଧାନ, ଡ. ଫଣିନ୍ଦ୍ରମ ଦେଓ, ଡ. ପଦ୍ମଲୋଚନ ବର୍ମା, ଅରୁଣ କୁମାର ପଣ୍ଡା, ଡ.ଅଜିତ କୁମାର ପଣ୍ଡା, ବିଶିଷ୍ଟ ଲେଖକ ପଟ୍ଟାୟତ ନୀଳଲୋହିତ ସିଂଦେଓ, ଶିକ୍ଷାବିତ୍ ଆଦିତ୍ୟ କୁମାର ପଣ୍ଡା, ଲେଖକ ତୁମେଶର ଚଲାନ, ଶୈଳେନ୍ଦ୍ର ପାଣିଗ୍ରାହୀ, ବିଶିଷ୍ଟ ଶିକ୍ଷାବିତ ସତୀଶ କୁମାର ପଟ୍ଟନାୟକ, ଅଶୋକ ବେହେରା, ଡ.ଅଞ୍ଜଳି ପାଢୀ, ପ୍ରଧାପିକା ମୀନା ସାହା, ପ୍ରଧାନ ଶିକ୍ଷୟିତ୍ରୀ ବିନୟା ପଣ୍ଡା, ସୁଲେଖିକା ମାନିନି ମେହେର, ସୁଲେଖିକା ମଳୟା ପଣ୍ଡା, ପୁଷ୍ପାଞ୍ଜଳି ବାରିକ, ସୁଜାତା ପାଣିଗ୍ରାହୀ, ରଶ୍ମିତା ପଣ୍ଡା ଉପସ୍ଥିତ ଥିଲେ। କବି ଆଦିତ୍ୟ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଏମ୍‌ଏଫସି କୋର୍ଟ ପକ୍ଷରୁ ତାଲୁକା ଆଇନ ପ୍ରାଧିକରଣ ସେବା

ଥୁଆମୂଳ ରାମପୁର,୧୫।୬
(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୁଳ ରାମପୁର ବ୍ଲକରରେ ଜେଏମ୍‌ଏଫସି କୋର୍ଟ ପକ୍ଷରୁ ତାଲୁକା ଆଇନ ପ୍ରାଧିକରଣ ସେବା ଶିବିର ହୋଇଥିଲା। ସ୍ଥାନୀୟ ଜେଏମଏଫସି କୋର୍ଟ ପରିସରରେ ରବିବାର ତାଲୁକ ଆଇନ ପ୍ରାଧିକରଣ ସେବା ମାଧ୍ୟମରେ ଥୁଆମୂଳ ରାମପୁର ବ୍ଲକର ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ଅନେକ ବରିଷ୍ଠ ନାଗରିକ ଯୋଗଦେଇ ତାଙ୍କର ନ୍ୟାୟ ଅଧିକାର ଓ ପରିବାର କିମ୍ବା ସମାଜରେ ଘଟିଯାଉ ଥିବା ଅନେକ ସମସ୍ୟା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଟିଏଲଏସସି ସେକ୍ରେଟାରୀ ତଥା ଜେଏମଏଫସି କୋର୍ଟ ମାଜିଷ୍ଟ୍ରେଟ ସୋମ୍ୟଜିତ ପଣ୍ଡା ଅତିଥି ରୂପେ ଯୋଗଦେଇଥିଲେ। ଯୁବ ଆଇନଜୀବୀ ତଥା ଓକିଲ ସଂଘର ସମ୍ପାଦକ ମନୋରଞ୍ଜନ ନାଏକ ଏବଂ କର୍ତ୍ତବ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରୋଜେକ୍ଟ କୋଡିନେଟର ସୁଦର୍ଶନ ନାଏକ ସମୂହ ଉପସ୍ଥିତ ରହି ଏହି ଶିବିରରେ ବରିଷ୍ଠ ନାଗରିକମାନଙ୍କୁ ତାଙ୍କ ଆଇନ ଏବଂ ଅଧିକାର ଉପରେ ଆଲୋକପାତ କରିଥିଲେ ।

# ବିଶ୍ୱ ରକ୍ତଦାତା ଦିବସରେ ସଚେତନତା ରାଲି



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡା,୧୫।୬ (ମକାରୁ ବେମାଲ)

ନୂଆପଡ଼ା ନ୍ୟାଶନାଲ ହାଇସ୍କୁଲ ସଭାଗୃହରେ ଶନିବାର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଷ୍ଟୁଡେଣ୍ଟ ରକ୍ତଦାତା ମହାସଂଘ ସହାୟତାରେ ଜିଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଜିଲାପାଳ କାର୍ଯ୍ୟାଳୟଠାରୁ ଏକ ରାଲି ସହର ପରିକ୍ରମା କରି ରକ୍ତଦାନ ଉପରେ ଲୋକଙ୍କୁ ସଚେତନ କରିଥିଲା। ପରେ ନ୍ୟାଶନାଲ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ଜିଲାପାଳ ମଧୁସୁଦନ ଦାଶ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ସୁବାଷ ଚନ୍ଦ୍ର ରାଇତା, ଉପ ଜିଲାପାଳ ଯୋଗେନ୍ଦ୍ର ମାଝି, ଭାରାପ୍ରାପ୍ତ ଜିଲା ମୁଖ୍ୟ ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମନୋଜ ସାହୁ, ଏଡିପିଏଚ୍‌ଓ କିଶୋରଚନ୍ଦ୍ର ପଟେଲ, ଡିପିଏମ ସତ୍ୟନାରାୟଣ ତ୍ରିପାଠୀ, ନ୍ୟାଶନାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଗୋଲାପଚନ୍ଦ୍ର ସାହୁ, ଡିଏମଓ ଡା.ଲଳିତ ମୋହନ ବିଶି ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପରେ ଏକ ରକ୍ତଦାନ ଶିବିର ହୋଇଥିଲା। ଏଥିରେ ୫୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏଡିପିଏଚସିଓ କିଶୋର ପଟେଲ ଶିବିର ପରିଚାଳନା କରିଥିଲେ।

# ଛଞ୍ଚାଣବାହାଲୀ ଆଞ୍ଚଳିକ ଯାଦବ ସମିତି ପୁନର୍ଗଠିତ


ଆଞ୍ଚଳିକ ଯାଦବ ସମିତିର ନୂତନ କର୍ମକର୍ତ୍ତା।

ବେହେରା,୧୫।୬(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛଞ୍ଚାଣବାହାଲୀ ଆଞ୍ଚଳିକ ଯାଦବ ସମିତିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛ। ପୂର୍ବତନ ସଭାପତି କମଳୁ ଗୋପାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବ୍ଲକ ସଭାପତି ଶଙ୍କର ପ୍ରସାଦ ଯୁଆଡ, ବ୍ଲକ ସମ୍ପାଦକ ପତିରାମ ହଂସ, ବଡ଼ଘୁମେର ଆଞ୍ଚଳିକ ସଭାପତି ନିରାକାର ଗୋପାଳ, ବେହେରା ଆଞ୍ଚଳିକ ସଭାପତି ଗୌରବାଗ, ଯାଦବ ପୂଜକ ତୁଳସିରାମ ଯୁଆଡଙ୍କ ଉପସ୍ଥିତିରେ ନୂତନ ଛଞ୍ଚାଣ ବାହାଲୀ ଆଞ୍ଚଳିକ ଯାଦବ ସମିତି ଗଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ଉଛବ ହଂସଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ସମ୍ପାଦକ ଭାବେ ଶ୍ରୀଗୋଲାପ ବାଗ, ଉପସଭାପତି ଗୋବର୍ଦ୍ଧନ ପୋଡ଼, ସହସମ୍ପାଦକ ଧବଳେଶ୍ୱର ପୋଡ଼, କୋଷାଧକ୍ଷ ଅଭିମନ୍ୟୁ ବାଗଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଯାଦବ ସମାଜର କୁସଂସ୍କାର ଦୂର କରି ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ରୀତିନୀତିରେ ପରିବର୍ତ୍ତନ ଆଣି ସୁନ୍ଦର ଓ ସ୍ୱଚ୍ଛ ସମାଜ ଗଠନ ପାଇଁ ସମସ୍ତ କର୍ମକର୍ତ୍ତା ପ୍ରତିଶୃତି ଦେଇଥିଲେ। କାର୍ଯ୍ୟକ୍ରମକୁ ନୀଳାମ୍ବର ପୋଡ଼, ଶୀଧେଶ୍ୱର ଭଇସାଲ,ମହତ ରାମ ପୋଡ଼, ଅନନ୍ତରାମ ପୋଡ଼,କିଶୋର ଭଇସାଲ, ମଦନ ହଂସ, ଚୌବନ ପୋଡ଼, ଅଙ୍କୁର ପୋଡ଼, ସିମାଞ୍ଚଳ ବାରିକ ସହଯୋଗ କରିଥିଲେ। ଛଞ୍ଚାଣ ବାହାଲୀ, ପଳସପାଣି, ବେହେରାଗୁଡା, ନାଗପଡା, ଚନମୁଣ୍ଡା, ରାବଣଗୁଡା ଗ୍ରାମର ଯାଦବ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ବଜ୍ରପାତରେ ନାବାଳିକାଙ୍କ ମୃତ୍ୟୁ

ବେଲପଡା,୧୫।୬
(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ଥୁଡିବାହାଲ ଗ୍ରାମରେ ଜଣେ ନାବାଳିକାଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ଥୁଡିବାହାଲ ଗ୍ରାମର ବଂଶୀ ପୁଟେଲଙ୍କ ଝିଅ ନିତା ପୁଟେଲ (୧୭) । ନିତା ଗାଁର ଜଣେ ବ୍ୟକ୍ତିଙ୍କ କପା ଚାଷ ଜମିକୁ କାମ କରିବାକୁ ଯାଇଥିଲେ । ରବିବାର ମଧାହ୍ନ ସମୟରେ ଘରକୁ ଖାଇବାକୁ ଆସୁଥିବା ବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ସେ ବଜ୍ରପାତରେ ଗୁରୁତର ହୋଇ ତଳେ ପଡ଼ିଯାଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବେଲପଡା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପରିବାର ଲୋକେ ବେଲପଡା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି ।

# ବେଦାନ୍ତ ଆଲୁମିନିୟମର ମେଗା ଚାରାରୋପଣ ଅଭିଯାନ


ଚାରାରୋପଣ ଅବସରରେ ବେଦାନ୍ତର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ।

ଭୁବନେଶ୍ୱର,୧୫।୬(ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ମେଗା ଚାରାରୋପଣ ଅଭିଯାନ 'ମୋ ଗଛ, ମୋ ପରିବାର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅଭିଯାନ କମ୍ପାନୀର ପରିବେଶଗତ ସ୍ଥିରତା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। ବିଶେଷକରି ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲାରେ 'ମୋ ଗଛ ମୋ ପରିବାର' ଶୀର୍ଷକ ଚାରାରୋପଣ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଜରିଆରେ ୧,୦୦,୦୦୦ ରୁ ଅଧିକ ଫଳ ଚାରା କଳାହାଣ୍ଡି ଏବଂ ରାୟଗଡ଼ା ଜିଲାରେ ରୋପଣ କରାଯିବ, ଯାହାର ଲକ୍ଷ୍ୟ ଓଡ଼ିଶାର ୩୦,୦୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ସକାରାତ୍ମକ ଭାବେ ପ୍ରଭାବିତ କରିବା, ଯେଉଁଥିରେ ଆମ୍ବ, ଗୁଆ, ପଣସ ଏବଂ ମୋରିଙ୍ଗା ଭଳି ପ୍ରଜାତି ରହିଛି। ଏପରିକି ସେମାନଙ୍କର ପରିବେଶଗତ, ପୁଷ୍ଟିକର ଏବଂ ଆର୍ଥିକ ମୂଲ୍ୟ ପାଇଁ ଏସବୁ ଚାରା ଚୟନ କରାଯାଇଛି। ସେହିଭଳି ବଳଭଦ୍ରପୁର ଗ୍ରାମ ଏବଂ ବେଦାନ୍ତର ପ୍ଲାଣ୍ଟ ପରିସରରେ ଏକ ସମ୍ପ୍ରଦାୟ-ନେତୃତ୍ୱାଧୀନ ରୋପଣ ଅଭିଯାନ ମାଧ୍ୟମରେ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା, ଯେଉଁଥିରେ କର୍ମଚାରୀ, ବରିଷ୍ଠ ନେତୃତ୍ୱ, ସ୍କୁଲ ପିଲା, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସମେତ ୬୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନାର ସିଇଓ (ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଲାଞ୍ଜିଗଡ଼ରେ ସ୍ଥାୟିତ୍ୱ କେବଳ ଏକ ଦାୟିତ୍ୱ ନୁହେଁ, ଏହା ଜୀବନର ଏକ ଉପାୟ। 'ମୋ ଗଛ ମୋ ପରିବାର' କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଆଗାମୀ ବର୍ଷକ ମଧ୍ୟରେ ଏହି ଲକ୍ଷ୍ୟ ପୂରଣ କରିବୁ। ଏହିଅଭିଯାନ ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ଅଭିଯାନକୁ ବୃଦ୍ଧି କରିବା ସହ ଭାରତର ଜଳବାୟୁ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାର ବେଦାନ୍ତର ବ୍ୟାପକ ମିଶନ ସହ କାର୍ଯ୍ୟ କରିଛୁ ବୋଲି ଭଟ୍ଟାଚାର୍ଯ୍ୟ ମତପ୍ରକାଶ କରିଥିଲେ।

# କଳାହାଣ୍ଡି ରଜକ ସମାଜ କଲ୍ୟାଣ ସଂଘର ସାଧାରଣ ବୈଠକ

ଭବାନୀପାଟଣା,୧୫।୬
(ଉତ୍ତମ କୁମାର ଦାଶ)

ଭବାନୀପାଟଣା ବ୍ଲକ ଅନ୍ତର୍ଗତ ରିଷିଗାଁ ଏସ୍‌ଏନ୍ କଲ୍ୟାଣ ମଣ୍ଡପଠାରେ ରବିବାର କଳାହାଣ୍ଡି ରଜକ ସମାଜ କଲ୍ୟାଣ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବସନ୍ତ କୁମାର ସେଠିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ସଂଘର ମୁଖ୍ୟ ଉପଦେଷ୍ଟା କେଦାର ନାଥ ସେଠି, ବରିଷ୍ଠ ବ୍ୟାଙ୍କ ପରିଚାଳକ ଉଦୟ କୁମାର ସେଠି, ଜିଲା ଉପସଭାପତି ଡ଼ମ୍ବରୁଧର ସେଠି ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ସମାଜର ବିଭିନ୍ନ ଦିଗ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ପରେ ସମାଜର ନିୟମାବଳୀ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ସମସ୍ତ ରଜକ ସମାଜର ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ସାଧାରଣ ବୈଠକରେ ଜିଲାର ସମସ୍ତ ବ୍ଲକ ସଭାପତି ଓ ସମ୍ପାଦକ ସମେତ ରଜକ ଭଉଣୀଭାଇ ଉପସ୍ଥିତ ଥିଲେ ।



ରଜକ ସମାଜ କଲ୍ୟାଣ ସଂଘର ସାଧାରଣ ବୈଠକ।

# ନିଟ୍ ପରୀକ୍ଷାରେ ଲକ୍ଷ୍ମୀ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା


ସଫଳତା ପାଇଥିବା ୬ ଛାତ୍ରୀଛାତ୍ର।

ଭବାନୀପାଟଣା,୧୫।୬
(ଉତ୍ତମ କୁମାର ଦାଶ)

ନିଟ୍ ପ୍ରବେଶିକା ପରୀକ୍ଷା ଫଳାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲକ୍ଷ୍ମୀ ବିକାଶ ଆବାସିକ ବିଦ୍ୟାଳୟର ୬ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ଶୁଭାଶିଷ ମାଝି, ରାଜଶ୍ରୀ ବେହେରା, ସୁଜଳ ପଣ୍ଡା, ଅର୍ୟନ କୁମାର ସାହୁ, ଏଲ.ସୁଭଦ୍ରା ଆଚାରି ଓ ରିଷଭ ଅଗ୍ରୱାଲ। ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେମାନେ ଅନୁଷ୍ଠାନ ତଥା ଜିଲା ପାଇଁ ଗୌରବ ଆଣିଛନ୍ତି। ପ୍ରକାଶଯେ, ବିକାଶ ଆବାସିକ ବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ସ୍ୱତନ୍ତ୍ର ଭାବରେ ନିଟ ଓ ଜେଇଇ ପରୀକ୍ଷା ନିମନ୍ତେ କୋଚିଂ ଦିଆଯାଉଛି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ଓଡ଼ିଶା ଚେୟାରମ୍ୟାନ ଡି. ନାଗେଶର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରି ଡି.ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି.ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ଆରତି ମିଶ୍ର, ଉପାଧକ୍ଷ ନାରାୟଣ ମହାନ୍ତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

# ମହିଳା ପ୍ରସ୍ତୁତ କଲେ ସୁସ୍ୱାଦୁ ଓଡ଼ିଆ ଖାଦ୍ୟ

## ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା

ସୋନପୁର,୧୫।୬(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା ସରକାରଙ୍କ ସୁଭଦ୍ରା ଶକ୍ତି ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲାସ୍ତରୀୟ ପାରମ୍ପରିକ ଓଡିଆ ଖାଦ୍ୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ରୟାଲ ପଡିଆ ସ୍ଥିତ ବିକାଶ ମେଳା ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାର ୬ଟି ବ୍ଲକରୁ ୧୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନେ ବିଭିନ୍ନ କିସମର ପାରମ୍ପରିକ ପିଠା, ଦହି ବରା, ଚକୁଳି, ସୁଜି ଉପମା, ପାମ୍ପୁଡି ଚାଟ୍, ମଣ୍ଡା ପିଠା, ଆରିଶା, ଖିରି, ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠା ଓ କେକ୍ ସହିତ ସୁବର୍ଣ୍ଣପୁର ଜିଲାର ପ୍ରସିଦ୍ଧ ଚାଉଳ ବରା, ମୁଗ ବରା, ମଟର ଭୁଗୁନି, ଦେଶୀ ଚିକେନ ତରକାରୀ, ଭାତ ଓ ଦହି ପଖାଳ ଆଦି ପ୍ରସ୍ତୁତ କରିଥିଲେ। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା, ଡାକ୍ତର ଦୁର୍ଗାଦତ୍ତ ଦାଶ ଓ ଖାଦ୍ୟ ନିରାପତ୍ତା ଅଧିକାରୀ ସସ୍ମିତା ନାୟକ ପ୍ରମୁଖ ବିଚାରକ ଭାବେ ଯୋଗଦାନ କରି ଉତ୍ତମ ଖାଦ୍ୟର ମାନ ପରୀକ୍ଷା କରିଥିଲେ। ସିଡିଓ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ଉତ୍ତମ ଓଡିଆ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିବା ଡବ୍ଲ୍ୟୁଏସଏଚଜି ଗୁଡିକୁ ସୋମବାର ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ପୁରସ୍କୃତ କରିବେ ବୋଲି ଜଣାପଡିଛି। ସୁଭଦ୍ରା ଶକ୍ତିର ଡ଼ିପିଏମ୍ ବିଶ୍ୱଜିତ ପରିଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରକାଶ ଯେ, ପୂର୍ବରୁ ବ୍ଲକସ୍ତରରେ ସୁଭଦ୍ରା ଶକ୍ତି ପାରମ୍ପରିକ ଓଡିଆ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୬ଟି ବ୍ଲକରେ ମୋଟ ୯୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ୨ଟି ଲେଖାଏ ଗୋଷ୍ଠି ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ପିଠା ଓ ଖାଦ୍ୟକୁ ବିଚାରକମାନେ ବୁଲି ଦେଖୁଛନ୍ତି।

# କୃତକାର୍ଯ୍ୟ ହେଲେ ସ୍ନେହା, ସ୍ୱନ୍ଦନ ଓ ତ୍ର୍ୟମ୍ବକ

## ନିଟ୍(ୟୁଜି)ରେ ସଫଳତା ପାଇଲେ ସୁବର୍ଣ୍ଣପୁରର ୩ ଛାତ୍ରୀଛାତ୍ର



କେ ସ୍ନେହା



ସ୍ୱନ୍ଦନ ବିକାଶ ଘଡେଇ



ତ୍ର୍ୟମ୍ବକ ପଣ୍ଡା

ସୋନପୁର,୧୫।୬(ମୃତ୍ୟୁଞ୍ଜୟ ଶତପଥୀ)

ପ୍ରକାଶିତ ହୋଇଛି ନିଟ୍(ୟୁଜି) ପରୀକ୍ଷା ଫଳ। ଏଥିରେ କୃତକାର୍ଯ୍ୟ ହୋଇଛନ୍ତି ସୁବର୍ଣ୍ଣପୁର ସହରର ୩ ଜଣ। ସୁବର୍ଣ୍ଣପୁର ସହର ଢେରାପଡାର କେ.ସ୍ନେହା ସମୁଦାୟ ୭୨୦ ନମ୍ବରରୁ ୫୪୩ ନମ୍ବର ରଖିଛନ୍ତି। ସର୍ବଭାରତୀୟ ସ୍ତରରେ ୧୫ହଜାର ୪୦୦ ରାଙ୍କ ହାସଲ କରି ଡାକ୍ତରୀ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଏଥିପାଇଁ ୧୧ରୁ ୧୨ଘଣ୍ଟା ଅଧ୍ୟୟନ କରୁଥିଲେ। ପ୍ରଥମ ପ୍ରଚେଷ୍ଟାରେ ସେ ଏହି ସଫଳତା ହାସଲ କରିଥିବା ପ୍ରକାଶ କରିଛନ୍ତି। କେ ସ୍ନେହାଙ୍କ ମା' ପୂର୍ଣ୍ଣିମା ପାତ୍ର ଗୃହିଣୀ ହୋଇଥିବା ବେଳେ ବାପା ଜନ୍ମେଜୟ ପାତ୍ର ଜଣେ ବ୍ୟବସାୟୀ।

ସହର ସ୍ଥିତ ଉଦୟ ବିହାରର ସ୍ୱନ୍ଦନ ବିକାଶ ଘଡେଇ। ୭୨୦ ନମ୍ବରରୁ ୫୩୨ ନମ୍ବର ରଖି ସେ ସର୍ବଭାରତୀୟ ସ୍ତରରେ ୨୨ହଜାର ୩୦୦ରାଙ୍କ ହାସଲ କରି ଡାକ୍ତରୀ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଏଥିପାଇଁ ଦୈନିକ ୭ରୁ ୮ଘଣ୍ଟା ଅଧ୍ୟୟନ କରୁଥିଲେ। ପ୍ରଥମ ପ୍ରଚେଷ୍ଟାରେ ସେ ଏହି ସଫଳତା ହାସଲ କରିଥିବା କହିଛନ୍ତି। ସ୍ୱନ୍ଦନଙ୍କ ମା' ସସ୍ମିତା ପଲେଇ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଉଛବାହାଲି ୟୁଜିଏମଇ ସ୍କୁଲରେ ଶିକ୍ଷୟିତ୍ରୀ ଥିବା ବେଳେ ବାପା ଡ. ମନୋରଞ୍ଜନ ଘଡେଇ ବୌଦ୍ଧ ଜିଲା ବାଉଁଶୁଣି ମା' ମାହେଶ୍ୱରୀ ସ୍ନାତକ ମହାବିଦ୍ୟାଳୟରେ ଅଧାପକ ଅଛନ୍ତି।

ସେହିପରି ସହର ସ୍ଥିତ ରାମଜୀନଗରର ତ୍ର୍ୟମ୍ବକ ପଣ୍ଡା। ସମୁଦାୟ ୭୨୦ ନମ୍ବରରୁ ୫୩୨ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୨୨୮୭୪ ରାଙ୍କ ହାସଲ କରି ଡାକ୍ତରୀ ପାଠ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଏଥିପାଇଁ ଦୈନିକ ୯ ରୁ ୧୦ ଘଣ୍ଟା ଅଧ୍ୟୟନ କରୁଥିଲେ। ଦ୍ୱିତୀୟ ପ୍ରଚେଷ୍ଟାରେ ସେ ଏହି ସଫଳତା ହାସଲ କରିଥିବା ପ୍ରକାଶ କରିଛନ୍ତି। ତ୍ର୍ୟମ୍ବକଙ୍କ ମା' ସୁଷମାରାଣୀ ପଣ୍ଡା ସୁବର୍ଣ୍ଣପୁର ସହର ବଡବଜାର ପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ ଥିବା ବେଳେ ବାପା ଘାସିରାମ ପଣ୍ଡା ଜଣେ ଯୁବ ସାମାଜିକକର୍ମୀ ଓ ଗ୍ରନ୍ଥକାର ଭାବେ ପରିଚିତ। ଏହି ସଫଳତାରେ ତାଙ୍କ ମାତାପିତା, ପରିବାର ସଦସ୍ୟ, ଗୁରୁଜନ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଭଗବାନଙ୍କ ଆଶୀର୍ବାଦ ରହିଥିବା କେ ସ୍ନେହା, ସ୍ୱନ୍ଦନ ଓ ତ୍ର୍ୟମ୍ବକ କହିଛନ୍ତି।

# ପିଏମଶ୍ରୀ ଜବାହର ନବୋଦୟ ସ୍କୁଲରେ ପ୍ରବେଶ ପଞ୍ଜୀକରଣ ଆରମ୍ଭ

ବୌଦ୍ଧ,୧୫।୬(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପାଲଝାରସ୍ଥିତ ପିଏମ୍ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟର ୨୦୨୬-୨୭ ଶିକ୍ଷା ବର୍ଷ ଲାଗି ଷଷ୍ଠ ଶ୍ରେଣୀରେ ପ୍ରବେଶ ପାଇଁ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ୨୦୨୫-୨୬ ଶିକ୍ଷାବର୍ଷରେ ବୌଦ୍ଧ ଜିଲାର ପଞ୍ଚମ ଶ୍ରେଣୀରେ ପଢୁଥିବା ସମସ୍ତ ଛାତ୍ରୀଛାତ୍ର ଅନ୍‌ଲାଇନ ଜରିଆରେ ଆବେଦନ କରିପାରିବେ। ଆବେଦନକାରୀ ପ୍ରଣାମପତ୍ରର ନମୂନା ଓ ସମ୍ପୂର୍ଣ୍ଣ ବିବରଣୀ ନବୋଦୟ ବିଦ୍ୟାଳୟ ସମିତିର ୱେବ୍‌ସାଇଟରୁ ଡାଉନ୍‌ଲୋଡ୍ କରିପାରିବେ। ଅନ୍‌ଲାଇନ ଆବେଦନର ଶେଷ ତାରିଖ ଆସନ୍ତା ତା.୨୯।୭।୨୦୨୫ରିଖ ଥିବାବେଳେ ଆସନ୍ତା ତା.୧୩।୧୨।୨୦୨୫ରିଖରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟର ଅଧକ୍ଷ କେ. ସି. ଭୋଇ ସୂଚନା ଦେଇଛନ୍ତି।

# କଳାବ୍ୟାଜ୍ ପିନ୍ଧି ବନ କର୍ମଚାରୀଙ୍କ ପ୍ରତିବାଦ



ବୌଦ୍ଧ ରେଞ୍ଜ୍ ଅଫିସ ଆଗରେ କଳାବ୍ୟାଜ୍ ପିନ୍ଧିଥିବା ବନ କର୍ମଚାରୀ।

ବୌଦ୍ଧ,୧୫।୬(ଅଜିତ କୁମାର ବାରିକ)

ବିଭିନ୍ନ ଦାବି ନେଇ ସାରା ରାଜ୍ୟରେ ରାଜ୍ୟ ଅଣଗେଜେଟେଡ ବନସେବା ସଂଘ ଆନ୍ଦୋଳନ ଡାକରା ଦେଇଥିବା ବେଳେ ବୌଦ୍ଧ ବନ କର୍ମଚାରୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି କ୍ରମରେ ସେମାନେ ରବିବାରଠାରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଆରମ୍ଭ କରିଛନ୍ତି। ସେମାନେ କହିଛନ୍ତି, ବନ କର୍ମଚାରୀଙ୍କ ସୁରକ୍ଷା ପାଇଁ ସରକାର ଏସ୍‌ଓପି ଜାରି କରନ୍ତୁ ନଚେତ ବନ କର୍ମଚାରୀ ଜଙ୍ଗଲକୁ ଯାଇ କାର୍ଯ୍ୟ କରିବାକୁ ଆଗ୍ରହ ଦେଖାଇବେ ନାହିଁ। ଫରେଷ୍ଟ କମିଶନ ଗଠନ, କର୍ମଚାରୀମାନଙ୍କ ବୀମା ଓ ସୁରକ୍ଷା ଦାବି ପୂରଣ ପାଇଁ ବୌଦ୍ଧ ଜିଲାର ସମସ୍ତ ଅଣଗେଜେଟେଡ ବନ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟାଳୟ ଆଗରେ ବସିରହିଛନ୍ତି। ଆସନ୍ତା ୨୨ ତାରିଖେ ସୁଦ୍ଧା ଦାବି ପୂରଣ ନ ହେଲେ ୨୩ରୁ ସାମୂହିକ ଛୁଟିରେ ରହି ନିଜ ସର୍କଲ ଆଗରେ ୟୁନିଫର୍ମ ପିନ୍ଧି ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ସେମାନେ କହିଛନ୍ତି।

# କାନ ଧରି ବସ୍ ଉଠ୍ ହେଲେ ବସ୍ ଡ୍ରାଇଭର

## ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ

ବଘିଆପଡା,୧୫।୬(ଶ୍ରୀକାନ୍ତ ସାହୁ)

ବୌଦ୍ଧ-ବଘିଆପଡା ରାସ୍ତାର ପନଖିମାଳ ଗ୍ରାମ ନିକଟରେ ରବିବାର ସନ୍ଧ୍ୟା ସମୟରେ ଜଣେ ମହିଳା ଯାତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ ବସ୍ ସେବାର ଜଣେ ଡ୍ରାଇଭର ହୀନସ୍ତା ହୋଇଛନ୍ତି। ଏହି ଘଟଣାରେ ଉକ୍ତ ଡ୍ରାଇଭର ନିଜ ଭୁଲ୍ ସ୍ୱୀକାର କରିବା ସହ ରାସ୍ତାରେ କାନ ଧରି ବସ୍ ଉଠ୍ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ରବିବାର ଜଣେ ମହିଳା ମୁଖ୍ୟମନ୍ତ୍ରୀ ବସ୍ ସେବା ଗାଡିରେ ବୌଦ୍ଧ ବ୍ରିଜ୍ ଛକରୁ ପନଖିମାଳ ପର୍ଯ୍ୟନ୍ତ ଯାଇଥିଲେ। ମହିଳା ଜଣଙ୍କ ସେଠାରେ ଓହ୍ଲାଇବା ସ୍ଥାନକୁ ନେଇ ବସ୍ ଡ୍ରାଇଭର ଓ ମହିଳାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଡ୍ରାଇଭର ଜଣଙ୍କ କୁଆଡେ ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ମହିଳା ଜଣଙ୍କ ଅପମାନିତ ହୋଇ ଘରେ ଏକଥା କହିଥିଲେ। କିଛି ସମୟ ପରେ ବସ୍‌ଟି ବଘିଆପଡାରୁ ଫେରୁଥିବା ବେଳେ ମହିଳାଙ୍କ ପରିବାର ଲୋକେ ପନଖିମାଳ ନିକଟରେ ବସ୍‌କୁ ଅଟକାଇ ଡ୍ରାଇଭରଙ୍କୁ ପଚାରିଥିଲେ। ଡ୍ରାଇଭର ଭୁଲ ସ୍ୱୀକାର କରିବା ସହ ହାତଯୋଡ଼ି କ୍ଷମା ମାଗିଥିଲେ ଓ ରାସ୍ତାରେ କାନ ଧରି ବସ୍ ଉଠ୍ ହେଉଥିବା ଦେଖିବାକୁ ମିଳିଥିଲା। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ବନ କର୍ମଚାରୀଙ୍କ କଳାବ୍ୟାଜ ପରିଧାନ

ଉଲୁଣ୍ଡା,୧୫।୬(ଗୌରଚନ୍ଦ୍ର ପରିଛା)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ କାର୍ଯ୍ୟରତ ବନକର୍ମଚାରୀମାନେ ୩ ଦଫା ଦାବି ନେଇ ରବିବାରଠାରୁ କଳାବ୍ୟାଜ ପରିଧାନ କରିଛନ୍ତି। ଗତ ୨୩।୫।୨୫ତାରିଖରେ ଢେଙ୍କାନାଳ ଡିଭିଜନର ବନରକ୍ଷୀ ପ୍ରହ୍ଲାଦ ପଧାନଙ୍କୁ ହତ୍ୟା କରାଯାଇଥିଲା। ମୃତକଙ୍କ ପରବାରକୁ ୧ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବା, ସମସ୍ତ ବନ ଓ କ୍ଷେତ୍ର କର୍ମଚାରୀଙ୍କୁ ବ୍ୟାଙ୍କ ଜରିଆରେ ପୋଲିସ ଭଳି ସାଲେରୀ, ପ୍ୟାକେଜ ଇନସ୍ୟୁରାନ୍ସ ପ୍ରଦାନ, ସରକାର ଏକ ଫରେଷ୍ଟ କମିଶନ ଗଠନ କରି ବନବିଭାଗରେ ସଂରଚନା, ପୁନର୍ଗଠନ, ସୁରକ୍ଷା ବ୍ୟବସ୍ଥା, କ୍ୟାଡର ପରିମାର୍ଜନ, ନିଯୁକ୍ତି ପ୍ରକ୍ରିୟା ଓ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ସମ୍ବନ୍ଧେ ବିଚାର କରି ସରକାରଙ୍କୁ ଦୁଇମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପାଇଁ ବନ କର୍ମଚାରୀ ମାନେ ଦାବି କରିଛନ୍ତି। ଆସନ୍ତା ୨୧ତାରିଖ ମଧ୍ୟରେ ଦାବି ପୂରଣ ନହେଲେ ୨୨ତାରିଖରୁ ସମୂହ ଛୁଟିରେ ରହିବା ସହ ଧାରଣା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ବନ କର୍ମଚାରୀମାନେ ରେଞ୍ଜରଙ୍କୁ ଲିଖିତ ଭାବରେ ଜଣାଇଛନ୍ତି।



କଳାବ୍ୟାଜ ପିନ୍ଧି ବନ କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି।

# ଡାକ୍ତରୀ ପାଠ ପଢ଼ିବେ ସୂର୍ଯ୍ୟନାରାୟଣ

## ନିଟ(ୟୁଜି)ରେ କୃତକାର୍ଯ୍ୟ ହୋଇଛନ୍ତି

ଅମରପାଲି,୧୫।୬(ପୀତାମ୍ବର ସାହୁ)

ନିଟ(ୟୁଜି) ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତରୀ ପାଠ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ପଞ୍ଚାୟତ ଯୁବରାଜପୁର ଗ୍ରାମର ଗଗନ ପଧାନଙ୍କ ବଡପୁଅ ସୂର୍ଯ୍ୟନାରାୟଣ ପଧାନ। ଶନିବାର ପ୍ରକାଶିତ ହୋଇଥିବା ନିଟ୍(ୟୁଜି )ପ୍ରବେଶିକା ପରୀକ୍ଷାରେ ସେ ଏହି ସଫଳତା ପାଇଛନ୍ତି। ସେ ଉକ୍ତ ପ୍ରବେଶିକା ପରୀକ୍ଷାରେ ସମୁଦାୟ ୭୨୦ ନମ୍ବରରୁ ୫୩୮ ନମ୍ବର ରଖି ସର୍ବ ଭାରତୀୟସ୍ତରରେ ୧୮ ହଜାର ୫୭୩ ରାଙ୍କ ହାସଲ କରିଛନ୍ତି। ସେ ଏଥିପାଇଁ ଦୈନିକ ୧୪ ରୁ ୧୫ ଘଣ୍ଟା ଲେଖାଏଁ ପରିଶ୍ରମ କରୁଥିବା ବେଳେ ସେ ତାଙ୍କର ତୃତୀୟ ପ୍ରଚେଷ୍ଟା ରେ ଏହି ସଫଳତା ହାସଲ କରିଛନ୍ତି। ସୂର୍ଯ୍ୟ ନାରାୟଣ ଏକ ନିପଟ ମଫସଲ ଓ ଉପାନ୍ତ ଗ୍ରାମର ହୋଇଥିବା ବେଳେ ତାଙ୍କ ଗ୍ରାମରେ ମାତ୍ର ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ତାଙ୍କ ବାପା କିଶୋର ପଧାନ ଜଣେ ଅଟୋ ଚାଳକ। ନିଜ ଅଳ୍ପ ଚାଷ ଜମିରେ ସେ ଚାଷ କାର୍ଯ୍ୟ ମଧ୍ୟ କରିଥାନ୍ତି। ତାଙ୍କ ମା' ଗିରିଜା ପଧାନ ଜଣେ ଆଶାକର୍ମୀ। ସୂର୍ଯ୍ୟ ନାରାୟଣ ତାଙ୍କ ନିଜ ଗ୍ରାମ ଯୁବରାଜପୁରରେ ପ୍ରାଥମିକ ଶିକ୍ଷା ପରେ ଖଣ୍ଡହତା ସହିତ ଇନ୍ଦିରାଗାନ୍ଧୀ ହାଇସ୍କୁଲରୁ ମାଟ୍ରିକ ପରୀକ୍ଷାରେ ୭୮ପ୍ରତିଶତ ନମ୍ବର ରଖିଥିଲେ। ରେଢାଖୋଲ ସ୍ଥିତ କଳିଙ୍ଗ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ୨ ରେ ୮୯ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଥିଲେ। ସମ୍ବଲପୁରରେ ଏକ ଘରୋଇ କୋଚିଙ୍ଗରେ ଦୁଇ ବର୍ଷ ହେଲା ଏହି ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। ପ୍ରତିବନ୍ଧକ ଥିଲେ ମଧ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ବଦ୍ଧ ପରିକର ଓ କଠିନ ପରିଶ୍ରମ କରି ସେ ଏହି ସଫଳତା ହାସଲ କରିଥିବା ପ୍ରକାଶ କରିଛନ୍ତି।



ସୂର୍ଯ୍ୟ ନାରାୟଣ ପଧାନ।

# ପାଲାରେ ନିଶା ନିବାରଣ ସଚେତନତା

ବାଉଁଶୁଣୀ,୧୫।୬(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକର ବାଉଁଶୁଣୀ ସମେତ ବିଭିନ୍ନ ଗ୍ରାମପଞ୍ଚାୟତରେ ରବିବାର ଅପରାହ୍ନ ୩ଟାରେ ଜିଲା ସଂସ୍କୃତି ବିଭାଗ, ଅବକାରୀ ବିଭାଗ ଓ ବୌଦ୍ଧ ବ୍ଲକ ପ୍ରଶାସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଶା ନିବାରଣ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସଂସ୍କୃତି ବିଭାଗ ଅନୁମୋଦିତ କଳାକାରମାନଙ୍କ ଦ୍ୱାରା ପାଲା ମାଧ୍ୟମରେ ବିଷାକ୍ତ ମାଦକ ଦ୍ରବ୍ୟ ବ୍ୟବହାର ନ କରିବା ଏବଂ ନିଶା ନିବାରଣ ପାଇଁ ବୌଦ୍ଧ ବ୍ଲକର ବାଉଁଶୁଣୀ, ବହିରା ଓ ଅଁଳାପାଲି ଗ୍ରାମପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଲା ଚୋରା ମଦ କାରବାର ବନ୍ଦ କରିବା, ଅପମିଶ୍ରଣ ମଦ ବ୍ୟବହାରଠାରୁ ଦୂରେଇ ରହିବା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଓ ଜନ ପ୍ରତିନିଧି, ଅବକାରୀ ବିଭାଗ କର୍ମଚାରୀ, ଏସ୍‌ଏଚ୍‌ଜି ସଦସ୍ୟା, ଅଙ୍ଗନୱାଡ଼ି, ଆଶାକର୍ମୀ ଏବଂ ଜନସାଧାରଣ ସାମିଲ୍ ହୋଇଥିଲେ।

# ବିକାଶ ବାହନ ରଥକୁ ସ୍ୱାଗତ

ବାଉଁଶୁଣୀ,୧୫।୬(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅନ୍ତର୍ଗତ ଅଁଳାପାଲି ଓ ବାଉଁଶୁଣୀ ଗ୍ରାମପଞ୍ଚାୟତରେ ରବିବାର ଅପରାହ୍ନ ୪ଟା ସମୟରେ ବିକାଶ ବାହନ ରଥକୁ ବିପୁଳ ସ୍ୱାଗତ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଗତ ୧୨ ତାରିଖଠାରୁ ବିକାଶ ବାହନ ରଥ ବୌଦ୍ଧ ବ୍ଲକ ପରିକ୍ରମା କରୁଛି। ରବିବାର ଏହି ରଥ ଅଁଳାପାଲି ଓ ବାଉଁଶୁଣୀ ଗ୍ରାମପଞ୍ଚାୟତରେ ପହଞ୍ଚିଥିଲା। ସରପଞ୍ଚ, ଜନ ପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବିଭିନ୍ନ କ୍ଷେତ୍ର କର୍ମଚାରୀ, ଏସ୍‌ଏଚ୍‌ଜି, ଆଶା, ଅଙ୍ଗନୱାଡ଼ି କର୍ମୀ ଓ ଜନସାଧାରଣ ଉପସ୍ଥିତ ରହି ରଥକୁ ସ୍ୱାଗତ କରି ଅଞ୍ଚଳ ପରିକ୍ରମା କରାଇଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉକ୍ତ ରଥ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।



ବିକାଶ ବାହନ ରଥକୁ ସ୍ୱାଗତ କରାଯାଉଛି।

# ଶିକ୍ଷିତ ପରିବାରରେ ମା'ବାପା ଅବହେଳିତ

## ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ ପାଳିତ

ବୀରମହାରାଜପୁର,୧୫।୬(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ରବିବାର ପୂର୍ବାହ୍ନ ୧୦ଟା୩୦ରେ ବିଶ୍ୱ ବରିଷ୍ଠ ହତାଦର ସଚେତନତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ ପ୍ରଫୁଲ୍ଲ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ ଯୋଗଦେଇଥିଲେ। ମୁଖ୍ୟବକ୍ତା ବୀରମହାରାଜପୁର ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଦୀନବନ୍ଧୁ ମେହେର, ସମ୍ମାନିତ ଅତିଥିଭାବେ ଅନୁଷ୍ଠାନ କୋଷାଧକ୍ଷ ଦୟାନିଧି ହୋତା ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଗତ ଜୁନ ୧୨ ତାରିଖରେ ଅହମଦାବାଦରୁ ଲଣ୍ଡନ ଗାମୀ ଏଆର୍ ଇଣ୍ଡିଆର ବିମାନ ଦୁର୍ଘଟଣାରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକ ପୂର୍ବରୁ ସଙ୍ଗଠନ ସଦସ୍ୟମାନଙ୍କ ଦାରା ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ବୈଠକରେ ସମାଜରେ ବରିଷ୍ଠମାନଙ୍କୁ କରାଯାଉଥିବା ଅବହେଳା ଏବଂ ଏହାର ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଶେଷ କରି ଶିକ୍ଷିତ ପରିବାରରେ ବରିଷ୍ଠ ମା'ବାପା ବେଶୀ ଅବହେଳିତ ହେଉଛନ୍ତି। ଏପରିକି ଅନେକ ସମୟରେ ସେମାନଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦିଆଯାଉଛି। ଏଣୁ ସ୍କୁଲ ଶିକ୍ଷାରେ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ଉଚିତ। ବରିଷ୍ଠମାନେ ହିଁ ସମାଜର ପଥ ପ୍ରଦର୍ଶକ। ତେଣୁ ସର୍ବଦା ସେମାନଙ୍କ ଉପଦେଶ ଗ୍ରହଣୀୟ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଦୟାନିଧି ହୋତା। ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ବରିଷ୍ଠ ସଦସ୍ୟ ଭୂଷଣ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ବାସୁଦେବ ପଣ୍ଡା, ସୁରୁ ସାହୁ, ସୌମିତ୍ରୀ ମେହେର, ଗୋପୀନାଥ ମହାକୁର, ବଳରାମ କାଣ୍ଡ, ଚମରା ମହାକୁର, ଜ୍ଞାନେନ୍ଦ୍ର ତ୍ରିପାଠୀ, ଦିଲ୍ଲୀପ ତ୍ରିପାଠୀ, ଦିଲ୍ଲୀପ ମିଶ୍ର, ବାସୁଦେବ ରଥ, ନାରାୟଣ ପ୍ରସାଦ ନାୟକ, ଜୟଦେବ ସାହୁ, ଅକ୍ରୁର ଦନ୍ତା, ନିତ୍ୟାନନ୍ଦ ତ୍ରିପାଠୀ, ଭୀମସେନ ବାରିକ, ନରେନ୍ଦ୍ର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବ୍ୟାସକବିଙ୍କ ତିରୋଧାନ ଦିବସ ପାଳିତ

ରାଉରକେଲା,୧୫।୬ (ବିପ୍ଳବ ରଞ୍ଜନ ଦାଶ)

ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀରମୋହନ ସେନାପତିଙ୍କ ତିରୋଧାନ ଦିବସ ରବିବାର ପାଳିତ ହୋଇଯାଇଛି। ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେକ୍ଟର-୭ ସ୍ଥିତ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ମଞ୍ଚ ସଭାପତି ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତି, ସାମାଜିକ କର୍ମୀ ଗଗନ ବିହାରୀ ଧଳ, କବି ବଳରାମ ରାଉଳ ପ୍ରମୁଖ ବ୍ୟାସକବିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ, ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସଂଗ୍ରାମ ଓ ଓଡ଼ିଆ ସାହିତ୍ୟକୁ ବିରଳ ଅବଦାନ ନିମନ୍ତେ ସେ ଚିର ଅମର। ତାଙ୍କ ରଚିତ କାଳଜୟୀ ଗଳ୍ପ, ଉପନ୍ୟାସ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶରେ ସେ ହେଉଛନ୍ତି ଆଦ୍ୟ ଆଲୋକବର୍ତ୍ତିକା ବୋଲି ସେମାନେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବ୍ରତ ଦାସ, ଗୌତମ ଦାସ, ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମଞ୍ଚର କାର୍ଯ୍ୟକର୍ତ୍ତା।





ଆର୍‌ଏସ୍‌ପି ଆନୁକୂଲ୍ୟରେ ସେକ୍ଟର-୧୯ ସିଭିକ୍ ସେଣ୍ଟରରେ ଆୟୋଜିତ ମେଘ ମହ୍ଲାର କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ମନ ମୋହିଲା ମେଘ ମହ୍ଲାର

ରାଉରକେଲା,୧୫।୬(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଆନୁକୂଲ୍ୟରେ ସେକ୍ଟର-୧୯ ସିଭିକ୍ ସେଣ୍ଟରଠାରେ ରଜପର୍ବକୁ ନେଇ ଏକ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ମେଘ ମହ୍ଲାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ତଥା ଇସ୍କୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା, ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ରୀତାରାଣୀ, ନବନୀତା ପାଲଚୌଧୁରୀ, ସହରସେବା ଓ ସିଏସ୍‌ଆର ବିଭାଗର ସିଜିଏମ ଟି. ଜି. କାନେକର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କାରଖାନାର ବହୁ ବରିଷ୍ଠ ଅଧିକାରୀ, ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟ ଏବଂ




ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ। ଏହି ଅବସରରେ ସିଭିକ ସେଣ୍ଟର ପରିସରକୁ ରଜ ଉତ୍ସବ ସହ ଜଡିତ ବିଭିନ୍ନ ଚିତ୍ରରେ ସଜ୍ଜିତ କରାଯାଇଥିଲା। ବର୍ମା ତାଙ୍କ ବକ୍ତବ୍ୟରେ କହିଥିଲେ,ଏଭଳି ଉତ୍ସାହପୂର୍ଣ୍ଣ ମନୋଜ୍ଞ ସାଂସ୍କୃତିକ ସନ୍ଧ୍ୟା ନା କେବଳ ଆମର ସମୃଦ୍ଧ ଓଡିଆ ପରମ୍ପରାକୁ ଉଜ୍ଜୀବିତ ରଖୁଛି ବରଂ ଆମର ଭିବିଷ୍ୟତ ପିଢିକୁ ଆମ ସଂସ୍କୃତି ସହ ତୃଣମୂଳ ସ୍ତରରେ ଯୋଡି ରଖିବାରେ ମଧ୍ୟ ସହାୟକ ହେଉଛି। ଓଡ଼ିଶା ମାଟିର ସଂସ୍କୃତି ଓ ଐତିହ୍ୟର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ଆର୍‌ଏସ୍‌ପିର ପ୍ରତିବଦ୍ଧତାକୁ ମଧ ବର୍ମା ପ୍ରକାଶ କରିଥିଲେ। ଏହି ଅବସରରେ ମ୍ୟୁଜିକ୍ ସର୍କଲର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାପରେ ବିଭିନ୍ନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ସହ ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। ଲୋକସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାଜ କଲ୍ୟାଣ ବିଭାଗ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲା।

## ଯୁବ ହଷ୍ଟେଲର ରଜ ମିଳନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଉଛି।

ରାଉରକେଲା, ୧୫।୬(ବିପ୍ଳବ ରଞ୍ଜନ ଦାଶ)

ଭାରତୀୟ ଯୁବ ହଷ୍ଟେଲ ରାଉରକେଲା ଶାଖା ପକ୍ଷରୁ ରଜ ମିଳନ କାର୍ଯ୍ୟକ୍ରମ ହଷ୍ଟେଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ହଷ୍ଟେଲର ଅଧ୍ୟକ୍ଷ ବୁଦ୍ଧଦେବ ବାସୁ ଅଧ୍ୟକ୍ଷତା କରିଥିଲେ। ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ତେବାସୀଙ୍କ ମଧ୍ୟରେ ପିଠା, ପାନଭଙ୍ଗା ଓ ଫୁଲହାର ଗୁନ୍ଥା ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଚାରକ ଭାବେ ଡ. ରେଣୁବାଳା ସ୍ୱାଇଁ, ଡ. ରଚନା ଶେରାୱତ ଓ ନମିତା ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ। ମୋନାଲିସା ଗୌଡଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବାସୁ ଓ ସଭାପତି ସ୍ୱାଇଁ ରଜ ମିଳନର ଆଭିମୁଖ୍ୟ, ଲକ୍ଷ୍ୟ, ପରମ୍ପରା ଓ ଏହା କିପରି ପ୍ରକୃତି ସହ ମାନବ ସମାଜର ସମ୍ପର୍କ ତାହା ଉପରେ ବକ୍ତବ୍ୟ ରଖିଥିଲେ। ଏଥିସହ ହଷ୍ଟେଲର ସଭ୍ୟାସଭ୍ୟମାନଙ୍କ ମଧ୍ୟରେ ଭାବ ବିନିମୟ ତଥା ସେମାନଙ୍କ ମଧ୍ୟରେ ଥିବା ଆଭ୍ୟନ୍ତରୀଣ ଗୁଣକୁ ବିକଶିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ବୋଲି କହିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସଙ୍ଗୀତ, ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଅମିତାଭ ଠାକୁର, ଏସ୍. ଏନ୍. ଲେଙ୍କା, ସରୋଜ ପଟ୍ଟନାୟକ, ସମରକାନ୍ତ ମଲ୍ଲିକ, ଦେବାଶିଷ ମହାନ୍ତି, ନୀଳମଣି ମହାପାତ୍ର, ବିଜୟ ପଣ୍ଡା, ସଲିଳ ସାହୁ, କେ. ସିଂ ପାଢ଼ୀ, ସିପୁ ସ୍ୱାଇଁ, କାମିନୀ ମହନ୍ତ, ମୀନାକ୍ଷୀ ପାଢ଼ୀ, ଲୁସି ଦାଶ, ସୁଚିତ୍ରା ମଲ୍ଲିକ, ଶ୍ରଦ୍ଧାଶ୍ରୀ ପଟ୍ଟନାୟକ, ଅନନ୍ତ ନାରାୟଣ ମହାନ୍ତି, ଗାୟତ୍ରୀ ମହାନ୍ତି, ଅନନ୍ତ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ବୃକ୍ଷରୋପଣ

ରାଉରକେଲା,୧୫।୬(ସଙ୍ଗୀତା ଜେନା)

ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର ଛାତ୍ର ସଙ୍ଗଠନ ରାଷ୍ଟ୍ରୀୟ ଛାତ୍ର ପରିଷଦ ପକ୍ଷରୁ ରବିବାର ପୂର୍ବାହ୍ନ ୧୦ଟାରେ ବୃକ୍ଷରୋପଣ କରାଯାଇଛି। ରାଉରକେଲା କୋଏଲନଗର ଏବଂ ତରକେରାରେ ରାଷ୍ଟ୍ରୀୟ ଛାତ୍ର ପରିଷଦର କାର୍ଯ୍ୟକର୍ତ୍ତାମାନେ ଶତାଧିକ ବୃକ୍ଷରୋପଣ କରିଥିଲେ। ପରିଷଦର ରାଉରକେଲା ସଭାପତି ଆଶିଷ ମହତୋ, ଦେବାଶିଷ ହୋତା, ଅଙ୍କିତ ବର୍ମା, ରାହୁଲ ରାଣା, ରାହୁଲ ନାଗ, ସାହିଲ ରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରଜ ଉତ୍ସବ: ପୋଡପିଠା ମୁଖ୍ୟ ଆକର୍ଷଣ

ରାଉରକେଲା,୧୫।୬(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୫ସ୍ଥିତ ସାଗରିକ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ରବିବାର ରଜ ମହୋତ୍ସବର ଦ୍ୱିତୀୟ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସମାଜସେବୀ ପୂଜା ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଷ୍ଟର ନୂତନ କାର୍ଯ୍ୟାଳୟ ଏ-୧୫୦ଗୃହକୁ ଉଦ୍‌ଘାଟନ କରିଥିଲେ। ସିନା ଧବନ, ସୁନିତା ବିଶ୍ୱାଳ, ସୁଶାନ୍ତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରସନ୍ନ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ରଜପର୍ବର ମହତ୍ତ୍ୱ ଉପରେ ମତ ରଖିଥିଲେ। ଏହି ଅବସରରେ ଟ୍ରଷ୍ଟ ସଭାପତି ଜୟନ୍ତୀ ଦାସଙ୍କ ଅଧ୍ୟକ୍ଷତାରେ ପୀଠା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ୪୦ରୁ ଉର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ଦ୍ୱାରା ସତପୁରୀ, ପୋଡ଼ପିଠା, ମାଣ୍ଡିଆ ପକୁଡି, ରସ ମଲାଇ, କ୍ଷୀର ଗଇଁଠା, ଚୁଞ୍ଚିପତ୍ର, ମଣ୍ଡାପିଠା, ଆରିସା, କାକରା, ଦହିବରା ଭଳି ୧୫୦ରୁ ଉର୍ଦ୍ଧ୍ୱ ପିଠା ପ୍ରଦର୍ଶନୀ କରାଯାଇଥିଲା। ଏଥିରେ ସୁମିତ୍ରା ମହାରଣା ପ୍ରଥମ, ସୁଜାତା ନାୟକ ଦ୍ୱିତୀୟ, ଗୀତାଞ୍ଜଳି ସାମଲ ତୃତୀୟ ଏବଂ ରେଣୁ ବିଶ୍ୱକର୍ମା ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଏହି ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ରଜ ଉତ୍ସବରେ ମହିଳାମାନେ ଅଳତା ଲଗାଇବା ସହ ରଜଗୀତ ଓ ହୁଳହୁଳି ପକାଇ ଓଡିଶାର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ କୁମାର ତନ୍ତୀ, ମାନିକ ଚୌଧୁରୀ, ରାଜା ରାୟ, ଅମିତାଭ ସାମଲ, ଜେଣ୍ଟିଲ ପରିଡା, ରଞ୍ଜିତ ନାୟକ, ମନୋରଞ୍ଜନ ଦାଶ, ଖୁର୍ସିଦା ବାନୋ ପ୍ରମୁଖ ଉପସ୍ଥିତ ଥିଲେ। ବିଷ୍ଣୁପ୍ରିୟା ନାୟକ, ସରସ୍ୱତୀ ବେହେରା ରେଖା କୋଠାରୀ, ଗଙ୍ଗାଧର ନାୟକ, ଅନନ୍ତ କୁମାର ସାମଲ, ଶରତ ସେନାପତି, ଶମ୍ଭାରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଟ୍ରଷ୍ଟ ସଦସ୍ୟ ହେମନ୍ତ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା ଏବଂ ସମାଜସେବୀ ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ସାରନଗରୀରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅବକାରୀ ନିରୀକ୍ଷକ ଓ ଅନ୍ୟମାନେ।

ରାଉରକେଲା, ୧୫।୬(ସଙ୍ଗୀତା ଜେନା)

ରାଉରକେଲା ଅବକାରୀ ବିଭାଗ ତତ୍ତ୍ୱାବଧାନରେ ରବିବାର ପୂର୍ବାହ୍ନ ୧୦ଟାରେ ଏକ ଘରୋଇ ଶିକ୍ଷାନୁଷ୍ଠାନ ପରିସରରେ ଆମ ସଂକଳ୍ପ ନିଶା ନୁହେଁ, ଜୀବନ ଏକ ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ସରୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ଅବକାରୀ ନିରୀକ୍ଷକ ମୋହନ ପ୍ରଧାନ, ଦିଲୀପ ନାୟକ, ଆକାଶ ସାହୁ, ପ୍ରୟାସ ସଙ୍ଗଠନର ସଭାପତି ସରୋଜ ନାୟକ ଯୋଗ ଦେଇଥିଲେ। ବିଭିନ୍ନ ମାଦକ ତଥା ନିଶା ଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା ସହ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି ବଳିଷ୍ଠ ପଦକ୍ଷେପ ନେବାକୁ ପ୍ରଧାନ ସୂଚନା ଦେଇଥିଲେ। ସନାତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବସନ୍ତ କୁମାର ଦାସ, ଚନ୍ଦ୍ର ଶେଖର ମୁନୀ, ସୁନୀଲ ସାମଲ, କ୍ଷୀରୋଦ ପଶାୟତ, ଯୁଧିଷ୍ଠିର ପଶାୟତ, ରାଧେଶ୍ୟାମ ଚିକ୍‌ଙ୍କ ସମେତ ଏସ୍‌ଏଚ୍‌ଜି ମହିଳା, ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

## କନ୍ୟାଶ୍ରମରେ ରଜ ଉତ୍ସବ



ଅନ୍ତେବାସୀମାନେ ରଜ ପର୍ବ ପାଳନ କରୁଛନ୍ତି।

ରାଉରକେଲା,୧୫।୬(ସଙ୍ଗୀତା ଜେନା)

ଓଡ଼ିଆ ସଂସ୍କୃତି, ପରମ୍ପରାର ପ୍ରମୁଖ ଉତ୍ସବ ତଥା କୃଷିଭିତ୍ତିକ ପର୍ବ ରଜପର୍ବ ଇସ୍ପାତ ନଗରୀରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ମହାସମାରୋହରେ ପାଳିତ ହେଉଛି। ଏହି କ୍ରମରେ ମାତାଞ୍ଜଳି ସୋସିଓ ସ୍ପିରିଚୁଆଲ ଟ୍ରଷ୍ଟ ପକ୍ଷରୁ ବାସନ୍ତୀ କଲୋନିଠାରେ ଦ୍ୱିତୀୟ ରଜ ପାଳିତ ହୋଇଯାଇଛି। ରବିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ଇଂ. ଆଲୋକ ମଲ୍ଲିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ରଜ ପର୍ବର ମାହାତ୍ମ୍ୟ ସମ୍ପର୍କରେ କନ୍ୟାଶ୍ରମର ଅନ୍ତେବାସୀଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକାରର ପିଠା, ମିଠା, ରଜପାନ, ପାନୀୟ ପରିବେଷଣ କରାଯାଇଥିଲା। ସମାଜର ମଙ୍ଗଳ କାମନା ପାଇଁ ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ କରାଯାଇଥିଲା। ଟ୍ରଷ୍ଟି ରାମକୃଷ୍ଣ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡା. ଦେବାଶିଷ ପଟ୍ଟନାୟକ, ଅରବିନ୍ଦ ଦାସ, ପ୍ରିୟବ୍ରତ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପରିବେଶ ସୁରକ୍ଷା ପାଇଁ ସଚେତନତା ରାଲି

ରାଉରକେଲା,୧୫।୬(ବିପ୍ଳବ ରଞ୍ଜନ ଦାଶ)

ସାମାଜିକ ଅନୁଷ୍ଠାନ ସାଥୀ, କ୍ଲିନ୍ ଆଣ୍ଡ୍ ଗ୍ରୀନ୍ ଓ ମିଶନ ସଣ୍ଡେ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ସଚେତନତା ପାଇଁ ଏକ ସାଇକେଲ ରାଲି ରବିବାର ଅନୁଷ୍ଠିତ ହୋଇଯାଇଛି। ସାଥୀ ଅନୁଷ୍ଠାନର ସଭାପତି ଆଇନଜୀବୀ ସଦାନନ୍ଦ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି ରାଲି ସେକ୍ଟର ୭/୧୭ ଛକରୁ ବାହାରି ଆମ୍ବାଗାନ ଛକରେ ଶେଷ ହୋଇଥିଲା। ଏଥିରେ ପ୍ରାୟ ୨୦୦ଜଣ ଅଂଶଗ୍ରହଣ କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଆମ୍ବାଗାନ ଛକରେ ଡାକ୍ତର ମିଳନ ଶତପଥୀ, ଡାକ୍ତର ଦିପ୍ତୀରଞ୍ଜନ ତ୍ରିପାଠୀ, ଅର୍ବାନ ବ୍ୟାଙ୍କ ସଭାପତି ଦିଲୀପ ମହାପାତ୍ର, କ୍ଲିନ୍ ଆଣ୍ଡ ଗ୍ରୀନ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ସମାଜସେବୀ ଡ. ସୁମନ ଦତ୍ତ, ଶ୍ରମିକ ନେତା ରମେଶ ସେଠୀ ପ୍ରମୁଖ ପରିବେଶ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଦୂଷଣ ନ କରିବା, ପ୍ଲାଷ୍ଟିକ ବ୍ୟବହାର ନ କରିବା, ସବୁଜ ବଳୟ ସୃଷ୍ଟି ସମ୍ପର୍କରେ ସଚେତନତା ବାର୍ତ୍ତା ବାଣ୍ଟିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଅପର୍ଣ୍ଣା ରାଉତରାୟଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ। ସାଥୀର ସାଧାରଣ ସମ୍ପାଦକ ରଜନୀକାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



୭/୧୭ ଛକରୁ ସାଇକେଲ ସଚେତନତା ରାଲି ବାହାରିଛି।

## ସୁସ୍ଥ, ସବୁଜ ପରିବେଶ ପାଇଁ ବୃକ୍ଷଲତା ଜରୁରୀ

### ଯବାନ ଭାରତ ଫାଉଣ୍ଡେଶନ ପକ୍ଷରୁ ବୃକ୍ଷରୋପଣ

ରାଉରକେଲା,୧୫।୬(ଦିନେଶ ମିଶ୍ର)

ରାଉରକେଲାର ଯବାନ ଭାରତ ଫାଉଣ୍ଡେଶନ ପକ୍ଷରୁ ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ ଉଦ୍ଦେଶ୍ୟରେ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଗୋପବନ୍ଧୁପାଲ୍ଲୀ ଦୁର୍ଗା ପେଣ୍ଡାଲ ସମ୍ମୁଖ ମୁଖ୍ୟମାର୍ଗରେ କରାଯାଇଛି। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ରାଉରକେଲା ସ୍ପେଶାଲ ଜେଲ୍‌ର ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୃକ୍ଷଲତା ଆମର ବନ୍ଧୁ। ତେଣୁ ଏକ ସୁସ୍ଥ ଓ ସବୁଜ ପରିବେଶ ପାଇଁ ବୃକ୍ଷଲତା ଜରୁରୀ ବୋଲି ଅତିଥି ମୁଣ୍ଡା ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ।


ମୁଖ୍ୟମାର୍ଗରେ ବୃକ୍ଷଚାରା ରୋପଣ କରାଯାଉଛି।

ସମାଜସେବୀ ପ୍ରକାଶ ପାଶୱାନ, ପ୍ରମିଳା ଦାଶ, ଗ୍ରେସୀ ଡେଭିଡ୍, କାର୍ତ୍ତିକ ରାଉତ, ଶୁଭଲକ୍ଷ୍ମୀ ପାତ୍ର, ବିଷ୍ଣୁ ପଣ୍ଡା, ହେମନ୍ତ ଛୁରା, ବସୁମତୀ ମହାନ୍ତି, ଆମୁସ୍ ଲୁଗୁନ, ବନ୍ଦିତା ମାହାତୋ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଫାଉଣ୍ଡେଶନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗୋପବନ୍ଧୁପାଲ୍ଲୀ ମୁଖ୍ୟ ମାର୍ଗରେ କଦମ୍ବ, ଲିମ୍ବ, କୃଷ୍ଣଚୂଡା ଓ ଚମ୍ପା ଭଳି ପ୍ରାୟ ୨୬ଟି ବୃକ୍ଷଚାରା ରୋପଣ କରାଯାଇଥିଲା। ପରେ ମିହିର ଫାଉଣ୍ଡେଶନ ପକ୍ଷରୁ କୁନି କୁନି ପିଲାମାନଙ୍କ ଦ୍ୱାରା ପରିବେଶ ପାଇଁ ବୃକ୍ଷଲତାର ଆବଶ୍ୟକତାକୁ ନେଇଏକ କ୍ଷୁଦ୍ର ନାଟକ ଓ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ତ୍ତିକ କୁମାର ବାରିକ, ସତ୍ୟନାରାୟଣ ବଡାଇକଙ୍କ ସମେତ ଯୁବା କ୍ଲବର କର୍ମକର୍ତ୍ତା ସହଯୋଗ କରିଥିଲେ। ସମାଜସେବୀ ବିଜୟ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ।

**ଜରାନିବାସ ଅନ୍ତେବାସୀଙ୍କ ସହ ଜନ୍ମଦିନ ପାଳିଲେ**

ସମ୍ବଲପୁର,(ପ୍ରମୋଦ ବହିଦାର): ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ଯୁବ ସମାଜସେବୀ ଶୋଭନ ପୁରୋହିତ। ଯୁଯୁମୁରା ବ୍ଲକ ଡଙ୍ଗରପଡ଼ା ନିବାସୀ ଶୋଭନ ନିଜର ପରିବାର ବର୍ଗଙ୍କ ସହିତ ଧମା ପଞ୍ଚାୟତ ହୁମାସ୍ଥିତ ବୀର ସୁରେନ୍ଦ୍ର ସାଏ ଜରାନିବାସ ଅନ୍ତେବାସୀଙ୍କ ସହିତ କେକ୍ କାଟି ନିଜର ୩୩ ତମ ଜନ୍ମ ଦିନକୁ ପାଳନ କରିଛନ୍ତି। ଏହ ଅବସରରେ ଜରାନିବାସ ଅନ୍ତେବାସୀଙ୍କୁ ଭୋଜନରେ ଆପ୍ୟାୟିତ କରିଥିଲେ। ଜରାନିବାସ ମୁଖ୍ୟ ସତ୍ୟନାରାୟଣ ମେଣ୍ଡଳି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାଗରିକ କଲ୍ୟାଣ ସମିତି ଆର୍‌ଡିସିଙ୍କୁ ଫେରାଦ

ସମ୍ବଲପୁର, ୧୫।୬(ପ୍ରମୋଦ ବହିଦାର)

ଜାତୀୟ ରାଜପଥ-୫୩ର ସମ୍ବଲପୁର ଅଇଁଠାପାଲି ଛକରେ ନିର୍ମାଣାଧୀନ ଫ୍ଲାଏଓଭର କାର୍ଯ୍ୟରେ ମାନକୁ ଆଦୌ ଧ୍ୟାନ ଦିଆଯାଉନାହିଁ। ନିମ୍ନମାନର ନିର୍ମାଣ ଚାଲିଥିବା ଅଭିଯୋଗ କରିଛି ସମ୍ବଲପୁର ନାଗରିକ କଲ୍ୟାଣ ସମିତି। ସମିତିର ଏକ ପ୍ରତିନିଧି ଦଳ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସଚିନ୍ ରାମଚନ୍ଦ୍ର ଜାଧବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସହିତ ନବନିର୍ମିତ ଦୁର୍ଗାପାଲି ରେଳ ଓଭରବ୍ରିଜ ମଧ୍ୟ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସମିତିର ମହେନ୍ଦ୍ର ମିଶ୍ର, ଫଣିନ୍ଦ୍ର ପ୍ରଧାନ, ଡା ସଞ୍ଜୀବ ମିଶ୍ରଙ୍କ ଏକ ପ୍ରତିନିଧି ଦଳ ଆର୍‌ଡିସି ଜାଧବଙ୍କୁ ସାକ୍ଷାତ କରି ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ପ୍ରତିନିଧି ଦଳ ସହ ଆଲୋଚନା ପରେ ଆର୍‌ଡିସି ତୁରନ୍ତ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଦୁର୍ଗାପାଲି ରେଳ ଓଭରବ୍ରିଜରେ ରହିଥିବା ତ୍ରୁଟିକୁ ସଂଶୋଧନ କରି ପଥଚାରୀଙ୍କ ସୁରକ୍ଷାକୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଇଁଠାପାଲିରେ ନିର୍ମାଣାଧିନ ଫ୍ଲାଏଓଭର କାମର ମାନ ପ୍ରତି ବିଶେଷ ଗୁରୁତ୍ୱ ଦେବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନାଗରିକ ପରିଷଦ ସଦସ୍ୟଙ୍କ ଅଭିଯୋଗ ଅନୁସାରେ ଅଇଁଠାପାଲିରେ ନିର୍ମାଣାଧୀନ ଫ୍ଲାଏଓଭର ପିଲର୍ ପାଇଁ ଖୋଳା ଯାଉଥିବା ଗାତ ସହିତ ଉଭୟ ପାର୍ଶ୍ୱରେ ନିର୍ମାଣାଧୀନ ସର୍ଭିସ୍ ରାସ୍ତାରେ ବାଲି ଓ ମେଟାଲ ବଦଳରେ ବିଷାକ୍ତ ପାଉଁଶ ଫିଲିଂ କରାଯାଉଛି। ଏହା ପ୍ରଦୂଷଣ ନିୟମର ଉଲ୍ଲଂଘନ ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ଏକତା, ସଂହତି ବଜାୟ ରଖ



ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ର ଓ ପ୍ରଶିକ୍ଷକ।

- ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ
- ପରିବାର ଓ ସାଙ୍ଗ ମଧ୍ୟରେ ଆତ୍ମବିଶ୍ୱାସୀ ହୁଅ

ସମ୍ବଲପୁର, ୧୫।୬(ବି.ଶଙ୍କର)

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର-୨୦୨୫ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆୟୋଜକ ଅନୁଷ୍ଠାନ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସଭାପତିତ୍ୱରେ ଶିବିର ହୋଇଥିଲା । ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ପ୍ରଶିକ୍ଷଣ ଆରମ୍ଭ ହୋଇଥିଲା। ପ୍ରଫେସର କାଳିଦାସ ମିଶ୍ର ପ୍ରଶିକ୍ଷକଭାବେ ଯୋଗ ଦେଇଥିଲେ। ସେ ଏକତା ଓ ସଂହତି ଉପରେ ଆଲୋଚନା କରି ବିଭିନ୍ନ ଉଦାହରଣ ପ୍ରଦାନ କରିଥିଲେ। ପ୍ରଥମେ ଆମ ନିଜେ ନିଜକୁ ଜାଣିବା ଉଚିତ। ଏହାପରେ ପରିବାରରୁ ହିଁ ଏକତା ଓ ସଂହତି ଶିକ୍ଷା ଗ୍ରହଣ କରି ଦେଶକୁ ଭଲ ପାଇବାକୁ ଛାତ୍ରୀଛାତ୍ରମାନଙ୍କୁ ପ୍ରଫେସର ମିଶ୍ର ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଅଧିବେଶନ କୌଶଳ ଶିକ୍ଷା ଆତ୍ମ ବିଶ୍ୱାସ ପ୍ରସଙ୍ଗ ଉପରେ ବରଗଡ଼ ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ବାରିକ ଆଲୋଚନା କରିଥିଲେ। ନିଜ ଉପରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକତା ରହିଛି। ଏହାପରେ ଘରେ ଓ ସାଙ୍ଗ ମେଳରେ ପ୍ରଥମେ ନିଜ କାମକୁ ସ୍ୱାଧୀନ ଭାବେ ନିଜେ କରି ନିଜର ସାମର୍ଥ୍ୟ ପରଖି ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡାକ୍ତର ଜୟଦେବ ମେହେର ଛାତ୍ରୀଛାତ୍ରମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ସଂଯୋଜକ ରାଜେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଛାତ୍ରୀଛାତ୍ର ଅଧିକ ଶୃଙ୍ଖଳିତ ଓ ସମୟାନୁବର୍ତ୍ତି ହେବାକୁ ଉପଦେଶ ଦେଇଥିଲେ। ସେହିପରି ଏପର୍ଯ୍ୟନ୍ତ ଶତପ୍ରତିଶତ ଉପସ୍ଥାନ ଥିବା ପିଲାଙ୍କୁ ପ୍ରୋତ୍ସାହିତ କରିଥିଲେ। ରଘୁନାଥ ମିଶ୍ର, ପ୍ରଫେସର ସେବକ ତ୍ରିପାଠୀ, ଅର୍ଜ୍ଜୁନ ରଞ୍ଜନ ପଣ୍ଡା ଓ ପୃଥ୍ୱୀରାଜ ମିଶ୍ର, ପ୍ରଫେସର ସଚିନ୍ଦ୍ର କୁମାର ମିଶ୍ର ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଜୟ କୁମାର ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ୧୭ଟି ବିଦ୍ୟାଳୟରୁ ୫୬ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଆମ୍ବୁଲାନ୍ସ ଚାଳକଙ୍କୁ ଛୁରିମାଡ଼ ଘଟଣା, ୪ଗିରଫ



ଆମ୍ବୁଲାନ୍ସ ଚାଳକ ଆକ୍ରମଣ ଘଟଣାରେ ଗିରଫ ୪ ଅଭିଯୁକ୍ତ।

ସମ୍ବଲପୁର, ୧୫।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ହୀରାକୁଦ ଥାନା ପଥରଲାଇନ୍‌ରେ ଜଣେ ଆମ୍ବୁଲାନ୍ସ ଚାଳକ ସୁମନ୍ତ ମହାଣା(୩୫)ଙ୍କୁ ଛୁରି ମାଡ଼କରି ଫେରାର ୪ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ହୀରାକୁଦ ସବ୍‌ଷ୍ଟେଶନପଡ଼ାର କ୍ରସ୍ ବେହେରା(୧୯), ଧନୁପାଲି ଥାନା କାଳିବାଡ଼ିର ଜଗୁ କମ୍ଭାର ଓରଫ ଉଦେଶ(୨୬), ଅଙ୍ଗଦ୍ ବନ୍‌ଛୋର ଓରଫ ସାୟୋମ୍(୨୧) ଓ ଦଳେଇପଡ଼ାର କୁନାଲ ସିନ୍ଧିଆ(୨୪)। ସେମାନଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଦୁଇଟି ଛୁରି, ଦୁଇଟି ସ୍କୁଟି(ଓଡି-୧୫-ୟୁ-୪୯୨୧ ଓ ଓଡି-୧୫-ଭି-୧୫୯୩)କୁ ଜବତ କରାଯାଇଛି।

ଏକ ଘରୋଇ କମ୍ପାନୀରେ ଆମ୍ବୁଲାନ୍ସ ଚାଳକଭାବେ କାର୍ଯ୍ୟ କରୁଥିବା ସୁମନ୍ତ ମହାଣାଙ୍କୁ ତାଙ୍କ ଘର ସମ୍ମୁଖରେ ଗତ ଶୁକ୍ରବାର ସକାଳ ୯ଟାରେ ଗିରଫ ଅଭିଯୁକ୍ତମାନେ ଛୁରିରେ ଆକ୍ରମଣ କରଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା।

### ସ୍କୁଟି ସହିତ ଆକ୍ରମଣରେ ବ୍ୟବହୃତ ଅସ୍ତ୍ର ଜବତ

ସୁମନ୍ତଙ୍କ ମା' ଗୁଲାଫୁଲ ମହାଣା ଉକ୍ତ ଦିନ ଏ ନେଇ ହୀରାକୁଦ ଥାନାରେ ଏତଲା ଦେଇଥିଲେ। ସେ ତାଙ୍କ ଏତଲାରେ ସୁମନ୍ତ ଡ୍ୟୁଟିରୁ ଫେରି ଦାନ୍ତ ଘସୁଥିବା ସମୟରେ କ୍ରସ, ଜଗୁ, କୁନାଲ, ଅଙ୍ଗଦ ତାଙ୍କ ଘରକୁ ଆସି ଡାକିଥିଲେ। ସୁମନ୍ତ ଘରୁ ବାହରକୁ ଆସିଲା କ୍ଷଣି ସେମାନେ ତାଙ୍କୁ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ତାଙ୍କ ଏତଲା ଆଧାରରେ ହୀରାକୁଦ ଥାନାରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୯(୧), ୩(୫)ରେ ଏକ ମାମଲା (ନଂ.୧୦୪/୨୫)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ଅଭିଯୁକ୍ତମାନଙ୍କ ନିକଟରେ ପହଞ୍ଚିଥିଲା। ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଆକ୍ରମଣର କାରଣ ଜଣା ପଡ଼ିନାହିଁ। ଘଟଣାର ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସମ୍ବଲପୁର ସାଂସ୍କୃତିକ ଅନୁଷ୍ଠାନ ଉକିଆ କଳାକାରମାନେ।

# ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ ଉକିଆ କଳାକାର

ସମ୍ବଲପୁର, ୧୫।୬(ବି.ଶଙ୍କର)

### ସମ୍ବଲପୁରୀ ନୃତ୍ୟର ଅଧିକ ପ୍ରଚାର ପ୍ରସାର ଲାଗି ଅନୁରୋଧ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରବିବାର ସମ୍ବଲପୁର ଅଇଁଠାପାଲିସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ଉକିଆ କଳାକାର, ନୃତ୍ୟଗୁରୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ରାଷ୍ଟ୍ରପତି ଭବନର ଅଶୋକା ହଲଠାରେ ମୁର୍ମୁଙ୍କୁ ଉକିଆ ଅନୁଷ୍ଠାନର ନୃତ୍ୟଗୁରୁ ରଞ୍ଜନ କୁମାର ସାହୁ ସମ୍ବଲପୁର ଉତ୍ତରୀୟ ଓ ସମଲେଇଙ୍କ ପ୍ରତିଛବି ପ୍ରଦାନ କରିଥିଲେ। ଏଥିସହ ସମ୍ବଲପୁରୀ ନୃତ୍ୟ, ଗୀତ, ବାଦ୍ୟ ଆହୁରି କିପରି ଭାବେ ବିକଶିତ ହେବା ସହ ପ୍ରଚାର ପ୍ରସାର ହୋଇପାରିବ ସେନେଇ ଆଲୋଚନା କରିଥିଲେ ବୋଲି ନୃତ୍ୟଗୁରୁ ସାହୁ ସୂଚିତ କରିଛନ୍ତି। ନୃତ୍ୟଗୁରୁ ସାହୁଙ୍କ ସମେତ ରଞ୍ଜନ କୁମାର ପଟ୍ଟନାୟକ, ମନୋଜ ପ୍ରଧାନ, ପବିତ୍ର ପ୍ରସାଦ ପ୍ରଧାନ, ନୀତିଶ କୁମାର ଗୁରୁ, ରାଜୀବ ମେହେର, ଦୀପାଳି ଚୌଧୁରୀ, ସିମରନ ଆଚାର୍ଯ୍ୟ, ପ୍ରମିଳା ତାଣ୍ଡି, ରାଖି ଦୀପ, ପାୟଲ ତ୍ରିପାଠୀ, ସ୍ୱରୂପା ସିଂହ, ଦିବ୍ୟାରାଣୀ ବିଶି, ଚେତନାମୟୀ ବେହେରା ଓ ପ୍ରତିକ୍ଷା ଦାଶ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଜୁନ ୧୪ରେ ରାଷ୍ଟ୍ରପତି ଭବନରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ଦ୍ୱାରା ପ୍ରାୟୋଜିତ ରଜ ମହୋତ୍ସବ କାର୍ଯ୍ୟକ୍ରମ ହେବାର ଥିଲା। ଏହି ଉତ୍ସବରେ ଉକିଆ ଅନୁଷ୍ଠାନର ୧୫ଜଣିଆ କଳାକାର ଦଳ ନୂଆଦିଲ୍ଲୀ ପହଞ୍ଚି ଥିଲେ। ସେମାନେ ଡାଲଖାଇ ନୃତ୍ୟ ପରିବେଷଣ କରିବାକୁ ନିର୍ଦ୍ଧାରିତ ହୋଇଥିଲା । କିନ୍ତୁ ଅହମଦାବାଦ ବିମାନ ଦୁର୍ଘଟଣା ଯୋଗୁ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ଏହାପରେ ଉକିଆ କଳାକାରମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ତାଙ୍କ ସରକାରୀ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପ୍ରଧାନଙ୍କ ପତ୍ନୀ ମୃଦୁଳା ଠାକୁର ପ୍ରଧାନ ଉପସ୍ଥିତ ଥିଲେ।

# ଭାଜପା ସରକାରଙ୍କ ବର୍ଷପୂର୍ତ୍ତି ଉପଲକ୍ଷେ ସଂକଳ୍ପ ସଭା

କୁଚିଣ୍ଡା, ୧୫।୬(ବିରଞ୍ଚି ଦର୍ଭା)

ସୁବର୍ଣ୍ଣପୁର ଜିଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ରବିବାର ଭାଜପା କୁଚିଣ୍ଡା ନଗର ମଣ୍ଡଳ ତରଫରୁ ସଙ୍କଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସରକାରଙ୍କ ଉତ୍ତମ ସେବା, ସୁଶାସନ ଓ ଗରିବ କଲ୍ୟାଣ ନିମନ୍ତେ ଯୋଜନାଗୁଡିକୁ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇ ଲାଭାନ୍ୱିତ ଜନତାଙ୍କୁ ସଙ୍ଗଠିତ କରିବାକୁ ବାର୍ତ୍ତା ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନଗର ମଣ୍ଡଳର ୧୩ଟି ବୁଥରୁ ୧୦ ଜଣ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁପମା ନାଏକ, କୁଞ୍ଜଲତା ନାଏକ, ବରିଷ୍ଠ ନେତା ସୈଳେନ୍ଦ୍ର ନାୟକ, ଜିଲା ସାଧାରଣ ସମ୍ପାଦକ ସୁଶିଲ କୁମାର କର, ଜିଲା ସମ୍ପାଦକ ବିଭୂତି କଲ୍ୟାଣ ପଟେଲ ପ୍ରମୁଖ ଯୋଗଦେଇ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଶପଥ କରାଇଥିଲେ। ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥ ସ୍ୱାଗତ ଭାଷଣ, ବୁଥ ସଭାପତି ସୁନୟନା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କବିକୁ ସାର୍ବଜନୀନ କରିବାରେ ଭାଷା ବାଧକ ନୁହେଁ



ସାରସ୍ୱତ ସମାରୋହରେ ମଞ୍ଚାସୀନ ଅତିଥି।

ସମ୍ବଲପୁର, ୧୫।୬(ଭବାନୀ ଶଙ୍କର ଭୋଇ)

ଗୀତାଞ୍ଜଳି ଷଡଙ୍ଗୀ ସ୍ମୃତି କମିଟି ପକ୍ଷରୁ ରବିବାର ସମ୍ବଲପୁର ମୁଦିପଡା ପାଣିଟାଙ୍କିସ୍ଥିତ ଜୀବନ କ୍ଲବ ପରିସରରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି କମିଟି ଆବାହକ ସୋମନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଦ୍ଧେଶ୍ୱରୀ ଧର୍ମସଂସଦ ସଭାପତି ଗୋପୀନାଥ ଷଡଙ୍ଗୀ ରଜ ସଂକ୍ରାନ୍ତିର ମହତ୍ତ୍ୱ ବିଷୟରେ କହିଥିଲେ। ସତ୍ୟନାରାୟଣ ସାହିତ୍ୟ ସଂସଦ ସମ୍ପାଦକ ଆଭାସ ପଣ୍ଡା, ଜନସମୀକ୍ଷା ସମ୍ପାଦିକା ସବିତା ମିଶ୍ର ମଞ୍ଚାସୀନ ଥିଲେ। ଏହାପରେ ସମ୍ବଲପୁରୀ କ୍ଷୁଦ୍ରଗଳ୍ପ ପଠନ ଏବଂ ଆଲୋଚନା ହୋଇଥିଲା। ଅନୂପମା ବିଶ୍ୱାଳ, ଭବାନୀ ଶଙ୍କର ମେହେର, ପ୍ରଭଞ୍ଜନ ପୁରୋହିତ, ଶ୍ରୀକାନ୍ତ ଷଡଙ୍ଗୀ କ୍ଷୁଦ୍ରଗଳ୍ପ ପଠନ ଏବଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛୋଟ ଏବଂ ସାଧାରଣ ଘଟଣାଗୁଡିକୁ ସୁନ୍ଦର ଭାବରେ ପରିବେଷଣ କରିବାର ଶୈଳୀ ପାଠକୁ ଆକର୍ଷିତ କରିପାରିବ । ସେଥିପାଇଁ ଗଳ୍ପ ହେଉକି କବିତା ପାଠକୀୟ ଭାବାବେଗକୁ ଦୃଷ୍ଟିରେ ରଖି ପରିବେଷଣ କରାଯିବା ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଇଥିଲା । କବିକୁ ସାର୍ବଜନୀନ କରିବାରେ ଭାଷା କଦାପି ଅନ୍ତରାୟ ନୁହେଁ ବୋଲି ବକ୍ତାମାନେ କହିଥିଲେ। ପଦ୍ମଶ୍ରୀ ହଳଧର ନାଗ ନିଜେ ସମ୍ବଲପୁରୀ ଭାଷାରେ ଲେଖୁଥିବା ବେଳେ ଅନ୍ୟ କବି ଲେଖକମାନେ ତାକୁ ବିଭିନ୍ନ ଭାଷାରେ ଅନୁବାଦ କରି ତାଙ୍କ ଭାବନାକୁ ଅନ୍ୟ ଭାଷାର ପାଠକଙ୍କ ପାଖରେ ପହଞ୍ଚାଇ ପାରିଛନ୍ତି। ସମ୍ବଲପୁରୀ ଭାଷା ସାହିତ୍ୟ କ୍ଷେତ୍ରରେ ରହିଥିବା ଅଭାବ ଅସୁବିଧା ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ସିଦ୍ଧେଶ୍ୱରୀ ଧର୍ମ ସଂସଦ ସମ୍ପାଦକ ଶୁଶାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବଜ୍ରପାତରେ ୧୦ ଛେଳି ମୃତ

ପଡିଆବାହାଲ, ୧୫।୬ (ରାଧାମୋହନ ଷଡ଼ଙ୍ଗୀ):

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ନୂଆଁ ବରଙ୍ଗାମାଳ ପଞ୍ଚାୟତ ସାପଲହରା ନିକଟରେ ରବିବାର ସନ୍ଧ୍ୟାରେ ବଜ୍ରପାତରେ ୧୦ଟି ଛେଳର ମୃତ୍ୟୁ ଘଟିଛି। ଗ୍ରାମର ଅନ୍ତରାମ ଭଏସାଲ ୩୦ଟି ଛେଳି ନେଇ ଚରାଇବାକୁ ଆସିଥିଲେ। ବର୍ଷା ସହ ଘଡଘଡି ହେବାରୁ ଏକ ଗଛ ମୂଳରେ ଆଶ୍ରୟ ନେଇଥିଲେ। ହଠାତ ବଜ୍ରପାତ ହେବାରୁ ୧୦ଟି ଛେଳିର ମୃତ୍ୟୁ ଘଟିଥିଲା। ଅନ୍ତରାମ ସରପଞ୍ଚ ଓ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କୁ ଜଣାଇ ସରକାରୀ ସହଯୋଗ ପାଇଁ ନିବେଦନ କରିଛନ୍ତି। ଛେଳି ଚାଷ କରି ସେ ଜୀବୀକା ନିର୍ବାହ କରୁଛନ୍ତି।



ମରି ପଡିଥିବା ଛେଳି।

# ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ

ନାକଟିଦେଉଳ, ୧୫।୬(ବୈକୁଣ୍ଠନାଥ ସାହୁ)

### ବଳମ ପଞ୍ଚାୟତରେ ବିକାଶ ବାହନ କାର୍ଯ୍ୟକ୍ରମ

ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତିରେ ବର୍ଷ ଏକ ଉପଲବ୍ଧି ଅନେକ କାର୍ଯ୍ୟକ୍ରମ ଅବସରରେ ପରିକ୍ରମା କରୁଥିବା ବିକାଶ ବାହାନ ରଥ ରବିବାର ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବଳମ ଗ୍ରାମ ପଞ୍ଚାୟତରେ ପହଞ୍ଚି ଥିଲା। ଏହି ରଥକୁ ସ୍ୱାଗତ କରାଯିବା ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଡିଓ କ୍ଷମାନିଧି ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ସ୍ଥାନୀୟ ସରପଞ୍ଚ ଅନୁପମା ଗଡ଼ନାୟକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ସୁବାଷ ବେହେରା ଅତିଥିଭାବେ ଯୋଗଦେଇଥିଲେ। ଅଧିକାରୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରି ଜନସାଧାରଣ ଏଥିରୁ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନ୍ତୋଦୟ ଗୃହ ଯୋଜନାରେ ୫ଜଣଙ୍କୁ କାର୍ଯ୍ୟାଦେଶ, ୫ ଜଣଙ୍କୁ ରାଶନ କାର୍ଡ, ୧୮ ଜଣଙ୍କୁ ଜବକାର୍ଡ, ୨୦ଜଣଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟକାର୍ଡ ଏବଂ ୧୫ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମା'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମସ୍ଥଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ସଫଳତାର ବାର୍ତ୍ତାକୁ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ସିଆରପି, ଏମବିକେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ।



ଅତିଥି ଅଧିକାରୀଙ୍କ ସହ କାର୍ଡ ପାଇଥିବା ହିତାଧିକାରୀମାନେ।

# ସମ୍ବଲପୁରୀ ସଂସ୍କୃତି ପ୍ରଚାରରେ ଭଗବାନଙ୍କ ଭୂମିକା ଅନନ୍ୟ

ସମ୍ବଲପୁର, ୧୫।୬(ଭବାନୀ ଶଙ୍କର ଭୋଇ)



ଭଗବାନ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

### ଗୁରୁ ଭଗବାନ ସାହୁଙ୍କ ଜନ୍ମଦିନ ପାଳିତ

ସାମାଜିକ ସଙ୍ଗଠନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ତରଫରୁ ରବିବାର ସମ୍ବଲପୁରୀ ଭାଷା, ସଂସ୍କୃତି ଏବଂ ନାଟକର ପ୍ରଚାରକ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଜନ୍ମଦିନ ପାଳନ କରାଯାଇଛି। ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ନେତ୍ରାନନ୍ଦ ପ୍ରଧାନ ମୁଖ୍ୟ ଅତିଥିଭାବେ ସାମିଲ ହୋଇଥିଲେ। ସେ କହିଥିଲେ ନୂଆଁଖାଇକୁ ଗୋଟିଏ ଦିନରେ ପାଳନ କରିବା ଦିଗରେ ଭଗବାନ ସାହୁଙ୍କର ଅବଦାନ ଥିଲା। ବୀର ସୁରେନ୍ଦ୍ର ସାଏଙ୍କ ସଂଘର୍ଷ ବିଷୟରେ ଗବେଷଣା କରି ଲୋକଲୋଚନକୁ ଆଣିବା ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସମ୍ବଲପୁରୀ ନାଟକ ଏବଂ ଶବ୍ଦନୃତ୍ୟର ପ୍ରଚାର ପ୍ରସାର ଦିଗରେ ସେ ସାରା ଜୀବନ ଚେଷ୍ଟା କରିଥିଲେ ବୋଲି ପ୍ରଧାନ କହିଥିଲେ ।

ଯୋଗଗୁରୁ ଟିକେଲାଲ ଭୋଇ କହିଥିଲେ, ଗୁରୁ ଭଗବାନ ସାହୁଙ୍କ ପ୍ରଚେଷ୍ଟା ଯୋଗୁ ପଶ୍ଚିମ ଓଡ଼ିଶା ସହ ଛତିଶଗଡ଼ରେ ମଧ୍ୟ ଗୋଟିଏ ଦିନରେ ନୂଆଁଖାଇ ପାଳନ ସମ୍ଭବ ହୋଇପାରିଛି। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଗୁରୁ ଭଗବାନ ସାହୁଙ୍କ ଫଟୋଚିତ୍ର ସହ ତାଙ୍କର ଅବଦାନ ସମ୍ପର୍କରେ ଅବଗତ କରିବା ପାଇଁ ବ୍ୟବସ୍ଥା କରାଯିବା ନେଇ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଏହି ଅବସରରେ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୋଗ ପରିବାରର ସୁଧୀର ମିଶ୍ର, ବିଚିତ୍ରାନନ୍ଦ ଆଚାର୍ଯ୍ୟ, ଗୋପାଳ ପାଢୀ, କ୍ଷିତିଶ ବିଶ୍ୱାଳ, ମନୋଜ ପଣ୍ଡା, ଶଶିକାନ୍ତ ଜେନା, ଉପିପ୍ତ ତ୍ରିପାଠୀ, ରାକ୍ଷୀ ମିଶ୍ର, ବିରଞ୍ଚି ନାରାୟଣ ନାୟକ, ରାଜେନ୍ଦ୍ର ବାଗ, ପଶ୍ଚିମାଞ୍ଚଳ ଏକତା ମଞ୍ଚର ପଙ୍କଜିନୀ ମେହେର, ସୁଷମା ପ୍ରଧାନ, ଅନୂପମା ବିଶ୍ୱାଳ, କିଶୋର ଧରେଇ, ଅମିତାଭ ମାଝୀ, ରାଜେଶ ସ୍ୱାଇଁ, ଭୂମିସୂତା ମେହେର, ସୁରେନ୍ଦ୍ର ବରର୍ତ୍ତୀ, ସମ୍ବଲପୁର ଜିଲା କିକ ବକ୍ସିଂ ଆସୋସିଏଶନର ସମ୍ପାଦକ ତଥା କୋଚ ସୁବ୍ରତ ପ୍ରଧାନ ଏବଂ ଭାରତୀ ସମାଜର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଏନ୍ଇଇଟି ୟୁଜି ଫଳାଫଳରେ ଆକାଶର ବାଜିମାତ୍

**ଭୁବନେଶ୍ୱର,୧୫।୬ (ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏନଇଇଟି ୟୁଜି-୨୦୨୫ ଫଳାଫଳରେ ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡ (ଏଇଏସ୍ଏଲ) ବା ଆକାଶର ଛାତ୍ରୀଛାତ୍ରମାନେ ବାଜିମାତ୍ କରିଛନ୍ତି। ଏପରିକି ଆକାଶ ଓଡ଼ିଶା ଶାଖାର ଛାତ୍ରୀଛାତ୍ରମାନେ ମଧ୍ୟ ଏନଇଇଟି ୟୁଜି-୨୦୨୫ ପରୀକ୍ଷା/ ଏହି ଫଳାଫଳରେ ଶୀର୍ଷ ସ୍କୋରଧାରୀ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ଦ୍ୱାରା ଆନୁଷ୍ଠାନିକ ଭାବେ ଏନଇଇଟି ୟୁଜି-୨୦୨୫ ପରୀକ୍ଷା ଫଳାଫଳ ଶନିବାର ଘୋଷଣା କରାଯାଇଥିଲା। ଏହି ଫଳାଫଳ ଅନୁସାରେ ଆକାଶ ଓଡ଼ିଶା ଶାଖାର ଛାତ୍ରୀଛାତ୍ରମାନେ ଅଲ୍ ଇଣ୍ଡିଆ ର୍ୟାଙ୍କ (ଏଆଇଆର) ହାସଲ ସହ ଏନଇଇଟି ୟୁଜି-୨୦୨୫ ଫଳାଫଳରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ବିଶେଷ କରି ଏଆଇଆର-୧୦୦୦ ବା ଏକ ହଜାର ର୍ୟାଙ୍କ ମଧ୍ୟରେ ୯ ଜଣ ଛାତ୍ରୀଛାତ୍ର ଶୀର୍ଷ ର୍ୟାଙ୍କ ହାସଲ କରିଥିଲାବେଳେ ଆଦିତ୍ୟ କିରଣ ବଳ ଏଆଇଆର-୧୨୮ ହାସଲ କରିଛନ୍ତି। ଏହି ତାଲିକାରେ ରିତେଶ ପରିଜା ଏଆଇଆର-୨୦୪, ସାତ୍ତ୍ୱିକ ମହାପାତ୍ର ଏଆଇଆର-୪୨୧, ଅନନ୍ୟା ପାଢୀ ଏଆଇଆର-୪୬୬, ଆଦିତ୍ୟ ଅଂଶୁମାନ ରଥ ଏଆଇଆର-୬୬୭, ପ୍ରତ୍ୟାଶା ଦାସ ଏଆଇଆର-୬୭୯, ଅସ୍ମିତ ମହାପାତ୍ର ଏଆଇଆର-୭୯୭, ସ୍ୱାରକ ଦାସ ଏଆଇଆର- ୮୨୭ ଏବଂ ପ୍ରତ୍ୟୁଷ କର ଏଆଇଆର-୯୯୦ ତମ ସ୍ଥାନରେ ରହିଛନ୍ତି। ସେହିପରି ଏଆଇଆର-୫୦୦୦ ବା ପାଞ୍ଚ ହଜାର ର୍ୟାଙ୍କ ମଧ୍ୟରେ ଆକାଶ ଓଡ଼ିଶା ଶାଖାରୁ ୩୯ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଅପରପକ୍ଷରେ ଏଇଏସଏଲର ଉଲ୍ଲେଖନୀୟ ସଫଳତା ହାସଲକାରୀଙ୍କ ମଧ୍ୟରେ ଉତ୍କର୍ଷ ଅୱଧୀୟା (ଏଆଇଆର-୨), କ୍ରିଶଙ୍ଗ ଜୋଷୀ (ଏଆଇଆର-୩), ଅଭିକା ଅଗ୍ରୱାଲ (ଏଆଇଆର-୫), ହର୍ଷ କେଡାୱତ (ଏଆଇଆର-୯), ଆରବ ଅଗରୱାଲ (ଏଆଇଆର-୧୦) ପ୍ରମୁଖ ସ୍ଥାନ ପାଇଛନ୍ତି।

ଏ ସମ୍ପର୍କରେ ଏଇଏସଏଲର ଆଞ୍ଚଳିକ ନିର୍ଦ୍ଦେଶକ (ରିଜିଓନାଲ ଡାଇରେକ୍ଟର) ଅଜୟ ବାହାଦୁର ସିଂ କହିଛନ୍ତି, ଆମେ ଆମ ଛାତ୍ରୀଛାତ୍ରଙ୍କର ସଫଳତାକୁ ନେଇ ବେଶ ଉତ୍ସାହିତ ଅଛୁ। ଏପରିକି ଏନଇଇଟି ୟୁଜି-୨୦୨୫ ଫଳାଫଳରେ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଆମେ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛୁ। ଏଭଳି ଭଲ ନମ୍ବର ରଖିବା କିଛି ଛୋଟ କଥା ନୁହେଁ। ବିଶେଷକରି ଦେଶବ୍ୟାପୀ ୨୩ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଥିବା ଏକ ପ୍ରବେଶିକା ପରୀକ୍ଷାରେ ଏଭଳି ସଫଳତା ହାସଲ ବେଶ୍ ପ୍ରଶଂସନୀୟ। ଏହି ଫଳାଫଳ କେବଳ ଆମ ଛାତ୍ରୀଛାତ୍ରଙ୍କର କଠିନ ପରିଶ୍ରମ ଏବଂ ଅଧବସାୟକୁ ପ୍ରଦର୍ଶିତ କରୁନାହିଁ, ତାହା ସହିତ ସେମାନଙ୍କ ମାତାପିତାଙ୍କର ସେମାନଙ୍କ ପ୍ରତି ସମର୍ଥନ ଏବଂ ଆମର ଶିକ୍ଷାଦାନକାରୀ ଟିମର ପ୍ରତିବଦ୍ଧତା ପ୍ରୟାସକୁ ମଧ୍ୟ ପ୍ରତିଫଳିତ କରୁଛି। ଆମେ ସେମାନଙ୍କୁ ସେମାନଙ୍କ ଡାକ୍ତରୀ କ୍ୟାରିୟରରେ ନିରନ୍ତର ସଫଳତା କାମନା କରୁଛୁ।

ଏହି ଅନନ୍ୟ ପ୍ରଦର୍ଶନ ଛାତ୍ରୀଛାତ୍ରଙ୍କର ଉତ୍ସର୍ଗୀକୃତ ପ୍ରୟାସ, ଶିକ୍ଷାଗତ ଶୃଙ୍ଖଳା ଏବଂ ଏଇଏସଏଲ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଶ୍ୱ ଶ୍ରେଣୀର କୋଚିଂ ତଥା ମାର୍ଗଦର୍ଶନର ନିଦର୍ଶନ ହୋଇଛି। ଭାରତରେ ମେଡିକାଲ (ଏମବିବିଏସ), ଡେଣ୍ଟାଲ (ବିଡିଏସ), ଆୟୁଷ (ବିଏଏମଏସ, ବିୟୁଏମଏସ, ବିଏଚଏମଏସ) ପାଠ୍ୟକ୍ରମରେ ସରକାରୀ ଏବଂ ବେସରକାରୀ ପ୍ରତିଷ୍ଠାନଗୁଡିକରେ ଅଣ୍ଡରଗ୍ରାଜୁଏଟ ପାଠ ପଢିବା ଏବଂ ବିଦେଶରେ ପ୍ରାଥମିକ ଡାକ୍ତରୀ ଯୋଗ୍ୟତା ହାସଲ ନିମନ୍ତେ ଇଛା ରଖୁଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ଯୋଗ୍ୟତାମୂଳକ ପରୀକ୍ଷା ନିମନ୍ତେ ଏନଇଇଟି ପ୍ରତିବର୍ଷ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ହେଉଛି।




ଏଇଏସ୍ଏଲ୍ର ଆଞ୍ଚଳିକ ନିର୍ଦ୍ଦେଶକ ଅଜୟ ବାହାଦୁର ସିଂଙ୍କ ସମେତ ଏନ୍ଇଇଟି ୟୁଜି-୨୦୨୫ ପରୀକ୍ଷା ଫଳାଫଳରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ଉପସ୍ଥିତ ଅଛନ୍ତି।

# କଲ୍ୟାଣ ଜୁଏଲର୍ସର ନବୀକୃତ ଶୋ'ରୁମ୍ ଉଦ୍ଘାଟିତ

**ଭୁବନେଶ୍ୱର,୧୫।୬**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ 'କଲ୍ୟାଣ ଜୁଏଲର୍ସ'ର ନବୀକୃତ ବାଣୀବିହାର ଷ୍ଟୋର ଶୋ'ରୁମ୍ ରବିବାର ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ଏପରିକି ଓଡ଼ିଶା ବଜାରରେ ବ୍ରାଣ୍ଡର ପ୍ରଥମ ଏକ୍ସକ୍ଲୁସିଭ ଆଉଟଲେଟ ଅତ୍ୟାଧୁନିକ ଡିଜାଇନ ଓ ବୈଶ୍ୱିକ ପରିବେଶରେ ନିର୍ମିତ ହୋଇଛି। ୧୦,୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଏହି ନବୀକୃତ ଶୋ'ରୁମ୍ ବେଶ୍ ଆକର୍ଷଣୀୟ ଏବଂ କଲ୍ୟାଣ ଜୁଏଲର୍ସର ବ୍ୟାପକ ଗହଣା ସମ୍ଭାର ଉପଲବ୍ଧ ରହିଛି।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, ଓଡ଼ିଶା ବଜାରରେ କଲ୍ୟାଣ ଜୁଏଲର୍ସର ପ୍ରଥମ ଏକ୍ସକ୍ଲୁସିଭ ଶୋ'ରୁମ୍କୁ ଆମେ ପୁନଃ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପୂରଣ ପାଇଁ ଏହାର ବ୍ୟାପକ ବ୍ୟବସ୍ଥା ସହ ନୂତନ ଡିଜାଇନ ଉପଲବ୍ଧ ରହିଛି।

ସେହିଭଳି ଗ୍ରାହକଙ୍କ ସପିଙ୍ଗ ଅନୁଭୂତିରେ ଉନ୍ନତି ଆଣିବା ସହିତ ବିଶ୍ୱାସ ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏପରିକି ବିଶ୍ୱସ୍ତରୀୟ ପରିବେଶ ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ଆମେ ଗୁଣାତ୍ମକ ମାନ ଓ ଉଲ୍ଲେଖନୀୟ ସେବା ସହିତ ବ୍ୟାପକ ପ୍ରକାରର ଆକର୍ଷଣୀୟ ଓ ସ୍ୱତନ୍ତ୍ର ଗହଣା ଡିଜାଇନ୍ ପ୍ରଦାନ କରିବା ମଧ୍ୟ ଜାରି ରଖିବୁ।

ସେହିପରି ଏହି ପୁନଃଶୁଭାରମ୍ଭ ଅବସରରେ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ରିହାତି ଅଫର ମଧ୍ୟ ଘୋଷଣା କରାଯାଇଛି, ଯେଉଁଥିରେ ଆମର ପୃଷ୍ଠକୋଷକମାନେ ସେମାନଙ୍କର ଗହଣା କ୍ରୟ ଉପରେ ଉଲ୍ଲେଖନୀୟ ସଞ୍ଚୟ ଉପଭୋଗ କରିପାରିବେ।

ଏହି ଶୁଭାରମ୍ଭ ଅଫରର ଅଂଶ ଭାବେ ଗ୍ରାହକମାନେ ପ୍ରତି ୧୦ ଗ୍ରାମ୍ ସୁନା ଗହଣା କ୍ରୟ ଉପରେ ୦.୫ ଗ୍ରାମ୍ର ସୁନା ମାଗଣାରେ ପାଇପାରିବେ। କଲ୍ୟାଣ ଜୁଏଲର୍ସ ପରିଚିତ ଥିବା ଅତୁଳନୀୟ କାରିଗରି ଓ ଅସୀମ ଡିଜାଇନର ଅନୁଭବ ହାସଲ କରିବା ସହିତ ପୃଷ୍ଠପୋଷାକମାନଙ୍କ ପାଇଁ ଆକର୍ଷଣୀୟ ଗହଣା ହାସଲ କରିବା ନିଶ୍ଚିତ କରିବ। ଏହା ବ୍ୟତୀତ କଲ୍ୟାଣ ସ୍ପେଶିଆଲ୍ ଗୋଲ୍ଡ ବୋର୍ଡ ରେଟ୍ ରହିଛି, ଯାହା ବଜାରରେ ସର୍ବନିମ୍ନ ଓ କମ୍ପାନୀର ସମସ୍ତ ଶୋ'ରୁମରେ ସମାନ, ତାହା ଲାଗୁ ହେବ। ପୃଷ୍ଠପୋଷକମାନେ କଲ୍ୟାଣ ଜୁଏଲର୍ସର ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ହାସଲ କରିବେ। ଯାହା ଶୁଦ୍ଧତା ଓ ଗହଣାର ମାଗଣା ଜୀବନବ୍ୟାପୀ ରକ୍ଷଣାବେକ୍ଷଣ, ଉତ୍ପାଦର ସମ୍ପୂର୍ଣ୍ଣ ବିବରଣୀ ଓ ସ୍ୱଚ୍ଛ ଏକ୍ସଚେଞ୍ଜ ଓ ବାଏ-ବ୍ୟାକ୍ ନୀତିକୁ ସୁନିଶ୍ଚିତ କରିବ। ବିଶ୍ୱସନୀୟ ଗ୍ରାହକମାନଙ୍କୁ ଶ୍ରେଷ୍ଠତା ପ୍ରଦାନ କରିବା ଲାଗି ବ୍ରାଣ୍ଡର ରହିଥିବା ପ୍ରତିବଦ୍ଧତାକୁ ଏହି ସାର୍ଟିଫିକେସନ୍ ପ୍ରତିଫଳିତ କରୁଛି।

ଏହି ଶୋ'ରୁମ୍ରେ କଲ୍ୟାଣର ପ୍ରମୁଖ କଲେକ୍ସନ ମହୁରତ (ବିବାହ ଗହଣା), ମୁଧ୍ରା (ହାତତିଆରି ଆଣ୍ଟିକ୍ ଗହଣା), ନିମାହ (ମନ୍ଦିର ଗହଣା), ଗ୍ଲୋ (ଡ୍ୟାନସିଂ ହୀରା), ଜିଆ (ସୋଲିଟାୟାର ଭଳି ହୀରା ଗହଣା), ଅନୋଖି (ଅନକଟ ହୀରା), ଅପୂର୍ବା (ସ୍ୱତନ୍ତ୍ର ଅବସର ପାଇଁ ହୀରା), ଅନ୍ତରା (ବିବାହ ହୀରା), ହୀରା (ଦିନିକିଆ ପରିଧାନର ହୀରା), ରଙ୍ଗ (ମୂଲ୍ୟବାନ ଷ୍ଟୋନ ଗହଣା) ଓ ନିକଟରେ ଉନ୍ମୋଚନ ହୋଇଥିବା ଲିଲା (ରଙ୍ଗିନ ଷ୍ଟୋନ ଓ ହୀରା ଗହଣା) ଉପଲବ୍ଧ ରହିଛି।

# ହିମାଳୟର ନୂତନ ଅଭିଯାନ

**ଭୁବନେଶ୍ୱର,୧୫।୬**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହିମାଳୟ ବେବିକେୟାରରେ ପିତୃ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ହୃଦୟସ୍ପର୍ଶୀ ଡିଭିସି ଫିଲ୍ମ ଉନ୍ମୋଚନ କରାଯାଇଛି। ଅପରପକ୍ଷରେ ଲୋକପ୍ରିୟ କନ୍ନଡ ଗୀତ 'ଆଇ ଲଭ୍ ୟୁ ଆପ୍ପା'ରୁ ପ୍ରେରଣା ଲାଭକରି ବ୍ରାଣ୍ଡର ପ୍ରଚାର ଅଭିଯାନ 'ଜେଣ୍ଟଲ ଆଜ୍ ଡାଡ' ଶୀର୍ଷକ ବିଷୟବସ୍ତୁରେ ଝିଅଟିଏ ଏକ ନବଜାତକରୁ ଜଣେ ଯୁବତୀ ଭାବେ ବିକାଶ ଲାଭ କରିବା ଅବସରରେ ଜଣେ ବାପା ଓ ତାଙ୍କ ଝିଅଙ୍କ ମଧ୍ୟରେ ଭାବପ୍ରବଣଗତ ସମ୍ପର୍କକୁ ଅତିସୁନ୍ଦର ଭାବରେ ଧରି ରଖୁଛି। ଏପରିକି ଆଞ୍ଚଳିକ ଦର୍ଶକଙ୍କ ସହିତ ଗଭୀର ଭାବରେ ମେଳ ଖାଉଥିବା ଲୋକପ୍ରିୟ ସଂଗୀତକୁ ଛଅଟି ଭାରତୀୟ ଭାଷା ହିନ୍ଦୀ, ତାମିଲ, ତେଲୁଗୁ, ମାଲୟାଲମ, ମରାଠୀ ଏବଂ ବେଙ୍ଗଲି ଭାଷାରେ ଅନୁବାଦ କରାଯାଇଛି, ଯାହଦ୍ୱାରା ଆଞ୍ଚଳିକ ପ୍ରାସଙ୍ଗିକତା ଏବଂ ଏକ ଗଭୀର ଭାବଗତ ସମ୍ପର୍କକୁ ସୁନିଶ୍ଚିତ କରାଯାଉଛି। ଏ ସମ୍ପର୍କରେ ହିମାଳୟ ୱେଲନେସ୍ କମ୍ପାନୀର ଡାଇରେକ୍ଟର (ବେବିକେୟାର) ଚକ୍ରବର୍ତ୍ତୀ ଏନ ଭି କହିଥିଲେ, ବାପାମାନେ ଅନେକ ସମୟରେ ଏକ ଶିଶୁର ଜୀବନରେ ନୀରବ ସ୍ତମ୍ଭ ହୋଇଥାନ୍ତି। ଯେଉଁଥିରେ ପଶ୍ଚାତଭାଗରେ କୋମଳପଣ, ଦୃଢତା ଏବଂ ସଦା ଉପସ୍ଥିତି ରହିଥାଏ ଏବଂ ସେମାନେ ସ୍ନେହ ଓ ସୁରକ୍ଷା ଜରିଆରେ ସେମାନଙ୍କ ଶିଶୁର ଦୁନିଆଁକୁ ଗଢି ତୋଳିଥାନ୍ତି।

# ବଜାରରେ ପ୍ଲାଟିନମ୍ର 'ଦ ୱେଡିଂ ଏଡିସନ୍'

**ଭୁବନେଶ୍ୱର,୧୫।୬**

ପ୍ଲାଟିନମ୍ର ବହୁପ୍ରତୀକ୍ଷିତ ତଥା ନୂତନ କଲେକ୍ସନ 'ଦ ୱେଡିଂ ଏଡିଶନ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ୯୫% ଶୁଦ୍ଧ ପ୍ଲାଟିନମ୍ରେ ନିର୍ମିତ ଏହି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ ପ୍ରେମର ଭାବନାକୁ ପ୍ରତିଫଳିତ କରିଥାଏ, ଯାହା ଉଭୟ ବିରଳ ଏବଂ କାଳକାଳୀନ ପ୍ରେମର ଭାବନାକୁ ପ୍ରତିଫଳିତ କରିଥାଏ। ଗ୍ରୀଷ୍ମକାଳୀନ ବିବାହ ଋତୁ ବେଳେ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ ପକ୍ଷରୁ ଜୀବନରେ ଥରେ ପ୍ରେମ କାହାଣୀ ରଚନା କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଦମ୍ପତି ବ୍ୟାଣ୍ଡର ଏକ ସୁଚିନ୍ତିତ ସଂକଳନ 'ଦ ୱେଡିଂ ଏଡିଶନ୍'ର ଉନ୍ମୋଚନ କରାଯାଇଛି। ପ୍ରକୃତ ପ୍ରତିବଦ୍ଧତା ଭାବନାତ୍ମକ ସ୍ପଷ୍ଟତାରୁ ଆସିଥାଏ ବୋଲି ବୁଝିବାରେ ଆଧାରିତ, ଏହି



ପ୍ଲାଟିନମ୍ ବ୍ୟାଣ୍ଡଗୁଡିକ ପ୍ରତୀକ ଠାରୁ ଅଧିକ-ସେମାନେ ପ୍ରତିଶ୍ରୁତି ଅଟନ୍ତି। ଷ୍ଟାରଲାଇଟ୍ ଆକାଶ ତଳେ ହେଉ କିମ୍ବା ବିବାହ ବିଶୃଙ୍ଖଳା ମଧ୍ୟରେ ଏକ ଶାନ୍ତ ମୁହୂର୍ତ୍ତରେ, ଏହି ବ୍ୟାଣ୍ଡଗୁଡିକ ସେହି ଦମ୍ପତିମାନଙ୍କ ପାଇଁ ତିଆରି କରାଯାଏ। ଯେଉଁମାନେ ଗଭୀର ଅର୍ଥ ଖୋଜୁଛନ୍ତି, ପାରସ୍ପରିକ ସମ୍ମାନ, ବ୍ୟକ୍ତିତ୍ୱ ଏବଂ ପ୍ରେମ ଉପରେ ନିର୍ମିତ ଏକ ଭାଗୀଦାରିର ପ୍ରତୀକ ଯାହା ପ୍ରକୃତରେ ବିରଳ। ଆପଣ ଏକ ଭବ୍ୟ ଉତ୍ସବର ଯୋଜନା କରୁଛନ୍ତି ନା ଏକ ଅଣବର୍ଣ୍ଣିତ ସମ୍ପର୍କ ଯୋଜନା କରୁଛନ୍ତି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ 'ଦ ୱେଡିଂ ଏଡିସନ୍' ହେଉଛି ଏକ ବିରଳ ମୂଲ୍ୟବାନ ଧାତୁ ସହିତ ଆପଣଙ୍କ ଯାତ୍ରାକୁ ମୋହର ମାରିବା ପାଇଁ ଆପଣଙ୍କ ନିମନ୍ତ୍ରଣ ଯାହା ପ୍ରକୃତରେ ଏକ ପ୍ରକାରର । ପ୍ଲାଟିନମ୍ର ବିରଳତା, ମୂଲ୍ୟବାନତା ଏବଂ ସ୍ଥିରତା ଏହାକୁ ପ୍ରେମର ଏକ ସ୍ଥାୟୀ ପ୍ରତୀକ କରିଥାଏ- ପ୍ରତ୍ୟେକ ଦମ୍ପତିଙ୍କ ପ୍ରତିବଦ୍ଧତାର ପ୍ରତିଶ୍ରୁତିକୁ ଅର୍ଥ ପ୍ରଦାନ କରିଥାଏ। ପ୍ରତ୍ୟେକ ବ୍ୟାଣ୍ଡରେ ସୂକ୍ଷ୍ମ ଡିଜାଇନ୍ ଏବଂ କାରିଗରି ରହିଛି- ପରସ୍ପର ସହ ଜଡ଼ିତ ଢାଞ୍ଚା, ପ୍ରତୀକ ଏବଂ ଶେଷ ଯାହା ଦୁଇଟି ବ୍ୟକ୍ତିଗତ ଯାତ୍ରାକୁ ଗୋଟିଏରେ ମିଶ୍ରଣକୁ ପ୍ରତିଫଳିତ କରିଥାଏ।

# ସିରିଜ୍ ବି ପାଣ୍ଠି ରାଉଣ୍ଡରେ ୧୭୩ କୋଟି ହାସଲ

**ଭୁବନେଶ୍ୱର,୧୫।୬**

ଦେଶର ପ୍ରଥମ ଡିଜିଟାଲ୍ ଫିକ୍ସଡ ଡିପୋଜିଟ ନିବେଶ ପ୍ଲାଟଫର୍ମ ବା ୱେଲଥଟେକ ପ୍ଲାଟଫର୍ମ 'ଷ୍ଟେବଲ ମନି' ସିରିଜ୍ ବି ପାଣ୍ଠି ରାଉଣ୍ଡରେ ପ୍ରାୟ ୧୭୩ କୋଟି ଟଙ୍କା ହାସଲ କରିଛି। ଏପରିକି ଇନଫୋସିସ୍ ସହ-ପ୍ରତିଷ୍ଠାତା ଏବଂ ଆଧାରର ନିର୍ମାତା ନନ୍ଦନ ନିଲେକାନିଙ୍କ ଦ୍ୱାରା ସହ-ପ୍ରତିଷ୍ଠିତ ଫଣ୍ଡାମେଣ୍ଟମ ପାର୍ଟନରଶିପ ଏହି ରାଉଣ୍ଡର ନେତୃତ୍ୱ ନେଇଥିଲା। ଆଦିତ୍ୟ ବିର୍ଲା ଭେଞ୍ଚର୍ସ ସମସ୍ତ ବିଦ୍ୟମାନ ନିବେଶକ ଜେଡ୪୭, ଆରଟିପି ଗ୍ଲୋବାଲ୍ ଏବଂ ଲାଇଟସ୍ପିଡ୍ ସହ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ପାଣ୍ଠି ଷ୍ଟେବଲ ମନିର ବିଶାଳ ସିରିଜ୍ -ଏ ରାଉଣ୍ଡର ମାତ୍ର ଦଶ ମାସ ପରେ ଆସିଛି, ଯାହାକି, ଏ କ୍ଷେତ୍ରରେ ଦୃଢ଼ ସମ୍ଭାବନା ଏବଂ ନିବେଶକଙ୍କ ଦୃଢ଼ ବିଶ୍ୱାସକୁ ଦର୍ଶାଉଛି। ଷ୍ଟେବଲ ମନି ସ୍ଥିର ଆୟ ନିବେଶ ବିକଳ୍ପ ପ୍ରଦାନ କରୁଛି, ଯେଉଁଥିରେ ୯.୧% ପର୍ଯ୍ୟନ୍ତର ସୁଧ ହାର ସହିତ ସ୍ଥିରୀକୃତ ଜମା, ଏଫଡି ବାବଦକୁ ସୁରକ୍ଷିତ କ୍ରେଡିଟ୍ କାର୍ଡ ଏବଂ ଷ୍ଟେବଲ ବଣ୍ଡ (ଯାହାକି ଷ୍ଟେବଲ ବ୍ରୋକିଙ୍ଗ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହୋଇଥାଏ) ଅନ୍ତର୍ଭୁକ୍ତ ରହିଛି।

# ଅଲ-ଇନ୍-ୱାନ ନିବେଶ ଆପର ଶୁଭାରମ୍ଭ

**ଭୁବନେଶ୍ୱର,୧୫।୬**

ଟାଟା ଆସେଟ୍ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ଅଭିନବ ମୋବାଇଲ୍ ଆପ୍ 'ଅଲ-ଇନ୍-ୱାନ ନିବେଶ'ର ଶୁଭାରମ୍ଭ କରାଯାଇଛି।ଯାହା ବ୍ୟବହାର କାରୀମାନଙ୍କୁ ସେମାନଙ୍କର ଆର୍ଥିକ ଜଗତର ଏକ ସମ୍ପୂର୍ଣ୍ଣ ଚିତ୍ର ଦେବା ପାଇଁ ଉଦ୍ଦିଷ୍ଟ ରହିଛି। ବ୍ରାଣ୍ଡ୍ ପ୍ଲାଟଫର୍ମ ଅଧୀନରେ ଏହି ଆପ୍ ସରଳତା, ବୁଦ୍ଧିମତା ଏବଂ ପର୍ସନାଲାଇଜେସନକୁ ଏକତ୍ରିତ କରିଛି। ଏହି ମୋବାଇଲ୍ ଆପ୍ ଶୁଭାରମ୍ଭ ହେଉଛି ନିବେଶକୁ ସରଳ, ସ୍ମାର୍ଟ ଏବଂ ଅଧିକ ପ୍ରବେଶଯୋଗ୍ୟ କରିବାର ଏକ ବଡ଼ ପଦକ୍ଷେପ। 'ଏକ ଆପ୍-ଏକ ଦୃଶ୍ୟ-ଅନ' ସୁଯୋଗ' ବ୍ରାଣ୍ଡ୍ ପ୍ରତିଶ୍ରୁତି ସହିତ ଏହି ଆପ୍ ନିବେଶକମାନଙ୍କୁ ଶିଖିବାରୁ ଆରମ୍ଭ କରି ନିବେଶ ଏବଂ ଆର୍ଥିକ ଲକ୍ଷ୍ୟ ଉପରେ ନଜର ରଖିବା ପର୍ଯ୍ୟନ୍ତ ସବୁ କିଛି ଦେଇଥାଏ। ଟାଟା ଆସେଟ୍ ମ୍ୟାନେଜମେଣ୍ଟର ମୁଖ୍ୟ ବିତରଣ ଏବଂ ଡିଜିଟାଲ୍ ଅଧିକାରୀ ହେମନ୍ତ କୁମାର କହିଛନ୍ତି, 'ଏକ ଆପ୍। ଏକ ଦୃଶ୍ୟ।



## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧, ମୋ.: ୯୭୭୬୬୪୫୪୯୭, ଇ-ମେଲ୍: rodhenkanal@odishabank.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(SARFAESI ଆକ୍ଟ ୨୦୦୨ ଅନୁଯାୟୀ)

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ ଆକ୍ଟ) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ ରୁଲ୍ସ ୨୦୦୨) ରୁଲ୍ ୬, ୮ ଏବଂ ୯ ଅନୁଯାୟୀ ବ୍ୟାଙ୍କରେ ବନ୍ଧକଥିବା ସ୍ଥାବର ସମ୍ପତ୍ତିର ନିଲାମ ବିକ୍ରୟ।**

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧ର କ୍ଷମତାପ୍ରାପ୍ତ ଅଧିକାରୀ ହିସାବରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୨) ଅନୁଯାୟୀ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ଦର୍ଶିତ ଋଣଗ୍ରହୀତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟ ନିମନ୍ତେ କଥିତ ଆକ୍ଟର ଧାରା ୧୩(୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୬, ୮ ଏବଂ ୯ ଅନୁଯାୟୀ ଋଣଗ୍ରହୀତାମାନଙ୍କ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ସ୍ଥାବର ସମ୍ପତ୍ତିର ବିବରଣୀ**

| କ୍ର. ନଂ. | ଶାଖା / ମୋବାଇଲ ନଂ. / ଆକାଉଣ୍ଟ ନଂ. / ଋଣଗ୍ରହୀତା/ ଜାମିନ୍ଦାର / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ / ସମ୍ପତ୍ତି ମାଲିକମାନଙ୍କ ନାମ | ବକେୟା ରାଶି | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା | ଇ-ନିଲାମ ତାରିଖ ଓ ସମୟ |
|---|---|---|---|---|---|---|
| ୧. | ଗଦାଶିଳା ଶାଖା, ମୋ.: ୮୮୯୫୧୭୫୭୭୮ / ଆକାଉଣ୍ଟ ନଂ.: ୦୫୦୨୧୩୦୪୫୦୦୦୦୫୮, ୦୫୦୨୧୪୦୦୧୦୦୦୦୨୦, ୦୫୦୨୧୩୦୬୯୦୦୦୦୦୧ ଏବଂ ୦୫୦୨୧୩୦୬୯୦୦୦୦୦୨ / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ସତ୍ୟ ରଞ୍ଜନ ମିଶ୍ର, ମୁନ୍ଲି ଇଣ୍ଡିଆର ସ୍ୱତ୍ୱାଧିକାରୀ, ପିତା: ବଂଶୀଧର ମିଶ୍ର / ଜାମିନ୍ଦାର ଏବଂ ବନ୍ଧକଦାତା: ଶ୍ରୀ ମନୋରଞ୍ଜନ ମିଶ୍ର, ପିତା: ବଂଶୀଧର ମିଶ୍ର / ଜାମିନ୍ଦାରମାନେ: ୧) ଶ୍ରୀ ବଂଶୀଧର ମିଶ୍ର, ପିତା: କୃଷ୍ଣ ଚନ୍ଦ୍ର ମିଶ୍ର, ୨) ଶ୍ରୀମତୀ ପ୍ରମିଳା କୁମାରୀ ଦାଶ, ସ୍ୱାମୀ: ବଂଶୀଧର ମିଶ୍ର, ୩) ଶ୍ରୀ ସାଜନ ଶତପଥି, ପିତା: ବ୍ରଜବନ୍ଧୁ ଶତପଥି, ସମସ୍ତଙ୍କ ଠିକଣା- ସା/ପୋ: ଧଳପୁର, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୯ | (କ) ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/ ୪୬୬, ପ୍ଲଟ୍ ନଂ.: ୧୨୬୯/୨୦୩୬, କ୍ଷେତ୍ର: ଏକର୦.୨୫ ଡିସିମିଲି (ଘରବାରି) | ୧୦.୦୬.୨୦୨୫ ସୁଦ୍ଧା ଟ.୩୩,୩୫,୨୯,୮୧୬୪୩ + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ୦୨.୧୧.୨୦୨୩ / ୧୨.୦୧.୨୦୨୪ | ଟ.୧,୬୯,୨୦,୦୦୦/- / ଟ.୧୬,୯୨,୦୦୦/- | ଇ-ନିଲାମ ତାରିଖ ଓ ସମୟ: ତା.୩୦.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା (ପ୍ରତି ୫ ମିନିଟର ଅସୀମିତ ବୃଦ୍ଧି ସହିତ) |
| | (ଖ) ଶ୍ରୀ ମନୋରଞ୍ଜନ ମିଶ୍ର ଏବଂ ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/ ୨୩୭, ପ୍ଲଟ୍ ନଂ.: ୧୪୪୫, କ୍ଷେତ୍ର: ଏକର୦.୧୬ ଡିସିମିଲି (ଘରବାରି) | | | | ଟ.୩୮,୭୦,୦୦୦/- / ଟ.୩,୮୭,୦୦୦/- | |
| | (ଗ) ଶ୍ରୀ ମନୋରଞ୍ଜନ ମିଶ୍ର ଏବଂ ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/ ୪୦୨, ପ୍ଲଟ୍ ନଂ.: ୧୨୭୨/୧୯୧୮, କ୍ଷେତ୍ର: ଏକର୦.୧୨ ଡିସିମିଲି (ଘରବାରି) | | | | ଟ.୩୬,୦୦,୦୦୦/- / ଟ.୩,୬୦,୦୦୦/- | |
| | (ଘ) ଶ୍ରୀ ମନୋରଞ୍ଜନ ମିଶ୍ର ଏବଂ ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/ ୩୦୯, ପ୍ଲଟ୍ ନଂ.: ୧୪୪୮, କ୍ଷେତ୍ର: ଏକର୦.୧୬ ଡିସିମିଲି (ଘରବାରି) | | | | ଟ.୮୬,୮୫,୦୦୦/- / ଟ.୮,୬୮,୫୦୦/- | |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ସମ୍ପତ୍ତିଗୁଡିକ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ୟାଙ୍କର ଅନୁମୋଦିତ ନିମ୍ନଲିଖିତ ସେବାପ୍ରଦାନକାରୀଙ୍କ ୱେବ୍ ପୋର୍ଟାଲ **https://sarfaesi.auctiontiger.net** ରେ ଇ-ନିଲାମ ମାଧ୍ୟମରେ **ତା.୩୦.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା** ମଧ୍ୟରେ ବିକ୍ରୟ କରାଯିବ।
୨) ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sarfaesi.auctiontiger.net** ରେ ଉପଲବ୍ଧ।
୩) ଇଚ୍ଛୁକ ନିଲାମଧାରୀ ବୈଧ ଇ-ମେଲ ଠିକଣାଧାରୀ ହୋଇଥିବା ଉଚିତ ।
୪) ପ୍ରସ୍ତାବଗୁଡିକ ଟେଣ୍ଡର ଡକ୍ୟୁମେଣ୍ଟରେ ଦିଆଯାଇଥିବା ଧାର୍ଯ୍ୟ ଫର୍ମାଟରେ "ଅନଲାଇନ୍" ମାଧ୍ୟମରେ **M/s e-procurement Technologies Limited - Auction Tiger**ର ପୋର୍ଟାଲ (ସେବା ପ୍ରଦାନକାରୀଙ୍କ ଠାରୁ ପୋର୍ଟାଲ ପ୍ରାପ୍ତ କରିବାକୁ ହେବ)ରେ ଦାଖଲ କରିବାକୁ ହେବ। ଅନ୍ୟ ମାଧ୍ୟମରେ ଦାଖଲ କରାଯାଇଥିବା ପ୍ରସ୍ତାବଗୁଡିକ ଗ୍ରହଣ ଯୋଗ୍ୟ ହେବ ନାହିଁ।
୫) ବିଡ୍ ପାଇଁ ଅମାନତ ରାଶି ସହିତ ଅନ୍ଲାଇନ୍ ଦରଖାସ୍ତ ଦାଖଲ **ତା.୨୨.୦୬.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଆରମ୍ଭ ହୋଇ ତା.୨୬.୦୬.୨୦୨୫ରିଖ ଅପରାହ୍ନ ୫.୦୦ ଘଟିକା** ପର୍ଯ୍ୟନ୍ତ ଚାଲୁ ରହିବ।
୬) ଅମାନତ ଜମା (EMD) EFT/NEFT/NEFT ଦ୍ୱାରା **"Authorised Officer, Odisha Grameen Bank, Dhenkanal Region" to the Current Account Number: 050134003002241 of Odisha Grameen Bank, Dhenkanal Branch, At/PO/Dist.: Dhenkanal, PIN-759001, Branch Code: 0501, IFSCode.: IOBA0ROGB01 (5th & 10th digit are Zero)** କୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ ଦାଖଲ କରାଯିବ।
୭) ଅମାନତ ଜମା (EMD) ବିନା ଦାଖଲ କରାଯାଇଥିବା ବିଡ୍ / ପ୍ରସ୍ତାବଗୁଡିକୁ ନାକଚ କରାଯିବ।
୮) ନିଲାମଧାରୀମାନେ **ତା.୨୧.୦୬.୨୦୨୫ରିଖରୁ ତା.୨୬.୦୬.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା** (ବ୍ୟାଙ୍କ ଛୁଟି ଦିନ ଗୁଡିକ ବ୍ୟତିତ) ମଧ୍ୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ପୂର୍ବରୁ ଅନୁମତି ନେଇ ସମ୍ପତ୍ତିଗୁଡିକୁ ତନଖି କରିପାରିବେ।
୯) ନିଲାମଧାରୀମାନେ ବୈଧ ଆଇଡ଼ି ଏବଂ ପାସୱାର୍ଡ **M/s. e-Procrurement Technologies Limited, Ahmedabad**ଙ୍କ ଠାରୁ ଇମେଲ ମାଧ୍ୟମରେ ପାଇପାରିବେ। ଯୋଗାଯୋଗ କରନ୍ତୁ: **Mr. Ram Sharma- 8000023297, Mr. Prabin- 9722778828, Email ID: orissa@auctiontiger.net & support@auctiontiger.net** (ଆମର ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ।)
୧୦) ବିଡ୍ଫର୍ମର ଏକ ନକଲ ସହିତ ଅନଲାଇନରେ ଦାଖଲ ସଂଯୁକ୍ତ କାଗଜାତ୍ (UTR ନଂ. ଦର୍ଶାଇବେ) **କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଢେଙ୍କାନାଳ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧** ଠାରେ ଦାଖଲ କରିବେ କିମ୍ବା ସେଗୁଡିକର ସଫ୍ଟ କପି: **rodhenkanal@odishabank.in** କୁ ଇ-ମେଲ କରିବେ।
୧୧) ସଂରକ୍ଷିତ ମୂଲ୍ୟଠାରୁ ଦାଖଲ କରିବାକୁ ଥିବା ପ୍ରସ୍ତାବର ମୂଲ୍ୟ ସମାନ / ଅଧିକ ହେବା ଉଚିତ୍ ଏବଂ ନିଲାମଧାରୀମାନେ ସେମାନଙ୍କର ପରବର୍ତ୍ତି ବର୍ଦ୍ଧିତ ପ୍ରସ୍ତାବ **ଟ.୨୫,୦୦୦/- (ପଚିଶି ହଜାର ଟଙ୍କା ମାତ୍ର) (କ୍ର. ନଂ. ୧(ଖ) ଏବଂ ୧(ଗ)ରେ ଦର୍ଶିତ ସମ୍ପତ୍ତି ନିମନ୍ତେ)**ର ଗୁଣିତକ ହେବା ଉଚିତ ଏବଂ **ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) (କ୍ର. ନଂ. ୧(କ) ଏବଂ ୧(ଘ)ରେ ଦର୍ଶିତ ସମ୍ପତ୍ତି ନିମନ୍ତେ)**ର ଗୁଣିତକ ହେବା ଉଚିତ।
୧୨) ସମ୍ପତ୍ତି ସର୍ବୋଚ୍ଚ ନିଲାମ ଡାକି ଥିବା ନିଲାମଧାରୀଙ୍କୁ ବିକ୍ରୟ କରାଯିବ। ସଫଳ ନିଲାମଧାରୀମାନେ ନିଲାମ ରାଶିର ୨୫% (ପୈଠ ହୋଇଥିବା ଅମାନତ ରାଶି ବିଯୁକ୍ତ କରି) ସମ୍ପତ୍ତି ବିକ୍ରୟ ଦିନ ଇ-ନିଲାମ ପ୍ରକ୍ରିୟା ସମାପ୍ତ ହେବା ସଙ୍ଗେ ସଙ୍ଗେ ଦାଖଲ କରିବେ ଏବଂ ବିକ୍ରୟ ମୂଲ୍ୟର ଅବଶିଷ୍ଟ ୭୫% ବିକ୍ରୟ ଚୂଡାନ୍ତ ହେବାର ୧୫ ଦିନ ମଧ୍ୟରେ ଦାଖଲ କରିବେ। ସଫଳ ନିଲାମଧାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ବିକ୍ରୟ ମୂଲ୍ୟର ୨୫% ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।
୧୩) ସମ୍ପୂର୍ଣ୍ଣ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଦେୟ ଯଦି କିଛି ଥାଏ ତାହା ଜମା କରିବା ପରେ ହିଁ ବିକ୍ରୟ ପ୍ରମାଣପତ୍ର କେବଳ କ୍ରେତାଙ୍କ ନାମରେ ପ୍ରଦାନ କରାଯିବ।
୧୪) ଆଇନ ଅନୁଯାୟୀ ପ୍ରଯୁଜ୍ୟ ଚାର୍ଜ / ଫି ଯଥା ରେଜିଷ୍ଟ୍ରେସନ୍ ଫି, ଷ୍ଟାମ୍ପ ଡ୍ୟୁଟି, ଇନକମ୍ ଟ୍ୟାକ୍ସ ଇତ୍ୟାଦି କ୍ରେତା ବହନ କରିବେ। ଚୂଡାନ୍ତ ହୋଇଥିବା ନିଲାମ ରାଶି ଉପରେ ଟିଡିଏସ୍ ସଫଳ କ୍ରେତା ବହନ କରିବେ। ଯେଉଁ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଟ.୫୦,୦୦,୦୦୦/- କିମ୍ବା ତା ଠାରୁ ଅଧିକ ଥିବ ସେ କ୍ଷେତ୍ରରେ ଆୟକର ଆଇନ ୧୯୬୧ ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍ର ଗୁଣିତକ ରାଶି ଉପରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିରେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ।
୧୫) ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଏବଂ "ଯାହା ଯେପରି ଅଛି ଭିତ୍ତିରେ/ଅବସ୍ଥାରେ"** ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ଅନୁଯାୟୀ ସମ୍ପତ୍ତି ଉପରେ କୌଣସି ଏନ୍କମ୍ବ୍ରାନ୍ସେସ୍, ଲିଏନ ଚାର୍ଜ, ବୈଧାନିକ ଦେୟ ଇତ୍ୟାଦି ନାହିଁ। ଇଚ୍ଛୁକ ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମ ପାଇଁ ଉଦ୍ଦିଷ୍ଟ ସମ୍ପତ୍ତି ଏବଂ ଏହାଦ୍ୱାରା ପ୍ରଭାବିତ ହେବାକୁ ଥିବା ସମସ୍ତ ଦାବି / ଅଧିକାର / ଦେୟକୁ ବ୍ୟକ୍ତିଗତ ଭାବେ ସମ୍ପୃକ୍ତ ଏସ୍ଆରଓ ଏବଂ ରେଭିନ୍ୟୁ ରେକର୍ଡରୁ ସମ୍ପତ୍ତି ମାଲିକାନା, ପ୍ରକାର, ବିବରଣୀ, ସର୍ତ୍ତ, ଏନ୍କମ୍ବ୍ରାନ୍ସେସ୍, ଲିଏନ, ଦେୟ, ବୈଧାନିକ ଦେୟ ଇତ୍ୟାଦି ଯାଞ୍ଚ କରିନେବା ଉଚିତ। ଏହି ଇ-ନିଲାମ ବିଜ୍ଞାପନକୁ ବ୍ୟାଙ୍କ ତରଫରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ଆକାରରେ ବିବେଚନା ନକରିବାକୁ ଅନୁରୋଧ। ବ୍ୟାଙ୍କର ଜ୍ଞାତ କିମ୍ବା ଅଜ୍ଞାତରେ ସମ୍ପତ୍ତିଗୁଡିକରେ ଥିବା ବର୍ତ୍ତମାନ ଏବଂ ଭବିଷ୍ୟତର ସମସ୍ତ ଏନ୍କମ୍ବ୍ରାନ୍ସ ସହିତ ବିକ୍ରୟ କରାଯାଉଅଛି। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କ ଦାବି / ଅଧିକାର / ଦେୟ ପାଇଁ କୌଣସି ପ୍ରକାରରେ ଦାୟୀ ରହିବେ ନାହିଁ। ସମ୍ପତ୍ତିର ବକେୟା ଖଜଣା, ବୈଦ୍ୟୁତିକ ଦେୟ ଏବଂ ଜଳ କର ଇତ୍ୟାଦି ଯଦି କିଛି ଥାଏ, ତେବେ ତାହା କ୍ରେତା ବହନ କରିବେ।
୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। **କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବି/ଅଧିକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ।**
୧୭) ବିକ୍ରୟ ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଅନୁମୋଦନ ସାପେକ୍ଷ। ଯଦି ଋଣଗ୍ରହୀତା / ଜାମିନ୍ଦାରମାନେ ବିକ୍ରୟ ପୂର୍ବରୁ ସମସ୍ତ ଦେୟ ପୈଠ କରନ୍ତି ତେବେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୧୮) ଅସଫଳ ନିଲାମଧାରୀଙ୍କ ଅମାନତ ଜମା ରାଶି ସେମାନଙ୍କ ଦ୍ୱାରା ପ୍ରସ୍ତାବରେ ଦିଆଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ EFT/NEFT/RTGS ମାଧ୍ୟମରେ ବିନା ସୁଧରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ପ୍ରଦତ୍ତ ଇମେଲ ଆଇଡ଼ିରେ ଜଣାଇଦିଆଯିବ।
୧୯) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିୟନ୍ତ୍ରଣ ବାହାରେ କୌଣସି ବୈଷୟିକ କାରଣ ଯୋଗୁ ଯଦି ନିଲାମ ସମ୍ପନ୍ନ ହୋଇନପାରେ ତେବେ ପୂର୍ବରୁ ନୋଟିସ୍ ଦେଇ ନିଲାମ ପୁନଃ ସ୍ଥିର କରାଯିବ।
୨୦) ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ ପୂର୍ବରୁ ଇ-ନିଲାମର ସବିଶେଷ ବିବରଣୀ ବ୍ୟାଙ୍କ ୱେବସାଇଟ୍: **www.odishabank.in** / ସେବା ପ୍ରଦାନକାରୀଙ୍କ ୱେବସାଇଟ୍: **https://sarfaesi.auctiontiger.net** ଦେଖିପାରିବେ।
୨୧) ଉପରଦର୍ଶିତ ସମସ୍ତ ସମ୍ପତ୍ତିଗୁଡିକ ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି ଏବଂ ବ୍ୟାଙ୍କ ଉକ୍ତ ସମ୍ପତ୍ତିଗୁଡିକ ଭୌତିକ ଦଖଲ ନେଲା ପରେ ସଫଳ କ୍ରେତାଙ୍କୁ ହସ୍ତାନ୍ତର କରିବ।
୨୨) **ଏହି ଇ-ନିଲାମ ବିକ୍ରୟ ନୋଟିସ୍ର ପ୍ରକାଶନ ମଧ୍ୟ ଋଣଗ୍ରହୀତା ଓ ଜାମିନ୍ଦାରମାନଙ୍କୁ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ, ଯାହା ମଧ୍ୟ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ।**
୨୩) ନିମ୍ନ ସ୍ୱାକ୍ଷରକାରୀ କୌଣସି ପୂର୍ବ ନୋଟିସ୍ ନଦେଇ ଏବଂ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ଘୁଞ୍ଚାଇଦେବା / ସ୍ଥଗିତ ରଖିବା / ବାତିଲ କରିବା କିମ୍ବା ବିକ୍ରୟ ନିୟମାବଳୀକୁ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ସଂରକ୍ଷିତ ରଖିଛନ୍ତି।
୨୪) ଯଦି ଡିଆରଟି/ଡିଆରଏଟି/ହାଇକୋର୍ଟ କିମ୍ବା ଅନ୍ୟ କୌଣସି କୋର୍ଟ ଦ୍ୱାରା ପରବର୍ତ୍ତୀ ପ୍ରକ୍ରିୟାକୁ ସ୍ଥଗିତ କରାଯାଏ, ତେବେ ନିଲାମ ସ୍ଥଗିତ କିମ୍ବା ବାତିଲ ହୋଇପାରେ ଏବଂ ଏପରି କ୍ଷେତ୍ରରେ ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ପରାମର୍ଶ ଦଆଯାଉଅଛିକି ସେମାନେ କୌଣସି ସୁଧ, କ୍ଷତିପୂରଣ କିମ୍ବା ଖର୍ଚ୍ଚ ଦାବି କରିପାରିବେ ନାହିଁ।
୨୫) ୨୦୧୬ର ସଂଶୋଧିତ ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ବିକ୍ରୟ ପ୍ରମାଣପତ୍ର ପ୍ରଦାନ କରାଯିବା ପୂର୍ବରୁ ଯେକୌଣସି ମୁହୂର୍ତ୍ତରେ ବିକ୍ରୟ ପ୍ରକ୍ରିୟାକୁ ପରିବର୍ତ୍ତନ କିମ୍ବା ସ୍ଥଗିତ ରଖିବାର ସମ୍ପୂର୍ଣ୍ଣ ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି। ଯଦି ବ୍ୟାଙ୍କ ପକ୍ଷରୁ କୌଣସି ମୁହୂର୍ତ୍ତରେ ବିକ୍ରୟ ପ୍ରକ୍ରିୟାକୁ ସ୍ଥଗିତ କରାଯାଏ ତେବେ ନିଲାମଧାରୀ କିମ୍ବା କ୍ରେତାଙ୍କ ଠାରୁ ଗ୍ରହଣ କରାଯାଇଥିବା ଅର୍ଥ ରାଶି ଉପରେ କୌଣସି ସୁଧ କିମ୍ବା ଏଥି ନିମିତ୍ତ କ୍ଷତି, ଦେୟ / ଖର୍ଚ୍ଚ ଇତ୍ୟାଦି ଦିଆଯିବ ନାହିଁ।
୨୬) ସମ୍ପତ୍ତି ତନଖି / ଇ-ନିଲାମ ସମ୍ବନ୍ଧୀୟ ପରବର୍ତ୍ତୀ ସବିଶେଷ ବିବରଣୀ ନିମନ୍ତେ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: **କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧, ମୋ.: ୯୭୭୬୬୪୫୪୯୭** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s e-Procurement Technologies Limited-Auction Tiger, B-704, Wall Street-II, Opp. Orient Club, Near Gujarat College, Ellis Bridge, Ahmedabad-380006, Gujarat (India), e-mail: orissa@auctiontiger.net, Contact Person- Mr. Ram Sharma- 8000023297, Mr. Prabin- 9722778828.**

ସ୍ଥାନ: ଢେଙ୍କାନାଳ, ତାରିଖ: ୧୩.୦୬.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ





## GOVERNMENT OF ODISHA
## DEPARTMENT OF WATER RESOURCES

No.A-298

**e-Procurement Notice No. e-CHID-04/2025-26**

1. Type of Work :- Building works
2. Total No. of Works :- 01 (one) No.
3. Amount put to tender :- Rs.62.48 Lakh
4. Period of completion :- 11 (Eleven) calendar months
5. Class of Contractor :- 'B'

| Procurement Officer | Bid Identification No. | Name of Work | Bid Amount (Rs. in lakh) | Availability & Submission of Bid On-line |
|---|---|---|---|---|
| Superintending Engineer, Chikiti Irrigation Division, Berhampur | SE(CHID) - 32/2025-26 | Construction of control building of Ghatakeswar Multipurpose Project | 62.48 | From 18.06.2025, 10.00 A.M. to 03.07.2025, 5.00 P.M. |

Date of opening of the Technical Bid :- 04.07.2025 at 11.30 A.M.
Further details can be seen from the Govt. website www.tendersodisha.gov.in

Sd./- Superintending Engineer
Chikiti Irrigation Division
Berhampur

OIPR-32115/11/0015/2526





## OFFICE OF THE PRINCIPAL, BHADRAK AUTONOMOUS COLLEGE, BHADRAK

Letter No.1639/Date 11.06.2025

**"WALK-IN-INTERVIEW" FOR ENGAGEMENT OF GUEST FACULTIES IN DIFFERENT SUBJECTS FOR THE SESSION 2025-26**

**No.CAD-763** : Eligible candidates are invited to attend "Walk-in-Interview" for engagement of Guest faculties in different subjects for Bhadrak Autonomous College, Bhadrak for the session 2025- 26 as per the following schedule. Selection of candidates, period of engagement and payment of remuneration shall be as per the Government guidelines, issued vide letter No. 26445, dt. 23.05.2025. Candidates are required to report with all Original Testimonials / Documents in support of their qualification and experiences. Candidates are instructed to visit college website at www.bhadrakcollege.ac.in for detail information/Guidelines.

**Interview Schedule**

| Sl. No. | Date of Interview | Reporting Time | Venue | Subjects |
|---|---|---|---|---|
| 01 | 23.06.2025 | 9.30 am to 10.00 am | Concerned Department | Education, History, Odia, Sanskrit, Urdu, Philosophy, Political Science, Sociology, Hindi, Commerce, Statistics |
| 02 | 24.06.2025 | 9.30 am to 10.00 am | Concerned Department | Applied Physics, Zoology, Microbiology, Geology, Computer Science, B.C.A. (Comp. Sc., Math, Eng, Com.) |

OIPR-11028/11/0014/2526

Sd./- Principal
Bhadrak Autonomous College, Bhadrak

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହିଳାଙ୍କ ସମେତ ୮ ଗିରଫ

**ବଡ଼ବିଲ,୧୫।୬ (ଦେବପ୍ରିୟ ରଣା)**

## ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

କେନ୍ଦୁଝର ଜିଲା ରୁଗୁଡ଼ି ଥାନା କେନ୍ଦୁଡିହିରେ ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ରବିବାର ଜଣେ ମହିଳାଙ୍କ ସମେତ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦୁଡିହିର ବନବାସୀ ସେଠୀ, ଶ୍ରବଣ ମହାକୁଡ଼, ପୁରେନ୍ଦ୍ର ମହାକୁଡ଼, ଦେବ ମହାକୁଡ଼, ଭାସ୍କର ନାଏକ, ସୁରେନ୍ଦ୍ର ମହାକୁଡ଼, ମୁନା ମହାକୁଡ଼ ଓ ସାଗର ସେଠୀ।

ସୂଚନା ଅନୁଯାୟୀ, ବଡ଼ବିଲ ବନାଞ୍ଚଳ କେନ୍ଦୁଡିହି ଗ୍ରାମ ନିକଟ ଜଙ୍ଗଲକୁ ଶୁକ୍ରବାର ପୂର୍ବାହ୍ନରେ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବା ରୀନା ମୁଣ୍ଡା ଓ ସନ୍ତୋଷ ମୁଣ୍ଡାଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ଆସିବାରେ ବିଳମ୍ବକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବଡ଼ବିଲ ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତ, ଗୁଆଲି ଫରେଷ୍ଟର ଶରତ କୁମାର ପଟ୍ଟନାୟକ, ଫରେଷ୍ଟ ଗାର୍ଡମାନେ ଆହତ ହୋଇଥିଲେ। ପୋଲିସ ବନ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଆକ୍ରମଣକାରୀଙ୍କ କବଳରୁ ଉଦ୍ଧାର କରିଥିଲା। ଘଟଣାକୁ ନେଇ ଶନିବାର ଅପରାହ୍ନରେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ ଓ କାର୍ଯ୍ୟରେ ବାଧା ଦେବା ଅଭିଯୋଗ ନେଇ ବଡ଼ବିଲ ବନାଞ୍ଚଳ ଅଧିକାରୀ ରାଉତ ରୁଗୁଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୬୯/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଥିସହ ଶନିବାର କେନ୍ଦୁଝର ଡିଭିଜନ, ଓଡ଼ିଶା ଅଣ ଗେଜେଟେଡ୍ ବନ ସେବା ସଂଘ କେନ୍ଦୁଝର ଜିଲା ମୁଖ୍ୟାଳୟରେ ପ୍ରତିବାଦ କରିବା ସହ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ପ୍ରତିବାଦ କରିଥିଲା। ରୁଗୁଡି ପୋଲିସ ରବିବାର ଘଟଣାରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୮ଜଣଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।



ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଗିରଫ ୮ ଅଭିଯୁକ୍ତ।

# ଯୁବକଙ୍କୁ ମାରି ପୋଖରୀକୁ ଫିଙ୍ଗିଦେଲେ



ସ୍ଥାନୀୟ ଲୋକେ ପୋଲିସକୁ ଠେଲାପେଲା କରୁଛନ୍ତି।

**କେନ୍ଦୁଝର/ପାଟଣା,୧୫।୬ (ନରେଶ ଚନ୍ଦ୍ର ପଟ୍ଟନାୟକ/ବୀର କିଶୋର ଦାଶ)**

- ହତ୍ୟା ଅଭିଯୋଗରେ ୬ ଅଟକ
- ପୋଲିସକୁ ଗୋଡ଼ାଇ ପିଟିଲେ ମହିଳା

ଜଣେ ଯୁବକଙ୍କୁ କେତେଜଣ ବ୍ୟକ୍ତି ହତ୍ୟା କରି କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଖିରେଇଟାଙ୍ଗିରି ପଞ୍ଚାୟତ ଡଳଙ୍ଗ ଗ୍ରାମ ମୁଣ୍ଡା ସାହି ପୋଖରୀରେ ଫିଙ୍ଗିଦେଇଛନ୍ତି। ମୃତକ ହେଲେ ପାଟଣା ବ୍ଲକ୍ କଣ୍ଟିଆପଡ଼ା ବେହେରା ସାହିର ରୟା ବେହେରା(୫୦)। ସେ ଜିଲା ମୁଖ୍ୟ ଡାକ୍ତରଖାନାରେ ଡ୍ରେସ୍‌ର ଭାବରେ କାମ କରୁଥିଲେ। ପରିବାର ଲୋକଙ୍କ ଅଭିଯୋଗରେ ପୋଲିସ ୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବେଆଇନ ମଦ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଅଭିଯୋଗ କରି ସ୍ଥାନୀୟ ମହିଳା ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ଉପୁଜିଥିବା ବେଳେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ମୃତକଙ୍କ ପୁଅ ମନୋରଞ୍ଜନ ବେହେରାଙ୍କ ଅଭିଯୋଗ ମୁତାବକ, ରୟା ଶନିବାର ରାତିରେ ମଦ୍ୟପାନ କରିବାକୁ ଯାଇଥିଲେ। କୌଣସି କାରଣକୁ ନେଇ ବେଆଇନ ମଦ ବ୍ୟବସାୟ କରୁଥିବା ଲୋକଙ୍କ ସହ ତାଙ୍କର ବଚସା ହୋଇଥିଲା। ମଦ ବ୍ୟବସାୟୀ ପିଟି ହତ୍ୟା କରି ପାଖ ପୋଖରୀରେ ଫିଙ୍ଗିଦେଇଥିଲେ। ରବିବାର ସ୍ଥାନୀୟ ଲୋକେ ମଦ ଦୋକାନ ପାଖ ପୋଖରୀରେ ମୃତଦେହ ପଡ଼ିଥିବା ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିବା କହିଥିଲା। ପୋଲିସ ବେଆଇନ ମଦ ବ୍ୟବସାୟୀଙ୍କୁ ପରୋକ୍ଷରେ ସୁରକ୍ଷା ଦେଉଥିବା ଅଭିଯୋଗ କରି ମହିଳାମାନେ ପୋଲିସ କର୍ମଚାରୀଙ୍କୁ ଗୋଡ଼ାଇ ମାଡ଼ ମାରିଥିଲେ। ଅଞ୍ଚଳରେ ବେଆଇନ ମଦ କାରବାରକୁ କେତେଜଣ ପୋଲିସ ଅଧିକାରୀ ପ୍ରୋତ୍ସାହନ ଦେଇ ଆସୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ହେଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ମହାବୀର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ମାଳତୀ ଦେହୁରୀ ଅଭିଯୋଗ କରିଛନ୍ତି। ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି, ଏନେଇ ଏକ ମାମଲା(ନଂ.୧୨୯/୨୫)ରୁଜୁ ହୋଇଛି। ୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡ଼ିବ। ଗ୍ରାମବାସୀଙ୍କ ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ।

# ପୋଲିସ ଘରେ ପୋଲିସ ଚଢ଼ାଉ

**ବୌଦ୍ଧ,୧୫।୬(ଅଜିତ କୁମାର ବାରିକ)**

ବୌଦ୍ଧ ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କ ଘରେ ବୌଦ୍ଧ ପୋଲିସ ପକ୍ଷରୁ ରବିବାର ସନ୍ଧ୍ୟାରେ ଚଢାଉ କରାଯିବା ଘଟଣା ସହରରେ ଚର୍ଚ୍ଚା ସୃଷ୍ଟି କରିଛି। ସୂଚନା ମୁତାବକ, ବୌଦ୍ଧ ଥାନାର କନଷ୍ଟେବଲ ହୃଦାନନ୍ଦ ବେହେରାଙ୍କ ପୋଡାପଡାସ୍ଥିତ ବାସଭବନରେ ବୌଦ୍ଧ ପୋଲିସର ଏକ ଟିମ୍ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଚଢାଉ କରିଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ ରାୟ ଓ ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରି ପ୍ରମୁଖ ଚଢାଉସ୍ଥଳରେ ପହଞ୍ଚିବା ପରେ କିଛି ବଡ ଘଟଣାକୁ ନେଇ ଏହି ଚଢାଉ କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ପୋଲିସ ଏଯାଏ ଚଢାଉର କାରଣ କହି ନ ଥିବା ବେଳେ କୁଆଡେ ଟଙ୍କା ନେଣଦେଣ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଏହି ଚଢାଉ କରାଯାଇଥିବା କୁହାଯାଉଛି। ତଦନ୍ତ ପରେ ଘଟଣା ସମ୍ପର୍କରେ ସୂଚନା ଦିଆଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଗୋୟଲ ସୂଚନା ଦେଇଛନ୍ତି।

# ୩ ଗିରଫ, ରିମାଣ୍ଡରେ ଆଣିବ ପୋଲିସ



ଖବରଦାତା ସମ୍ମିଳନୀରେ ଗିରଫ ଡକାୟତଙ୍କ ସହ ପୋଲିସ।

**କୁଚିଣ୍ଡା,୧୫।୬(ବିରଞ୍ଚି ଦର୍ଶୀ)**

## ଚାରଭାଟି ଡକାୟତି ଘଟଣା

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଚାରଭାଟି କାର୍ମେଲ ନିକେତନର ଫାଦରଙ୍କ ଘରେ ହୋଇଥିବା ଡକାୟତି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଡକାୟତମାନେ ହେଲେ କୁଚିଣ୍ଡା ଥାନା କୁଇଲାରିଡୁଡାର ଅଦିଲ କେର୍କେଟା(୨୫), କୁଚିଣ୍ଡା ଏନଏସି ୱାର୍ଡ ନଂ.୨ର ପିଙ୍କି ସୋନି ଓରଫ ମୂଷା(୪୦) ଓ ୱାର୍ଡ ନଂ.୫ର ସୁବାସ ନାଏକ ଓରଫ ରାମଭୁଲା(୨୮)। ଫାଦର ସିଲବିନିସ ଖେସଙ୍କ ରିପୋର୍ଟ କ୍ରମେ ଦଫା ୩୧୦(୨) ବିଏନ୍‌ଏସ(ନଂ.୧୩୮/୨୫)ପୋଲିସ କୁଚିଣ୍ଡା ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ଗିରଫ ଡକାୟତଙ୍କୁ ରବିବାର କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରିଛି। ଝାଡ଼ଖଣ୍ଡ ପ୍ରଦେଶ ସିମଡେଗା ଜିଲା ଡେପୁଟି ଏସପି ରଣବୀର ସିଂ ଓ କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସଙ୍କ କୁଚିଣ୍ଡା ଥାନାରେ ହୋଇଥିବା ମିଳିତ ଖବରଦାତା ସମ୍ମିଳନୀରେ ଘଟଣାର ଖୁଲାସା କରି ଗିରଫ ଡକାୟତଙ୍କୁ ରିମାଣ୍ଡରେ ଆଣିବାକୁ ପ୍ରକାଶ କରିଛି। ପୋଲିସ ସେମାନଙ୍କ ଠାରୁ ୨୧ହଜାର ୩୦୦ଟଙ୍କା, ଏକ ମୋଟର ସାଇକେଲ, ମୋବାଇଲ ଫୋନ, ହାତ ମୋଜା, ଶାର୍ଟ ଓ ଟୋପି ଜବତ କରିଛି।

ସୂଚନା ଅନୁଯାୟୀ, କୁଚିଣ୍ଡା ଥାନା ଚାରଭାଟି କାର୍ମେଲ ନିକେତନରେ ଗତ୨୩।୫।୨୫ ବିଳମ୍ବିତ ରାତିରେ ଫାଦର ସିଲବିନିସ ଖେସଙ୍କ ଘରେ ମୁଖା ପିନ୍ଧା ଡକାୟତମାନେ ପଶି ତାଙ୍କୁ ମାଡମାରି ୨ଲକ୍ଷ ୮୦ ହଜାର ଟଙ୍କା, ପ୍ରିଣ୍ଟର ଓ କ୍ୟାସିଓ ଲୁଟିନେଇଥିଲେ। ସେହିପରି ଗତ ୯ରେ ଝାଡ଼ଖଣ୍ଡ ପ୍ରଦେଶ ସିମଡେଗା ଜିଲା ସମସେରା ଚର୍ଚ୍ଚରେ ଏକ ଡକାୟତି ଘଟଣାରେ ଗିରଫ ୩ଡକାୟତ ସାମିଲ ଥିବା ପୋଲିସ ଜାଣିବାକୁ ପାଇଥିଲା। ସମ୍ବଲପୁର ଏସପିଙ୍କ ନିର୍ଦ୍ଦେଶ କ୍ରମେ କୁଚିଣ୍ଡା ଏସଡିପିଓଙ୍କ ତତ୍ତ୍ୱାବଧାନରେ କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ, ଏସଆଇ ହାଡୁ ବେହେରା, ଅମର ହୋତା, ଲବଲି ପ୍ରଧାନ, ଏଏସଆଇ ସୋମନାଥ ବିଶ୍ୱାଳ, ସଂଗ୍ରାମ କେଶରୀ ବେହେରାଙ୍କୁ ନେଇ ଗଠିତ ଟିମ ସିମଡେଗା ପୋଲିସ ସହାୟତାରେ ଚଢାଉ କରି ୩ଜଣ ଡକାୟତଙ୍କୁ ଗିରଫ କରିଛି।

# କଲିମ ବେଗ୍ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

**ସମ୍ବଲପୁର,୧୫।୬(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ କୁମ୍ଭାରପଡ଼ାରେ ଗତ ଶନିବାର ସନ୍ଧ୍ୟାରେ ଘଟିଥିବା କଲିମ ବେଗଙ୍କ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ମାୟା ବଗିଚାର ମହମ୍ମଦ ଅର୍ମାନ ଓରଫ ନାନୁ(୨୦)। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ପୋଲିସ ଜବତ କରିଛି। ଏକ ହତ୍ୟା ମାମଲାରେ ଜେଲ୍‌ରେ ରହିବା ପରେ କଲିମ୍ କିଛିଦିନ ତଳେ ଜାମିନ୍‌ରେ ମୁକୁଳି ଥିଲେ। ଶନିବାର ସନ୍ଧ୍ୟାରେ କୁମ୍ଭରପଡ଼ାରେ ଏକ ସ୍ଥାନରେ ସେ ସାଙ୍ଗମାନଙ୍କ ସହ କଥା ହେଉଥିବା ସମୟରେ ଅର୍ମାନ ସେଠାରେ ପହଞ୍ଚି ଅତର୍କିତ ଭାବେ ତାଙ୍କୁ ଛୁରି ଭୁସି ଫେରାର ହୋଇ ଯାଇଥିଲେ। ତାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଧନୁପାଲି ଥାନାରେ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୩(୧), ୩(୫)ରେ ଏକ ମାମଲା(ନଂ,୧୬୧/୨୫)ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ରବିବାର ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଛି। ନିଜ ବଡ଼ଭାଇଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଅର୍ମାନ କଲିମଙ୍କୁ ହତ୍ୟା କରିଥିବା ଚର୍ଚ୍ଚା ହେଉଛି।

# ନିବେଶ ଆଳରେ ୧୨ ଲକ୍ଷ ଟଙ୍କା ଠକେଇ

**ଭୁବନେଶ୍ୱର,୧୫।୬(ସତ୍ୟଜିତ୍ ରାଉତ)**

## ଭଦ୍ରକରୁ ଜଣେ ଅଭିଯୁକ୍ତ ଗିରଫ

ନିବେଶ ଆଳରେ ଚନ୍ଦ୍ରଶେଖରପୁର ଥାନା ବିଡିଏ କଲୋନୀର ଧର୍ମେନ୍ଦ୍ର ପୃଷ୍ଟିଙ୍କଠାରୁ ୧୨ଲକ୍ଷ ୨ହଜାର ଟଙ୍କା ଠକେଇ ହୋଇଛି। ଏନେଇ ଅଭିଯୋଗ ପରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଗ୍ରାମମାଞ୍ଚଳ ଥାନା ବରପଦା କାଉପୁର ଗାଁର ଉମାଶଙ୍କର ଦୀକ୍ଷିତ(୪୧)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, କିଛିମାସ ତଳେ ଧର୍ମେନ୍ଦ୍ରଙ୍କୁ ଠକମାନେ ସୋସିଆଲ୍ ମିଡିଆରେ ମେସେଜ୍ କରି ଅଧିକ ଲାଭ ଦେବାର ଲୋଭ ଦେଖାଇ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଏଥିସହ ଏ କେ କ୍ୟାପିଟାଲ ଲିଃ ନାମକ ଏକ ଫେକ୍ କମ୍ପାନୀର ଲିଙ୍କ୍ ପଠାଇଥିଲେ। ଧର୍ମେନ୍ଦ୍ର ଏଥିରେ ପ୍ରଲୋଭିତ ହୋଇ ନିବେଶ କରିବାକୁ ରାଜି ହେବା ସହ ଠକଙ୍କ ଦୁଇଟି ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ମଧ୍ୟ ଯୋଡି ହୋଇଥିଲେ। ସେ ୧୨ ଲକ୍ଷ ୨ ହଜାର ଟଙ୍କା ନିବେଶ କରିବା ପରେ କୌଣସି ଲାଭ ପାଇ ନ ଥିଲେ। ଏପରିକି ମୂଳ ଧନ ମଧ୍ୟ ଉଠାଇ ପାରି ନ ଥିଲେ। ଏ ନେଇ ଧର୍ମେନ୍ଦ୍ରଙ୍କ ଏତଲାକ୍ରମେ ସାଇବର ଥାନା ପୋଲିସ ଫେବୃଆରୀ ୨୪ରେ ମାମଲା (ନଂ.୩୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଠକେଇ ଟଙ୍କାରୁ ଉମାଶଙ୍କରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫ ଲକ୍ଷ ଯାଇଥିବା ତଦନ୍ତରୁ ଜଣାପଡିଥିଲା। ଉମାଶଙ୍କର ଏମ୍/ଏସ୍ ଦିକ୍ଷିତ୍ ଏଣ୍ଟରପ୍ରାଇଜର୍ସ ନାଁରେ ଏକ କରେଣ୍ଟ ଆକାଉଣ୍ଟ ଖୋଲିଥିଲେ। ଏହି ଆକାଉଣ୍ଟକୁ ସେ ସାଇବର ଠକଙ୍କୁ ବ୍ୟବହାର କରିବାକୁ ଦେଇଥିଲେ। ତାଙ୍କ ଆକାଉଣ୍ଟରେ ପ୍ରତି ଟ୍ରାଞ୍ଜାକ୍ସନ ପାଇଁ ଉମାଶଙ୍କର ୨ ପ୍ରତିଶତ କମିଶନ ପାଉଥିଲେ। ତେବେ ଉମାଶଙ୍କରଙ୍କ ଆକାଉଣ୍ଟଟି ୮ଟି ରାଜ୍ୟରେ ସାଇବର ଠକେଇରେ ବ୍ୟବହାର ହୋଇଥିବା ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି।


# Classified Everyday
**0674-2580101, 9692975378**




**SALE**

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର- 6000/-, ଝାରପଡ଼ା- 4600/- contact- 7978551614, 9439049194. D-950

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9 0 9 0 7 4 6 4 4 5, 7008067338.** D-76275




3 Office Space- 1. 2000sqft in 1st floor, 2.780sqft 2nd floor fully furnished Office, 3. 1000sqft in 3rd floor at 5- Janpath, Unit-3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845, 7504050186. D- 76833




Newly open SPA positively health benefits (expert therapist). Contact- 7327030529. D-76918

**Relax, Refresh your body, Mind at Saikrupa SPA with best therapies. 7848011468.** D-859

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**AFFIDAVIT**

I Priyadarsini Satapathy, aged about 30 years, W/o-Ankit Sobhan Satapathy, At-Sriram Nagar, P.O.-Khordha, P.S.-Model PS, Dist.-Khordha, PIN-752055 I do declar by this affidavit No.- 1787, dated on 12.06.25 that Priyadarsini Panda & Priyadarsini Satapathy, both names are one & same person i,e myself to be identified as Priyadarsini Satapathy, W/o-Ankit Sobhan Satapathy for all purposes. D-948

I, Pati Mukhi, S/o-Late Dibakar Mukhi, Vill/P.O.- Machhakuta, P.S.- Chhendipada, Dist.- Angul, Odisha, Affidavit No.- 794, dated-27.05.2025 sworn before the Executive Magistrate, Chhendipada. I have changed my old name Patitapaban Behera to Pati Mukhi. Patitapaban Behera and Pati Mukhi is one & same person. Henceforth, shall be known as Pati Mukhi for all future purposes. D-947

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ ନାରାୟଣ ମିଶ୍ର**
ଭୁବନେଶ୍ୱର
ଆବିର୍ଭାବ: ୦୪।୧୧।୧୯୩୯
ତିରୋଧାନ: ୦୫।୦୬।୨୦୨୫
ଚାହୁଁ ଚାହୁଁ ବାରଦିନ ବିତିଗଲା, ତଥାପି ଆପଣ ଆମ ସାଙ୍ଗେ ଥିଲାପରି ଅନୁଭବ କରୁଛୁ। ଆପଣଙ୍କ କର୍ତ୍ତବ୍ୟପରାୟଣତା, ମୂଲ୍ୟବୋଧତା, ସମୟାନୁବର୍ତ୍ତିତା, ନିଃସ୍ୱାର୍ଥପରତା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ସରଳତା ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ ହୋଇ ରହୁ ଆପଣଙ୍କ ପବିତ୍ର ଆତ୍ମା ଚିର ଶାନ୍ତି ଲାଭ କରୁ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ଏତିକି ବିନତି।
ଆପଣଙ୍କର ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, କନ୍ୟା, ପୁତ୍ରବଧୂ, କୋଇଁ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀମାନେ
ଧ-୮୮୮

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରାଜଲକ୍ଷ୍ମୀ ରଥ**
ବୋଉ, ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା, ପ୍ରତି ମୁହୂର୍ତ୍ତରେ ଲାଗୁଛି ତୁ ଆମ ପାଖରେ ଅଛୁ। ମାୟା ସଂସାରରେ ଲିଳାଖେଳା କରି ଆଷାଢ଼ କୃଷ୍ଣପକ୍ଷ ପଞ୍ଚମୀରେ ତୁ ଆର ପାରିକୁ ଚାଲିଗଲୁ। ଆଜିର ଏ ଦିନରେ ପ୍ରଭୁ ଜଗନ୍ନାଥ ତୋ ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ। ତୁ ଯୋଉଠି ଥା ଆମକୁ କରୁଣା ଦୃଷ୍ଟିରେ ଚାହିଁ ଥା।
ଇତି ତୋର ହତଭାଗା ଟୁନୁ, ମୁନୁ, ରୁନୁ, ବେବି, ସିଲୁ, ବର୍ଷା ଏବଂ ବନ୍ଧୁ, ପରିବାରବର୍ଗ
ଧ-୯୪୬

**ପ୍ରେମପୂର୍ଣ୍ଣ ସ୍ମୃତିରେ**



**୰ଶ୍ରୀମତୀ ଚାରୁ ପଟେଲ**
ଆବିର୍ଭାବ: ୨୫।୦୮।୧୯୫୧
ତିରୋଧାନ: ୦୬।୦୬।୨୦୨୫
ତୁମେ ୦୬ ଜୁନ ୨୦୨୫ ଶୁକ୍ରବାର (ବଡ଼ ଏକାଦଶୀ) ଦିନ ଶାନ୍ତିପୂର୍ଣ୍ଣ ଭାବରେ ସ୍ୱର୍ଗସ୍ଥାନକୁ ଚାଲିଗଲ କିନ୍ତୁ ତୁମେ ଆମ ହୃଦୟ ଏବଂ ଚିନ୍ତାଧାରାରେ ସର୍ବଦା ବଞ୍ଚି ରହିବ।
ତୁମକୁ ସ୍ନେହରେ ମନେ ରଖିବୁ: ସଂଗ୍ରାମ କେଶରୀ (ସ୍ୱାମୀ), ସୋନିଆ, ହରପ୍ରସନ୍ନ (ଝିଅ,ଜ୍ୱାଇଁ), କୁନାଳ, ସସ୍ମିତା (ପୁଅ,ବୋହୂ), ନୀଲ, ଆଶି, କୁମା (ନାତି,ନାତୁଣୀ), ପାକା, ଚପଲା, ସ୍ୱର୍ଗତ ବାବୁଲା, ସ୍ୱର୍ଗତ ସେଲି, କୁନା, ଜେନି, ଟୁକୁଲି, ବବି, ବାଲୁ, ସିପ୍ରା, ମାମା, ପିୟୂଷ, ରାଜ, ଲଲି, ପେଣ୍ଟା, ପୁଲୁ, ରୂପମ, ପକ୍କୁ, ପଟେଲ ପରିବାର ସଦସ୍ୟ ଏବଂ ବନ୍ଧୁମାନେ
ଧ-୯୧୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବାବାଜୀ ଚରଣ ନାୟକ**
ସୋଧ, ଦୋବଲ, ଧାମନଗର, ଭଦ୍ରକ
ଆବିର୍ଭାବ-୦୩।୦୧।୧୯୩୮
ତିରୋଧାନ-୦୬।୦୬।୨୦୨୫
ବାପା, ଆପଣ ଆଜକୁ ଏଗାର ଦିନ ହେବ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ। ଆପଣଙ୍କ ଭଲପାଇବା ସବୁଦିନ ସବୁ ସମୟରେ ଆମର ମନେ ରହିବ। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପାର୍ଥନା ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ- ପୁତ୍ର: ତପନ ନାୟକ, ବିପିନ ବିହାରୀ ନାୟକ, ପ୍ରସନ୍ନ ନାୟକ, ନିକୁଞ୍ଜ ବିହାରୀ ନାୟକ, ବନ୍ଧୁ-ବାନ୍ଧବ ଓ ନାୟକ ପରିବାରବର୍ଗ
ଧ-୯୪୯

# ପ୍ରକୃତିର ଝାଡୁଦାର



ଦେବାଶିଷ ମହାନ୍ତି

''ଗୋବର ପୋକ କୃଷକକୁ ପ୍ରାକୃତିକ ସାର ଯୋଗାଇବାରେ ସାହାଯ୍ୟ କରନ୍ତି ଓ ପ୍ରାକୃତିକ କୀଟନାଶକ ଭାବରେ କାର୍ଯ୍ୟ କରନ୍ତି। ତେଣୁ କୃତ୍ରିମ ସାର ଓ କୀଟନାଶକ ବ୍ୟବହାର ହ୍ରାସ କରି ଏହାର ବିଷାକ୍ତ ପ୍ରଭାବରୁ ମନୁଷ୍ୟକୁ ରକ୍ଷା କରିବା ସହିତ ପରିବେଶକୁ ରକ୍ଷା କରନ୍ତି। ଗୋବରରୁ ମିଥେନ ବାଷ୍ପ ବାହାରେ, ଯାହା ଏକ ସବୁଜ କୋଠରି ତଥା ବିଷାକ୍ତ ବାଷ୍ପ। ଏହା ବାୟୁ ମଣ୍ଡଳର ତାପମାତ୍ରା ବୃଦ୍ଧି କରେ। ଗୋବର ପୋକ ଗୋବରକୁ ନଷ୍ଟ କରି ଏହି ବାଷ୍ପ ଉତ୍ପାଦନକୁ ବହୁ ମାତ୍ରାରେ କମେଇ ଦିଏ ଓ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧିକୁ ପ୍ରତିହତ କରେ।''





ଏକ ରବିବାରର ମେଘୁଆ ସକାଳ। ମୁଁ ବାଲକୋନୀରେ ବସି ଖବରକାଗଜ ପଢ଼ିବା ସହିତ ଗରମ ଚା ଢୋକର ମଜା ନେଉଥିଲି ଓ ମୋ ପୁଅ ଓମ୍ ସେଠାରେ ମୋ ପାଖରେ ବସିଥିଲା। ଏହି ସମୟରେ ଏକ କଳା ବଡ଼ ପୋକ, କେଉଁଆଡୁ ଉଡ଼ି ଆସି ଆମ ଗୋଡ଼ ପାଖରେ ପଡ଼ିଲା ତାକୁ ଦେଖି ଓମ୍ ଡରିଗଲା ଓ କହିଲା ଏହି ଭୟାନକ କୀଟକୁ ଶୀଘ୍ର ମାରିଦିଅ। ମୁଁ ଟିକେ ହସିକି କହିଲି, ''ଏହା ଏକ ଭୟାନକ କୀଟ ନୁହେଁ ବରଂ ଆମର ତଥା ସମଗ୍ର ଜୀବଜଗତର ଅତି ଉପକାରୀ କୀଟ।'' ଏହା ଶୁଣି ଓମ୍ ଅତି ଆଶ୍ଚର୍ଯ୍ୟ ହୋଇ ମୋ ମୁହଁକୁ ଅନାଇଲା। ଏତିକି ବେଳେ ମଇଳା ପୋଷାକ ପିନ୍ଧିଥିବା ସଫେଇ କର୍ମଚାରୀ, ଝାଡୁ ଏବଂ ଗାଡ଼ି ଧରି, ରାସ୍ତାରେ ଅଳିଆ ଅଳିଆ ଡାକ ଦେଇ ଦେଇ ଆମ ଘର ସାମ୍ନା ରାସ୍ତା ଅତିକ୍ରମ କଲା। ତାକୁ ଦେଖି ମୁ ପଚାରିଲି ଏ ଲୋକକୁ ଚିହ୍ନିଛୁ। ସେ ସଙ୍ଗେ ସଙ୍ଗେ କହିଲା ହଁ, ସେ ହେଲା ଅଳିଆ ବାଲା। ମୁଁ ଟିକେ ହସି କି କହିଲି ସେ ସଫେଇ ବାଲା ଆମେ ଅଳିଆ ବାଲା। ମୁଁ ସେହି ବ୍ୟକ୍ତିଙ୍କୁ ସମ୍ମାନର ସହିତ ଦେଖିଲି ଏବଂ କହିଲି, ''ସେମାନଙ୍କର କାମ ଆମକୁ ଅସନା ଲାଗିପାରେ ଓ ଅଧିକାଂଶ ବ୍ୟକ୍ତି ତାଙ୍କୁ ଘୃଣା ଚକ୍ଷୁରେ ଦେଖନ୍ତି। କିନ୍ତୁ ଟିକେ ଭାବିଲ ସେମାନେ ସବୁଠାରୁ କଷ୍ଟକର କାମ, ଯାହା କେହି କରନ୍ତିନି ସେ କାମ ସେମାନେ କରନ୍ତି। ସେମାନଙ୍କ ବିନା, ଆମର ସହର ଗୁଡ଼ିକ ଅଳିଆ ଆବର୍ଜନାରେ ବୁଡ଼ିଯିବ। ସେମାନଙ୍କ ଯୋଗୁ ଆମ ପରିବେଶ ସ୍ୱଚ୍ଛ ରହେ ଓ ଆମେ ସୁସ୍ଥ ରହୁ। ରାସ୍ତାର ଏହି ମଳିମୁଣ୍ଡିଆ ଲୋକଟି ଯେପରି ଆମ ସ୍ୱାସ୍ଥ୍ୟର ଓ ପରିବେଶର ନୀରବ ରକ୍ଷକ, ଠିକ୍ ସେହିପରି ତୋତେ ଭୟଙ୍କର ଲାଗୁଥିବା ଏହି କୁନି କୀଟଟି ପୃଥିବୀର ସମସ୍ତ ଜୀବଜନ୍ତୁଙ୍କ ମଳ ସଫା କରି ପୃଥିବୀକୁ ସ୍ୱଚ୍ଛ ରଖୁଥିବା ପୃଥିବୀର ସଫେଇ କର୍ମଚାରୀ– ଗୋବର ପୋକ। ଏହି କୀଟକୁ ଇଂଲିଶରେ ଡଙ୍ଗ୍ ବିଟଲ ଓ ହିନ୍ଦୀରେ ଗୁବ୍ରେଲା ବୋଲି କୁହାଯାଏ। ଏହା ବୈଜ୍ଞାନିକ ମତ ଅନୁଯାୟୀ ସ୍କାରାବେଇଓଡିଆ ମହା ପରିବାର ଅନ୍ତର୍ଭୁକ୍ତ। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍କାରାବେଇଡାଇ ପରିବାରର ସ୍କାରାବେଇନାଏ ଏବଂ ଆଫୋଡିନାଏ ଉପପରିବାର ଅନ୍ତର୍ଭୁକ୍ତ। ଏହା ଥରେ ଭାବି ଦେଖ ପୃଥିବୀରେ କୋଟି କୋଟି ପ୍ରକାରର ଜୀବଜନ୍ତୁ ଅଛନ୍ତି। ସେମାନେ ପ୍ରତିଦିନ ମଳ ତ୍ୟାଗ କରନ୍ତି। ଯଦି ଏହି ମଳକୁ ସଫା କରିବାକୁ କେହି ନଥାନ୍ତେ, ତେବେ ପୃଥିବୀ ମଳ ଗଦାରେ ପରିଣତ ହୋଇ ସାରନ୍ତାଣି ଓ ବିଭିନ୍ନ ପ୍ରକାର ରୋଗ ବ୍ୟାଧି ବ୍ୟାପି ପୃଥିବୀର ଜୀବଜଗତ ବିଲୁପ୍ତ ହୋଇ ଯାଇଥାନ୍ତା। ଭଗବାନ ବା ପ୍ରକୃତି ଏହି କୁନି କୀଟ ଗୋବର ପୋକକୁ ଜୀବଜନ୍ତୁମାନଙ୍କର ମଳ ସଫା କରିବାର ମହାନ ଦାୟିତ୍ୱ ଅର୍ପଣ କରିଛନ୍ତି।

ଗୋବର ପୋକ ହେଉଛି କ୍ଷେତ, ଜଙ୍ଗଲ ଏବଂ ଘାସଭୂମିରେ ଦେଖାଯାଉଥିବା ଛୋଟ କୀଟ। ସେମାନେ ପଶୁମାନଙ୍କ ଗୋବର ଖାଇଥାନ୍ତି ଏବଂ ସଂଗ୍ରହ କରନ୍ତି – ଯାହାକୁ ଆମେ ମଳ ବୋଲି କହିଥାଉ। ସେମାନେ ୫୦ କିମି ଦୂରରୁ ପଶୁମାନଙ୍କ ଗନ୍ଧ ଶୁଙ୍ଘି ପାରନ୍ତି। ସେମାନେ ଗୋବରକୁ ଛୋଟ ଛୋଟ ବଲ୍ କରି ଠେଲି ଠେଲି ନିଅନ୍ତି। ତୁ ଶୁଣି ଆଶ୍ଚର୍ଯ୍ୟ ହେବୁ ଯେ ଗୋବର ପୋକ ନିଜ ଓଜନର ୧୦୦୦ ଗୁଣ ଅଧିକ ଓଜନର ଗୋବର ବଲ୍‌କୁ ଠେଲି ଠେଲି ନେଇପାରେ, ଯାହା ଜଣେ ମଣିଷ ୧୦ଟି ବସକୁ ଏକା ସଙ୍ଗେ ଠେଲିବା ସଙ୍ଗେ ସମାନ। କେତେକ କୀଟ ଗୋବରକୁ ସମ୍ପୂର୍ଣ୍ଣ ଛୋଟ ବଲ କରି ମାଟି ତଳେ ପୋତି ଦିଅନ୍ତି। ଅନ୍ୟମାନେ ସୁଡ଼ଙ୍ଗ ଖୋଳି ଗୋବରକୁ ଖାଦ୍ୟ କିମ୍ବା ଅଣ୍ଡା ଦେବା ପାଇଁ ସ୍ଥାନ ଭାବରେ ବ୍ୟବହାର କରନ୍ତି। ଯଦିଓ ଏହା ଆମକୁ ଅପ୍ରୀତିକର ମନେ ହୋଇପାରେ, ପ୍ରକୃତି ପାଇଁ ଏହା ସ୍ୱଚ୍ଛତାର ଏକ ଦାନ। ଯେପରି ଝାଡୁଦାରମାନେ ଆମର ଚାରିପାଖକୁ ସଫା ରଖନ୍ତି, ସେହିପରି ଗୋବର ପୋକମାନେ ପ୍ରକୃତିକୁ ପରିଷ୍କାର ରଖନ୍ତି ଓ ପ୍ରକୃତି, ଜୀବଜଗତ ସର୍ବୋପରି ମାନବ ଜାତିର ବହୁ ଉପକାର କରନ୍ତି। ଯଥା ପାରିବେଶିକ ସଫେଇ। ସେମାନେ ଗୋବର ଜମା ହେବା ପୂର୍ବରୁ ଏହାକୁ ନଷ୍ଟ କରି ମାଟି କରିଦିଅନ୍ତି। ଏହାଦ୍ୱାରା ମାଛି ନିୟନ୍ତ୍ରଣ କରିବାରେ ଏବଂ ରୋଗ ପ୍ରତିରୋଧ କରିବାରେ ପରୋକ୍ଷରେ ସାହାଯ୍ୟ କରନ୍ତି।

ପୋତି ଦିଆଯାଇଥିବା ଗୋବର ମାଟିକୁ ପୁଷ୍ଟିକର ପଦାର୍ଥ ସହିତ ସମୃଦ୍ଧ କରେ ଓ ଜୈବିକ ସାର ଭାବେ କାର୍ଯ୍ୟ କରି, ଗଛ ତଥା ଫସଲ ବଢ଼ିବାରେ ସାହାଯ୍ୟ କରେ। ଚାଷୀମାନଙ୍କୁ ସହାୟତା – ଚାରଣ ଭୂମିରେ, ଗୋବର ପୋକମାନେ କୀଟପତଙ୍ଗ ହ୍ରାସ କରନ୍ତି ଏବଂ ପଶୁପାଳନ ପାଇଁ ଚାରଣ ଭୂମିର ଗୁଣବତ୍ତା ଉନ୍ନତ କରନ୍ତି। ଗୋବର ପୋକ କୃଷକକୁ ପ୍ରାକୃତିକ ସାର ଯୋଗାଇବାରେ ସାହାଯ୍ୟ କରନ୍ତି ଓ ପ୍ରାକୃତିକ କୀଟନାଶକ ଭାବରେ କାର୍ଯ୍ୟ କରନ୍ତି। ତେଣୁ କୃତ୍ରିମ ସାର ଓ କୀଟନାଶକ ବ୍ୟବହାର ହ୍ରାସ କରି ଏହାର ବିଷାକ୍ତ ପ୍ରଭାବରୁ ମନୁଷ୍ୟକୁ ରକ୍ଷା କରିବା ସହିତ ପରିବେଶକୁ ରକ୍ଷା କରନ୍ତି। ଗୋବରରୁ ମିଥେନ ବାଷ୍ପ ବାହାରେ। ଯାହା ଏକ ସବୁଜ କୋଠରି ତଥା ବିଷାକ୍ତ ବାଷ୍ପ। ଏହା ବାୟୁ ମଣ୍ଡଳର ତାପମାତ୍ରା ବୃଦ୍ଧି କରେ। ଗୋବର ପୋକ ଗୋବରକୁ ନଷ୍ଟ କରି ଏହି ବାଷ୍ପ ଉତ୍ପାଦନକୁ ବହୁ ମାତ୍ରାରେ କମେଇ ଦିଏ ଓ ବାୟୁ ମଣ୍ଡଳର ତାପମାତ୍ରା ବୃଦ୍ଧିକୁ ପ୍ରତିହତ କରେ। କିନ୍ତୁ ଚାଷ ଜମିରେ ଅତ୍ୟଧିକ ରାସାୟନିକ କୀଟନାଶକ ବ୍ୟବହାର, ଜୀବଜନ୍ତୁଙ୍କ ସଂଖ୍ୟା କମିବା ସହିତ ତାଙ୍କ ଗୋବର ପରିମାଣ କମିବା, ଜୈବ ବିବିଧତାର ଅସନ୍ତୁଳନ ଗୋବର ପୋକମାନଙ୍କ ବଂଶ ଲୋପ କରିବାର ଆଶଙ୍କା ସୃଷ୍ଟି କରିଛି। ସେମାନେ ବିଲୁପ୍ତ ହୋଇ ଗଲେ ପରିବେଶ ଅସନ୍ତୁଳିତ ହୋଇଯିବ ଓ ମନୁଷ୍ୟ ମଧ୍ୟ ବହୁ ବିପଦର ସମ୍ମୁଖୀନ ହେବ। ତେଣୁ ସେମାନଙ୍କୁ ସଂରକ୍ଷିତ ରଖିବା ପାଇଁ ମନୁଷ୍ୟକୁ ସବୁ ପ୍ରକାର ପଦକ୍ଷେପ ନେବାକୁ ପଡ଼ିବ। ଆମେ ପୋକର କାମ ବିଷୟରେ ଆଲୋଚନା କରୁଥିବା ସମୟରେ, ମୁଁ କହିଲି, ''ଝାଡୁଦାର ଏବଂ ପୋକ ଉଭୟ ସମାନ କାମ କରୁଛନ୍ତି । ଅନ୍ୟମାନେ ଯାହା ମଇଳା ଛାଡି ଯାଆନ୍ତି ତାହା ସଫା କରିବା ସେମାନଙ୍କର କାମ। ଏହି କାମ ଅପରିଷ୍କାର ହୋଇପାରେ, କିନ୍ତୁ ଏହା ବିଶ୍ୱକୁ ବାସଯୋଗ୍ୟ କରିଥାଏ।'' ତେଣୁ ମଇଳା ସଫା କରୁଥିବା ଲୋକ ସବୁବେଳେ ମହାନ ଅଟେ। ତାଙ୍କୁ ସର୍ବଦା ସମ୍ମାନ ଦେବା ଉଚିତ। ଆମ ସଂସ୍କୃତି ମଧ୍ୟ ଏଥିରେ ସମ୍ମତି ପ୍ରକାଶ କରେ। ମୋ ପୁଅ ଧୀରେ ଧୀରେ ମୁଣ୍ଡ ହଲାଇଲା ଓ କହିଲା ହଁ ମଇଳା ସଫା କରୁଥିବା ଲୋକ ପ୍ରକୃତରେ ମହାନ। ତେଣୁ ଗୋବର ପୋକ ଓ ଝାଡୁଦାର ଉଭୟ ହିରୋ। ଲୋକମାନେ ଏହାକୁ ଜାଣିପାରୁ ନାହାନ୍ତି। ଠିକ୍ ମୁଁ ଉତ୍ତର ଦେଲି। ଗୋବର ପୋକ ଆମକୁ ଶିଖାଏ ଯେ ସଫା କରିବା ନୀଚ ନୁହେଁ – ଏହା ମହାନ କାର୍ଯ୍ୟ। ଏହା ନୀରବରେ ପ୍ରକୃତିର ସେବା କରେ, ଯେପରି ଆମର ଝାଡୁଦାରମାନେ ନୀରବରେ ସମାଜର ସେବା କରନ୍ତି। ଉଭୟ ଆମର ସ୍ୱାସ୍ଥ୍ୟକୁ ସୁରକ୍ଷା ଦିଅନ୍ତି, ଆମ ଜୀବନକୁ ଉନ୍ନତ କରନ୍ତି ଏବଂ ବିଶ୍ୱକୁ ସ୍ୱଚ୍ଛ ରଖନ୍ତି। ଆସନ୍ତୁ ଆମେ ଆମ ଚାରିପାଖରେ ଥିବା ନୀରବ ଶ୍ରମିକ ଉଭୟ ମଣିଷ ଏବଂ କୀଟପତଙ୍ଗମାନଙ୍କ ପାଇଁ ଆମର ଆଖି ଖୋଲିବା ଏବଂ ଆମର ପରିବେଶକୁ ସଫା ରଖିବା ଏବଂ ସେମାନଙ୍କ ପ୍ରୟାସକୁ ପ୍ରଶଂସା କରିବା। ଭବିଷ୍ୟତରେ ଗୋବର ପୋକ କିମ୍ବା ସଫେଇ କର୍ମଚାରୀଙ୍କୁ ଦେଖିଲେ ଘୃଣା କରିବା ପରିବର୍ତ୍ତେ ସମ୍ମାନ ଜଣାଇବା। କେବେ ଭୁଲିଯିବା ନାହିଁ ଯେ ପ୍ରତ୍ୟେକ ଛୋଟ ହାତ, ଯେତେ ଅଣଦେଖା ହେଉ, ଏକ ବଡ଼ ପାର୍ଥକ୍ୟ ସୃଷ୍ଟି କରେ।

–ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ,
ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ
ମୋ: ୯୮୬୧୩୯୧୧୯୦

## ବୁଦ୍ଧିମତ୍ତା ବଢ଼ାଏ ବ୍ରେକ୍‌ଫାଷ୍ଟ



ଆମେ ସବୁଦିନ ସକାଳ ଜଳଖିଆ ବା ବ୍ରେକ୍‌ଫାଷ୍ଟ ଖାଇବା ନିହାତି ଦରକାର। କାରଣ ଏଥିରେ ଅନେକ ଉପକାରୀ ଗୁଣ ଭରି ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଏହାକୁ ଖାଆନ୍ତି ତେବେ ତାହା ବୁଦ୍ଧିମତ୍ତାର ବିକାଶରେ କେତେକାଂଶରେ ସହାୟକ ହୋଇଥାଏ। ବର୍ଲିନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ହେଲେ ବ୍ରେକ୍‌ଫାଷ୍ଟ ଖାଇବା ବେଳେ କେତେକ ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଦରକାର। ସବୁଠାରୁ ବଡ଼ କଥା ହେଲା ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏହାକୁ ନିୟମିତ ଖାଆନ୍ତୁ। ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବା ଦରକାର। ଏହାର ଖାଦ୍ୟ ତାଲିକାରେ କଦାପି ଗରିଷ୍ଠ ଜାତୀୟ ଖାଦ୍ୟ ସାମିଲ କରନ୍ତୁ ନାହିଁ। ଏଥିରେ ଯେତେ ହାଲୁକା ଖାଦ୍ୟ ସାମିଲ କରିବେ ତାହା ସେତେ ଭଲ ହେବ। ସବୁବେଳେ ବ୍ରେକ୍‌ଫାଷ୍ଟରେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେଉଥିବ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ , ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ ଓ ସକାରାତ୍ମକ ଭାବନା ସୃଷ୍ଟି କରିବ। ବ୍ରେକ୍‌ଫାଷ୍ଟରେ ଟଟକା ଫଳମୂଳ, ଜୁସ୍ ବ୍ୟତୀତ ବ୍ରେଡ୍, ବିସ୍କୁଟ ବି ଖାଇପାରିବେ।

## ସୁନିଦ୍ରାର ସହଜ ଉପାୟ



ଆଜିକାଲିର ବ୍ୟସ୍ତ ଜୀବନ ମଧ୍ୟରେ ଆମେ ଆବଶ୍ୟକ ମୁତାବକ ଶୋଇବା ନିହାତି ଦରକାର। ଯଦି ଭଲ ଭାବରେ ନିଦ ନ ହେଲା ତେବେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତେଣୁ ସୁନିଦ୍ରା ବା ଭଲ ନିଦ ପାଇଁ ଆମେ ଯତ୍ନବାନ ହେବା ନିହାତି ଦରକାର। ଏହାର ଏକ ସରଳ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଅଙ୍ଗୁର ଖାଆନ୍ତି ତେବେ ତାହା ସୁନିଦ୍ରା ପାଇଁ କେତେକାଂଶରେ ସହାୟକ ହୋଇଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। 'ସୁନିଦ୍ରା ଏବଂ ଅଙ୍ଗୁର' ବିଷୟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ନିଦ୍ରାଜନିତ ସମସ୍ୟା ସହ ଜଡ଼ିତ ତଥା ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ କିଛି କିଛି ଅଙ୍ଗୁର ଖାଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଫଳସ୍ୱରୂପ ଏମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି ନିଦ୍ରା ସମସ୍ୟାରୁ ନିଜକୁ କେତେକାଂଶରେ ମୁକ୍ତକରିବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଙ୍ଗୁରରେ ଭିଟାମିନ୍–ସି ଭରି ରହିଛି। ଏହାକୁ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧ ହୋଇଥାଏ। କେବଳ ସେତିକି ନୁହେଁ, ଏହା ରକ୍ତଚାପକୁ ମଧ୍ୟ ସନ୍ତୁଳିତ ରଖେ।

## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ କଲରା



କଲରାର ସ୍ୱାଦ ପିତା ହେଲେ ମଧ୍ୟ ଏହା ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଜଣେ ଡାଇବେଟିସ୍ ରୋଗୀ ପାଇଁ ଏହା ଆହୁରି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ। ଏଥିରେ ଅନେକ ପ୍ରକାର ଭିଟାମିନ୍ ରହିଛି। ତନ୍ମଧ୍ୟରୁ ଭିଟାମିନ୍–ଏ ଆମର ଦୃଷ୍ଟିଶକ୍ତିକୁ ଆହୁରି ଦୃଢ଼ କରିଥାଏ। ଏହାର ଆଣ୍ଟି–ଅକ୍ସିଡାଣ୍ଟ ଗୁଣ ପାଇଁ ବାହାର ଜୀବାଣୁଗୁଡ଼ିକ ସହଜରେ ଶରୀର ଭିତରକୁ ପ୍ରବେଶ କରପାରି ନ ଥାନ୍ତି। କଲରା ଜୁସ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସବୁଠାରୁ ଖାସ୍ କଥା ହେଲା, ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଉଚ୍ଚ ରକ୍ତଚାପକୁ କଲରା କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଏହାକୁ ନିୟମିତ ଖାଇଲେ ତାହା ରକ୍ତକୁ ପରିଷ୍କାର ରଖିବା ସହ ରକ୍ତ ସଞ୍ଚାଳନକୁ ଠିକ୍ ରଖେ। କଲରା ଖାଇଲେ ଆଉ ଏକ ଉପକାର ମଧ୍ୟ ମିଳିଥାଏ। ଏହା ଶରୀରରେ ସହଜରେ ଆଲର୍ଜି ହେବାକୁ ଦେଇ ନ ଥାଏ। ଏପରି କି ଏହାକୁ ଖାଇଲେ ଆଜ୍ମା ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ଏହା ମଧ୍ୟ ଓଜନକୁ ସନ୍ତୁଳିତ ରଖେ।

## ରୋଗ ପ୍ରତିରୋଧକ ଶକ୍ତି ଓ ଯକ୍ଷ୍ମା



ଯକ୍ଷ୍ମା ଏକ ଜୀବାଣୁଜନିତ ଏବଂ ବାୟୁବାହିତ ରୋଗ। 'ମାଇକୋବ୍ୟାକ୍ଟେରିୟସ' ଜୀବାଣୁ ଯୋଗୁ ଏହା ହୋଇଥାଏ। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡେ। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, '' ଶରୀରର ପ୍ରାୟ ସବୁ ରଙ୍ଗକୁ ଯକ୍ଷ୍ମା ଆକ୍ରାନ୍ତ କରିଥାଏ। କିନ୍ତୁ ପାଖାପାଖି ୮୦ ଶତାଂଶ କ୍ଷେତ୍ରରେ ରୋଗ ହୋଇଥାଏ ଫୁସ୍‌ଫୁସ୍‌ରେ। ଜୀବାଣୁଗୁଡିକ ବାୟୁବାହିକ ହୋଇଥିବାରୁ ରୋଗ ମୁଖ୍ୟତଃ ଫୁସଫୁସକୁ ସଂକ୍ରମିତ କରିବା ସ୍ୱାଭାବିକ। ବ୍ୟକ୍ତିର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ ଏହି ଜୀବାଣୁ ଶରୀର ଭିତରେ ଆହୁରି ସକ୍ରିୟ ହୋଇଥାଆନ୍ତି। ରୋଗଟି ବଂଶଗତ ନୁହେଁ। ଡାଇବେଟିସ୍, କ୍ୟାନସର ରୋଗୀ, ଏଚଆଇଭି ସଂକ୍ରମିତ ରୋଗୀ, ଅପପୁଷ୍ଟି ଆକ୍ରନ୍ତ ବ୍ୟକ୍ତି, ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, ମାନସିକ ଚାପଗ୍ରସ୍ତ ବ୍ୟକ୍ତିମାନଙ୍କର ରୋଗପ୍ରତିରୋଧକ ଶକ୍ତି ଅନ୍ୟମାନଙ୍କ ତୁଳନାରେ ଅସନ୍ତୁଳିତ ଥାଏ। ତେଣୁ ଏମାନେ ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଛି। ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ଏହାର ଲକ୍ଷଣଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ଲାଗି ରହିପାରେ। ଏହି ସମୟରେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବା ନିହାତି ଦରକାର। ଏବେ ଡାଇରେକ୍ଟଲି ଅବଜରଭର୍ଡ ଥେରାପି ବା 'ଡଟ୍' (DOT) ପଦ୍ଧତିରେ ଚିକିତ୍ସା କଲେ ସୁଫଳ ମିଳୁଛି।''

## ସ୍ୱାସ୍ଥ୍ୟ ସୂଚନା

➢ବୟସ ବଢ଼ିବା ସହ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା, ଏହି ସମୟରେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଆଦୌ ଭୁଲନ୍ତୁ ନାହିଁ।

➢କୌଣସି ଘଟଣାକୁ ନେଇ ଟେନସନ୍ ହେବା ପରିବର୍ତ୍ତେ ତାହାର ସମାଧାନର ବାଟ ବାହାର କରନ୍ତୁ। କାରଣ ସବୁବେଳେ ଟେନ୍‌ସନ ରହିଲେ ତାହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।

➢ନିଶାଦ୍ରବ୍ୟ ସେବନ ଆମ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ଜାଣିବା ଦରକାର। ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ଏଭଳି ଅଭ୍ୟାସଠାରୁ ଦୂରେଇ ରୁହନ୍ତୁ।



➢ରକ୍ତଚାପ ଏବଂ ମଧୁମେହ ବା ଡାଇବେଟିସ୍ ଏଭଳି ଏକ ସମସ୍ୟା ଯାହା କେତେବେଳେ ଅସନ୍ତୁଳିତ ଅବସ୍ଥାକୁ ଆସିଯାଏ, ତାହା ଜଣାପଡି ନ ଥାଏ। ତେଣୁ ନିୟମିତ ସମୟ ବ୍ୟବଧାନରେ ବ୍ଲଡପ୍ରେସର କେତେ ରହୁଛି ଏବଂ ରକ୍ତରେ ସୁଗାର ପରିମାଣକୁ ମାପି ନିଅନ୍ତୁ। ଯଦି ମନରେ କିଛି ସନ୍ଦେହ ରହୁଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➢ଖାଦ୍ୟ ଖାଇବା ପରେ ପରେ ଆଦୌ କୋଲ୍ଡ ଡ୍ରିଙ୍କ୍ସ ପିଅନ୍ତୁ ନାହିଁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।

➢ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ କିମ୍ବା ଆଣ୍ଟିବାୟୋଟିକ ଖାଆନ୍ତୁ ନାହିଁ।

➢ବ୍ୟାୟାମ ବ୍ୟତୀତ ପ୍ରତିଦିନ କିଛି ନା କିଛି ଶାରୀରିକ ପରିଶ୍ରମ କରନ୍ତୁ। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ଆପଣ କେତେକାଂଶରେ ସୁସ୍ଥ ରହିପାରିବେ।

## ଜାଣି ରଖନ୍ତୁ

ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ବ୍ୟାୟାମ କରିବା ପୂର୍ବରୁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ମଧ୍ୟ ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରିବା ନିହାତି ଜରୁରୀ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ ଏବଂ ଏହା କରିବା ପୂର୍ବରୁ ପାଣି ଆଦୌ ପିଅନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁନ୍ ୧୬/୨୦୨୫ Bhubaneswar, Monday, June 16/ 2025

# ସର୍ଫରାଜ ଖାନ୍‌ଙ୍କ ଶତକ

**ବେକେନହାମ,୧୫।୬**

ଭାରତ ଓ ଭାରତ ଏ' ମଧ୍ୟରେ ଚାଲିଥିବା ଇଣ୍ଟ୍ରା-ସ୍କ୍ୱାଡ୍‌ର ଦ୍ୱିତୀୟ ଦିନରେ ସର୍ଫରାଜ ଖାନ ଶତକ ହାସଲ କରିଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନରେ ଭାରତୀୟ ସିନିୟର ଦଳ ପାଇଁ ଅଧିନାୟକ ଶୁବମନ ଗିଲ ଓ ଲୋକେଶ ରାହୁଲ ଅର୍ଦ୍ଧଶତକ କରିଥିବା ବେଳେ ଦ୍ୱିତୀୟ ଦିନ ସମ୍ପୂର୍ଣ୍ଣ ରୂପେ ସର୍ଫରାଜଙ୍କ ନାମରେ ରହିଥିଲା। ସେ

**ଇଣ୍ଟ୍ରା-ସ୍କ୍ୱାଡ୍ ମ୍ୟାଚ୍**

୧୦୧ ରନ କରିବା ପରେ ରିଟାୟର୍ଡ ଆଉଟ୍ ହୋଇଥିଲେ। ଅନ୍ୟପକ୍ଷରୁ ଋତୁରାଜ ଗାଏକ୍ୱାଡ୍ ଖାତା ଖୋଲିପାରି ନ ଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅଭିମନ୍ୟୁ ଈଶ୍ୱରନ (୩୯) ଓ ଇଶାନ କିଶନ (୪୫*) ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଦୁଇ ଥର ବ୍ୟାଟିଂ କରିବାକୁ ଆସିଥିବା ଭାରତୀୟ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଯଥାକ୍ରମେ ୦ ଓ ୩୫ ରନ କରିଥିଲେ। ଏତଦ୍‌ବ୍ୟତୀତ ଭାରତର ଉଦୀୟମାନ ବ୍ୟାଟିଂ ସେନସେସନ ସାଇ ସୁଦର୍ଶନ ୩୮ ରନ କରିଥିଲେ। ଏହି ମ୍ୟାଚ୍‌ରେ ଅଲରାଉଣ୍ଡର ଶାର୍ଦ୍ଦୂଳ ଠାକୁରଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି। ପ୍ରଥମ ଦିନରେ ସବୁଠୁ ସଫଳ ବୋଲର ସାବ୍ୟସ୍ତ ହୋଇଥିବା ଶାର୍ଦ୍ଦୂଳ ଦ୍ୱିତୀୟ ଦିନରେ ୧୯ ରନ କରି ଅପରାଜିତ ରହିଛନ୍ତି। ଏହି ମ୍ୟାଚ୍ ଜରିଆରେ ଭାରତୀୟ ସିନିୟର ଦଳ ଆସନ୍ତା ୨୦ ତାରିଖରୁ ହେଡିଂଲେଠାରେ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ଲାଗି ପ୍ରସ୍ତୁତ ହେଉଛି।

ଇଣ୍ଟ୍ରା-ସ୍କ୍ୱାଡ ଭଳି ମ୍ୟାଚ୍ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଖେଳାଳିଙ୍କୁ ଆବଶ୍ୟକୀୟ ପ୍ରାକ୍ଟିସ ଯୋଗାଏ। ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏବେ ଭାରତରେ ଅଛନ୍ତି। ସେ ପାରିବାରିକ ଜରୁରୀ କାର୍ଯ୍ୟ ଲାଗି ସ୍ୱଦେଶ ଫେରିଛନ୍ତି। ତାଙ୍କ ଅନୁପସ୍ଥିତିରେ ରୁଦ୍ଧ ଦ୍ୱାର ଷ୍ଟାଡିୟମରେ ଇଣ୍ଟ୍ରା-ସ୍କ୍ୱାଡ୍ ମ୍ୟାଚ୍ ଖେଳାଯାଉଛି, ଯାହା ଫଳରେ ସ୍ଥାନୀୟ ଗଣମାଧ୍ୟମଠାରୁ ପ୍ରାକ୍ଟିସବେଳେ ଭାରତୀୟ ଦଳ ଆପଣେଇଥିବା ରଣନୀତିକୁ ଗୋପନ ରଖାଯାଇପାରିବ। ଚଳିତବର୍ଷ ଅଷ୍ଟ୍ରେଲିଆ ଟୁରରେ ମଧ୍ୟ ଭାରତୀୟ ଦଳ ଏଭଳି ପ୍ରାକ୍ଟିସ କରିଥିଲା।



ଶତକ ହାସଲ ଅବସରରେ ସର୍ଫରାଜ ଖାନ୍।

# ପ୍ରୋ ବକ୍ସିଂରେ ନିଶାନ୍ତଙ୍କ ବିଜୟ ଧାରା ଜାରି

**ନୂଆଦିଲ୍ଲୀ,୧୫।୬(ପି.ଟି.)**

ପ୍ରଫେଶନାଲ ବକ୍ସିଂରେ ଭାରତୀୟ ବକ୍ସର ନିଶାନ୍ତ ଦେବଙ୍କ ବିଜୟଧାରା ଜାରି ରହିଛି। ନ୍ୟୁୟର୍କର ଆଇକନିକ ମାଡିସନ ସ୍କୋୟାର ଗାର୍ଡେନ ଥିଏଟରରେ ରବିବାର ଖେଳାଯାଇଥିବା ସୁପର-ୱେଲଟରୱେଟ ଡିଭିଜନ ମୁକାବିଲାରେ ସେ ମେକ୍ସିକୋର ଜୋସୁଏ ସିଲଭାଙ୍କୁ ସର୍ବସମ୍ମତି କ୍ରମେ ହରାଇଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ବାଉଟ୍‌ରେ ୨୪ ବର୍ଷୀୟ ନିଶାନ୍ତଙ୍କ ସପକ୍ଷରେ ୩ ଜଜ୍ ୬୦-୫୪ ସ୍କୋର ଦେଇଥିଲେ। ପ୍ରଫେଶନାଲ ବକ୍ସିଂରେ ଏହା ନିଶାନ୍ତଙ୍କ ଦ୍ୱିତୀୟ ମ୍ୟାଚ୍‌ରେ ସମାନ ସଂଖ୍ୟକ ବିଜୟ। "ମୁଁ ପ୍ରତିପକ୍ଷ ବକ୍ସରଙ୍କୁ କେବଳ ନକ୍‌ଆଉଟ୍ କରିବାକୁ ଉଦ୍ୟମ କରେ ନାହିଁ। ମୁଁ ମୁକାବିଲା ବେଳେ ମୋର ସ୍କିଲ୍‌କୁ ସୁଧାରିବାକୁ ଚେଷ୍ଟା କରେ। ରିଙ୍ଗରେ କେଉଁ ଭଳି ଖେଳାଯାଏ ଏବଂ ଫାଇଟ୍‌କୁ କେଉଁ ଭଳି ଜିତିହେବ, ତାହା ମୁଁ ଶିକ୍ଷା କରିଛି। ମୁଁ ଏବେ ପ୍ରଫେଶନାଲ କ୍ୟାରିୟର ଆରମ୍ଭ କରୁଛି। ଏଣୁ ମୁଁ ଏବେ ବି ଶିଖୁଛି। ମୁଁ ପରବର୍ତ୍ତୀ ସ୍ତରକୁ ଯିବାକୁ ଚାହେଁ' ବୋଲି ବାଉଟ୍ ଜିତିବା ପରେ ନିଶାନ୍ତ କହିଛନ୍ତି।



ନିଶାନ୍ତଙ୍କୁ ବିଜୟୀ ଘୋଷଣା କରୁଛନ୍ତି ରେଫ୍‌ରି।

# କର୍ମଚାରୀଙ୍କ ଦୈନିକ ଭତ୍ତା ହ୍ରାସ କଲା ବିସିସିଆଇ

**ନୂଆଦିଲ୍ଲୀ, ୧୫।୬ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କର୍ମକର୍ତ୍ତାଗଣ ଘରୋଇ 'ଟୁର୍ନାମେଣ୍ଟ ଭତ୍ତା ନୀତିକୁ ସୁବ୍ୟବସ୍ଥିତ କରିଛନ୍ତି। ସମସ୍ତ ବିଭାଗ କର୍ମଚାରୀଙ୍କ ଦୈନିକ ଭତ୍ତାର ପରିମାଣ ହ୍ରାସ କରାଯାଇଛି। ଗତ ଜାନୁଆରୀଠାରୁ ଭତ୍ତା ପ୍ରଦାନ କରାଯାଇ ନାହିଁ। ବର୍ତ୍ତମାନର ବିସିସିଆଇ ଗସ୍ତ ନୀତି ଅନୁସାରେ ସ୍ୱଳ୍ପକାଳୀନ ଯାତ୍ରା (୪ଦିନ ପର୍ଯ୍ୟନ୍ତ) ପାଇଁ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇ ଆସୁଛି। ଦୀର୍ଘକାଳୀନ ଯାତ୍ରା ପାଇଁ ୧୦,୦୦୦ ଟଙ୍କା ସାଧାରଣତଃ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍), ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଏବଂ ଭାରତରେ ଆୟୋଜିତ ଆଇସିସି ଇଭେଣ୍ଟଗୁଡ଼ିକରେ ଦିଆଯାଇ ଆସୁଛି। ଯାତ୍ରା ସମୟରେ ଏକକାଳୀନ ଆକସ୍ମିକ ଭତ୍ତା ବାବଦରେ ୭,୫୦୦ ମିଳୁଛି। ସଂଶୋଧିତ ନୀତି ଅନୁସାରେ ଆକସ୍ମିକ ଭତ୍ତା ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ଏଣିକି କର୍ମଚାରୀମାନଙ୍କୁ ଦୈନିକ ଗସ୍ତ ଭତ୍ତା ବାବଦରେ ୧୦,୦୦୦ ଟଙ୍କା ଲେଖାଏ ମିଳିବ। ଆଇପିଏଲ୍ ପ୍ରାୟ ଦୁଇ ମାସ ଧରି ଅନୁଷ୍ଠିତ ହେଉଥିବା ବେଳେ ଆଇସିସି ଇଭେଣ୍ଟଗୁଡ଼ିକ ଅତିକମ୍‌ରେ ଏକ ମାସ ଧରି ଅନୁଷ୍ଠିତ ହୋଇଥାଏ। ବିସିସିଆଇ ସୂତ୍ରରୁ ପ୍ରକାଶ ଟିକସ କାଟ ପରେ ଦୈନିକ ଭତ୍ତା ପରିମାଣ ୬୫୦୦ ହୋଇଯାଉଛି। ନୀତି ସଂଶୋଧନ ହେବାକୁଥିବାରୁ ଫାଇନାନ୍ସ, ଅପରେଶନ ଓ ମିଡିଆ ଡିପାର୍ଟମେଣ୍ଟ ସମେତ ବିସିସିଆଇ କର୍ମଚାରୀଗଣଙ୍କୁ ଆଇପିଏଲ୍ ଓ ଡବ୍ଲ୍ୟୁପିଏଲ୍ ପାଇଁ ଦୈନିକ ଭତ୍ତା ଦିଆଯାଇ ପାରିନାହିଁ। ନୂଆନୀତି ଚୂଡ଼ାନ୍ତ ହୋଇଯାଇଥିବାରୁ ବକେୟା ପାଉଣା ଖୁବ୍‌ଶୀଘ୍ର ପଇଠ କରାଯିବ। ଟୁର୍ନାମେଣ୍ଟ ସମୟରେ କିଛି କର୍ମଚାରୀଙ୍କୁ ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ ସମ୍ପାଦନ କରିବାକୁ ହୋଇଥାଏ। ସେମାନେ ମଧ୍ୟ ଭତ୍ତା ପାଇବାକୁ ହକ୍‌ଦାର ଅଟନ୍ତି। ଅଧିକ ସ୍ପଷ୍ଟ କରିବାକୁ ଗଲେ ଜଣେ କର୍ମଚାରୀ ଯଦି ଆଇପିଏଲ୍ ବେଳେ ସମ୍ପୂର୍ଣ୍ଣ ୭୦ ଦିନ ଗସ୍ତରେ ଥାଆନ୍ତି ତେବେ ଦୈନିକ ଭତ୍ତା ବାବଦରେ ୧୦,୦୦୦ ଟଙ୍କା ପାଇବା ପାଇଁ ହକ୍‌ଦାର ହୋଇଥାନ୍ତି। ସେ ମୋଟ ୭ ଲକ୍ଷ ଟଙ୍କା ଦାବି କରିପାରନ୍ତି। ଆଇପିଏଲ୍ ସମୟରେ ଜଣେ ଯଦି ସ୍ୱଳ୍ପକାଳୀନ ଯାତ୍ରା କରନ୍ତି ତେବେ ସେ ୭୦ ଦିନ ଭତ୍ତାର ୬୦ ପ୍ରତିଶତ ପାଇବା ପାଇଁ ହକ୍‌ଦାର ହୋଇଥାନ୍ତି। ଗସ୍ତରେ ନ ଥାଇ କୌଣସି କାର୍ଯ୍ୟରେ ନିୟୋଜିତ ହୋଇଥିଲେ, ସେ ୭୦ ଦିନ ଭତ୍ତା ପରିମାଣର ୪୦ ପ୍ରତିଶତ ପାଇବା ପାଇଁ ହକ୍‌ଦାର ହୋଇଥାନ୍ତି।

# ଡେଭିଡ୍ ବେକହାମ୍‌ଙ୍କୁ ନାଇଟ୍‌ହୁଡ୍ ସମ୍ମାନ



ନାଇଟ୍‌ହୁଡ୍ ସମ୍ମାନ ପାଇବା ଅବସରରେ ପ୍ରିନ୍ସ ଚାର୍ଲ୍ସଙ୍କ ସହିତ ଡେଭିଡ୍ ବେକ୍‌ହାମ୍ (ବାମରୁ ପଞ୍ଚମ)।

**ଲଣ୍ଡନ,୧୫।୬**

ଫୁଟ୍‌ବଲ ଆଇକନ୍ ଡେଭିଡ୍ ବେକହାମ୍ ଆନୁଷ୍ଠାନିକ ଭାବେ ରବିବାର କିଙ୍ଗ ଚାର୍ଲ୍ସଙ୍କଠାରୁ ନାଇଟ୍‌ହୁଡ୍ ସମ୍ମାନ ପାଇଛନ୍ତି। କ୍ରୀଡ଼ା ଓ ଚାରିଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କାରଣରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପୂର୍ବତନ ମାଞ୍ଚେଷ୍ଟର ୟୁନାଇଟେଡ୍ ଓ ଇଂଲଣ୍ଡ ଅଧିନାୟକ ସାର୍ ଡେଭିଡ୍ ବେକହାମ୍ ନାମରେ ଏବେଠାରୁ ଜଣାଯିବେ। ବିଶ୍ୱ ଫୁଟବଲରେ ବେକହାମ୍‌ଙ୍କୁ ସର୍ବକାଳୀନ ମହାନ୍ ମିଡଫିଲ୍ଡର ଭାବେ ଗଣନା କରାଯାଏ। ସେ ମାଞ୍ଚେଷ୍ଟର ୟୁନାଇଟେଡ୍, ରିୟଲ ମାଡ୍ରିଡ୍, ଏସି ମିଲାନ, ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ଓ ଲା ଗାଲେକ୍ସି ଭଳି ପ୍ରସିଦ୍ଧ କ୍ଲବ ପାଇଁ ଖେଳିଥିଲେ। ଅନ୍ତର୍ଜାତୀୟ ସ୍ତରରେ ବେକହାମ୍ ଇଂଲଣ୍ଡ ପାଇଁ ୧୯୯୬ରୁ ୨୦୦୯ ପର୍ଯ୍ୟନ୍ତ ୧୧୫ ମ୍ୟାଚ୍ ଖେଳି ୧୭ ଗୋଲ କରିଥିଲେ। ତାଙ୍କ ନେତୃତ୍ୱରେ ଇଂଲଣ୍ଡ ଅନେକ ସ୍ମରଣୀୟ ଉପଲବ୍ଧି ହାସଲ କରିଥିଲା। ସେ ମାଞ୍ଚେଷ୍ଟର ୟୁନାଇଟେଡ୍‌ରେ ମହାନ୍ କୋଚ୍ ସାର୍ ଆଲେକ୍ସ ଫର୍ଗୁସନଙ୍କ ସ୍ୱର୍ଣ୍ଣିମ ଯୁଗର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ସେ ମାଞ୍ଚେଷ୍ଟର ଲାଗି ୨୬୫ ପ୍ରିମିୟର ଲିଗ୍ ମ୍ୟାଚ୍ ଖେଳି ୬୨ ଗୋଲ କରିଥିଲେ। ପରେ ମାଞ୍ଚେଷ୍ଟର ଛାଡ଼ି ବେକହାମ ରିୟଲ ମାଡ୍ରିଡ୍‌ରେ ଯୋଗ ଦେଇଥିଲେ। ସେ ମାଡ୍ରିଡ୍ ଲାଗି ୧୧୬ ମ୍ୟାଚ୍ ଖେଳି ୧୩ ଗୋଲ କରିଥିଲେ। ଏହାପରେ ସେ ଆମେରିକାରେ ଏଲ୍‌ଏ ଗାଲେକ୍ସି ପାଇଁ ୯୮ ମ୍ୟାଚ୍‌ରେ ୧୮ ଗୋଲ କରିଥିଲେ। ସେହିଭଳି ଏସି ମିଲାନ ପାଇଁ ୨୯ ମ୍ୟାଚ୍‌ରେ ୨ ଗୋଲ କରିଥିଲେ। ପିଏସ୍‌ଜି ସହ ସେ କ୍ୟାରିୟର ଶେଷ କରିଥିଲେ। ୨୦୦୫ଠାରୁ ସେ ୟୁନିସେଫ ଗୁଡ୍‌ୱିଲ ଆମ୍ବାସାଡର ଅଛନ୍ତି।

# ଭାରତର ମହିଳା ଓ ପୁରୁଷ ଦଳ ପରାସ୍ତ

**ଲଣ୍ଡନ/ଆଣ୍ଟୱେର୍ପ, ୧୫।୬ (ପି.ଟି.):** ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି। ଲଣ୍ଡନଠାରେ ଭାରତୀୟ ମହିଳା ଦଳ ୧-୨ ଗୋଲ୍‌ରେ ଅଷ୍ଟ୍ରେଲିଆଠାରୁ ୧-୨ ଗୋଲରେ ପରାଜିତ ହୋଇଛି। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଭାରତ ପୂର୍ବରୁ ଶୁକ୍ରବାର ଏହି ଦଳଠାରୁ ୨-୩ ଗୋଲରେ ହାରିଯାଇଥିଲା। ରବିବାର ଖେଳର ତୃତୀୟ ମିନିଟ୍‌ରେ ଭାରତ ବୈଷ୍ଣବୀ ଫାଲ୍‌କେଙ୍କ ଫିଲ୍ଡ ଗୋଲ ଜରିଆରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପ୍ରଥମାର୍ଦ୍ଧସୁଦ୍ଧା ଦଳ ଅଗ୍ରଣୀ ବଜାୟ ରଖିଥିଲା। ମାତ୍ର ଖେଳର ୩୭ତମ ମିନିଟ୍‌ରେ ଆମି ଲଟନଙ୍କ ଗୋଲ୍ ଯୋଗୁ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ୧-୧ରେ ବରାବର ସ୍ଥିତିକୁ ନେଇ ଆସିଥିଲା। ମ୍ୟାଚ ଡ୍ର' ଆଡକୁ ମୁହାଁଉ ଥିବା ବେଳେ ୬୦ ତମ ମିନିଟ୍‌ରେ ଲେକ୍ସି ପିକରିଂ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରିବାରୁ ଅଷ୍ଟ୍ରେଲିଆ ଶେଷ ମୁହୂର୍ତ୍ତରେ ମ୍ୟାଚ ଜିତି ନେଇଥିଲା। ଅନ୍ୟପକ୍ଷରେ ଆଣ୍ଟୱେର୍ପଠାରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୟୁରୋପିଆନ ଲେଗ୍‌ରେ ଭାରତୀୟ ପୁରୁଷ ହକି ଦଳର ପରାଜୟ ଧାରା ଅବ୍ୟାହତ ରହିଛି। ରବିବାର ଖେଳାଯାଇଥିବା ମ୍ୟାଚରେ ଦଳ ୨-୩ ଗୋଲ୍‌ରେ ହାରିଯାଇଛି। ଭାରତର ଏହା ହେଉଛି ୬ଷ୍ଠ ପରାଜୟ। ଭାରତ ପୂର୍ବରୁ ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା ବିପକ୍ଷ ଏହାର ସମସ୍ତ ମ୍ୟାଚ ହାରି ସାରିଛି। ଏହି ମ୍ୟାଚ୍‌ଗୁଡ଼ିକ ଦଳ ଅଳ୍ପକେ ପରାଜୟ ବରଣ କରିଛି। ଭାରତର ପୂର୍ବତନ ଅଧିନାୟକ ମନପ୍ରୀତ ସିଂ ରବିବାର ତାଙ୍କର ୪୦୦ତମ ମ୍ୟାଚ ଖେଳିଛନ୍ତି। ମ୍ୟାଚରେ ଭାରତ ଯଦିଓ ଆରମ୍ଭରେ ଅଗ୍ରଣୀ ଲାଭ କରିଥିଲା ତାଙ୍କଠାରୁ ଆଶାନୁରୂପ ଖେଳ ଦେଖିବାକୁ ମିଳି ନ ଥିଲା। ଭାରତ ତରଫରୁ ସଞ୍ଜୟ (୩ୟ ମିନିଟ) ଓ ଦିଲପ୍ରୀତ (୩୬ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିବା ବେଳେ ଟିମ୍ ବ୍ରାଣ୍ଡ (୪ର୍ଥ), ବ୍ଲେକ ଗୋଭର୍ସ (୫ମ) ଓ କୁପର ବର୍ନ୍ସ (୧୮ତମ) ପ୍ରମୁଖ ଅଷ୍ଟ୍ରେଲିଆର ଗୋଲ୍ ସ୍କୋରର ଥିଲେ।

# ୩୭ ବର୍ଷୀୟା ମାରିଆଙ୍କଠାରୁ ହାରିଲେ କିଜ୍

**ଲଣ୍ଡନ, ୧୫।୬ (ଏପି)**

ମାଡିସନ କିଜ୍‌ଙ୍କ ବିପକ୍ଷ କୁଇନ୍ସ କ୍ଲବ ଟେନିସ ସେମିଫାଇନାଲରେ ୩୭ବର୍ଷୀୟା କ୍ୱାଲିଫାୟର ତାତ୍‌ଜାନା ମାରିଆ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଜର୍ମାନୀର ମାରିଆ ହେଉଛନ୍ତି ଦୁଇଟି ସନ୍ତାନର ଜନନୀ। ବର୍ତ୍ତମାନର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନଙ୍କ ସହିତ ତାଙ୍କର ୪ଥର ମୁକାବିଲା ହୋଇଥିବା ବେଳେ ଏହା ଥିଲା ତାଙ୍କୁ ପ୍ରଥମ ବିଜୟ। ସେ ମାଡିସନ କିଜ୍‌ଙ୍କୁ ୬-୩, ୭-୬(୩)ରେ ହରାଇ ଦେଇଛନ୍ତି। ଫଳରେ ୨୦୨୦ ପରେ ଡବ୍ଲ୍ୟୁଟିଏ ଟୁର୍‌ରେ ସେ ସବୁଠାରୁ ବୟସ୍କ ସିଙ୍ଗଲ୍ସ ଫାଇନାଲିଷ୍ଟ ବିବେଚିତ ହୋଇଛନ୍ତି। ସେତେବେଳେ ସେରେନା ୱିଲିୟମ୍ସ ୩୮ବର୍ଷ ବୟସରେ ଅକ୍‌ଲାଣ୍ଡ କ୍ଲାସିକ ଜିତିଥିଲେ। ୮୬ ନମ୍ବର ଖେଳାଳି ମାରିଆ ହେଉଛନ୍ତି ଜଣେ ପୂର୍ବତନ ୱିମ୍ବେଲଡନ ସେମିଫାଇନାଲିଷ୍ଟ। ସେ ୮ ନମ୍ବର କିଜ୍‌ଙ୍କୁ ହରାଇ ଦେଇଥିଲେ। ସେ ୧୦ ଆସେସ ହିଟ୍ କରିଥିଲେ, କିନ୍ତୁ ଗୋଟିଏ ବ୍ରେକ୍ ପାଇବାରେ ସେ ବିଫଳ ହୋଇଥିଲେ। ଏଠାରେ ନମ୍ବର-୨ ସିଡ୍ ଓ ନମ୍ବର-୧ ଝେଙ୍ଗ୍ କ୍ୱିନ୍‌ୱେନ ବିଦାୟ ନେଇଛନ୍ତି। ଝେଙ୍ଗ୍‌ଙ୍କୁ ବିଶ୍ୱର ନମ୍ବର-୮ ତଥା ଆମେରିକାର ଆମାଣ୍ଡା ଆନିସିମୋଭା ୬-୨, ୪-୬, ୬-୪ରେ ହରାଇ ଦେଇଛନ୍ତି। ବର୍ତ୍ତମାନ ଆନିସିମୋଭା ଓ ମାରିଆ ୭ ବର୍ଷ ପରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି।



ରିଟର୍ନ ଶଟ୍ ଖେଳୁଛନ୍ତି ମାଡିସନ କିଜ୍।

# ଦିଲେଶ୍ୱରଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର,୧୫।୬ (ଅନାଦି କର):** ଓଡ଼ିଶାର ପାରା-ବ୍ୟାଡ୍‌ମିଣ୍ଟନ ଖେଳାଳି ଜି. ଦିଲେଶ୍ୱର ରାଓ ଥାଇଲାଣ୍ଡ ପାରା-ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ପୁରୁଷ ଡବଲ୍ସ ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ କାଟେଗୋରିରେ

**ଥାଇଲାଣ୍ଡ ପାରା-ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ**

ଦିନେଶ ରାଜାୟାଙ୍କ ସହ ଏହି ସଫଳତା ପାଇଛନ୍ତି। ଏହି ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲରେ ନେପାଳର ଅଧିକାରୀ ପ୍ରକାଶ ଓ ଭୁଟାନର ଚେୟାଙ୍ଗ କୁଏଞ୍ଜାପଙ୍କୁ ୨୧-୮, ୨୧-୧୨ ଗେମ୍‌ରେ ହରାଇଥିଲା। ଦିଲେଶ୍ୱର ଓ ରାଜାୟା ସେମିଫାଇନାଲରେ ୩-୨୧, ୧୨-୨୧ ଗେମ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଟୁର୍ନାମେଣ୍ଟର ଟପ୍-୩ ଯୋଡ଼ି ମଧ୍ୟରେ ସ୍ଥାନ ପକ୍କା କରିଥିଲେ।



ଜି. ଦିଲେଶ୍ୱର ରାଓ

# ଓଡ଼ିଶାକୁ ୮ ସ୍ୱର୍ଣ୍ଣ ସହ ୩୬ ପଦକ

**ଭୁବନେଶ୍ୱର,୧୫।୬ (ଅନାଦି କର)**

ଉତ୍ତରାଖଣ୍ଡର ଡେରାଡୁନଠାରେ ଚାଲିଥିବା ଜାତୀୟ ଉପ କନିଷ୍ଠ, ଯୁବ ଓ କନିଷ୍ଠ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ୮ ସ୍ୱର୍ଣ୍ଣ ଓ ମୋଟ ୩୬ ପଦକ ସହ ଚତୁର୍ଥ ସ୍ଥାନରେ ରହିଛି। ପଦକ ତାଲିକାରେ ୧୩ ରୌପ୍ୟ ଓ ୧୫ ବ୍ରୋଞ୍ଜ ରହିଛି।

ଆଜିର ପ୍ରତିଯୋଗିତାରେ କୈଭବ ପଟ୍ଟନାୟକ ୧୧ ବର୍ଷ ବାଳକ କାଟାରେ ସ୍ୱର୍ଣ୍ଣ, ନୀତିକ ମହନ୍ତ ୬ ବର୍ଷ ବାଳକ କାଟାରେ ରୌପ୍ୟ, ବିଶ୍ୱଦୀପ ବେହେରା ୧୦ ବର୍ଷ ବାଳକ କାଟାରେ ରୌପ୍ୟ, ଅଭିଜ୍ଞାନ ଦାଶ ୧୦ ବର୍ଷ ବାଳକ ଫାଇଟିଂରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ଶ୍ରୟାନ ଶ୍ରେୟାଂଶୁ ଜେନା ୮ ବର୍ଷ ବାଳକ କାଟାରେ କାଂସ୍ୟ, ନକସ ପୋଦାର ୯ ବର୍ଷ ବାଳକ ଫାଇଟିଂରେ ବ୍ରୋଞ୍ଜ, ନିସାନ ସିଂ ୧୩ ବର୍ଷ ବାଳକ ୫୫ କେଜିରୁ କମ୍ ଫାଇଟ୍‌ରେ ବ୍ରୋଞ୍ଜ, ସ୍ୱୟମ ପ୍ରତୀକ ଦାସ ୧୩ ବର୍ଷ ବାଳକ ୬୫ କେଜିରୁ କମ୍ ଫାଇଟିଂରେ ବ୍ରୋଞ୍ଜ, ରୋହନ ସ୍ୱାଇଁ ୧୩ ବର୍ଷ ବାଳକ ୬୫ କେଜିରୁ ଅଧିକ ଫାଇଟିଂରେ ବ୍ରୋଞ୍ଜ ଏବଂ ସବ ଜୁନିୟର ପୁରୁଷ ଟିମ କାଟାରେ ଶିବ କୃପା ମିଶ୍ର, ଅର୍ପିତ କୁମାର ଦାସ, ଦେବେନ୍ଦ୍ର କୁମାର ପରିଡ଼ା, ସୋର୍ଯ୍ୟ ଚନ୍ଦୁକା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।




ପଦକ ସହ କୃତୀ ପ୍ରତିଯୋଗୀ।

# ଭାରତୀୟ ଦଳରେ ୧୭ ବର୍ଷୀୟା ମାନସୀ

**ନୂଆଦିଲ୍ଲୀ, ୧୫।୬**

କିରଗିଜସ୍ତାନର ବିଶ୍‌କେକ୍‌ଠାରେ ଜୁଲାଇ ୫ରୁ ୧୩ ପର୍ଯ୍ୟନ୍ତ ୨୦ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ କ୍ୟାଡେଟ୍ ବିଶ୍ୱ ଚାମ୍ପିୟନ ମାନସୀ ଲାଥରଙ୍କୁ ଦଳରେ ସ୍ଥାନ ମିଳିଛି। ଏଠାରେ ମହିଳା ୬୮କେଜି କାଟେଗୋରି ଟ୍ରାଏଲ୍ସ ଜିତିବା

**ଏସିଆନ ଜୁନିୟର ରେସ୍‌ଲିଂ ଚାମ୍ପିୟନଶିପ୍**

ପରେ ସେ ଯୋଗ୍ୟତା ହାସଲ କରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ଏସିଆନ ସିନିୟର ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ମାନସୀ ଫାଇନାଲରେ ଦିଲ୍ଲୀର ସୃଷ୍ଟିଙ୍କୁ ହରାଇ ଦେଇଥିଲେ। ଭାରତୀୟ ଦଳରେ ମହିଳା ୫୯କେଜି ଶ୍ରେଣୀରେ ମୁସ୍କାନ ମଣ୍ଡଳଙ୍କୁ ମଧ୍ୟ ସ୍ଥାନ ମିଳିଛି। ଗତ ମାସରେ ସେ ୟୁଡବ୍ଲ୍ୟୁଡବ୍ଲ୍ୟୁ ର୍‍ୟାଙ୍କିଙ୍ଗ ସିରିଜ ମଙ୍ଗୋଲିଆ ଓପନ୍‌ରେ ଏକ ସ୍ୱର୍ଣ୍ଣ ଜିତିଥିଲେ। ସେ ଫାଇନାଲରେ ମହାରାଷ୍ଟ୍ରର ଅଶ୍ଳେଷା କଲ୍ୟାଣଙ୍କୁ ହରାଇ ଦେଇଥିଲେ। ମୁସ୍କାନ ରୋହତକସ୍ଥିତ ସାର୍ ଛୋଟୁରାମ ଆଖଡ଼ାରେ ଟ୍ରେନିଂ ନେଉଛନ୍ତି। ଏହି ଟ୍ରେନିଂ ସେଣ୍ଟରର ଅନ୍ୟ ଜଣେ ଟ୍ରାଏଲ୍ସ ଜିତିଛନ୍ତି। ସେ ହେଲେ ମୁସ୍କାନ ମାଲିକ। ସେ ମହିଳା ୬୫କେଜି ଫାଇନାଲରେ ମହାରାଷ୍ଟ୍ରର ରୋଶନୀଙ୍କୁ ହରାଇ ଦେଇଥିଲେ। ଟ୍ରାଏଲ୍ସ ସ୍ଥାନୀୟ ଆଇଜି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ମହିଳା କୁସ୍ତି ଯୋଦ୍ଧାମାନେ ହେଲେ, ଶ୍ରୁତି (୫୦କେଜି), ସାରିକା (୫୩କେଜି), ରୀନା (୫୫କେଜି), ନେହା ଶର୍ମା (୫୭କେଜି), ଅଞ୍ଜଳି(୬୨କେଜି), ହର୍ଷିତା (୭୨କେଜି) ଓ କାଜଲ (୭୬କେଜି)। ଅନ୍ୟପକ୍ଷରେ ପୁରୁଷ ଫ୍ରିଷ୍ଟାଇଲ ଓ ଗ୍ରୀକୋ ରୋମାନ ପାଇଁ ଟ୍ରାଏଲ୍ସ ଜୁନ୍ ୧୪ରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ହୋଇଥିଲା।

**ମନୋନୀତ ଫ୍ରିଷ୍ଟାଇଲ୍ ଦଳ:** ଅଙ୍କୁଶ (୫୭କେଜି), ଅନୁଜ (୬୧କେଜି), ଅଶ୍ୱିନ (୬୫କେଜି), ସୌରଭ (୭୦କେଜି), ବିବେକ (୭୪କେଜି), ଅମିତ (୭୯କେଜି), ସଚିନ(୮୬କେଜି), ବିଶାଲ (୭୯କେଜି)ଓଯଶପୁରନ(୧୨୫କେଜି)।

ଗ୍ରୀକୋ ରୋମାନ: ନିତୀନ (୫୫କେଜି), ସୁରଜ (୬୦କେଜି), ବରୁଣ (୬୩କେଜି), ଯୋଗେଶ (୬୭କେଜି), ଆକାଶ ପୁନିଆ (୭୨କେଜି), ସଚିନ (୭୭କେଜି), ପ୍ରିନ୍ସ(୮୨କେଜି), ରୋହିତ (୮୭କେଜି), ନମନ (୯୭କେଜି) ଓ ଯୋଗୀନ୍ଦର ରାଠୀ (୧୩୦କେଜି)।



ମାନସୀ ଲାଥର

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ